# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅକ୍ଟୋବର ୨୯/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, October 29/2023 | Page 16 | ₹ 7.00 | BALASORE

୪୯ଶ ଭାଗ ୩୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 333 | ମୂଲ୍ୟ ₹୭/-




## ଟ୍ରାଭିସ ହେଡ୍ ପ୍ଲେୟର ଅଫ୍ ଦି ମ୍ୟାଚ

ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ଅଷ୍ଟ୍ରେଲିଆର ଟ୍ରାଭିସ ହେଡ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

୧୩

୦୨

## ଅନନ୍ୟା-ଆଦିତ୍ୟଙ୍କ ଡେଟିଂ ଚର୍ଚ୍ଚା

ନାୟିକା ଅନନ୍ୟା ପାଣ୍ଡେ ଓ ଅଭିନେତା ଆଦିତ୍ୟ ରୟ କପୁରଙ୍କୁ ଅନେକ ଇଭେଣ୍ଟରେ ସ୍ପଟ୍ କରାଯିବା ପରେ ଉଭୟଙ୍କ ମଧ୍ୟରେ ଡେଟିଂ ଚାଲିଥିବା ନେଇ ଚର୍ଚ୍ଚା ହେଉଛି।



# ଥାନାରେ ମହିଳା ଓଆଇସିଙ୍କୁ ହତ୍ୟା ଉଦ୍ୟମ

## ବ୍ଲେଡରେ ଗଳା କାଟିଦେଲେ ଚୋରି ଅଭିଯୁକ୍ତ

ବିଶୋଇ,୨୮।୧୦ (ଅମିତ ଦାସ)

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧିକାରିଣୀ (ଓଆଇସି) ମିନି ଭୋଇଙ୍କୁ ଗଳାକାଟି ହତ୍ୟା ଉଦ୍ୟମ କରାଯାଇଛି। ଚିକିତ୍ସା ପାଇଁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଚୋରି ଘଟଣାରେ ପଚରାଉଚରା ପାଇଁ ଆସିଥିବା ଜଣେ ଅଭିଯୁକ୍ତ ଥାନା ମଧ୍ୟରେ ଏଭଳି ଉନ୍ମତ୍ତକାଣ୍ଡ ଘଟାଇବା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଥାନାର ଅନ୍ୟ କର୍ମଚାରୀମାନେ ଅଭିଯୁକ୍ତଙ୍କୁ କାବୁ କରିବା ପରେ ଶନିବାର କୋର୍ଟଚାଲାଣ କରାଯାଇଛି।
ଗତ ୧୬ ତାରିଖ ରାତିରେ ବିଶୋଇ ଅଞ୍ଚଳର ସର୍ବପୁରାତନ ଶୈବପୀଠ ବାବା ଜଳେଶ୍ୱର ମନ୍ଦିରର ଦାନ ହୁଣ୍ଡି ଭାଙ୍ଗି ଟଙ୍କା ଚୋରି ହୋଇଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏନେଇ ୧୭ ତାରିଖରେ ବିଶୋଇ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ଏକ ମାମଲା(ନଂ.୧୯୭/୨୩) ରୁଜୁ କରିଥିଲା। ତଦନ୍ତ ପାଇଁ ମନ୍ଦିରରେ ଦୀର୍ଘବର୍ଷ ଧରି ସେବାୟତ ଭାବେ କାର୍ଯ୍ୟରତ ବିଶୋଇଗାଁ ଗ୍ରାମର ସୁଶାନ୍ତ ଦେଓ(୫୨)ଙ୍କୁ ପଚରାଉଚରା ପାଇଁ ଥାନାକୁ ଡାକି ଛାଡ଼ି ଦେଇଥିଲେ। ଶୁକ୍ରବାର ସନ୍ଧ୍ୟାରେ ଥାନା ଅଧିକାରିଣୀ ପୁଣି ଥରେ ସୁଶାନ୍ତଙ୍କୁ ଥାନାକୁ



ଅଭିଯୁକ୍ତ ଥାନା ଅଧିକାରିଣୀଙ୍କ ଗଳା କାଟୁଥିବା ସିସିଟିଭି ଦୃଶ୍ୟ।



ଆହତ ଥାନା ଅଧିକାରିଣୀ ମିନି ଭୋଇ।

ଡାକିଥିଲେ। ପଚରାଉଚରା ପରେ ସୁଶାନ୍ତ ହୁଣ୍ଡି ଟଙ୍କା ଚୋରି ଘଟଣାରେ ସମ୍ପୃକ୍ତ ଥିବା ନେଇ ସ୍ୱୀକାର କରିବା ସହିତ ତାଙ୍କ ସହଯୋଗୀଙ୍କ ନାମ ମଧ୍ୟ କହିଥିଲେ। ପରେ ସୁଶାନ୍ତଙ୍କୁ ଥାନା ମଧ୍ୟରେ ଅଟକ ରଖାଯାଇଥିଲା। ତେବେ ରାତି ପ୍ରାୟ ୮ଟା ସମୟରେ ଅନ୍ୟ ଅନ୍ୟ କର୍ମଚାରୀମାନେ ଥାନା ଗୃହ ବାହାରେ ଥିବା ବେଳେ ଥାନା ଅଧିକାରିଣୀ ଭୋଇ ଥାନା ମଧ୍ୟରେ ଏକାକୀ ବସିଥିଲେ। କେହି ନ ଥିବାର ସୁଯୋଗରେ ସୁଶାନ୍ତ ସାଙ୍ଗରେ ଆଣିଥିବା ଏକ ବ୍ଲେଡ୍‌ରେ ଥାନା ଅଧିକାରିଣୀ ଭୋଇଙ୍କ ଗଳା କାଟିବାକୁ ଉଦ୍ୟମ କରିଥିଲେ। ଥାନା ଅଧିକାରିଣୀ କୌଶଳକ୍ରମେ ଅଭିଯୁକ୍ତଙ୍କ କବଳରୁ ଖସି ଯାଇ ଚିତ୍କାର କରିଥିଲେ। ଥାନା ପରିସରରେ ଥିବା ଅନ୍ୟ କର୍ମଚାରୀମାନେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିବା ସହିତ ବ୍ଲେଡ ଜବତ କରିଥିଲେ। ଥାନା ଅଧିକାରିଣୀ ଭୋଇଙ୍କ ବେକ ଓ ହାତ ଆଙ୍ଗୁଠି ବ୍ଲେଡରେ କଟି ଯାଇଥିବାରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ବିଶୋଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାକୁ ନେଇ ବିଶୋଇ ଥାନାରେ ଦଫା ୩୪୧, ୩୩୨, ୩୩୩, ୩୨୪, ୩୫୪, ୩୦୭ରେ ଏକ ମାମଲା(ନଂ.୨୦୯/୨୩) ରୁଜୁ ହୋଇଛି। ଶନିବାର ଅପରାହ୍ନରେ ଅଭିଯୁକ୍ତ ସୁଶାନ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ରାଗରେ ଏଭଳି ଘଟଣା ଘଟାଇଥିବା ଥାନା ଅଧିକାରିଣୀ ଭୋଇ କହିଛନ୍ତି। ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁଙ୍କୁ ପଚାରିବାରୁ ଥାନା ମଧ୍ୟରେ କେହି କର୍ମଚାରୀ ନ ଥିବା ସୁଯୋଗରେ ଅଭିଯୁକ୍ତ ଆକ୍ରମଣ କରିବାକୁ ସାହସ ଜୁଟାଇଥିବା କହିଛନ୍ତି।


**ଆଜିର ସମ୍ପାଦକୀୟ**

**ନାମହୀନ ନୀତି**


# ଭୋଟଦାନରୁ ଭାରତ ବିରତ

## ଜାତିସଂଘରେ ଗାଜା ପ୍ରସ୍ତାବ ଗୃହୀତ

ଜାତିସଂଘ/ନୂଆଦିଲ୍ଲୀ,୨୮।୧୦(ପି.ଟି.)

ଇସ୍ରାଏଲ୍-ହମାସ୍ ଯୁଦ୍ଧକୁ ୩ ସପ୍ତାହ ବିତିଥିବାବେଳେ ୯ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି ଓ ଗାଜା ଷ୍ଟ୍ରିପ୍‌ରୁ ଲକ୍ଷ ଲକ୍ଷ ଲୋକ ଘରଦ୍ୱାର ଛାଡ଼ି ପଳାଇଗଲେଣି। ମୃତକଙ୍କ ମଧ୍ୟରୁ ଅଧିକାଂଶ ସାଧାରଣ ଜନତା। ଇସ୍ରାଏଲ୍‌ର ଅବରୋଧ ଯୋଗୁ ପାଲେଷ୍ଟିନୀୟମାନେ ଖାଦ୍ୟ, ପାନୀୟ, ବିଦ୍ୟୁତ୍, ଔଷଧ ଆଦି ଅତ୍ୟାବଶ୍ୟକ ସାମଗ୍ରୀରୁ ବଞ୍ଚିତ ହୋଇ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସେଠାରେ ମାନବୀୟ ସହାୟତା ପହଞ୍ଚିପାରୁନାହିଁ। ଯୁଦ୍ଧ ବନ୍ଦ ଉଦ୍ଦେଶ୍ୟରେ ତୁରନ୍ତ ମାନବତାବାଦୀ ଯୁଦ୍ଧବିରାମ ନିମନ୍ତେ ଆହ୍ୱାନ ଦେଇ ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ରେ ଶନିବାର ଏକ ପ୍ରସ୍ତାବ ଅଣାଯାଇଥିଲା। ଉକ୍ତ ପ୍ରସ୍ତାବ ଉପରେ ଭୋଟଦାନରୁ ଭାରତ ବିରତ ରହିଛି। ଗାଜା ଷ୍ଟ୍ରିପ୍‌କୁ ଅବାଧରେ ମାନବୀୟ ସହାୟତା ପହଞ୍ଚାଇବା ଲାଗି ପ୍ରସ୍ତାବରେ ଉଲ୍ଲେଖ ରହିଛି। ୟୁଏନ୍‌ଜିଏର ଦଶମ ଜରୁରୀ ସ୍ୱତନ୍ତ୍ର ଅଧିବେଶନରେ ଜୋର୍ଡାନ ପକ୍ଷରୁ ଉପସ୍ଥାପନ କରାଯାଇଥିବା ଉପରୋକ୍ତ ଚିଠା ପ୍ରସ୍ତାବ ଉପରେ ବାଂଲାଦେଶ, ପାକିସ୍ତାନ, ମାଳଦ୍ୱୀପ, ରୁଷିଆ, ଦକ୍ଷିଣ ଆଫ୍ରିକା ସମେତ ୪୦ରୁ ଊର୍ଦ୍ଧ୍ୱ ଦେଶ ସହପ୍ରାୟୋଜକ ଥିଲେ।

### କେନ୍ଦ୍ରକୁ ବିରୋଧୀଙ୍କ ଟାର୍ଗେଟ୍

'ସାଧାରଣ ନାଗରିକଙ୍କ ସୁରକ୍ଷା ଏବଂ ଆଇନଗତ ଓ ମାନବୀୟ ସହାୟତା ବଜାୟ ରଖିବା' ଲାଗି ଅଣାଯାଇଥିବା ଏହି ପ୍ରସ୍ତାବ ସପକ୍ଷରେ ୧୨୦ ଦେଶ ଭୋଟ ଦେଇଥିବା ବେଳେ ୧୪ ଜଣ ସଦସ୍ୟ ବିରୋଧ କରିଥିଲେ ଓ ୪୫ ଦେଶ ଭୋଟଦାନରୁ ବିରତ ରହିଥିଲେ। ବିରତ ରହିଥିବା ଅନ୍ୟ ଦେଶ ମଧ୍ୟରେ ଅଛନ୍ତି ଅଷ୍ଟ୍ରେଲିଆ, ଜର୍ମାନୀ, ଜାପାନ, ୟୁକ୍ରେନ୍ ଏବଂ ବ୍ରିଟେନ। ପ୍ରସ୍ତାବରେ ହମାସ୍ ଆତଙ୍କବାଦୀ ଗୋଷ୍ଠୀ କଥା ଉଲ୍ଲେଖ ନ ଥିବାରୁ ଆମେରିକା କ୍ଷୁବ୍ଧ ହୋଇଥିଲା।
ଜାତିସଂଘରେ ଗାଜା ପ୍ରସ୍ତାବ ଉପରେ ଭୋଟଦାନରୁ ଭାରତ ବିରତ ରହିବା ନେଇ କଂଗ୍ରେସ, ବାମଦଳ ସମେତ ବିରୋଧୀ ନେତାମାନେ ☞ପୃଷ୍ଠା-୨







## ସଂକ୍ଷେପରେ

### ୩ ପିଲାଙ୍କ ସମେତ ପରିବାରର ୭ ଜଣଙ୍କ ଆତ୍ମହତ୍ୟା

**ସୁରଟ,୨୮।୧୦:** ଗୁଜରାଟର ସୁରଟ ଅନ୍ତର୍ଗତ ପାଲାନପୁର-ଜାକଟନାକ୍ ରୋଡ୍‌ରେ ଥିବା ଏକ ଘରୁ ୩ ପିଲାଙ୍କ ସମେତ ପରିବାରର ୭ ସଦସ୍ୟଙ୍କ ମୃତଦେହ ମିଳିଛି। ସେମାନଙ୍କ ମଧ୍ୟରୁ ୬ ଜଣ ବିଷ ପିଇଥିବାବେଳେ ଅନ୍ୟ ଜଣେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମୃତକ ହେଲେ ମନୀଷ ସୋଲାଙ୍କି, ତାଙ୍କ ସ୍ତ୍ରୀ ରୀତା, ବାପା କନୁ, ମା’ ଶୋଭା ଏବଂ ୩ ପିଲା ଦିଶା, କାବ୍ୟା ଓ କୁଶଲ। ମନୀଷ ସିଲିଂ ଫ୍ୟାନ୍‌ରୁ ଝୁଲି ଆତ୍ମହତ୍ୟା କରିଥିବାବେଳେ ଅନ୍ୟମାନେ ବିଷ ପିଇଥିଲେ। ଘରୁ ଏକ ସୁଇସାଇଡ୍ ନୋଟ୍ ଜବତ ହୋଇଛି। ଆର୍ଥିକ ସଙ୍କଟ କାରଣରୁ ଏଭଳି ଚରମ ପଦକ୍ଷେପ ନେଇଥିବା ମନୀଷ ଉକ୍ତ ନୋଟ୍‌ରେ ଲେଖିଛନ୍ତି। ତେବେ ଆତ୍ମହତ୍ୟାର ପ୍ରକୃତ କାରଣ ସମ୍ପର୍କରେ ପୋଲିସ ତଦନ୍ତ ଜାରି ରଖିଛି। ମନୀଷ ଫର୍ନିଚର ବ୍ୟବସାୟ କରୁଥିଲେ। ତାଙ୍କ ପାଖରେ ୩୫ ଜଣ କାଠମିସ୍ତ୍ରି ଓ ଶ୍ରମିକ କାମ କରୁଥିଲେ।

### ଗୁରୁଦ୍ୱାରାରୁ ଚୋରି ଅଭିଯୋଗରେ ଯୁବକଙ୍କୁ ପିଟି ହତ୍ୟା

**ମୋଗା,୨୮।୧୦:** ପଞ୍ଜାବର ମୋଗା ଜିଲାରେ ଏକ ଗୁରୁଦ୍ୱାରାରୁ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟି ମାରିଦେଇଛନ୍ତି। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତି ଜଣକ ହେଲେ ଗୁରୁସାର ମାଡ଼ି ଗ୍ରାମର କରମ ସିଂ। ୧୦ ଦିନ ପୂର୍ବରୁ ଏହି ହତ୍ୟାକାଣ୍ଡ ଘଟିଥିବାବେଳେ ଭିଡିଓ ଭାଇରାଲ ହେବା ପରେ ପୋଲିସ ୬ ଜଣଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଛି। ଗତ ୧୬ ତାରିଖରେ ଲୋକଙ୍କ ଆକ୍ରମଣରେ ଗୁରୁତର କରମଙ୍କୁ ସ୍ଥାନୀୟ ଲୋକେ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ବାଂଲାଦେଶରେ ହିଂସାତ୍ମକ ବିକ୍ଷୋଭ

- ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିଏନ୍‌ପିର ବିଶାଳ ରାଲି
- ପୋଲିସ-ବିରୋଧୀ ସମର୍ଥକ ସଂଘର୍ଷ
- ଜଣେ କନ୍‌ଷ୍ଟେବଲ ନିହତ, ଶତାଧିକ ଆହତ
- ଅର୍ଦ୍ଧସାମରିକ ବାହିନୀ ମୁତୟନ

ଢାକା,୨୮।୧୦


ଶେଖ୍ ହାସିନାଙ୍କ ଇସ୍ତଫା ଦାବିରେ ଢାକାରେ ବିଏନ୍‌ପି କର୍ମୀଙ୍କ ବିଶାଳ ବିକ୍ଷୋଭ।

ବାଂଲାଦେଶରେ ଆସନ୍ତାବର୍ଷ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ସରକାର ବିରୋଧୀ ଆନ୍ଦୋଳନ ଶନିବାର ହିଂସାତ୍ମକ ରୂପ ନେଇଛି। ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଇସ୍ତଫା ଦାବିରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ରାଜଧାନୀ ଢାକାରେ ଜୋର୍‌ଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଏହା ସବୁଠୁ ବଡ଼ ବିକ୍ଷୋଭ ବୋଲି କୁହାଯାଉଛି। ବିରୋଧୀ ଦଳ କର୍ମୀ ଏବଂ ପୋଲିସ ମଧ୍ୟରେ ସଂଘର୍ଷ ଘଟି ଜଣେ କନ୍‌ଷ୍ଟେବଲଙ୍କ ମୃତ୍ୟୁ ଘଟିବା ସହ ଶତାଧିକ ଆହତ ହୋଇଛନ୍ତି। ଉତ୍ତେଜନାକୁ ଦୃଷ୍ଟିରେ ରଖି ଅର୍ଦ୍ଧସାମରିକ ବଳ ମୁତୟନ କରାଯାଇଛି। ଶାସକ ଆୱାମୀ ଲିଗ୍ ପକ୍ଷରୁ ଶାନ୍ତି ଶୋଭାଯାତ୍ରା କରାଯାଇଛି।

ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କ ନେତୃତ୍ୱରେ ମୁଖ୍ୟ ବିରୋଧୀ ଦଳ ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି (ବିଏନ୍‌ପି) ପକ୍ଷରୁ ଏହି ବିଶାଳ ରାଲିର ଆୟୋଜନ କରାଯାଇଥିଲା। ଅଣରାଜନୈତିକ ଦଳ ଅନ୍ତରୀଣ ସରକାରଙ୍କ ଅଧୀନରେ ଦେଶରେ ମୁକ୍ତ ଓ ଅବାଧ ନିର୍ବାଚନ କରାଇବା ପାଇଁ ହାସିନା ତୁରନ୍ତ ଇସ୍ତଫା ଦେବାକୁ ସେମାନେ ଦାବି କରିଥିଲେ। ବିଏନ୍‌ପି କର୍ମୀମାନେ କାକ୍ରାଇଲ୍‌ରେ ଏକ ପୋଲିସ ବୁଥ୍ ଜାଳିଦେବା ସହ ମୁଖ୍ୟ ବିଚାରପତିଙ୍କ ବାସଭବନକୁ ଟେକାମାଡ଼ କରିଥିଲେ। ବିକ୍ଷୋଭକାରୀମାନେ ଅନେକ ଗାଡ଼ି ଭାଙ୍ଗିଦେଇଛନ୍ତି। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ପକ୍ଷରୁ ଲୁହବୁହା ବାଷ୍ପ ପ୍ରୟୋଗ କରାଯିବା ସହ ଲାଠିଚାଳନା କରାଯାଇଥିଲା। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ସହ ଅର୍ଦ୍ଧସାମରିକ ସୀମା ସୁରକ୍ଷା ବଳଙ୍କୁ ନିୟୋଜିତ କରାଯାଇଛି। ବିଏନ୍‌ପି ନେତା ଓ କର୍ମୀମାନେ ସରକାରୀ ପ୍ରତିଷ୍ଠାନ ଓ ସମ୍ପତ୍ତି ଉପରେ ଆକ୍ରମଣ କରିଥିବାରୁ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଢାକା ମେଟ୍ରୋପଲିଟାନ ପୋଲିସ୍‌ର ଡିଟେକ୍ଟିଭ୍ ବ୍ରାଞ୍ଚ୍ ମୁଖ୍ୟ ହାରୁନୁର ରଶିଦ କହିଛନ୍ତି। ରବିବାର ଦେଶବ୍ୟାପୀ ଧର୍ମଘଟ ଲାଗି ମୁଖ୍ୟ ବିରୋଧୀ ଦଳ ଆହ୍ୱାନ ଦେଇଛି। ଦୀର୍ଘବର୍ଷ ଧରି ପୋଲିସ କାର୍ଯ୍ୟାନୁଷ୍ଠାନ ବିରୋଧରେ ଶନିବାର ପ୍ରଥମ ବଡ଼ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିରୋଧୀ କର୍ମୀମାନେ ଠେଙ୍ଗା ଓ ଢେଲା ଧରି ଆସିଥିଲେ। ସଂଘର୍ଷ ରୋକିବା ପାଇଁ ପୋଲିସ ପକ୍ଷରୁ ପୁରାନା ପଲଟନ୍ ଅଞ୍ଚଳରେ ବଫର ଜୋନ୍ କରାଯାଇଥିଲା। ବିରୋଧୀ ଦଳର ବିକ୍ଷୋଭ ଏବଂ ଶାସକ ଦଳର ଶାନ୍ତି ଶୋଭାଯାତ୍ରା ପାଇଁ ଶୁକ୍ରବାର ବିଳମ୍ବିତ ରାତିରେ ସର୍ତ୍ତମୂଳକ ଅନୁମତି ମିଳିଥିଲା। ସର୍ତ୍ତ ନ ମାନି ଉଭୟ ଦଳ ପକ୍ଷରୁ ବିଶାଳ ରାଲି କରାଯିବାରୁ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଟ୍ରାଫିକ୍ ସମସ୍ୟା ଉପୁଜିଥିଲା। ହିଂସା ଭୟରେ ବହୁ ବ୍ୟବସାୟୀ ସେମାନଙ୍କ ଦୋକାନ ବନ୍ଦ କରିଦେଇଥିଲେ।

### ପିଏଫ୍‌ଆଇ ମାମଲାରେ ଏନ୍‌ଆଇଏର ଅତିରିକ୍ତ ଚାର୍ଜଶିଟ୍

ପାଟନା/ନୂଆଦିଲ୍ଲୀ,୨୮।୧୦(ପି.ଟି.)

ବିହାରରେ ବେଆଇନ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ)ର ଦେଶବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କ ବିରୋଧରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରିଛି। ପାଟନାସ୍ଥିତ ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟରେ ଅଭିଯୁକ୍ତ ଅନୱର ରଶିଦ୍‌ଙ୍କ ବିରୋଧରେ ଆଇପିସିର ବିଭିନ୍ନ ଦଫା ସମେତ ବେଆଇନ କାର୍ଯ୍ୟକଳାପ (ପ୍ରତିକାର) ଆଇନରେ ସାନି ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଛି। ରଶିଦ୍‌ଙ୍କ ଘର ଉତ୍ତରପ୍ରଦେଶର ସନ୍ଥ ରବିଦାସ ନଗରରେ। ଉକ୍ତ ମାମଲାରେ ଅନ୍ୟ ୧୭ ଜଣଙ୍କ ସହ ତାଙ୍କୁ ଗିରଫ କରାଯାଇଥିଲା। ଗତବର୍ଷ ଜୁଲାଇ ୧୨ରେ ୨୬ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଏହାର ୧୦ ଦିନ ପରେ ଏନ୍‌ଆଇଏ ତଦନ୍ତ ଦାୟିତ୍ୱ ନେଇ ୧୩ ଜଣଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲା। ରଶିଦ ପୂର୍ବରୁ ବେଆଇନ ଷ୍ଟୁଡେଣ୍ଟ ଇସ୍‌ଲାମିକ ମୁଭ୍‌ମେଣ୍ଟ ଅଫ୍ ଇଣ୍ଡିଆ (ଏସ୍‌ଆଇଏମ୍‌ଆଇ) ସଦସ୍ୟ ଓ ପରେ ୱାହଦାତ୍-ଇ-ଇସ୍‌ଲାମୀ ହିନ୍ଦ୍‌ରେ ସାମିଲ ହୋଇଥିଲେ ବୋଲି ତଦନ୍ତରୁ ଜଣାପଡ଼ିଥିଲା।

### ମଣିପୁର ହିଂସା: ଅଭିଯୁକ୍ତଙ୍କ ଜାମିନକୁ ଏନ୍‌ଆଇଏର ବିରୋଧ

ନୂଆଦିଲ୍ଲୀ,୨୮।୧୦(ପି.ଟି.)

ମଣିପୁର ହିଂସା ପଛର ଅନ୍ତର୍ଦେଶୀୟ ଷଡ଼ଯନ୍ତ୍ରରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ବିରୋଧ କରିଛି। ଅଭିଯୁକ୍ତ ମୋଇରାଙ୍ଗଥେମ୍ ଆନନ୍ଦ ସିଂ ବେଆଇନ ସଂଗଠନ ସହ ସମ୍ପୃକ୍ତ। ତାଙ୍କୁ ଓ ତାଙ୍କର କେତେଜଣ ସହଯୋଗୀଙ୍କୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ସହ ଗିରଫ କରାଯାଇଥିଲା। ହିଂସା ଷଡ଼ଯନ୍ତ୍ରକାରୀ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ସକ୍ରିୟ ଥିବା ଉଗ୍ରବାଦୀ ସଂଗଠନର ମ୍ୟାନ୍‌ମାର ନେତୃତ୍ୱ ସହ ଅଭିଯୁକ୍ତ ମୋଇରାଙ୍ଗଥେମ୍ ସମ୍ପର୍କରେ ରହିଛନ୍ତି। ଦେଶ ବିରୋଧରେ ଯୁଦ୍ଧ ଏବଂ ଆତଙ୍କବାଦୀ ଆକ୍ରମଣ ଜରିଆରେ ଉତ୍ତେଜନା ସୃଷ୍ଟି ପାଇଁ ଷଡ଼ଯନ୍ତ୍ର କରାଯାଇଥିଲା। ଅଭିଯୁକ୍ତଙ୍କୁ ଜାମିନରେ ଛାଡ଼ିଲେ ତଦନ୍ତ ବାଧାପ୍ରାପ୍ତ ହେବ ବୋଲି ଏନ୍‌ଆଇଏ ଅତିରିକ୍ତ ସେସନ୍ସ ଜଜ୍ ସଚିନ ଗୁପ୍ତାଙ୍କୁ ଜଣାଇ ଦେଇଛି।


ହିମାଚଳପ୍ରଦେଶର କୁଲ୍ଲୁ ଜିଲାରେ ସପ୍ତାହବ୍ୟାପୀ ଅନ୍ତର୍ଜାତୀୟ କୁଲ୍ଲୁ ଦଶହରା ଉତ୍ସବ ବେଳେ ଶୁକ୍ରବାର ରାତିରେ ନିଆଁ ଲାଗି ୧୩ଟି ଟେଣ୍ଟ ଓ ଏକ କାର୍ ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ୨ ଜଣ ଆହତ ହୋଇଛନ୍ତି।

### ୨ରେ ହାଜର ପାଇଁ ଏଥିକ୍ସ କମିଟିର ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୮।୧୦(ପି.ଟି.)


ମହୁଆ ମୋଇତ୍ର

ଲୋକ ସଭାରେ ପ୍ରଶ୍ନ ପଚାରିବା ପାଇଁ ଲାଞ୍ଚ ନେବା ମାମଲାରେ ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ର ନଭେମ୍ବର ୫ ପରେ ହାଜର ହେବାକୁ କରିଥିବା ଆବେଦନକୁ ଏଥିକ୍ସ କମିଟି ଅଗ୍ରାହ୍ୟ କରିଦେଇଛନ୍ତି। ପୂର୍ବରୁ ତାଙ୍କୁ ଅକ୍ଟୋବର ୩୧ରେ ହାଜର ହେବାକୁ କୁହାଯାଇଥିବାବେଳେ କମିଟି ଏହି ସମୟକୁ ଆଉ ୨ ଦିନ ବଢ଼ାଇଛନ୍ତି। ଲାଞ୍ଚ ନେବା ମାମଲାରେ ନଭେମ୍ବର ୨ରେ ହାଜର ହୋଇ ମୌଖିକ ପ୍ରମାଣ ରଖିବାକୁ ମହୁଆଙ୍କୁ ଏଥିକ୍ସ କମିଟି କହିଛି। ଏହି ସମୟସୀମାକୁ ଆଉ ବଢ଼ାଯାଇପାରିବ ନାହିଁ ବୋଲି କମିଟି ଅଧ୍ୟକ୍ଷ ତଥା ଭାଜପା ଏମ୍‌ପି ବିନୋଦ କୁମାର ସୋଙ୍କର କହିଛନ୍ତି। ମହୁଆ ଶୁକ୍ରବାର କମିଟିକୁ ପତ୍ର ଲେଖି ଅକ୍ଟୋବର ୩୧ରେ ହାଜର ହୋଇପାରିବେ ନାହିଁ ବୋଲି କହିବା ସହ ନଭେମ୍ବର ୫ ପରେ ସେ ଉପଲବ୍ଧ ହେବେ ବୋଲି କହିଥିଲେ। ମହୁଆ ଲୋକ ସଭାରେ ପ୍ରଶ୍ନ କରିବା ପାଇଁ ଜଣେ ବ୍ୟବସାୟୀ ଦର୍ଶନ ହୀରାନନ୍ଦନୀଙ୍କ ଠାରୁ ଲାଞ୍ଚ ନେଇଥିବା ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ବାଚସ୍ପତି ଓମ୍ ବିର୍ଲାଙ୍କ ନିକଟରେ ଅଭିଯୋଗ କରିଥିଲେ। ଗତ ଗୁରୁବାର ଦୁବେ ଏବଂ ଆଇନଜୀବୀ ଜୟ ଅନନ୍ତ ଦେହଦ୍ରାଇ ଏଥିକ୍ସ କମିଟି ଆଗରେ ସେମାନଙ୍କ ମୌଖିକ ତଥ୍ୟ ପ୍ରମାଣ ଉପସ୍ଥାପନ କରିଥିଲେ।

# ୫୧ ହଜାରଙ୍କୁ ନିଯୁକ୍ତିପତ୍ର ବାଣ୍ଟିଲେ ମୋଦି

ନୂଆଦିଲ୍ଲୀ,୨୮।୧୦(ପି.ଟି.)

**ନିଯୁକ୍ତି ସୁଯୋଗ ବଢ଼ିଛି: ପ୍ରଧାନମନ୍ତ୍ରୀ**



ପାରମ୍ପରିକ କ୍ଷେତ୍ର ସମେତ ପୁନଃ ନବୀକରଣଯୋଗ୍ୟ ଶକ୍ତି, ପ୍ରତିରକ୍ଷା ରପ୍ତାନି ଆଦି ବିଭିନ୍ନ ଏମର୍ଜିଂ ସେକ୍ଟରରେ କେନ୍ଦ୍ର ସରକାର ନିଯୁକ୍ତି ସୁଯୋଗ ବଢ଼ାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଏକ ଭର୍ଚୁଆଲ କାର୍ଯ୍ୟକ୍ରମରେ ୫୧,୦୦୦ ଯୁବତୀଯୁବକଙ୍କୁ ବିଭିନ୍ନ ସରକାରୀ ବିଭାଗରେ ନିଯୁକ୍ତି ଲାଗି ନିଯୁକ୍ତି ପତ୍ର ବାଣ୍ଟିବା ଅବସରରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। ଦେଶର ଯୁବବର୍ଗଙ୍କୁ ନିଯୁକ୍ତି ଯୋଗାଇଦେବା ଲାଗି ତାଙ୍କ ସରକାର ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବା ପାଇଁ ରୋଜଗାର ମେଳାର ଆୟୋଜନ କରାଯାଉଛି। ସରକାର କେବଳ ନିଯୁକ୍ତି ଦେଉନାହାନ୍ତି ଏଥିପାଇଁ ସ୍ୱଚ୍ଛ ନିଯୁକ୍ତି ପ୍ରକ୍ରିୟା ଅବଲମ୍ବନ କରାଯାଉଛି। ନିଯୁକ୍ତି ପ୍ରକ୍ରିୟାକୁ ପୁନର୍ଗଠନ ଓ ସହଜ କରିବା ଉଦ୍ୟମ ଉପରେ ମୋଦି ଗୁରୁତ୍ୱାରୋପ କରିଥିଲେ। ଗତବର୍ଷ ଅକ୍ଟୋବରଠାରୁ ଇତିମଧ୍ୟରେ ତାଙ୍କ ସରକାର ଓ ବିଭିନ୍ନ ଭାଜପା ଓ ଏହାର ସହଯୋଗୀ ଦଳ ଶାସିତ ରାଜ୍ୟରେ ଲକ୍ଷ ଲକ୍ଷ ଯୁବତୀଯୁବକଙ୍କୁ ନିଯୁକ୍ତିପତ୍ର ଦିଆଗଲାଣି। ଭାରତ ଏହାର ଯୁବବର୍ଗଙ୍କୁ କୁଶଳୀ ଓ ଶିକ୍ଷିତ କରୁଛି। ଭାରତର ବିକାଶ ସହ ସବୁ ସେକ୍ଟରରେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଷ୍ଟାଫ୍ ସିଲେକ୍ସନ କମିଶନ ଦ୍ୱାରା ନିଯୁକ୍ତି ପ୍ରଦାନ ଲାଗି ପୂର୍ବରୁ ଯେତିକି ସମୟ ଲାଗୁଥିଲା ତାହା ଅଧାକୁ କମିଆସିଛି। ଏବେ ହିନ୍ଦୀ, ଇଂଲିଶ ସମେତ ୧୩ଟି ବିଭିନ୍ନ ଆଞ୍ଚଳିକ ଭାଷାରେ ପରୀକ୍ଷା କରାଯାଉଛି ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି।

# କାଜାଖସ୍ତାନ କୋଇଲା ଖଣିରେ ନିଆଁ: ୩୨ ମୃତ

ଅଲ୍‌ମାଟି,୨୮।୧୦





**ଆର୍ସେଲର ମିତ୍ତଲ କମ୍ପାନୀକୁ ଦାୟୀ କଲେ ସରକାର**

କାଜାଖସ୍ତାନରେ ଥିବା ଆର୍ସେଲର ମିତ୍ତଲ କମ୍ପାନୀର କୋଇଲା ଖଣିରେ ନିଆଁ ଲାଗି ୩୨ ଜଣଙ୍କ ମୃତ୍ୟୁ ଘଟିଛି। ଅଗ୍ନିକାଣ୍ଡ ବେଳେ ଅନେକେ ନିଖୋଜ ହୋଇଯାଇଛନ୍ତି। କେନ୍ଦ୍ରୀୟ ଏସୀୟ ଦେଶରେ ଏହା ଅନ୍ୟତମ ଭୟାବହ ବିପର୍ଯ୍ୟୟ ବୋଲି କୁହାଯାଉଛି। ଆମ ଇତିହାସରେ ଆର୍ସେଲର ମିତ୍ତଲ ସବୁଠୁ ଖରାପ କମ୍ପାନୀ ବୋଲି କାଜାଖସ୍ତାନ ରାଷ୍ଟ୍ରପତି କାସିମ୍-ଜୋମାର୍ଟ ଟୋକାୟେଭ୍ କହିଛନ୍ତି। କମ୍ପାନୀର କାଜାଖ୍ ଶାଖାକୁ ତାଙ୍କ ସରକାର ନିୟନ୍ତ୍ରଣକୁ ନେବା ଲାଗି ସେ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ କମ୍ପାନୀ ନିରାପତ୍ତା ଓ ପରିବେଶ ନିୟମକୁ ଉପଯୁକ୍ତ ଭାବେ ପାଳନ କରୁ ନ ଥିବାରୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଛି। ଦୁଇ ମାସ ପୂର୍ବେ ଉକ୍ତ କମ୍ପାନୀର ଏକ ଖଣିରେ ନିଆଁଲାଗି ୫ କର୍ମଚାରୀ ପ୍ରାଣ ହରାଇଥିଲେ। ଶନିବାର ଅପରାହ୍ନ ସୁଦ୍ଧା କୋଷ୍ଟେଙ୍କୋ ଖଣିରୁ ୩୨ ମୃତଦେହ ମିଳିଥିବାବେଳେ ନିଖୋଜ ଥିବା ଅନ୍ୟ ୧୪ ଜଣଙ୍କୁ ଖୋଜା ଚାଲିଛି। ରାଷ୍ଟ୍ରପତି ଟୋକାୟେଭ୍ ମୃତକଙ୍କ ପରିବାର ସଦସ୍ୟମାନଙ୍କୁ ଭେଟିବା ସହ ରବିବାରକୁ ଜାତୀୟ ଶୋକଦିବସ ଭାବେ ପାଳନ କରିବାକୁ କହିଛନ୍ତି।

## ଫୁର୍‌ସତ୍

# ସଚେତନତା ହିଁ ନିଦାନ

**ବିଶ୍ୱ ମସ୍ତିଷ୍କାଘାତ ଦିବସ**



**ବ୍ୟ**ସ୍ତ ବହୁଳ ଜୀବନଶୈଳୀ ହିଁ ଏବେ ସାରା ପୃଥିବୀରେ ମସ୍ତିଷ୍କାଘାତ ବା ଷ୍ଟ୍ରୋକ ଆଶଙ୍କାକୁ ବଢାଇ ଚାଲିଛି। ପୂର୍ବରୁ କେବଳ ବୟସ୍କଙ୍କଠାରେ ଏହି ସମସ୍ୟା ଅଧିକ ଦେଖାଯାଉଥିବାବେଳେ ଏବେ ଯୁବବର୍ଗ ଏହାର ଶିକାର ହେଉଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ, ପ୍ରତିବର୍ଷ ୧.୫ କୋଟିରୁ ଅଧିକ ବ୍ୟକ୍ତି ଷ୍ଟ୍ରୋକର ଆକ୍ରାନ୍ତ ହୁଅନ୍ତି ଏବଂ ପ୍ରାୟ ୫୦ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଥାଏ। ତେବେ ସଚେତନତା ହିଁ ଏହାର ନିଦାନ। ଏହା ଦ୍ୱାରା ୯୦ ପ୍ରତିଶତ ଷ୍ଟ୍ରୋକ ମୃତ୍ୟୁକୁ ରୋକା ଯାଇ ପାରିବ ବୋଲି ରିପୋର୍ଟରେ ଦର୍ଶାଯାଇଛି।

ଷ୍ଟ୍ରୋକ୍, ପ୍ରତିରୋଧ ଏବଂ ଚିକିତ୍ସା ସମ୍ପର୍କରେ ସଚେତନତା ସୃଷ୍ଟି କରିବା। ଆଉ ଷ୍ଟ୍ରୋକ୍ ପୀଡିତଙ୍କ ପାଇଁ ଉତ୍ତମ ଯତ୍ନ ଯୋଗାଇଦେବା ଲାଗି ପ୍ରତିବର୍ଷ ବିଶ୍ୱ ମସ୍ତିଷ୍କାଘାତ ଦିବସ ବା ୱାର୍ଲ୍ଡ ଷ୍ଟ୍ରୋକ ଡେ’ ପାଳନ କରାଯାଉଛି।

୨୯ ଅକ୍ଟୋବରରେ ବିଶ୍ୱ ଷ୍ଟ୍ରୋକ ଦିବସ ପାଳନ କରାଯାଏ। ୨୦୦୪ ମସିହାଠାରୁ ଏହି ଦିବସ ପାଳନ ଆରମ୍ଭ ହୋଇଥିଲା। ବିଶ୍ୱ ଷ୍ଟ୍ରୋକ କଂଗ୍ରେସ ଏହି ଦିନ କାନାଡାରେ ପାଳନ କରିଥିଲା। ୨୦୦୬ରେ ଏହାର ଜନସଚେତନତା ପାଇଁ ଘୋଷଣା କରାଯାଇଥିଲା। ଆଉ ଏହି ବର୍ଷ ୱାର୍ଲ୍ଡ ଷ୍ଟ୍ରୋକ ଫେଡେରେଶନ ଏବଂ ଅନ୍ତର୍ଜାତୀୟ ଷ୍ଟ୍ରୋକ ସୋସାଇଟିର ମିଶ୍ରଣ ସହିତ ୱାର୍ଲ୍ଡ ଷ୍ଟ୍ରୋକ ସଂଗଠନ ପ୍ରତିଷ୍ଠା କରାଯାଇଥିଲା। ସେବେଠାରୁ ୱାର୍ଲ୍ଡ ଷ୍ଟ୍ରୋକ ଅର୍ଗାନାଇଜେଶନ (ଡବ୍ଲ୍ୟୁଏସଓ) ବିଭିନ୍ନ ପ୍ଲାଟଫର୍ମରେ ୱାର୍ଲ୍ଡ ଷ୍ଟ୍ରୋକ ଡେ (ଡବ୍ଲ୍ୟୁଏସଡି) ପାଳନ କରିଆସୁଛି। ତେବେ ସଚେତନତା ଅଭାବରୁ ଷ୍ଟ୍ରୋକର ନିରାକରଣ ଏବଂ ଚିକିତ୍ସାର ଆବଶ୍ୟକ ପରିଚାଳନା ନ ହେବା ଦ୍ୱାରା ମୃତ୍ୟୁହାର ବଢ଼ିବାରୁ ୨୦୧୦ରେ ବିଶ୍ୱ ଷ୍ଟ୍ରୋକ ସଂଗଠନ ଜନସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲା। ପ୍ରତିବର୍ଷ ବିଶ୍ୱ ଷ୍ଟ୍ରୋକ ଦିବସ ଅବସରରେ ଏକ ସ୍ୱତନ୍ତ୍ର ବାର୍ତ୍ତା ଦିଆଯାଇଥାଏ। ଚଳିତ ବର୍ଷ ପାଇଁ ଏହି ଦିବସର ବାର୍ତ୍ତା ରହିଛି, ସମ୍ମିଳିତ ଭାବେ ଉଦ୍ୟମ କଲେ ଆମେ ଷ୍ଟ୍ରୋକକୁ ଜିତିପାରିବା।

# ‘ତେଜସ୍’ ଦେଖିବାକୁ କଙ୍ଗନାଙ୍କ ଅନୁରୋଧ

ମୁମ୍ବାଇ



ବି’ ଟାଉନର ଲୋକପ୍ରିୟ ଅଭିନେତ୍ରୀ କଙ୍ଗନା ରଣାୱତଙ୍କ ଅଭିନୀତ ଚଳଚ୍ଚିତ୍ର ‘ତେଜସ୍’ ଶୁକ୍ରବାର ରିଲିଜ୍ ହୋଇଛି। କଙ୍ଗନାଙ୍କ ଗୋଟିଏ ଗୋଟିଏ ଫିଲ୍ମ ଯେଭଳି ହିଟ୍ ହୁଏ ‘ତେଜସ୍’ ପ୍ରଥମ ଦିନରେ ସେମିତି କିଛି କମାଲ୍ କରିପାରି ନାହିଁ। ଏହା ମଧ୍ୟରେ ‘ତେଜସ୍’କୁ ନେଇ କଙ୍ଗନା ଶନିବାର ଏକ ଭିଡିଓ ସୋସିଆଲ ମିଡିଆରେ ଜାରି କରିଛନ୍ତି। ଏହି ଭିଡିଓ ଜରିଆରେ କଙ୍ଗନା ପ୍ରଶଂସକମାନଙ୍କୁ ଚଳଚ୍ଚିତ୍ର ଦେଖିବା ପାଇଁ ନିବେଦନ କରିଛନ୍ତି। ଏହି ଭିଡିଓରେ କଙ୍ଗନା କରୋନା ପରେ ଭାରତୀୟ ସିନେମା ଏବଂ ହଲ୍ ଉପରେ ପଡ଼ିଥିବା ଗଭୀର ପ୍ରଭାବକୁ ନେଇ କହୁଥିବା ନଜର ଆସିଛନ୍ତି। ସେ କହିଛନ୍ତି, ‘କାଲିଠାରୁ ମୋ’ ଚଳଚ୍ଚିତ୍ର ତେଜସ୍ ସିନେମା ହଲ୍‌ରେ ରିଲିଜ୍ ହୋଇସାରିଛି। ଯେଉଁମାନେ ଏ ପର୍ଯ୍ୟନ୍ତ ଏହି ଫିଲ୍ମ ଦେଖିଛନ୍ତି ସେମାନେ ଆମକୁ ବହୁତ ପ୍ରଶଂସା କରିଛନ୍ତି। ଜନସାଧାରଣ ୯୯ ପ୍ରତିଶତ ଚଳଚ୍ଚିତ୍ରକୁ ଦେଖିବାକୁ ସୁଯୋଗ ଦିଅନ୍ତି ନାହିଁ। ଏହି ଆଧୁନିକ ଯୁଗରେ ସମସ୍ତଙ୍କର ଫୋନ୍ ଅଛି। ସମସ୍ତଙ୍କ ଘରେ ଟିଭି ମଧ୍ୟ ଅଛି। କିନ୍ତୁ ସିନେମା ହଲ୍ ସବୁବେଳେ ଆମ ସଭ୍ୟତାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇରହିଛି। ତେଣୁ ଏହି ଚଳଚ୍ଚିତ୍ର ଦେଖିବାକୁ ସେ ଦର୍ଶକଙ୍କୁ ଅନୁରୋଧ କରିଛନ୍ତି।

# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ଅକ୍ଟୋବର ୨୯/୨୦୨୩ | Bhubaneswar, Sunday, October 29/2023 | ପୃଷ୍ଠା-୧



# ଅମ୍ବାନୀଙ୍କୁ ହତ୍ୟା ଧମକ

## '୨୦ କୋଟି ନ ଦେଲେ ମାରିବୁ'

**ମୁମ୍ବାଇ,୨୮।୧୦**

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କୁ ହତ୍ୟା ଧମକ ମିଳିଛି। ଯଦି ଶିଳ୍ପପତି ୨୦ କୋଟି ଟଙ୍କା ପୈଠ ନ କରନ୍ତି, ତେବେ ତାଙ୍କୁ ହତ୍ୟା କରାଯିବ। ଆମ ପାଖରେ ଭାରତର ସବୁଠୁ ଭଲ ଶୁଟର ରହିଥିବା କେହି ଦୁର୍ବୃତ୍ତ ଇମେଲ୍ ଯୋଗେ ଧମକ ଦେଇଥିବା ପୋଲିସ କହିଛି। ନିଜକୁ ଶଦାବ ଖାନ୍ ଭାବେ ପରିଚୟ ଦେଇ ଦୁର୍ବୃତ୍ତ ଜଣକ ୨୭ ତାରିଖରେ ଇ-ମେଲ୍ ଧମକ ପଠାଇଥିଲେ। ମୁକେଶଙ୍କ ସୁରକ୍ଷା ଅଧିକାରୀ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିଛି। ଇ-ମେଲ୍ ପଠାଇଥିବା ବ୍ୟକ୍ତିଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ତନାଘନା ଜାରି ରହିଛି।

ମୁକେଶଙ୍କୁ ହତ୍ୟା ଧମକ ନୂଆ ନୁହେଁ, ଗତବର୍ଷ ବିହାରରୁ କେହି ☞ପୃଷ୍ଠା-୨



ମୁକେଶ ଅମ୍ବାନୀ

# ପିଲା, ଶିକ୍ଷକଙ୍କ ଉପସ୍ଥାନ ଦୈନିକ ଅପ୍‌ଲୋଡ୍ ହେବ

**ଭୁବନେଶ୍ୱର, ୨୮।୧୦**
**(ଅସମାପିକା ସାହୁ)**

ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବା ଜୁନିୟର କଲେଜ ଛାତ୍ରୀଛାତ୍ର ଏବଂ ଶିକ୍ଷକଙ୍କ ଉପସ୍ଥାନର କଡ଼ାକଡ଼ି ଯାଞ୍ଚ ହେବ। ବିଭାଗ ଅନୁଯାୟୀ ଇ-ସ୍ପେସ୍‌ରେ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ଦୈନିକ ଉପସ୍ଥାନ ଅପ୍‌ଲୋଡ୍ କରାଯିବ। ପ୍ରତ୍ୟେକ କାର୍ଯ୍ୟ ଦିବସର ଅପରାହ୍ନ ୪ଟା ସୁଦ୍ଧା ଉପସ୍ଥାନ ଅପ୍‌ଡେଟ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ଏଥିରେ ଖିଲାପ କଲେ ଏହାକୁ ଗୁରୁତର ସହ ନିଆଯିବ ବୋଲି ନିର୍ଦ୍ଦେଶାଳୟ ଜଣାଇଦେଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଇ-ସ୍ପେସ୍ ଲଗ୍ ଇନ୍ କରି ଦୈନିକ ଉପସ୍ଥାନ ଅପ୍‌ଡେଟ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏକାଦଶ ଓ ଦ୍ୱାଦଶ ଛାତ୍ରୀଛାତ୍ର ଏବଂ ଶିକ୍ଷକଙ୍କ ପାଇଁ ନୂତନ ଉପସ୍ଥାନ ମଡ୍ୟୁଲ ଇ-ସ୍ପେସ୍‌ରେ ଉପଲବ୍ଧ ହୋଇଛି।

## ଏସିଆନ୍ ପାରା ଗେମ୍ସ ଉଦ୍‌ଯାପିତ

# ଭାରତକୁ ୧୧୧ ପଦକ



ହାଙ୍ଗଝୋରେ ଶନିବାର ଏସିଆନ୍ ପାରା ଗେମ୍ସ ଉଦ୍‌ଯାପନୀ ଉତ୍ସବରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ।

**ହାଙ୍ଗଝୋ,୨୮।୧୦(ପି.ଟି.)**

ହାଙ୍ଗଝୋରେ ଅନୁଷ୍ଠିତ ଏସିଆନ୍ ପାରା ଗେମ୍ସ ଶନିବାର ଉଦ୍‌ଯାପିତ ହୋଇଥିବା ବେଳେ ଭାରତୀୟ ଆଥ୍‌ଲେଟମାନେ ଇତିହାସ ରଚିଛନ୍ତି। ପ୍ରଥମ ଥର ପାଇଁ ସେମାନେ ପଦକ ସଂଖ୍ୟାରେ ଶତକ ହାସଲ କରିଛନ୍ତି। ୨୦୧୮ ଜାକର୍ତ୍ତା ସଂସ୍କରଣର ପ୍ରଦର୍ଶନ(୭୨ ପଦକ)ରେ ଉନ୍ନତି ଆଣିବା ସହିତ ଭାରତ ୧୧୧ ପଦକରେ ନିଜର ଅଭିଯାନ ଶେଷ କରିଛି। ଭାରତୀୟ ଆଥ୍‌ଲେଟମାନେ ୨୯ ସ୍ୱର୍ଣ୍ଣ, ୩୧ ରୌପ୍ୟ ଓ ୫୧ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଭାରତ ଏହା ସହ ପଞ୍ଚମ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଚାଇନା ୫୨୧ ପଦକ(୨୧୪ ସ୍ୱର୍ଣ୍ଣ, ୧୬୭ ରୌପ୍ୟ ଓ ୧୪୦ ବ୍ରୋଞ୍ଜ) ସହିତ ପ୍ରଥମ ସ୍ଥାନରେ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଇରାନ ୧୩୧ ପଦକ(୪୪ ସ୍ୱର୍ଣ୍ଣ, ୪୬ ରୌପ୍ୟ ଓ ୪୧ ବ୍ରୋଞ୍ଜ), ଜାପାନ ୧୫୦ ପଦକ(୪୨ ସ୍ୱର୍ଣ୍ଣ, ୪୯ ରୌପ୍ୟ ଓ ୫୯ ବ୍ରୋଞ୍ଜ) ଓ କୋରିଆ ୧୦୩ ପଦକ(୩୦ ସ୍ୱର୍ଣ୍ଣ, ୩୩ ରୌପ୍ୟ ଓ ୪୦ ବ୍ରୋଞ୍ଜ) ସହିତ ଯଥାକ୍ରମେ ଦ୍ୱିତୀୟରୁ ଚତୁର୍ଥ ସ୍ଥାନ ବଜାୟ ରଖିଛନ୍ତି। ପ୍ରଥମ ଥର ପାଇଁ ଭାରତ ୨୦୧୦ରେ ଏହି ଇଭେଣ୍ଟରେ ଅଂଶଗ୍ରହଣ କରି ୧୪ ପଦକ ସହ ୧୫ତମ ସ୍ଥାନରେ ରହିଥିଲା। ବିଗତ ବର୍ଷ ଅପେକ୍ଷା ଭାରତ ୩୯ ପଦକ ☞ପୃଷ୍ଠା-୨

# ସୌନ୍ଦର୍ଯ୍ୟଙ୍କୁ ଡବଲ ମେଡାଲ




ପଦକ ସହ ଓଡ଼ିଆ ଚେସ୍ ଖେଳାଳି ସୌନ୍ଦର୍ଯ୍ୟ ପ୍ରଧାନ

ହାଙ୍ଗଝୋରେ ଅନୁଷ୍ଠିତ ଏସିଆନ ପାରା ଗେମ୍ସର ଅନ୍ତିମ ଦିବସରେ ଓଡ଼ିଆ ଚେସ୍ ଖେଳାଳି ସୌନ୍ଦର୍ଯ୍ୟ ପ୍ରଧାନ ଡବଲ୍ ମେଡାଲ ହାସଲ କରିଛନ୍ତି। ର୍‍ୟାପିଡ୍ ଭି୧ ବି୧ ଚେସ୍‌ର ଉଭୟ ଟିମ୍ ଓ ବ୍ୟକ୍ତିଗତ ଇଭେଣ୍ଟରେ ସେ ଗୋଟିଏ ଲେଖାଏ ପଦକ ଜିତିଛନ୍ତି। ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ଓ ବ୍ୟକ୍ତିଗତ ଇଭେଣ୍ଟରେ ସେ ☞ପୃଷ୍ଠା-୨







**ଆଜିର ମନ୍ତବ୍ୟ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହମାସ୍ ଆକ୍ରମଣକୁ ନିନ୍ଦା କରିଛନ୍ତି। କିନ୍ତୁ ଶାନ୍ତି ପାଇଁ ଜାତିସଂଘରେ ଅଣାଯାଇଥିବା ପ୍ରସ୍ତାବ ସହିତ ସହମତ ହୋଇ ନ ପାରିବା ଭାରତର ବହିର୍ବ୍ୟାପାର ନୀତିରେ ତାଳମେଳ ନାହିଁ ବୋଲି ପ୍ରମାଣିତ ହୋଇଛି। **-ଅସାଦୁଦ୍ଦିନ ଓ୍ୱାଇସି, ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢମ କହୁଛି**
**ଛଅଟା ଧାନରେ ନଅଟା ଚକୁଳି**
**ଦି'କଳେ ଘିଅ ବୋହି ଯାଉଛି।**

ଢମ ଗପିବାର ବା ବଡ଼େଇ କରି କହିବାର ଇଏ ହେଉଛି ଏକ ଶୈଳୀ। ନିଜେ ଯେତେ ନୁହଁ କି ଯାହା ନୁହଁ, ତାହାକୁ ଅତିରଞ୍ଜିତ କରି ପ୍ରକାଶ କରିବା ସେମାନଙ୍କ ଏକ ପ୍ରକୃତି ବୋଲି ଏଠାରେ ଦର୍ଶାଯାଇଛି।

**ତୁଣ୍ଡ ସମ୍ଭାଳି କଥା କହ**
**ଭୋକ ସମ୍ଭାଳି ଭାତ ଖାଅ।**

ତୁଣ୍ଡ ସମ୍ଭାଳି କଥା କହିଲେ ନିଜ ସମ୍ମାନ ବଜାୟ ରହେ, ଅନ୍ୟଥା ଅପଦସ୍ଥ ହେବାର ମଧ୍ୟ ସମ୍ଭାବନା ରହିଥାଏ। ସେହିପରି ଭୋକ ସମ୍ଭାଳି ଭାତ ଖାଇଲେ ସ୍ୱାସ୍ଥ୍ୟାବସ୍ଥା ଠିକ ରହେ ବୋଲି ଏଠାରେ ସୁପରାମର୍ଶ ଦିଆଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




# ନିଯୁକ୍ତିରେ ମହିଳାଙ୍କ ଭାଗୀଦାରି ବଢ଼ିଛି: ଧର୍ମେନ୍ଦ୍ର



ଭୁବନେଶ୍ୱରରେ 'ରାଷ୍ଟ୍ରୀୟ ରୋଜଗାର ମେଳା'ର ଶୁଭାରମ୍ଭ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜଣେ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱରରେ ରୋଜଗାର ମେଳା**

- **ଦଶମ ପର୍ଯ୍ୟାୟରେ ୧୭୬ ଜଣଙ୍କୁ ନିଯୁକ୍ତିପତ୍ର ଦେଲେ କେନ୍ଦ୍ରମନ୍ତ୍ରୀ**
- **ମୋଦି ସରକାରରେ ଦେଶରେ ବେରୋଜଗାରି ହ୍ରାସ ପାଇଛି**

**ଭୁବନେଶ୍ୱର,୨୮।୧୦(ଅନିଲ ଦାସ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଶେଷ ନୀତି ଓ ପ୍ରଭାବଶାଳୀ ପଦକ୍ଷେପ ଯୋଗୁ ଦେଶରେ ବେରୋଜଗାରି ହ୍ରାସ ପାଇବା ସହ କର୍ମନିଯୁକ୍ତିରେ ମହିଳାମାନଙ୍କ ଭାଗୀଦାରି ବଢ଼ିଛି। ଭୁବନେଶ୍ୱରଠାରେ ଶନିବାର 'ରାଷ୍ଟ୍ରୀୟ ରୋଜଗାର ମେଳା'ର ଦଶମ ପର୍ଯ୍ୟାୟ ଶୁଭାରମ୍ଭ କରିବା ଅବସରରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ୧୭୬ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ବିତରଣ କରି କହିଛନ୍ତି, ୨୦୧୭-୧୮ରେ ଦେଶରେ ୬% ବେରୋଜଗାରି ଥିବାବେଳେ ୨୦୨୨-୨୩ରେ ହ୍ରାସ ପାଇ ୩.୨%କୁ ଖସିଛି। ୨୦୧୭-୧୮ରେ କର୍ମକ୍ଷେତ୍ରରେ ମହିଳା ଭାଗୀଦାରି ୨୩% ଥିବାବେଳେ ୨୦୨୨-୨୩ ବର୍ଷରେ ୩୭%କୁ ବଢ଼ିଛି। ସରକାରୀ ଚାକିରି ସମେତ ସାମାଜିକ ଜୀବନରେ ମହିଳାଙ୍କ ଅଂଶଗ୍ରହଣ ବୃଦ୍ଧିପାଉଛି। ଏହାଦ୍ୱାରା ସମାଜର ସନ୍ତୁଳିତ ବିକାଶ ହେଉଛି। ବୈଜ୍ଞାନିକ ଦୃଷ୍ଟିରୁ ପୁରୁଷଙ୍କ ତୁଳନାରେ ମହିଳାମାନେ କାର୍ଯ୍ୟକ୍ଷେତ୍ରରେ ଅଧିକ ପରିଶ୍ରମୀ ଓ ସମ୍ବେଦନଶୀଳ। ଏଥିପାଇଁ କାର୍ଯ୍ୟକ୍ଷେତ୍ର, ନୀତି ନିର୍ଦ୍ଧାରକ, ନେତୃତ୍ୱ, ଶିକ୍ଷା ଏବଂ ସ୍କିଲିଂ ଇକୋସିଷ୍ଟମରେ ମହିଳାମାନଙ୍କୁ ସାମିଲ କରିବା ସକାଶେ ମୋଦି ସରକାର ଅଭିନବ ପ୍ରୟାସ କରୁଛନ୍ତି। ମାତୃତ୍ୱକାଳୀନ ଛୁଟିର ସମୟ ସୀମାକୁ ବଢ଼ାଯାଇଛି। ଉଜ୍ଜ୍ୱଳା ଯୋଜନା, ଆବାସ ଯୋଜନା, ଶୌଚାଳୟ ନିର୍ମାଣ, ଜନଧନ, ମୁଦ୍ରା, ଷ୍ଟାଣ୍ଡଅପ୍ ଭଳି ଯୋଜନା ଦ୍ୱାରା ମହିଳାମାନେ ସଶକ୍ତ ଓ ଆତ୍ମନିର୍ଭର ହେଉଛନ୍ତି। ସମାଜର ବିକାଶ ପାଇଁ ମହିଳାଙ୍କ ଉପରେ ପ୍ରଧାନମନ୍ତ୍ରୀ ଜୋର୍ ଦେଉଛନ୍ତି।

ଦେଶରେ ୱାର୍କଫୋର୍ସକୁ ବଢ଼ାଇବାକୁ ହେଲେ ସମସ୍ତଙ୍କୁ ପରିବର୍ତ୍ତିତ ଟେକ୍ନୋଲୋଜି ପ୍ଲାଟ୍‌ଫର୍ମକୁ ଆପଣାଇ ମହିଳାଙ୍କୁ ସ୍କିଲିଂ, ରି-ସ୍କିଲିଂ ଏବଂ ଅପ୍-ସ୍କିଲିଂ କରାଇବାକୁ ପଡ଼ିବ। ଏହାଦ୍ୱାରା ଅର୍ଥନୀତି ଆହୁରି ମଜଭୁତ ହେବ। ଓଡ଼ିଶା ସମେତ ଦେଶରେ କେବଳ ନିଯୁକ୍ତି ଦେବା ପାଇଁ ନୁହେଁ, ବରଂ ନିଯୁକ୍ତିଦାତା ସୃଷ୍ଟି କରିବାକୁ ପଡ଼ିବ। ଶିକ୍ଷା, ଦକ୍ଷତା, କାର୍ଯ୍ୟକ୍ଷେତ୍ରରେ ମହିଳା ଓ ଗ୍ରାମାଞ୍ଚଳର ଭାଗୀଦାରି ବଢ଼ାଇବା ଜରୁରୀ। ସମାଜର ଅନ୍ତିମ ଶ୍ରେଣୀରେ ଥିବା ଗରିବ, ବଞ୍ଚିତ, ଏସ୍‌ସି, ଏସ୍‌ଟି, ଓବିସି, ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ମଧ୍ୟରେ ଶିକ୍ଷା ଓ ସ୍କିଲ୍‌କୁ ଜୋର୍ ଦେବାକୁ ପଡ଼ିବ। ସେମାନଙ୍କ ହାତ ଧରି ମୁଖ୍ୟସ୍ରୋତରେ ଯୋଡ଼ିଲେ ହିଁ ସମାଜର ବିକାଶ ହେବ।

କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି, ଟେଲିଫୋନ ମାଧ୍ୟମରେ ଡିଜିଟାଲ କାରବାର ସହଜ ହୋଇଛି। ଭାରତରେ ଡିଜିଟାଲ ଭିତ୍ତିଭୂମି ବଢ଼ିଛି। ଦକ୍ଷତାକୁ କ୍ରେଡିଟ୍‌ରେ ରୂପାନ୍ତରିତ କରାଯିବାର ଯୋଜନା ହୋଇଛି। କୌଳିକ ବୃତ୍ତିଧାରୀଙ୍କୁ ଦକ୍ଷ କରିବା ପାଇଁ ପିଏମ୍ ବିଶ୍ୱକର୍ମା ଯୋଜନା ଆରମ୍ଭ ହୋଇଛି। ଅନେକ ସୁଧାରବାଦୀ ନୀତି କାରଣରୁ ସମ୍ଭାବନାପୂର୍ଣ୍ଣ ଓଡ଼ିଶାରେ ଭାରତ ସରକାର ପୁଞ୍ଜିନିବେଶ ବଢ଼ାଇଛନ୍ତି। ପୂର୍ବ ସରକାରର ୧୦ ବର୍ଷରେ ଓଡ଼ିଶାକୁ ମାତ୍ର ୩ ଲକ୍ଷ କୋଟି ଆସିଥିବାବେଳେ ମୋଦି ସରକାରରେ ଏ ପର୍ଯ୍ୟନ୍ତ ୧୮ ଲକ୍ଷ କୋଟି ଟଙ୍କା ଆସିଛି। ଓଡ଼ିଶାରେ ରେଳବାଇ ବଜେଟରେ ରେକର୍ଡସଂଖ୍ୟକ ଅନୁଦାନ ବଢ଼ିଛି। ଭାରତୀୟ ରେଳ, ଡାକ, ଏମ୍ସ, ସାମରିକ ବଳ, ଅର୍ଦ୍ଧସାମରିକ ବଳରେ ନିଯୁକ୍ତି ବଢ଼ିଛି। ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ବୃଦ୍ଧିପାଇଛି। ଜୀବନରେ ଅଟକିବା ଉଚିତ ନୁହେଁ। ନିରନ୍ତର ଶିଖିବା ସହ ନୂଆ ନୂଆ ଜ୍ଞାନ ଆହରଣ କରିବା ଦରକାର। ପ୍ରତିଦିନ କୌଣସି ବ୍ୟକ୍ତି କିମ୍ବା ସ୍ଥିତିରୁ ନୂଆ କିଛି ଶିକ୍ଷା ନେବା ଦରକାର ବୋଲି କେନ୍ଦ୍ରମନ୍ତ୍ରୀ ନବନିଯୁକ୍ତମାନଙ୍କୁ ପରାମର୍ଶ ଦେଇଛନ୍ତି।

# ଅନନ୍ୟା-ଆଦିତ୍ୟଙ୍କ ଡେଟିଂ ଚର୍ଚ୍ଚା



**ମୁମ୍ବାଇ:** ବଲିଉଡ୍ ନାୟିକା ଅନନ୍ୟା ପାଣ୍ଡେ ଓ ଅଭିନେତା ଆଦିତ୍ୟ ରୟ କପୁରଙ୍କ ଡେଟିଂ ଗ୍ୟୁମର୍ସ ବେଶ କିଛିଦିନ ହେବ ଚର୍ଚ୍ଚାରେ ରହିଛି। ଉଭୟଙ୍କୁ ଅନେକ ଥର କିଛି ଇଭେଣ୍ଟରେ ସ୍ପଟ୍ ବି କରାଯାଇଛି। ଦୁହେଁ ନିଜ ରିଲେଶନ ବିଷୟରେ ଏପର୍ଯ୍ୟନ୍ତ ମୁହଁ ଖୋଲି ନ ଥିଲେ ବି ଶୁକ୍ରବାର ରାତିରେ ପୁଣି ଥରେ ଏହି କପଲ ମୁମ୍ବାଇରେ ଡିନର ଡେଟ୍‌ରେ ନଜର ଆସିଥିଲେ। ଏହି ଲଭବାର୍ଡ ପରସ୍ପରଙ୍କ ହାତ ଧରିଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଉଭୟଙ୍କ ମଧ୍ୟରେ କିଛି ଚାଲିଥିବା ନେଇ ଏଥିରୁ ଅନୁମାନ କରାଯାଉଛି। ଭାଇରାଲ ଭିଡିଓରେ ଅନନ୍ୟା ଏବଂ ଆଦିତ୍ୟ ମୁମ୍ବାଇର ଏକ ରେଷ୍ଟୁରାଣ୍ଟରେ ସେମାନଙ୍କର କେତେଜଣ ସାଙ୍ଗଙ୍କ ସହ କଥା ହେଉଥିବା ଦେଖିବାକୁ ମିଳିଛି। କୌତୁହଳର ବିଷୟ, ଭାଇରାଲ କ୍ଲିପରେ 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର ୨' ତାରକା ଆଦିତ୍ୟଙ୍କ ହାତ ଧରି କାହା ସହିତ କଥାବାର୍ତ୍ତା ହୋଇଥିବା ଦେଖିବାକୁ ମିଳିଥିଲା। କେବଳ ଏତିକି ନୁହେଁ, ଅଭିନେତ୍ରୀ ଆଦିତ୍ୟଙ୍କ କାନ୍ଧରେ ମଧ୍ୟ ମୁଣ୍ଡ ରଖିଥିଲେ। ଉଭୟେ ଡେଟିଂ କରୁଥିବା ଏଥିରୁ ନିଶ୍ଚିତ ହୋଇଛି। ଗତବର୍ଷ ଅନନ୍ୟା କଫି ୱିଥ କରନ ୭ ସିଜନରେ ଆସିବା ଦିନଠାରୁ ଆଦିତ୍ୟଙ୍କ ସହ ତାଙ୍କର ଡେଟିଂ ଗୁଜବ ବ୍ୟାପିଥିଲା। ଏହି ସମୟରେ ସେମାନଙ୍କ ରିଲେଶନ ବିଷୟରେ କରନ ସାମାନ୍ୟ ହିଣ୍ଟ୍‌ସ୍ ଦେଇଥିଲେ। ପୂର୍ବରୁ ଅନନ୍ୟା ଏବଂ ଆଦିତ୍ୟ ୟୁରୋପରେ ମଧ୍ୟ ଏକ ରୋମାଣ୍ଟିକ ଭ୍ୟାକେଶନ ଉପଭୋଗ କରିଥିଲେ। ସେହିପରି ଦୁଇଷ୍ଟାର ଏକାଠି ମାଦ୍ରିଦରେ ଆର୍କଟିକ୍ ମଙ୍କିଜ କନସର୍ଟରେ ଯୋଗଦେଇଥିଲେ।

# ୧ରୁ ପାଗ ବଦଳିବ

## ଉପକୂଳରେ ହାଲୁକାରୁ ମଧ୍ୟମ ବର୍ଷା

**ଭୁବନେଶ୍ୱର,୨୮।୧୦(ଅନିଲ ଦାସ)**

ରାଜ୍ୟରେ ହାଲୁକା ଶୀତ ପଡ଼ିଛି। ରାତ୍ରିର ତାପମାତ୍ରା ହ୍ରାସପାଇଛି। ଆଉ ୨ ଦିନ ପରେ ପାଗ ବଦଳିବ। ସମୁଦ୍ର ଆଡୁ ପୂର୍ବ ଦିଗରୁ ବାୟୁ ପ୍ରବାହ ହେବ। ଜଳୀୟ ବାଷ୍ପ ମିଶା ବାୟୁ ରାଜ୍ୟକୁ ପ୍ରବେଶ କରିବ। ଏଥିଯୋଗୁ ଆକାଶ ମେଘୁଆ ରହିବା ସହିତ ଉପକୂଳ ଓ ଉତ୍ତର ଓଡ଼ିଶାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। ରାତ୍ରିର ତାପମାତ୍ରାରେ ବୃଦ୍ଧି ହେବ। ଦିନରେ ଆକାଶ ମେଘାଚ୍ଛନ୍ନ ରହିବା ସହ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ। ନଭେମ୍ବର ପହିଲାରୁ ୬ ତାରିଖ ଯାଏ କଟକ, ପୁରୀ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, ଗଜପତି, କୋରାପୁଟ ଆଦି ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଏହି ସମୟରେ ରାତ୍ରିର ତାପମାତ୍ରା ବୃଦ୍ଧି ପାଇବ। ତେବେ ପାଗ ମେଘୁଆ ଯୋଗୁ ଦିନର ତାପମାତ୍ରା କମ୍ ରହିବ। ଦିନରେ ହାଲୁକା ଥଣ୍ଡା ଅନୁଭୂତ ହେବ। ଏହା ପରେ ଶୀତ ପୁଣି ବଢ଼ିବ। ନଭେମ୍ବର ୧୪ରୁ ରାତ୍ରିର ତାପମାତ୍ରା ହ୍ରାସ ପାଇବ।

## ପ୍ରଥମ ପୃଷ୍ଠାରୁ...

### ଭୋଟଦାନରୁ ଭାରତ...

ସମାଲୋଚନା କରିଛନ୍ତି। ଏହା ଦେଶର ଆଭିମୁଖ୍ୟ ବିରୋଧୀ ବୋଲି କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିବା ସହ ଏଭଳି ନିଷ୍ପତ୍ତି ଦୁଃଖଦାୟକ ଓ ଲଜ୍ଜାଜନକ ବୋଲି କହିଛନ୍ତି। ଭାରତ ଭୋଟଦାନରୁ ବିରତ ରହି ଏହାର ବିଦେଶ ନୀତିକୁ ସହଯୋଗୀ ଆମେରିକାର ସାମ୍ରାଜ୍ୟବାଦ ନୀତି ଆଧାରରେ ବଦଳାଇବା ଭଳି ଜଣାପଡୁଥିବା ସିପିଆଇ ଏବଂ ସିପିଆଇ(ଏମ୍) ପକ୍ଷରୁ ଏକ ମିଳିତ ବିବୃତିରେ କୁହାଯାଇଛି। ପାଲେଷ୍ଟାଇନ୍‌କୁ ସମର୍ଥନ ଜଣାଇ ସିପିଆଇ(ଏମ୍) ରବିବାର ଏକେଜି ଭବନ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିବ ବୋଲି କହିଛି। ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଏବଂ ସିପିଆଇ ନେତା ଡି. ରାଜା ଆଣିଥିବା ମିଳିତ ବିବୃତିରେ ତୁରନ୍ତ ଗାଜାରେ ଗଣହତ୍ୟାକାରୀ ଆକ୍ରମଣ ବନ୍ଦ କରିବାକୁ ଆହ୍ୱାନ ଦିଆଯାଇଛି। ଭାରତ ଦୀର୍ଘବର୍ଷ ଧରି ପାଲେଷ୍ଟିନୀୟ ପ୍ରସଙ୍ଗକୁ ସମର୍ଥନ କରିଆସୁଥିବାବେଳେ ପ୍ରସ୍ତାବ ଉପରେ ଭୋଟଦାନରୁ ବିରତ ରହି ଏହା ବିରୋଧରେ ଯାଇଥିବା ଡି. ରାଜା କହିଛନ୍ତି। ସେହିପରି ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ଏହି ପ୍ରସଙ୍ଗରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ପାଲେଷ୍ଟାଇନ୍-ଗାଜା ପ୍ରସଙ୍ଗରେ ଭାରତ ସରକାର ପୂର୍ବରୁ ଏଭଳି ଦ୍ୱନ୍ଦ୍ୱରେ କେବେ ପଡ଼ି ନ ଥିଲେ। ଅକ୍ଟୋବର ୭ରେ ଯୁଦ୍ଧ ଆରମ୍ଭ ହେବା ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରାଏଲ୍‌କୁ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ଯେତେବେଳେ ଅନ୍ୟ ଦେଶ ଏବଂ ଭାରତ ଭିତରୁ ପ୍ରତିକ୍ରିୟା ଆସିଲା ବହିର୍ବ୍ୟାପାର ମନ୍ତ୍ରୀ ପାଲେଷ୍ଟାଇନ୍‌କୁ ସମର୍ଥନ କଥା କହିଥିଲେ। ଏଥିରୁ ସରକାର ଦ୍ୱନ୍ଦ୍ୱରେ ଥିବା ପ୍ରତିଫଳିତ ହେଉଛି, ଯେଉଁଥିପାଇଁ ସେମାନେ ଭିନ୍ନ ଭିନ୍ନ କଥା କହୁଛନ୍ତି। ଭାରତର ନୀତି ପାଲେଷ୍ଟାଇନ୍‌କୁ ସମର୍ଥନ କରେ, ଇସ୍ରାଏଲ୍‌କୁ ନୁହେଁ। ଗାଜା ସେକ୍ଟରରେ କ୍ରମାଗତ ବୋମାମାଡ଼ ଜାରି ରହିଛି, ଏପରିକି ହସ୍ପିଟାଲ ମଧ୍ୟ ବାଦ୍ ପଡୁନାହିଁ। ଭାରତ ଏହାକୁ କଦାପି ସମର୍ଥନ କରେ ନାହିଁ। ସରକାରଙ୍କ ନୀତି ସମ୍ପୂର୍ଣ୍ଣ ସନ୍ଦେହ ଘେରରେ ବୋଲି ପାୱାର କହିଛନ୍ତି।

ଅନ୍ୟପକ୍ଷରେ ପ୍ରସ୍ତାବ ଉପରେ ଭୋଟଦାନରୁ ବିରତ ରହିବା ନିଷ୍ପତ୍ତି ସମ୍ପର୍କରେ ସରକାର କହିଛନ୍ତି, ଉକ୍ତ ପ୍ରସ୍ତାବରେ ହମାସ୍ ସମ୍ପର୍କରେ ଉଲ୍ଲେଖ ନ ଥିଲା। ଆତଙ୍କବାଦୀ କାର୍ଯ୍ୟକୁ କୌଣସି ପ୍ରକାରେ ବିଶ୍ୱ ଯଥାର୍ଥ ଭାବେ ଗ୍ରହଣ କରିପାରିବ ନାହିଁ ବୋଲି ଭାରତ କହିଛି। କେବଳ ଭାରତ ନୁହେଁ, ଅନ୍ୟ ୪୪ ଦେଶ ଭୋଟଦାନରୁ ବିରତ ରହିଛନ୍ତି। ଅକ୍ଟୋବର ୭ରେ ହମାସ୍ ଇସ୍ରାଏଲ୍ ଉପରେ ଆକ୍ରମଣ କରିଥିଲା। ଯୁଦ୍ଧ ପାଇଁ ଉକ୍ତ ଆତଙ୍କବାଦୀ ସଂଗଠନ ଦାୟୀ ହୋଇଥିବାରୁ ଏହାକୁ ନିନ୍ଦା କରାଯିବା ଆବଶ୍ୟକ ବୋଲି ଭାରତ ପକ୍ଷରୁ ସଫେଇ ଦିଆଯାଇଛି।

### ଭାରତକୁ ୧୧୧ ...

ଅଧିକ ଜିତିଥିବା ବେଳେ କେବଳ ପାରା ଆଥ୍‌ଲେଟିକ୍ସରୁ ୫୫ ପଦକ ମିଳିଛି। ଏହା ମଧ୍ୟରେ ୧୮ ସ୍ୱର୍ଣ୍ଣ, ୧୭ ରୌପ୍ୟ ଓ ୨୦ ବ୍ରୋଞ୍ଜ ପଦକ ସାମିଲ ରହିଛି। ଚଳିତ ସଂସ୍କରଣରେ ଭାରତ ୩୧୩ ଜଣିଆ ଆଥ୍‌ଲେଟିକ୍ସ ଦଳ ପ୍ରେରଣ କରିଥିଲା।

ଏହା ବାଦ୍ ବ୍ୟାଡ୍‌ମିଣ୍ଟନରୁ ଭାରତ ଏହାର ଦ୍ୱିତୀୟ ସର୍ବାଧିକ ପଦକ ହାସଲ କରିଛି। ଭାରତୀୟ ସଟଲରମାନେ ଚଳିତ ସଂସ୍କରଣରେ ୨୧ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଶନିବାର ପୁରୁଷ ଜାଭେଲିନ ଥ୍ରୋର ଏଫ୍-୫୫ ବର୍ଗରେ ନୀରଜ ଯାଦବ ଏସିଆନ ଗେମ୍ସ ରେକର୍ଡ ସହିତ ସ୍ୱର୍ଣ୍ଣ ଓ ଅନ୍ୟତମ ଭାରତୀୟ ଟେକ୍ ଚାନ୍ଦ ବ୍ରୋଞ୍ଜ ପଦକ ଜିତିଥିଲେ। ନୀରଜ ୩୩.୬୯ ମିଟର ଥ୍ରୋ କରିଥିବା ବେଳେ ଚାନ୍ଦ ୩୦.୩୬ ମିଟର ଥ୍ରୋ କରିଥିଲେ। ୩୯ ବର୍ଷୀୟ ନୀରଜ ମାତ୍ର ୭ ବର୍ଷ ବୟସରେ ପୋଲିଓ କାରଣରୁ ପକ୍ଷାଘାତର ଶିକାର ହୋଇଥିଲେ। ୨୦୦୫ରୁ ୨୦୧୨ ପର୍ଯ୍ୟନ୍ତ ସେ ହ୍ୱିଲଚେୟାର ଟେନିସ୍ ଖେଳିଥିଲେ। ୨୦୧୫ରେ ଦିଲ୍ଲୀ ଆଥ୍‌ଲେଟିକ୍ସ ମିଟ୍‌ରେ ଭାଗ ନେଇ ଡିସ୍କସ୍, ଜାଭେଲିନ୍ ଓ ଶଟ୍‌ପୁଟ୍‌ରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ୪୦୦ ମିଟର ଇଭେଣ୍ଟର ଟି୪୭ ବର୍ଗରେ ଭାରତର ଦିଲୀପ ମହାଡୁ ଗାଭିଅଟ ୪୯.୪୮ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ନାସିକର ଏହି ୨୦ ବର୍ଷୀୟ ଆଥ୍‌ଲେଟ ଜଣଙ୍କ ମାତ୍ର ୪ ବର୍ଷ ବୟସରେ ଦୁର୍ଘଟଣାରେ ଗୋଟିଏ ହାତ ହରାଇଥିଲେ। ୧୫୦୦ ମିଟର ଦୌଡର ଟି-୨୦ ଇଭେଣ୍ଟରେ ଭାରତର ପୂଜା ୫:୩୮.୮୧ ସେକେଣ୍ଡର ଟାଇମିଂ ସହିତ ବ୍ରୋଞ୍ଜ ପଦକ ହାତେଇଥିଲେ। ଚେସ୍ ଖେଳର ପୁରୁଷ ବ୍ୟକ୍ତିଗତ ବର୍ଗରେ ଭାରତ ୩ଟି ଯାକ ଇଭେଣ୍ଟରେ ପଦକ ହାସଲ କରିବାରେ ସମର୍ଥ ହୋଇଛି।

### ଅମ୍ବାନୀଙ୍କୁ ହତ୍ୟା ...

ଜଣେ ଅଜଣା ନମ୍ବରକୁ ଫୋନ୍ କରି ମୁକେଶ ଓ ତାଙ୍କ ପରିବାର ସଦସ୍ୟମାନଙ୍କୁ ଧମକ ଦେଇଥିଲେ। ଅମ୍ବାନୀଙ୍କ ବାସଭବନ ଆଣ୍ଟାଲିଆ ସମେତ ଏଚ୍‌ଏନ୍ ଫାଉଣ୍ଡେଶନ ହସ୍ପିଟାଲକୁ ଉଡ଼ାଇଦେବା ଲାଗି ଦୁର୍ବୃତ୍ତ ଜଣକ ଧମକ ଦେଇଥିଲେ। ୨୦୨୧ରେ ଅମ୍ବାନୀଙ୍କ ଦକ୍ଷିଣ ମୁମ୍ବାଇସ୍ଥିତ ବାସଭବନ ନିକଟରେ ଏକ ବିସ୍ଫୋରକ ଭର୍ତ୍ତି ଏସ୍‌ୟୁଭି ରଖାଯାଇଥିଲା। ଏହା ଉପରେ ପୋଲିସ ତନାଘନା ଚଳାଇଥିବାବେଳେ କିଛିଦିନ ପରେ ଉକ୍ତ ଏସ୍‌ୟୁଭିର ମାଲିକ ବ୍ୟବସାୟୀ ହରିନଙ୍କ ମୃତଦେହ ଠାଣେର ଏକ କ୍ରିକ୍‌ରୁ ମିଳିଥିଲା।

### ସୌନ୍ଦର୍ଯ୍ୟଙ୍କୁ ଡବଲ ...

ଏକ ରୌପ୍ୟ ପଦକ ଜିତିଛନ୍ତି। ବ୍ୟକ୍ତିଗତ ଇଭେଣ୍ଟରେ ସୌନ୍ଦର୍ଯ୍ୟ ୭ ରାଉଣ୍ଡରୁ ୫ଟି ବିଜୟ ଓ ଗୋଟିଏ ଡ୍ର ସହ ସେ ୫.୫ ପଏଣ୍ଟ ସ୍କୋର କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଦ୍ୱିତୀୟ ରାଉଣ୍ଡରେ ଭିଏତନାମର ଡିନ୍ ଟୁଆନ୍ ସୋନଙ୍କଠାରୁ ହାରିଥିବା ମ୍ୟାଚ କାରଣରୁ ସୌନ୍ଦର୍ଯ୍ୟ ଦ୍ୱିତୀୟ ସ୍ୱର୍ଣ୍ଣରୁ ବଞ୍ଚିତ ହୋଇଥିଲେ। ଅନ୍ତିମ ରାଉଣ୍ଡରେ ଟପ୍ ସିଡ୍ ତଥା ଉଜବେକିସ୍ତାନର ଆମରିଲୋ ଅବଦୁଲ୍ଲାୟେଭଙ୍କ ସହ ମ୍ୟାଚ୍ ଅମୀମାଂସିତ ରଖିଥିଲେ ସୌନ୍ଦର୍ଯ୍ୟ। ଅନ୍ୟପକ୍ଷରେ ଟିମ୍ ଇଭେଣ୍ଟରେ ଭାରତ ୧୧.୫ ପଏଣ୍ଟ ଅର୍ଜନ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଯାତ୍ରାରେ ଅଭିଳଷିତ ଫଳ ମିଳିବ। ପାରିବାରିକ ସ୍ତରରେ ଜମିଜମାକୁ ନେଇ ଟଣା ଓଟରା ବଢ଼ିପାରେ। ଅ-ନାମାକ୍ଷର ବ୍ୟକ୍ତିଙ୍କ ପାଇଁ ଶାରୀରିକ ଅସୁସ୍ଥତା କେତେକ ପ୍ରତିବନ୍ଧକର କାରଣ ହୋଇପାରେ। ସର୍ବଦା ଅନ୍ୟମନସ୍କ ରହିବା କାରଣରୁ କେତେକ ବ୍ୟତିକ୍ରମ ସୃଷ୍ଟିହେବାର ସମ୍ଭାବନା ରହିଛି।

**ବୃଷ**
ପାରିବାରିକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟହେବେ। ଆର୍ଥିକ ସମସ୍ୟା ଦୂର ହେବାରେ ବନ୍ଧୁ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ବ-ନାମାକ୍ଷର ବ୍ୟକ୍ତିଙ୍କ ପରିବାରବର୍ଗଙ୍କ ସହ ସୁଖଭ୍ରମଣ ଯୋଗ ରହିଛି।

**ମିଥୁନ**
ଆଜି ପାରିବାରିକ ସମସ୍ୟା ନିୟନ୍ତ୍ରଣାଧୀନ ରହିବା କାରଣରୁ ମାନସିକ ଶାନ୍ତି ଅବ୍ୟାହତ ରହିବ। ଅନ୍ୟମାନେ ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବେ। କିଛି ଲୋଭନୀୟ ପ୍ରତିଶ୍ରୁତି ଦେଇ କୌଣସି ବ୍ୟକ୍ତି ନିଜର କରିବାକୁ ଚେଷ୍ଟା କରିବେ। ଘ-ନାମାକ୍ଷର ବ୍ୟକ୍ତି ହଜି ଯାଇଥିବା ଜିନିଷ କିମ୍ବା ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖବର ପାଇପାରନ୍ତି।

**କର୍କଟ**
କର୍ମକ୍ଷେତ୍ରରେ ବିଭିନ୍ନ ଦିଗରୁ ପ୍ରତିବନ୍ଧକକୁ ସାମ୍ନା କରିବାକୁ ପଡ଼ିବ। ପରିବାରରେ ଅନାବଶ୍ୟକ ଖର୍ଚ୍ଚ ସାଙ୍ଗକୁ ବିଭିନ୍ନ ପ୍ରକାର ବିଳମ୍ବିତ କର୍ମ ଲାଗି ଚିନ୍ତିତ ରହିବେ। ଅଫିସ୍ କାମରେ ଆକସ୍ମିକ ଭାବେ ଦୂରଯାତ୍ରା କରିବାକୁ ପଡ଼ିପାରେ। ହେ-ନାମାକ୍ଷର ବ୍ୟକ୍ତିମାନେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**ସିଂହ**
ପ୍ରତ୍ୟେକ କାର୍ଯ୍ୟରେ ଜୟଯୁକ୍ତ ହେବେ। ଯେଉଁ ବନ୍ଧୁଟି ସାଧାରଣ କଥାରେ ଅଭିମାନ କରି କଥାବାର୍ତ୍ତା କରୁ ନ ଥିଲା ସେ ହଠାତ୍ ଆପଣଙ୍କୁ ମିଶିବାର ପ୍ରୟତ୍ନ କରିବ। ଆର୍ଥିକ ସଙ୍କଟ ନିରାକରଣ ପାଇଁ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ମ-ନାମାକ୍ଷର ବ୍ୟକ୍ତିଙ୍କ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ମନ ଖୁସି ରହିବ।

**କନ୍ୟା**
ଆଜି ଆପଣଙ୍କ କର୍ମକ୍ଷେତ୍ର, ପରିବହନ, ପାରିବାରିକ ସ୍ଥିତି ପ୍ରାୟତଃ ଭଲ ରହିବ। ଭଲ ଚିନ୍ତା କରିଥିବା କାମଗୁଡ଼ିକ ବାସ୍ତବରେ ଓଲଟା ହେବ। ପୂ-ନାମାକ୍ଷର ବ୍ୟକ୍ତିମାନଙ୍କର ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଅସାବଧାନତାରୁ ଦ୍ରବ୍ୟନଷ୍ଟ କିମ୍ବା ଧନହାନି ଘଟିପାରେ।

**ତୁଳା**
ପରିବାର ଭିତରେ ଅର୍ଥ ସମସ୍ୟାକୁ କେନ୍ଦ୍ରକରି ଟେନ୍‌ସନ ବଢ଼ିଯିବ। ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। ବନ୍ଧୁମାନେ ଅସହଯୋଗ କରିବା କାରଣରୁ କେତେକ ସମସ୍ୟା ସୃଷ୍ଟି ହୋଇପାରେ। ରୁ-ନାମାକ୍ଷର ବ୍ୟକ୍ତି ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ବିଛା**
ସମସ୍ୟାଗୁଡ଼ିକ ନିୟନ୍ତ୍ରଣ ମଧ୍ୟରେ ରହିଲେ ମଧ୍ୟ ମନ ଭାରାକ୍ରାନ୍ତ ରହିପାରେ। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ନ-ନାମାକ୍ଷର ବ୍ୟକ୍ତିମାନେ ନିକଟ ସମ୍ପର୍କୀୟଙ୍କ କାମରେ ମୁଣ୍ଡ ପୂରାନ୍ତୁ ନାହିଁ।

**ଧନୁ**
କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡ଼ିପାରନ୍ତି। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଭ-ନାମାକ୍ଷର ବ୍ୟକ୍ତିମାନେ ସାମାଜିକ ସ୍ତରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି।

**ମକର**
ଦେହ ଭଲ ରହିଲେ ମଧ୍ୟ କ୍ରନିକ୍ ରୋଗପୀଡ଼ା ପାଇବେ। ଖ-ନାମାକ୍ଷର ବ୍ୟକ୍ତିମାନଙ୍କର କର୍ମକ୍ଷେତ୍ରରେ ସମ୍ମାନ୍‌ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। କେତେକ ଆକସ୍ମିକ ସମସ୍ୟା ଉପୁଜିବାରୁ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ। ଯେକୌଣସି କାମ ହେଉନା କାହିଁକି, ଆପଣ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ।

**କୁମ୍ଭ**
ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ସାମାଜିକ ସ୍ତରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ଶ-ନାମାକ୍ଷର ବ୍ୟକ୍ତିଙ୍କର ଅଫିସ୍‌ରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମୀନ**
ବନ୍ଧୁଙ୍କ ସହ ଆଲୋଚନା କାଳରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ଦ-ନାମାକ୍ଷର ବ୍ୟକ୍ତିମାନଙ୍କର ଦୀର୍ଘପଥ ଭ୍ରମଣହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେବ। ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

ଆଜି କାର୍ତ୍ତିକ କୃଷ୍ଣ ପ୍ରତିପଦା ରବିବାର, କାର୍ତ୍ତିକ ବ୍ରତାରମ୍ଭ, ଅକ୍ଟୋବର ୨୯ ତାରିଖ, ଜାତୀୟ ବିପର୍ଯ୍ୟୟ ପରିଚାଳନା ଦିବସ, ଜୟୀ ରାଜଗୁରୁ ଜୟନ୍ତୀ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୩୫ମି. ଗତେ ଘ.୦୮।୫୧ମି. ମଧ୍ୟେ, ଘ.୧୨।୫୫ମି. ଗତେ ଘ.୦୨।୫୪ମି. ମଧ୍ୟେ ଶୁଦ୍ଧ ଶୁଭବେଳା ॥ ଦିବା ଘ.୦୩।୪୫ମି. ଗତେ ଘ.୦୫।୧୦ମି. ମଧ୍ୟେ ରାହୁକାଳ ॥

# ‘ଭୋଟ ଦେବା, ଗଣତନ୍ତ୍ରକୁ ସୁଦୃଢ଼ କରିବା’



ରାଜ୍ୟସ୍ତରୀୟ ଭୋଟର ସଚେତନତା କାର୍ଯ୍ୟକ୍ରମର ଉଦ୍‌ଘାଟନ ଅବସରରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟ ଅତିଥିମାନେ।



ୱାକାଥନରେ ସାମିଲ ଛାତ୍ରୀଛାତ୍ର ଓ ଅନ୍ୟମାନେ ସଚେତନତାର ବାର୍ତ୍ତା ଦେଉଛନ୍ତି।

**ଭୁବନେଶ୍ୱର,୨୮।୧୦(ଶର୍ମିଷ୍ଠା ପାଣିଗ୍ରାହୀ)** ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଶନିବାର ରାଜ୍ୟସ୍ତରୀୟ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ‘ଭୋଟ ଦେବା, ଗଣତନ୍ତ୍ରକୁ ସୁଦୃଢ କରିବା’ ବାର୍ତ୍ତା ନେଇ ଜନପଥରେ ୱାକାଥନ୍ ଓ ପଥ ଉତ୍ସବର ଆୟୋଜନ କରାଯାଇଥିଲା। ଏହାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରା ରାମ ମନ୍ଦିର ଛକଠାରୁ ବାହାରି ମାଷ୍ଟର କ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଯାଇଥିଲା। ଚିଠା ଭୋଟର ତାଲିକା-୨୦୨୪ ପ୍ରକାଶ ପାଇବା ପୂର୍ବରୁ ୧୭ବର୍ଷ ବୟସରୁ ଊର୍ଦ୍ଧ୍ୱ ନୂତନ ଯୁବ ମତଦାତାଙ୍କୁ ଭୋଟର ତାଲିକାରେ ସାମିଲ କରିବା ଓ ଭୋଟର ତାଲିକା ସଂଶୋଧନ ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ। ଉକ୍ତ ପଦଯାତ୍ରାରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ଏନ୍‌ଏସ୍‌ଏସ୍, ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ, ବୁଦ୍ଧିଜୀବୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ବରିଷ୍ଠ ପଦାଧିକାରୀମାନେ ସାମିଲ ହୋଇଥିବାବେଳେ ଓଡିଶୀ, ଘୋଡାନାଚ ଓ ପାଇକ ଆଖଡା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଝୋଟି, ଚିତ୍ରାଙ୍କନ, ଦସ୍ତଖତ ଅଭିଯାନ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ଅବସରରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ରୁଦ୍ର ନାରାୟଣ ମହାନ୍ତି, ଚିନ୍ମୟ କୁମାର ଆଚାର୍ଯ୍ୟ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ନାଇଜରର ପ୍ରଫେସର ବେଦାଙ୍ଗଦାସ ମହାନ୍ତି, ସମାଜସେବୀ ସାଧନା ମିଶ୍ର, ଆନ୍ତର୍ଜାତିକ ଚେସ ଖେଳାଳି ପଦ୍ମିନୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ରାଜ୍ୟସ୍ତରୀୟ ଭୋଟର ସଚେତନତା ପଦଯାତ୍ରା

୨୦୨୪ ବର୍ଷ ପାଇଁ ନୂତନ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି। ଶୁକ୍ରବାରଠାରୁ ଆସନ୍ତା ଡିସେମ୍ବର ୯ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଧଳ ସୂଚନା ଦେଇଛନ୍ତି । ବିଶେଷ କରି ନୂତନ ଭୋଟରମାନଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ବ୍ୟାପକ ସଚେତନ କରାଯିବା ସହ ୧୭ ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କୁ ଆବେଦନ ପତ୍ର ଦାଖଲରେ ସମସ୍ତ ପ୍ରକାର ସହଯୋଗ କରାଯିବ। ଗୋଟିଏ ବର୍ଷରେ ୪ଥର ଅର୍ଥାତ୍ ଜାନୁୟାରୀ ୧, ଏପ୍ରିଲ ୧, ଜୁଲାଇ ୧ ଓ ଅକ୍ଟୋବର ୧କୁ ଯୋଗ୍ୟତାସୂଚକ ତାରିଖ ଧରାଯାଇ ନୂତନ ଭୋଟରମାନେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ୬ ନମ୍ବର ଫର୍ମରେ ଆବେଦନ କରିପାରିବେ ବୋଲି ସେ କହିଥିଲେ। ଭୋଟର ତାଲିକାରେ ନାମ ପଞ୍ଜୀକରଣ କିମ୍ବା ନାମ ଯୋଗ ପାଇଁ ଫର୍ମ ନଂ.୬, ଭୋଟର ତାଲିକାରୁ ନାମ ବାଦ୍ ଦେବା କିମ୍ବା କାଟିବା ପାଇଁ ଫର୍ମ ନଂ. ୭ ଓ ଭୋଟର ତାଲିକାରେ ତ୍ରୁଟି ସଂଶୋଧନ ପାଇଁ ଫର୍ମ ନଂ. ୮କୁ ଉପଯୋଗ କରିପାରିବେ । ଆସନ୍ତା ମାସ ୫, ୧୧, ୧୯ ଓ ୨୫ ତାରିଖକୁ ସ୍ୱତନ୍ତ୍ର ପ୍ରଚାର ଦିବସ ଭାବେ ଧାର୍ଯ୍ୟ କରାଯାଇଛି।

# ଡିସେମ୍ବର ୧୫ ସୁଦ୍ଧା ପରିକ୍ରମା ପ୍ରକଳ୍ପ ଶେଷ କରିବାକୁ ନିର୍ଦ୍ଦେଶ




**ପୁରୀ, ୨୮।୧୦ (ଅଜିତ୍ ମହାନ୍ତି)** ୫-ଟି ଓ ନବୀନ ଓଡିଶାର ଅଧ୍ୟକ୍ଷ ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ ଶନିବାର ଭିକେ ପାଣ୍ଡିଆନ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଶନିବାର ଭୋର ପ୍ରାୟ ୪ଟା ସମୟରେ ଶ୍ରୀମନ୍ଦିରରେ ପହଞ୍ଚି ପ୍ରଥମେ ପତିତପାବନଙ୍କ ଦର୍ଶନ କରିଥିଲେ। ପରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ, ପଶ୍ଚିମ, ଦକ୍ଷିଣ ଓ ଉତ୍ତର ଦ୍ୱାରପଟେ ଚାଲିଥିବା ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ।

### ପୁରୀରେ ୫-ଟି ଅଧ୍ୟକ୍ଷ

ତେବେ ଶ୍ରୀମନ୍ଦିର ଚାରିଦ୍ୱାର ସମ୍ମୁଖ ଭାଗରେ ନିର୍ମାଣ କାର୍ଯ୍ୟ ଏବେ ବି ଜାରି ରହିଥିବା ବେଳେ କିଛି ନିର୍ମାଣ କାର୍ଯ୍ୟ ଏ ପର୍ଯ୍ୟନ୍ତ ସରିନାହିଁ। ତେଣୁ ଡିସେମ୍ବର ୧୫ ସୁଦ୍ଧା ସମସ୍ତ କାର୍ଯ୍ୟ ସାରିବା ପାଇଁ ଟାଟା, ଓବିସିସି ଓ ପ୍ରଶାସନିକ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ନୂଆବର୍ଷରେ ଭକ୍ତମାନେ ଯେଭଳି ନୂଆ ଅନୁଭୂତି ପାଇବେ ସେ ନେଇ ଧାର୍ଯ୍ୟ ସମୟରେ କାର୍ଯ୍ୟ ଶେଷ କରିବାକୁ ୫-ଟି ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ଅଧିନରେ ଭକ୍ତଙ୍କ ସୁବିଧା ପାଇଁ ଟଏଲେଟ, ଲଗେଜ ରଖିବା ପାଇଁ କ୍ଲକ୍ ରୁମ୍, ଏଟିଏମ୍, ପୋଲିସ ସହାୟତା କେନ୍ଦ୍ର, ଆଶୁ ଚିକିତ୍ସା କେନ୍ଦ୍ର, ଅଭ୍ୟର୍ଥନା ପ୍ରକୋଷ୍ଠ ନିର୍ମାଣ କରାଯାଉଛି। ସରକାର ଏହି ପ୍ରକଳ୍ପ ପାଇଁ ୩୩୧ କୋଟି ୨୮ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ମଞ୍ଜୁର କରିଛନ୍ତି। ତେବେ ପରିକ୍ରମା ମାର୍ଗ କାର୍ଯ୍ୟର ସମୀକ୍ଷା କରିବା ପରେ କାର୍ଯ୍ୟର ଅଗ୍ରଗତିକୁ ନେଇ ୫-ଟି ଅଧ୍ୟକ୍ଷ ସନ୍ତୋଷବ୍ୟକ୍ତ କରିଛନ୍ତି।

# ବ୍ରାଉନସୁଗାର କାରବାରରେ ଇଞ୍ଜିନିୟର

**ଭୁବନେଶ୍ୱର,୨୮।୧୦ (ସୂର୍ଯ୍ୟକାନ୍ତ ବେହେରା)** ବାଲେଶ୍ୱରରୁ ରାଜଧାନୀ ଭୁବନେଶ୍ୱରକୁ ବେଆଇନ ଭାବେ ବ୍ରାଉନସୁଗାର ଚୋରା ଚାଲାଣ ହେଉଛି। ଏହି ର୍‍ୟାକେଟରେ ଇଞ୍ଜିନିୟରଙ୍କ ଭଳି ଉଚ୍ଚ ଶିକ୍ଷିତ ସାମିଲ ହେଉଛନ୍ତି। ଘଟଣାକ୍ରମରେ ଚୋରା ଚାଲାଣ ସହ ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ଖଣ୍ଡଗିରି ଥାନା ପୋଲିସ ଜଣେ ଡିପ୍ଲୋମା ଇଞ୍ଜିନିୟରଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ପ୍ରୀତମ କୁମାର ସାହୁ ଓରଫ ବାବୁ ଓ ଅନ୍ୟଜଣେ ହେଲେ ସନ୍ତୋଷ କୁମାର ସାହୁ। ଉଭୟଙ୍କଠାରୁ ପୋଲିସ ୨୦.୨୯ ଗ୍ରାମ ବ୍ରାଉନସୁଗାର ଓ ନଗଦ ୩୨୦୦ ଟଙ୍କା ଜବତ କରିଛି। ତେବେ ଜବତ ନିଶାଦ୍ରବ୍ୟର ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଅଧିକ ହେବ। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରୀତମ ହେଉଛନ୍ତି ଡିପ୍ଲୋମା ଇଞ୍ଜିନିୟର। ସେ ଗ୍ରାଉଣ୍ଡ୍ ୱାଟର ଡିପାର୍ଟମେଣ୍ଟରେ ପ୍ରୋଜେକ୍ଟ କୋ-ଅର୍ଡିନେଟର ଭାବେ ଠିକାରେ କାମ କରୁଥିବା ଓ ମାସିକ ୪୫ ହଜାର ଟଙ୍କା ପାଉଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ସେହିପରି ସନ୍ତୋଷ ଖଣ୍ଡଗିରି ଅଞ୍ଚଳରେ ଏକ ଫାଷ୍ଟ ଫୁଡ୍ ଦୋକାନ କରିଥିବା ଜଣାପଡିଛି। ଉଭୟ ଟଙ୍କା ଲୋଭରେ ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ଏଠାରେ ବେପାର କରୁଥିବା ପୋଲିସ କହିଛି।






ଧର୍ମର ଯୁଗ ସରିଗଲାଣି । ଆମେ ବର୍ତ୍ତମାନ ସାର୍ବଜନୀନ ଆଧ୍ୟାତ୍ମିକ ଯୁଗରେ ପ୍ରବେଶ କଲୁଣି । ଆମେ ଆଧ୍ୟାତ୍ମିକତାର ମୌଳିକ ଶୁଦ୍ଧତାକୁ ଉପଲବ୍ଧି କରିବୁ । (ଧାର୍ମିକ ମତାନ୍ଧତାକୁ ନୁହଁ ।) —ଶ୍ରୀମା



# ନାମହୀନ ନୀତି



**ଆକାର ପଟେଲ**

ଆମେରିକାକୁ ଅସନ୍ତୁଷ୍ଟ ନ କରିବା ପାଇଁ ଗାଜାରେ ହିଂସା ବନ୍ଦ କରିବାକୁ ଭାରତ ଆହ୍ୱାନ ଦେଇନାହିଁ । ମାଳଦ୍ୱୀପର ନୂତନ ନେତା ତାଙ୍କ ଦେଶରୁ ଭାରତୀୟ ସୈନିକମାନଙ୍କୁ ହଟାଇନେବାକୁ ଆମକୁ କହିଲେ । କାତାର ୮ଜଣ ଭାରତୀୟ ନୌସେନା ଭେଟେରାନଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କଲା । ଭାରତର ଆପତ୍ତି ସତ୍ତ୍ୱେ ଶ୍ରୀଲଙ୍କା ଚାଇନାର ଏକ ଗୁପ୍ତଚର ଜାହାଜକୁ କଲମ୍ବୋ ବନ୍ଦରରେ ରହିବାକୁ ଅନୁମତି ଦେଲା । ଭୁଟାନ କହିଲା, ଚାଇନା ସହିତ ଡୋକ୍‌ଲାମ ସମେତ ଅନ୍ୟ ସୀମା ବୁଝାମଣା କରିବାକୁ ଯାଉଛି । ନେପାଳ ଏହାର ନୂତନ ଗୌତମ ବୁଦ୍ଧ ବିମାନବନ୍ଦର ବ୍ୟବହାର କରିପାରିବ ନାହିଁ, କାରଣ ଭାରତ ତା'ଉପର ଦେଇ ବଡ଼ ବିମାନ ଆସିବାକୁ ଅନୁମତି ଦେବ ନାହିଁ । ୨୦୨୪ ପର୍ଯ୍ୟନ୍ତ ଭାରତୀୟଙ୍କ ପାଇଁ ଭିଜା ସ୍ୱାଭାବିକ କରିବ ନାହିଁ ବୋଲି କାନାଡା କହିଛି । ଏହିସବୁ ଘଟଣା କିଛିଦିନ ମଧ୍ୟରେ ଘଟିଛି । ଭାରତ ବ୍ୟତୀତ ନେପାଳ, ଶ୍ରୀଲଙ୍କା ଏବଂ ଭୁଟାନ ସମେତ ସମସ୍ତ ଦକ୍ଷିଣ ଏସୀୟ ଦେଶ ଗାଜାରେ ହିଂସା ବନ୍ଦ କରିବାକୁ ଭୋଟ ଦେଇଥିଲେ, ଯେଉଁମାନେ ପାରମ୍ପରିକ ଭାବେ ଭାରତ ସହ ଭୋଟ ଦେଇଥାନ୍ତି । ମାଳଦ୍ୱୀପରେ ଥିବା ୭୦ ଜଣ ଭାରତୀୟ ସୈନିକ ଏବେ ଫେରିବେ । ଆମକୁ ବାହାରିଯିବାକୁ କୁହାଯିବାର କାରଣ ହେଉଛି ମାଳଦ୍ୱୀପ ଚାଇନାକୁ ସମର୍ଥନ କରିବାକୁ ଚାହୁଁଛି ।

ବୈଦେଶିକ ମନ୍ତ୍ରୀଙ୍କ ପ୍ରଶଂସକମାନେ ବିଶ୍ୱାସ କରନ୍ତି, ଆମେ ଏକ ସଫଳ ବୈଦେଶିକ ନୀତି ଚଳାଉଛୁ । ତେବେ ଆମେ ଏହା କରୁଛୁ ନା ଭାରତର ବିଶ୍ୱ ପ୍ରତିଷ୍ଠାକୁ ନଷ୍ଟ କରୁଛୁ । ଆମେ ବିଶ୍ୱ ପ୍ରତିଷ୍ଠାକୁ ନଷ୍ଟ କରୁଛୁ ବୋଲି କେତେଜଣ ଭାବୁଛନ୍ତି । ତେବେ ଏସବୁ ଉପରେ ବିତର୍କ କରିବା ଗୁରୁତ୍ୱପୂର୍ଣ୍ଣ ନୁହେଁ । କାରଣ ଆମେ ମୋଦି ଶାସନର ୧୦ମ ବର୍ଷରେ ଅଛୁ ଏବଂ ଜଣେ ଏ ସମ୍ପର୍କରେ ଜାଣିବା ଲାଗି ଯଥେଷ୍ଟ ତଥ୍ୟ ରହିଛି । କୌତୂହଳର ବିଷୟ ହେଉଛି, ମୋଦି ସରକାରଙ୍କ ବୈଦେଶିକ ନୀତି ପ୍ରକୃତରେ କ'ଣ ଏବଂ ଏହା ବାସ୍ତବରେ କ'ଣ ହାସଲ କରିବା ପାଇଁ ଚାହୁଁଛି । ୨୦୧୪ରେ ଭାଜପାର ଇସ୍ତାହାରରେ ପ୍ରକାଶ କରାଯାଇଥିଲା ଯେ, ଏହା ସାଉଥ୍ ଏସିଆ ଆସୋସିଏଶନ ଫର୍ ରିଜିଓନାଲ କୋଅପରେଶନ(ସାର୍କ)କୁ ମଜଭୁତ କରିବ ଏବଂ ଭାରତର ରାଜ୍ୟଗୁଡ଼ିକୁ କୂଟନୀତିରେ ଅଧିକ ଭୂମିକା ଗ୍ରହଣ କରିବାକୁ ଉତ୍ସାହିତ କରାଯିବ । ୨୦୧୯ରେ ଇସ୍ତାହାରରୁ ଏହି ଦୁଇଟି ବିଷୟ ହଟାଇ ଦିଆଗଲା ଓ କୌଣସି ନୂଆ ବିଷୟ ଉଲ୍ଲେଖ କରାଗଲା ନାହିଁ । କିନ୍ତୁ ଯେଉଁମାନେ ବୈଦେଶିକ ନୀତି ଉପରେ ଅଧ୍ୟୟନ କରୁଛନ୍ତି ସେମାନେ ଏକ ନୂତନ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ । ଏହି ଆଭିମୁଖ୍ୟ ଜୟଶଙ୍କରଙ୍କ ଦ୍ୱାରା ପ୍ରଦତ୍ତ ଚାଇନାର ଶକ୍ତି ବୃଦ୍ଧି, ଭାରତର ଆର୍ଥିକ ସଙ୍କଟର ଦଶନ୍ଧି, ମହାଭାରତ, ସାମୁଦ୍ରିକ ଶକ୍ତି ଏବଂ କୋଭିଡ୍ ମହାମାରୀ ସମ୍ପର୍କିତ ଭାଷଣରୁ ସାମ୍ନାକୁ ଆସିଛି । ଏହି ଭାଷଣଗୁଡ଼ିକ 'ଦ ଇଣ୍ଡିଆ ୱେ: ଷ୍ଟ୍ରାଟେଜିସ୍ ଫର୍ ଆନ୍ ଅନସର୍ଟନ ୱାର୍ଲ୍ଡ' ପୁସ୍ତକରେ ସଂକଳିତ ହୋଇଛି । ତେବେ ଏହି ରଣନୀତିଗୁଡ଼ିକ କ'ଣ ? ପ୍ରଥମେ ଜୟଶଙ୍କର ଅନୁମାନ କରିଛନ୍ତି ଯେ ଆମେରିକା ଏବଂ ୟୁରୋପ ନିଜ କାର୍ଯ୍ୟ ଭିତରେ ସୀମିତ ରହିବାବେଳେ ଚାଇନା ଆଗକୁ ବଢ଼ିବ । ଏହା ଭାରତ ପରି ଦେଶଗୁଡ଼ିକୁ ସେମାନଙ୍କ କାର୍ଯ୍ୟରେ ବିଶ୍ୱ ସହ ବିଭିନ୍ନ କ୍ଷେତ୍ରରେ ଗତିଶୀଳ ହେବା ପାଇଁ ଅନୁମତି ଦେବ ।

ଭାରତ ଏକକ 'ମଲ୍ଟି ପୋଲାର ଏସିଆ' ଚାହୁଁଥିଲା ଯେଉଁଥିରେ ଚାଇନା ସହ ସମାନତା ଦାବି କରିପାରିଥାନ୍ତା । ଗୋଟିଏ ସମୟରେ ଅନେକ ବିଷୟରେ ଚୁକ୍ତି କରାଯାଇପାରିଥାଆନ୍ତା ଏବଂ ଭାରତ ସେଗୁଡ଼ିକୁ ଚତୁରତାର ସହ ପରିଚାଳନା କରିଥାନ୍ତା । ଏହା ଥିଲା ସୁବିଧାଜନକ । ତାହା ବି ଠିକ୍ ଥିଲା, କାରଣ ସୁବିଧାବାଦ ହେଉଛି ଭାରତର ସଂସ୍କୃତି । ମହାଭାରତ ବିଷୟରେ ଜୟଶଙ୍କର କହିଛନ୍ତି, ପ୍ରତାରଣା ଏବଂ ଅନୈତିକତା ନୀତି ନିୟମକୁ ଅନୁସରଣ କରେ ନାହିଁ । ଏକଲବ୍ୟଙ୍କ ବୁଢ଼ାଆଙ୍ଗୁଠି ଦ୍ରୋଣ ଦାବି କରିବା, ଇନ୍ଦ୍ର କର୍ଣ୍ଣଙ୍କ ସାଞ୍ଜୁ ମାଗିବା, ଅର୍ଜୁନ ଶିଖଣ୍ଡିଙ୍କୁ ମାନବ ଢାଲ ଭାବରେ ବ୍ୟବହାର କରିବା କେବଳ 'ପ୍ରଥା ଓ ପରମ୍ପରା' ଥିଲା । ନୀତିରେ ଅସଙ୍ଗତି କେବଳ ଠିକ୍ ନୁହେଁ ବରଂ ଆବଶ୍ୟକ, କାରଣ ପରିବର୍ତ୍ତନ ପରିସ୍ଥିତିରେ ସଙ୍ଗତିକୁ ଜାବୁଡ଼ି ଧରିବାରେ କୌଣସି ଅର୍ଥ ନ ଥାଏ । ସେ ଯେଉଁ ଭାଷଣରେ ପ୍ରଥମେ ସୁବିଧାବାଦ ଏବଂ ଅସଙ୍ଗତିର ଏହି ତତ୍ତ୍ୱ ରଖିଥିଲେ, ସେଥିରେ ଜୟଶଙ୍କର କହିଛନ୍ତି ଯେ, ଏହି ନୀତିର ନାମ ଦେବା କଷ୍ଟକର । ପ୍ରକୃତରେ ସେ ଗ୍ରହଣ କରିଥିବା 'ମଲ୍ଟି-ଆଲାଇନମେଣ୍ଟ' ବା ବହୁପକ୍ଷୀୟ ସମାନ୍ତରାଳ ସମ୍ପର୍କ (ଅତ୍ୟଧିକ ସୁବିଧାବାଦୀ) ଏବଂ 'ପ୍ରଥମେ ଭାରତ' (ଆତ୍ମକେନ୍ଦ୍ରିକ) ବାକ୍ୟାଂଶଗୁଡ଼ିକୁ ତ୍ୟାଗ କରିଛନ୍ତି । ସେ ଗ୍ରହଣ କରିଥିବା 'ପ୍ରଗତିଶୀଳ ସମୃଦ୍ଧି ଏବଂ ପ୍ରଭାବ' ତତ୍ତ୍ୱକୁ ଠିକ୍ ବୋଲି କହନ୍ତି, କିନ୍ତୁ ଆକର୍ଷଣୀୟ ନୁହେଁ ବୋଲି ସ୍ୱୀକାର କରନ୍ତି ।

ଏହି ସ୍ତମ୍ଭର ଆରମ୍ଭରେ ତାଲିକାଭୁକ୍ତ ସମସ୍ୟାଗୁଡ଼ିକ ସମନ୍ୱୟ ଏବଂ ପ୍ରଭାବର ଅଭାବକୁ ପ୍ରତିଫଳିତ କରେ । ଶସ୍ତା ରୁଷିଆ ତେଲ କିଣିବା ବୈଦେଶିକ ନୀତି ନୁହେଁ । କିନ୍ତୁ ତାହାକୁ ପ୍ରଶଂସା କରାଯାଇଥିଲା । ପରିବର୍ତ୍ତନଶୀଳ ଜି୨୦ର ଅଧ୍ୟକ୍ଷତା ଏକ ସଫଳତା ନ ଥିଲା ବରଂ ଏହା ଭାରତୀୟମାନଙ୍କୁ ବିକ୍ରି କରାଯାଇଥିଲା । ପ୍ରଧାନମନ୍ତ୍ରୀ କେଉଁଥିରେ ଆଗ୍ରହୀ ଥିଲେ ଏବଂ ତାମସା ଓ ସମ୍ମିଳନୀ ପାଇଁ ଯାହା କରାଯାଇଥିଲା ତାହାକୁ ଗୁରୁତ୍ୱପୂର୍ଣ୍ଣ କହି ଶେଷ କରାଗଲା । ଏହି ସିଦ୍ଧାନ୍ତକୁ ଏଡ଼ାଇଯିବା ସହଜ ନୁହେଁ ଯେ ବୈଦେଶିକ ନୀତି ରଣନୀତି ଭାବରେ ଚାଲିଆସୁଥିବା ମୋଦିଙ୍କ ବିକ୍ଷିପ୍ତ ଓ ଦିଶାହୀନ ଆଚରଣ କ'ଣ ଥିଲା ତାହା ଦର୍ଶାଇବାକୁ ଜୟଶଙ୍କର ସମ୍ମିଳନୀକୁ ଅତ୍ୟାଧୁନିକତାର ସ୍ପର୍ଶ ଦେଇଥିଲେ । ଜୟଶଙ୍କର କହିଛନ୍ତି, ତାଙ୍କର ଏହି ନାମହୀନ ନୀତି ଚାରୋଟି ଫଳାଫଳ ଯଥା ଦେଶରେ ବୃହତ୍ ସମୃଦ୍ଧି, ସୀମାରେ ଶାନ୍ତି, ଭାରତୀୟଙ୍କ ସୁରକ୍ଷା ଓ ବିଦେଶରେ ପ୍ରଭାବ ବୃଦ୍ଧି ହାସଲ କରିବା ପାଇଁ ଉଦ୍ଦିଷ୍ଟ । ପୁନର୍ବାର କୁହାଯାଇପାରେ ଯେ, ସୀମାରେ କ'ଣ ଘଟୁଛି ଏବଂ କି ପ୍ରକାର ସମୃଦ୍ଧି ହେଉଛି ସେ ସମ୍ପର୍କରେ କିଛି ସୂଚିତ କରାଯାଉନାହିଁ । କଥା ହେଉଛି, ଆମେ ଯାହା ହାସଲ କରିବାକୁ ଚେଷ୍ଟା କରିଛୁ ଏବଂ ଆମ ଚାରିପାଖରେ କ'ଣ ଫଳାଫଳ ଦେଖୁଛୁ ତାହା ଉପରେ ଅନୁଧ୍ୟାନ କରାଯାଇଛି କି ନାହିଁ ତାହା ଜଣାପଡୁନାହିଁ । ବିଶ୍ୱରେ ଭାରତର ଭୂମିକା କ'ଣ ଏବଂ ଆମେ ନିଜ ପାଇଁ ଠିକ୍ କାର୍ଯ୍ୟ କରୁଛୁ କି ନାହିଁ ତାହା ପୁନଃ ମୂଲ୍ୟାୟନ କରିବା ଉଚିତ ।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | 9 | | | | 1 | 8 | |
| | | 6 | 8 | | | | 4 | |
| | | 3 | | | | | | 5 |
| | | 2 | | 5 | 1 | 8 | | |
| | 5 | 8 | | | | | 3 | 7 |
| 6 | | | | | 7 | | | |
| | | | | 6 | | | | |
| 4 | | 7 | | | | 3 | | |
| | | | | 7 | 5 | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 8 | 9 | 2 | 7 | 5 | 1 | 4 |
| 5 | 2 | 7 | 1 | 6 | 4 | 8 | 3 | 9 |
| 1 | 9 | 4 | 5 | 3 | 8 | 6 | 7 | 2 |
| 2 | 4 | 1 | 3 | 8 | 5 | 9 | 6 | 7 |
| 7 | 5 | 3 | 4 | 9 | 6 | 1 | 2 | 8 |
| 6 | 8 | 9 | 7 | 1 | 2 | 4 | 5 | 3 |
| 9 | 1 | 6 | 8 | 7 | 3 | 2 | 4 | 5 |
| 4 | 3 | 2 | 6 | 5 | 9 | 7 | 8 | 1 |
| 8 | 7 | 5 | 2 | 4 | 1 | 3 | 9 | 6 |

ଗତକାଲିର ଉତ୍ତର

# ସ୍ୱାସ୍ଥ୍ୟକ୍ଷେତ୍ର କେତେ ଅସୁସ୍ଥ



**ଡ. ସନ୍ତୋଷ କୁମାର ମହାପାତ୍ର**

ପ୍ରତିଦିନ ପରି କିଛିଦିନ ତଳେ ନିଜ ନିତ୍ୟକର୍ମ ସାରି ସକାଳୁ ପୋର୍ଟିକୋ ତଳକୁ ପେପର ଆଣିବା ପାଇଁ ଗଲାବେଳକୁ ଦେଖିଲି ପେପର ନାହିଁ । ପେପର ଦେଉଥିବା ଲୋକଟିକୁ ଫୋନ୍ କରିବାରୁ ଫୋନ୍ ଲାଗିଲା ନାହିଁ । ପରେ କାରଣ କ'ଣ ଜାଣିବା ପାଇଁ ଚେଷ୍ଟା କରିବାରୁ ଆମ ଘରପାଖ ମାଉସୀ କହିଲେ ଯେ ସେ ପିଲା ଗତକାଲି ରାତିରେ ହୃଦ୍‌ଘାତରେ ମୃତ୍ୟୁବରଣ କରିଛି । ପୁଣି ସେ କହିଲେ ତା'ର ଉଚ୍ଚ ରକ୍ତଚାପ ବହୁ ଅଧିକ ଥିଲା ଏବଂ ସେ ଔଷଧ ଖାଉ ନ ଥିଲା । ଏହିପରି ମଧ୍ୟ ତା' ମାମୁ ଆଗରୁ ପେପର ଦେଉଥିଲେ ଏବଂ ସେ ଔଷଧ ନ ଖାଇ ମଧ୍ୟ ହୃଦ୍‌ଘାତରେ ମୃତ୍ୟୁବରଣ କରିଥିଲେ । ପରେ ଖବରକାଗଜରେ ପଢ଼ିବାକୁ ପାଇଲି ଯେ ସେହି ଲୋକଟି ଛାତିରେ ଯନ୍ତ୍ରଣା ଯୋଗୁ ବଡ଼ ହସ୍ପିଟାଲ ଯାଇଥିଲା । ସେଠାରେ ଭିଡ଼ ଯୋଗୁ ଲାଇନ୍‌ରେ ଠିଆ ହେବା ସମୟରେ ତୁରନ୍ତ ଚିକିତ୍ସା ଅଭାବ ଯୋଗୁ ସେ ଟଳିପଡ଼ିଲା ।

ଏକଥା ସତ୍ୟ ଯେ ଜନ୍ମ ଓ ମୃତ୍ୟୁ କାହା ହାତରେ ନାହିଁ । ମୃତ୍ୟୁ ଚିରନ୍ତନ ସତ୍ୟ । ରାଜା ହେଉ ବା ଗରିବ, ମୃତ୍ୟୁର ସମସ୍ତଙ୍କୁ ଛୁଇଁବ । କିନ୍ତୁ ଏହିପରି ଅନେକ ମୃତ୍ୟୁ ଘଟୁଛି, ଯାହାକୁ ଠିକ୍ ସମୟରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ବା ଠିକ୍ ସମୟରେ ଔଷଧ ସେବନ ଦ୍ୱାରା ଏଡ଼େଇ ଦେଇହେବ । ମୃତ୍ୟୁ ସବୁବେଳେ ସ୍ୱାଭାବିକ୍ ହେଉ । ଆମ ମତରେ କେବଳ ଉଚ୍ଚ ରକ୍ତଚାପ ଔଷଧ ନିୟମିତ ସେବନ ନ କରିବା ଯୋଗୁ ଦେଶରେ ଲକ୍ଷ ଲକ୍ଷ ଲୋକ ମସ୍ତିଷ୍କାଘାତ ଯୋଗୁ ଅକର୍ମଣ୍ୟ ହେଉଛନ୍ତି ବା ମୃତ୍ୟୁବରଣ କରୁଛନ୍ତି । କିଛି ବ୍ୟକ୍ତି ଜାଣିଶୁଣି ଔଷଧ ଖାଉନାହାନ୍ତି ବା ଅର୍ଥ ଅଭାବରୁ ଔଷଧ ଖାଉନାହାନ୍ତି । ଦେଶରେ ଯେତେବେଳେ ଅମୃତବେଳା, ଅଚ୍ଛେଦିନ୍ ଆସିଛି ବୋଲି କୁହାଯାଉଛି, ଯୋଗ ଦିବସ ପାଳନ ହେଉଛି, ବିଭିନ୍ନ ସ୍ୱାସ୍ଥ୍ୟ ବୀମା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଚଳନ କରିଛନ୍ତି, ସେତେବେଳେ ଲକ୍ଷ ଲକ୍ଷ ଲୋକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇ ଅସମୟରେ ମୃତ୍ୟୁବରଣ କାହିଁକି କରୁଛନ୍ତି ? ଅସମୟରେ ଯେଉଁ ଲୋକଙ୍କ ମୃତ୍ୟୁ ଘଟୁଛି, ସେଥିପାଇଁ କିଏ ଦାୟୀ । କିନ୍ତୁ ଗୋଟିଏ ପରିବାରର ରୋଜଗାର କରୁଥିବା ଲୋକଟି ମୃତ୍ୟୁବରଣ କଲେ ସେହି ପରିବାର କିପରି ଭୟଙ୍କର ସମସ୍ୟାର ସମ୍ମୁଖୀନ ହୋଇଥାଏ ତାହା ଧନୀ, ଶାସକ ଶ୍ରେଣୀ ବୁଝିପାରିବେ ନାହିଁ । ସେହି ସମସ୍ୟା ଜିଡିପି ଆକଳନ ବେଳେ ବିଚାରକୁ ନିଆଯାଏନାହିଁ ।

ଭାରତର ସ୍ୱାସ୍ଥ୍ୟ କ୍ଷେତ୍ର ସର୍ବାଧିକ ଘରୋଇ କ୍ଷେତ୍ର ଦ୍ୱାରା ନିୟନ୍ତ୍ରିତ । ସ୍ୱାସ୍ଥ୍ୟ ବୀମାର ଉଦ୍ଦେଶ୍ୟ ଥିଲା ଲୋକେ ହାତରୁ ବା ନିଜ ପକେଟ୍‌ରୁ କମ୍ ବ୍ୟୟ କରିବେ । ଯଦିଓ ଏଥିରେ ସାମାନ୍ୟ ହ୍ରାସ ପାଇଛି ତାହାର କାରଣ ହେଲା ଧନୀ ଓ ଚାକିରିଆ ଲୋକ, ବିଭିନ୍ନ ସ୍ୱାସ୍ଥ୍ୟ ବୀମା ଓ ମେଡିକ୍ଲେମ୍ ଯୋଗୁ ଘଟିଛି । କିନ୍ତୁ ଯେଉଁ ପ୍ରିମିୟମ୍ ଦେଉଛନ୍ତି ତାହା ସ୍ୱାସ୍ଥ୍ୟ ବ୍ୟୟ ସହିତ ମିଶାଇବା ଉଚିତ୍ । ସ୍ୱାସ୍ଥ୍ୟ ବୀମା କଦାପି ସ୍ୱାସ୍ଥ୍ୟ ବ୍ୟୟ, ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକଳ୍ପ ନୁହେଁ । ଯେତେ ସ୍ୱାସ୍ଥ୍ୟ ବୀମା ଥିଲେବି ଯଦି ହସ୍ପିଟାଲରେ ଡାକ୍ତର ନ ଥିବେ, ଆବଶ୍ୟକ ଉପକରଣ ନ ଥିବ, ପାଖରେ ଡାକ୍ତରଖାନା ନ ଥିବ ତେବେ ଲୋକେ ଚିକିତ୍ସା ପାଇବେ କାହାଠାରୁ । ୨୦୧୫-୧୬ ସୁଦ୍ଧା ଦେଶର ଏକ ତୃତୀୟାଂଶରୁ କମ୍ ପରିବାର ସରକାରୀ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ । ସରକାର ଯେଉଁ ସ୍ୱାସ୍ଥ୍ୟ ବୀମା ପ୍ରଚଳନ କରିଛନ୍ତି ତାହାର ଫାଇଦା ନେଉଛନ୍ତି ଘରୋଇ ହସ୍ପିଟାଲ ଓ ନର୍ସିଂହୋମ୍ । ଏହାସତ୍ତ୍ୱେ ବିଶ୍ୱବ୍ୟାଙ୍କ ଅନୁଯାୟୀ ୨୦୧୯ରେ ବିଶ୍ୱରେ ସ୍ୱାସ୍ଥ୍ୟ ବ୍ୟୟ ପାଇଁ ଲୋକେ ହାରାହାରି ପକେଟରୁ ୧୮% ବ୍ୟୟ କରିଲାବେଳେ ଭାରତରେ ଏହା ୫୫% । ପକେଟରୁ ବ୍ୟୟକରି ଦାରିଦ୍ର୍ୟ ଗହ୍ୱରକୁ ୧୯୯୯-୨୦୦୦ ସୁଦ୍ଧା ୩.୨୫ କୋଟି ଠେଲିହୋଇଯାଇଥିଲା ବେଳେ ସେହି ସଂଖ୍ୟା ୨୦୧୭ରେ ୫.୫ କୋଟିକୁ ବୃଦ୍ଧି ପାଇଥିଲା । ବର୍ତ୍ତମାନ ଏହା ଆହୁରି ଅଧିକ ହେବ ।

୨୦୧୭ର ଜାତୀୟ ସ୍ୱାସ୍ଥ୍ୟନୀତି ୨୦୨୫ ସୁଦ୍ଧା ସ୍ୱାସ୍ଥ୍ୟ ବାବଦ ସରକାରୀ ବ୍ୟୟ ଜିଡିପିର ୨.୫%କୁ ବୃଦ୍ଧି କରିବାକୁ ସୁପାରିସ କରିଛି । କିନ୍ତୁ ଦେଶର ମୋଟ ଜିଡିପିରେ ସରକାରୀ ସ୍ୱାସ୍ଥ୍ୟ ଖର୍ଚ୍ଚର ଅଂଶ ୨୦୧୯-୨୦ରେ ୧.୩୫% ଥିଲା, ଯାହା ବିଶ୍ୱରେ ପ୍ରାୟ ସର୍ବନିମ୍ନ । ଅଳ୍ପ କିଛି ଦେଶ ଆମ ତଳେ ଅଛନ୍ତି । ବିଶ୍ୱରେ ଏହା ହାରାହାରି ୬% ।



ବିଶ୍ୱବ୍ୟାଙ୍କ ଅନୁସାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ମୁଣ୍ଡପିଛା ବ୍ୟୟ ଦୃଷ୍ଟିରୁ ୨୦୨୦ରେ ବିଶ୍ୱରେ ହାରାହାରି ୧୧୭୭.୧୫ ଡଲାର ହୋଇଥିଲାବେଳେ ଭାରତରେ ଏହା ମାତ୍ର ୫୬.୬୩ ଡଲାର । ଅନ୍ୟସବୁ ଦେଶ ଯଥା ଆମେରିକାରେ ୧୧୭୦୨.୪୧ ଡଲାର, ଜର୍ମାନୀ ୬୫୦୩.୩୬, ଫ୍ରାନ୍ସ ୪୭୬୮.୭୩, କ୍ୟୁବା ୧୧୮୬.୧୬, ରୁଷିଆ ୭୭୩.୮୮ ଡଲାର, ବ୍ରାଜିଲ ୭୦୦.୭୧ ଡଲାର ଏବଂ ଚାଇନାରେ ୫୮୩.୪୩ ଡଲାର ରହିଛି ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁଯାୟୀ ପ୍ରତି ୧୦୦୦ ଜଣଙ୍କ ପାଇଁ ଜଣେ ଡାକ୍ତର ରହିବା ଆବଶ୍ୟକ । ଆମ ଦେଶରେ ପ୍ରତ୍ୟେକ ୧୪୪୫ ଜଣ ଭାରତୀୟଙ୍କ ପାଇଁ ଜଣେ ଡାକ୍ତର ଥିବା ଜଣାପଡ଼ିଛି । ପୁନଶ୍ଚ ବିନା ନିୟନ୍ତ୍ରଣ ଯୋଗୁ ଔଷଧ ଦର ଅହେତୁକ ଭାବେ ବୃଦ୍ଧିପାଉଛି । ପୁନଶ୍ଚ ଔଷଧର ବାସ୍ତବ ମୂଲ୍ୟ ଓ ସର୍ବାଧିକ ମୂଲ୍ୟ ମଧ୍ୟରେ ଅନେକ ପାର୍ଥକ୍ୟ ରହୁଛି । ଔଷଧ ଦୋକାନୀ କେତେ ଲାଭ ରଖୁଛନ୍ତି, କାହାକୁ କେତେ କମିଶନ ଦେଉଛନ୍ତି ତାହା କେହି ଜାଣିପାରୁନାହାନ୍ତି । ସରକାରୀ ଡାକ୍ତରଖାନାର ଅଭାବ ଯୋଗୁ ହେଉଥିବା ଭିଡ଼ ଏବଂ ଘରୋଇ ଭାବେ ଡାକ୍ତରଙ୍କ ପରାମର୍ଶ ନେବା ବ୍ୟୟସାପେକ୍ଷ ହୋଇଥିବାରୁ ଅଧିକାଂଶ ଲୋକ ଏପରିକି ଶିକ୍ଷିତ ଲୋକ ମଧ୍ୟ ଔଷଧ ଦୋକାନରେ ପଚାରି ଔଷଧ କିଣି ଖାଇଥା'ନ୍ତି । ଯେତେବେଳେ ରୋଗ ନିୟନ୍ତ୍ରଣ ବାହାରକୁ ଯାଏ ସେତେବେଳେ ଡାକ୍ତରଙ୍କ ପାଖକୁ ଯାଆନ୍ତି । ବର୍ତ୍ତମାନ ସାମାନ୍ୟ ରୋଗ ପାଇଁ ରୋଗୀକୁ ଅଯଥାରେ ଗୁଡ଼ାଏ ଖର୍ଚ୍ଚ କରିବାକୁ ପଡୁଛି ।

ଭାରତର ସ୍ୱାସ୍ଥ୍ୟ ଭିତ୍ତିଭୂମି ଅତ୍ୟନ୍ତ ଦୁର୍ବଳ । ବିଶ୍ୱ ସ୍ୱାସ୍ଥ୍ୟସେବା ସୁରକ୍ଷା ସୂଚକାଙ୍କ ଅନୁଯାୟୀ ୨୦୨୧ରେ ଭାରତ ୧୯୫ଟି ଦେଶ ମଧ୍ୟରୁ ୬୬ତମ ସ୍ଥାନରେ ରହିଛି, ଅର୍ଥାତ୍ ୬୫ଟି ଦେଶ ତଳେ । ସେହିପରି ୨୦୨୧ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ବ୍ୟବସ୍ଥା ମାନ୍ୟତା ଅନୁଯାୟୀ, ଭାରତ ୧୬୭ଟି ଦେଶ ମଧ୍ୟରୁ ୧୧୧ତମ ସ୍ଥାନରେ ଅଛି, ଅର୍ଥାତ୍ ୧୧୦ଟି ଦେଶ ତଳେ । ୨୦୧୬ ଗ୍ଲୋବାଲ ବର୍ଡନ ଅଫ୍ ଡିଜିଜ୍(ରୋଗ) ଅଧ୍ୟୟନ ରିପୋର୍ଟରେ, ''ସ୍ୱାସ୍ଥ୍ୟସେବା ଉପଲବ୍ଧି ଏବଂ ଗୁଣବତ୍ତା''ରେ ୧୯୭ଟି ଦେଶ ମଧ୍ୟରୁ ଭାରତ ୧୪୫ ସ୍ଥାନ ପାଇଥିଲା । ଯୁଦ୍ଧ ଯୋଗୁ ଧ୍ୱସ୍ତ ବିଧ୍ୱସ୍ତ ହୋଇଥିବା ୟେମେନ୍, ସୁଦାନ ଏବଂ ଉତ୍ତର କୋରିଆ ପଛରେ ଭାରତ ରହିଛି । ସାଧାରଣତଃ ଗୋଟିଏ ଦେଶର ସ୍ୱାସ୍ଥ୍ୟ ବଜେଟ ଏହାର ମୋଟ୍ ବଜେଟର ୧୫% ରହିବା ଉଚିତ । କିନ୍ତୁ ୨୦୨୦ରେ ପ୍ରକାଶିତ ଅକ୍ସଫାମ୍‌ର ଏକ ସୂଚକାଙ୍କ ଅନୁସାରେ, ଭାରତରେ ଏହା ମାତ୍ର ୪%ରୁ କମ୍ । ୧୫୮ଟି ରାଷ୍ଟ୍ରର ସ୍ୱାସ୍ଥ୍ୟ ବଜେଟକୁ ନେଇ ପ୍ରସ୍ତୁତ ଏକ ତାଲିକାରେ ଭାରତ ତଳଆଡୁ ଚତୁର୍ଥ ସ୍ଥାନରେ ରହିଛି । ବର୍ତ୍ତମାନ ସୁଦ୍ଧା ଶଯ୍ୟା ଉପଲବ୍ଧତା ଦୃଷ୍ଟିରୁ ୧୬୭ଟି ଦେଶ ମଧ୍ୟରୁ ଭାରତ ୧୫୫ରେ ସ୍ଥାନ ପାଇଛି । ଏଣୁ ସରକାର ଏଣୁତେଣୁ ଗୁଡ଼ାଏ ଯୋଜନା ନ କରି ସମସ୍ତଙ୍କୁ ମାଗଣାରେ ବା ଅଳ୍ପ ଅର୍ଥରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଅନ୍ତୁ ।

ମୋ: ୯୪୩୭୨୦୮୭୬୨

# ନାରୀଶକ୍ତିର ପ୍ରତୀକ

ମହିଳାମାନେ ପ୍ରତି କ୍ଷେତ୍ରରେ ଆଗକୁ ବଢ଼ିବା ହେଉଛି ମହିଳା ସଶକ୍ତୀକରଣ ଓ ଏହା ପ୍ରଗତିଶୀଳ ଜାତିର ସଙ୍କେତ ବହନ କରିଥାଏ । ଏବେ ଏମିତି ଏକ ସମୟ ଆସିଲାଣି, ଯେଉଁଠାରେ ଏଇଟା ବା ସେଇଟା କେବଳ ପୁରୁଷଙ୍କ ପାଇଁ ଉଦ୍ଦିଷ୍ଟ ପଦବୀ ବା କାର୍ଯ୍ୟ ଭାବେ ଧରାଯାଉ ନାହିଁ । କାରଣ ନାରୀ ତା'ର ଶକ୍ତି, ସାମର୍ଥ୍ୟ ଓ ପ୍ରତିଭା ବଳରେ ସବୁକିଛି ହାସଲ କରିପାରୁଛି । ଯେଉଁ ହାରରେ ମହିଳାମାନେ ପ୍ରଗତି କରୁଛନ୍ତି, ଆଗାମୀ ସମୟରେ ନାରୀଙ୍କ ପାଇଁ ସଂରକ୍ଷଣ ଲୋଡ଼ା ପଡ଼ି ନ ପାରେ । ଯୁଦ୍ଧ ଭଳି ଏକ ଦୁର୍ଦ୍ଧର୍ଷ କାର୍ଯ୍ୟରେ ଫାଇଟର ଜେଟ୍ ଧରି ଶତ୍ରୁପକ୍ଷର ମୁକାବିଲା କରୁଥିବା ଭାରତୀୟ ନାରୀ ନିଶ୍ଚିତ ଭାବେ ଧନ୍ୟବାଦାର୍ହ । ଏବେ ଏୟାର ମାର୍ଶାଲ ସାଧନା ସାକ୍ସେନା ନାୟାର ହସ୍ପିଟାଲ ସର୍ଭିସେସ୍ (ଆର୍ମଡ ଫୋର୍ସେସ)ର ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଭାରତୀୟ ବାୟୁସେନା (ଆଇଏଏଫ୍) ପକ୍ଷରୁ କୁହାଯାଇଛି ଯେ, ସାଧନା ଏହି ପଦବୀରେ ଅବସ୍ଥାପିତ ହେବାରେ ପ୍ରଥମ ମହିଳା । ଏଥିସହିତ ସେ ଏୟାର ମାର୍ଶାଲ ପଦବୀକୁ ଉନ୍ନୀତ ହେବାରେ ବାୟୁସେନାରେ ଦ୍ୱିତୀୟ ମହିଳା ଭାବେ ଗୌରବ ଅର୍ଜନ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ସଶସ୍ତ୍ର ସେନା ଡାକ୍ତରୀ ସେବାର ମହାନିର୍ଦ୍ଦେଶକ ଏକ ମର୍ଯ୍ୟାଦାଜନକ ପଦବୀ । ଏହା ଆର୍ମଡ୍ ଫୋର୍ସେସ୍ ମେଡିକାଲ ସର୍ଭିସେସ୍‌ର ଏକ ଅଂଶ ।

ସାଧନା ପିଲାବେଳୁ ବାୟୁସେନା ସହ ପରିଚିତ ରହିଆସିଛନ୍ତି । ତାଙ୍କ ପିତା ଓ ଭାଇ ଉଭୟ ଆଇଏଏଫ୍ ଡାକ୍ତର ହୋଇଥିବାରୁ ସେମାନଙ୍କ ପ୍ରଭାବ ସାଧନାଙ୍କ ଉପରେ ପଡ଼ିଥିଲା । ସବୁଠାରୁ ବଡ଼ ସଂଯୋଗର କଥା ହେଉଛି ଯେ, ସାଧନା ଆଇଏଏଫ୍ ଫାଇଟର ପାଇଲଟ୍‌ସଙ୍କ ସ୍ତ୍ରୀ ଓ ତାଙ୍କ ପୁଅ ମଧ୍ୟ ଜଣେ ଫାଇଟର ପାଇଲଟ୍‌ସ । ବିଗତ ସାତ ଦଶନ୍ଧି ଧରି ବାୟୁସେନାର ସେବା କରି ଆସୁଥିବା ସାଧନାଙ୍କ ପରିବାର ଏକ ଅନନ୍ୟ ଦୃଷ୍ଟାନ୍ତ ସୃଷ୍ଟି କରିପାରିଛନ୍ତି । ଅବସରପ୍ରାପ୍ତ ଏୟାର ମାର୍ଶାଲ କେ. ପି. ନାୟାରଙ୍କ ସହଧର୍ମିଣୀ ଭାବେ ସାଧନା ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି । ବାୟୁସେନାର ପ୍ରଥମ ଏୟାର ମାର୍ଶାଲ ଦମ୍ପତି ଭାବେ ଇତିହାସ ରଚିଥିବାରୁ ସାଧନାଙ୍କ ସାଧନାକୁ ପ୍ରଶଂସା କରାଯାଉଛି ।

**ବ୍ୟକ୍ତିତ୍ୱ**



ସାଧନା ସାକ୍ସେନା ନାୟାର

ସାଧନା ପୁଣେସ୍ଥିତ ଆର୍ମଡ୍ ଫୋର୍ସେସ ମେଡିକାଲ କଲେଜରୁ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ । ୧୯୮୫ରେ ସେ ଭାରତୀୟ ବାୟୁସେନାରେ ଯୋଗଦେଇଥିଲେ । ପରବର୍ତ୍ତୀ ସମୟରେ ଫାମିଲି ମେଡିସିନରେ ସ୍ନାତକୋତ୍ତର କରିଥିଲେ । ନୂଆଦିଲ୍ଲୀସ୍ଥିତ ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)ରୁ ମେଡିକାଲ ଇନ୍‌ଫର୍ମାମେଟିକ୍ସ ପାଠ୍ୟକ୍ରମରେ ସେ ଦୁଇବର୍ଷିଆ ପ୍ରଶିକ୍ଷଣ ଶେଷ କରିଥିଲେ । ଦକ୍ଷତା ବୃଦ୍ଧି ଓ ନିଜ କାର୍ଯ୍ୟରେ ଉତ୍କର୍ଷ ପ୍ରତିପାଦନ କରିବା ଲାଗି ସେ ବିଦେଶ ଯାଇଥିଲେ । ସିବିଆର୍‌ଏନ୍ (କେମିକାଲ, ବାୟୋଲୋଜିକାଲ, ରେଡିଓଲୋଜିକାଲ ଆଣ୍ଡ୍ ନ୍ୟୁକ୍ଲିୟର)ରୁ ସେ ଯୁଦ୍ଧସ୍ଥିତି (ୱାର୍‌ଫେୟାର) ଓ ସାମରିକ ଡାକ୍ତରୀ ନୀତିଶାସ୍ତ୍ର (ମିଲିଟାରୀ ମେଡିକାଲ ଏଥିକ୍ସ) ଉପରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ । ସେ ମଧ୍ୟ ପ୍ରଥମ ଓ ଏକମାତ୍ର ମହିଳା ଭାବେ ୱେଷ୍ଟର୍ନ ଏୟାର କମାଣ୍ଡ ଆଣ୍ଡ୍ ଟ୍ରେନିଂ କମାଣ୍ଡର ପ୍ରିନ୍ସିପାଲ ମେଡିକାଲ ଅଫିସର ହୋଇଥିଲେ । ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ସେ ମଧ୍ୟ ବିଶିଷ୍ଟ ସେବା ମେଡାଲ ପାଇଥିଲେ । ଏଥିସହିତ ଚିଫ୍ ଅଫ୍ ଏୟାର ଷ୍ଟାଫ୍ ଏବଂ ଏୟାର ଅଫିସର କମାଣ୍ଡିଂ-ଇନ୍-ଚିଫ୍‌ଙ୍କଠାରୁ ପ୍ରଶସ୍ତିପତ୍ର ପାଇଥିଲେ ।

**– ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଜୀବନ ପ୍ରତି ଥିବା ବିପଦକୁ ସାମ୍ନା କରିଥିବା ଇସ୍ରାଏଲ ଜନ୍ମିତ ଜଣେ ମହିଳା ଭାରତରେ ଅସହାୟ ଶିଶୁମାନଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଛନ୍ତି । ସେ ହେଉଛନ୍ତି ଡା. ମିଶେଲି ହାରିଶନ । ପେସାରେ ସେ ଜଣେ ସ୍ତ୍ରୀରୋଗ ଓ ପ୍ରସୂତିବିଶେଷଜ୍ଞ । ଗାଜାକୁ ନେଇ ଇସ୍ରାଏଲ ଓ ପାଲେଷ୍ଟାଇନ ମଧ୍ୟରେ ଲାଗି ରହିଥିବା ସଂଘର୍ଷକୁ ସେ ନିକଟରୁ ଦେଖିଛନ୍ତି । ସେଥିରେ ବେଘର ତଥା ଅନାଥ ହେଉଥିବା ଶିଶୁଙ୍କ ଯନ୍ତ୍ରଣାକୁ ମଧ୍ୟ ଅନୁଭବ କରିଛନ୍ତି । ସେଥିପାଇଁ ସେ ଇସ୍ରାଏଲ ଛାଡ଼ି ଭାରତକୁ ଆସି କୋଲକାତାରେ ରହି ଅସହାୟ କିମ୍ବା ଅନାଥ ଝିଅମାନଙ୍କ ସାହାରା ପାଲଟି ଯାଇଛନ୍ତି । ମିଶେଲିଙ୍କର ଝିଅଟିଏ ଥିଲେ ବି ସେ ଏହି ଝିଅମାନଙ୍କୁ ପୋଷ୍ୟଭାବେ ଗ୍ରହଣ କରିଛନ୍ତି । କୋଲକାତାରେ ସେ ୨୦୦୬ରେ 'ଶିଶୁର ସେବୟ' ଅନାଥାଶ୍ରମ ଗଠନ କରି ଏହି ସେବା ଜାରି ରଖିଛନ୍ତି । ସେଠାରେ ଏବେ ୧୪ ଜଣ ଅନାଥ ଝିଅଙ୍କୁ ରଖିଛନ୍ତି । ସେମାନଙ୍କୁ ସ୍କୁଲରେ ପଢାଉଛନ୍ତି । କଳା ଓ ଯୋଗ ଶିକ୍ଷା ଦେବାର ବ୍ୟବସ୍ଥା ମଧ୍ୟ କରିଛନ୍ତି । ଏବେ ସୁଦ୍ଧା ତାଙ୍କ ଆଶ୍ରମରୁ ୨୦ ଜଣ ଝିଅ ଶିକ୍ଷା ପାଇ ସ୍ୱାବଲମ୍ବୀ ହୋଇସାରିଲେଣି ।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଅକ୍ଟୋବର ୧୯୯୮

- କର୍ଣ୍ଣାଟକର ତୁମକୁର ଜିଲା ଅନ୍ତର୍ଗତ ସିରାଟାଉନଠାରେ କୃଷକମାନଙ୍କ ପକ୍ଷରୁ ଏକ ବିକ୍ଷୋଭ ପ୍ରଦର୍ଶନ ବେଳେ ପୋଲିସ ଗୁଳିରେ ୫ ଚାଷୀଙ୍କ ମୃତ୍ୟୁ ।
- ଗୋଖାଦ୍ୟ ଦୁର୍ନୀତି ମାମଲାରେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁପ୍ରସାଦ ଯାଦବ ଏବଂ ଡ. ଜଗନ୍ନାଥ ମିଶ୍ରଙ୍କ ସିବିଆଇ ଅଦାଲତରେ ଆତ୍ମସମର୍ପଣ ।
- ରାଜ୍ୟର ୩ ମେଡିକାଲ କଲେଜ ଶିକ୍ଷକମାନଙ୍କ ଘରୋଇ ଚିକିତ୍ସା ନିଷିଦ୍ଧ ଲାଗି ମନ୍ତ୍ରିମଣ୍ଡଳ ବୈଠକରେ ଆଗତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅନୁମୋଦନ ।

# ପାଠକ ଶ୍ରେଷ୍ଠ ବିଚାରକ

## ରତ୍ନଭଣ୍ଡାରର ସୁରକ୍ଷା ସୁନିଶ୍ଚିତ ହେଉ

ମହାଶୟ,

ରତ୍ନଭଣ୍ଡାର ଖୋଲିବାକୁ ବିଭିନ୍ନ ସଙ୍ଗଠନ ଯେଉଁ ପ୍ରୟାସ ଚଳାଇଛନ୍ତି ତାହା ସ୍ୱାଗତଯୋଗ୍ୟ । ଏଥିରେ କାଳ ବିଳମ୍ବ କରିବା ଠିକ୍ ନୁହେଁ । ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହାକୁ ତୁରନ୍ତ ଖୋଲି ଠିକ୍ ବିବରଣୀ ସଂଗ୍ରହ କରିବା ସରକାରଙ୍କ ଦାୟିତ୍ୱ । ମହାପ୍ରଭୁଙ୍କର ବିଭିନ୍ନ ଅଳଙ୍କାର ସୁରକ୍ଷିତ ଅଛି କି ନାହିଁ ସେ ସମ୍ବନ୍ଧୀୟ ତଥ୍ୟ ଜାଣିବାକୁ ରାଜ୍ୟବାସୀ ଚାତକ ପରି ଚାହିଁ ବସିଛନ୍ତି । ରତ୍ନଭଣ୍ଡାରର ସ୍ଥିତିରେ ସୁଧାର ଆଣିବା ସହ ରକ୍ଷଣାବେକ୍ଷଣ କରିବା ପ୍ରତ୍ୟେକଙ୍କ କର୍ତ୍ତବ୍ୟ । ରତ୍ନଭଣ୍ଡାର ଖୋଲି ସେଥିରେ ଥିବା ସବୁରତ୍ନକୁ ଲୋକଲୋଚନକୁ ଅଣାଯାଇପାରିଲେ ସମସ୍ତ ସନ୍ଦେହ ଦୂର ହେବ ।

**– ସତ୍ୟସିଂହ ଶତପଥୀ, ହାଉସିଂବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**

## ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନର ଭାରତ

ଭାରତ ସ୍ୱାଧୀନତା ପ୍ରାପ୍ତିର ୭୬ ବର୍ଷ ପୂରଣ କରିଛି । ଏହା ମଧ୍ୟରେ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ଓ ଦ୍ରୁତ ଅଭିବୃଦ୍ଧିଶାଳୀ ରାଷ୍ଟ୍ରର ମାନ୍ୟତା ଲାଭ କରିଛି । ଏହା ସତ୍ତ୍ୱେ ଭାରତ ଏକ ବିକାଶଶୀଳ ରାଷ୍ଟ୍ର ବର୍ଗରେ ରହିଛି । ଆଗାମୀ ୨୦୪୭ ସୁଦ୍ଧା ଏହା ଏକ ବିକାଶିତ ରାଷ୍ଟ୍ର ହେବ ବୋଲି ଆକଳନ କରାଯାଉଛି । ତେବେ ବିଡ଼ମ୍ବନାର ବିଷୟ ଯେ, ମହାତ୍ମା ଗାନ୍ଧୀ ଭାରତର ସ୍ୱାଧୀନତା ଓ ଗଣତନ୍ତ୍ରର ଭବିଷ୍ୟତକୁ ନେଇ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଏବେ ସୁଦୂର ପରାୟତ । ସ୍ୱାଧୀନତା ପ୍ରାପ୍ତି ପରେ ପରେ ମହାତ୍ମା ଗାନ୍ଧୀ ୬ଟି ମହତ୍ତ୍ୱପୂର୍ଣ୍ଣ ଅଭିମତ ଦେଇଥିଲେ । ସେଗୁଡ଼ିକ ହେଲା– ଯେପର୍ଯ୍ୟନ୍ତ ଦେଶରେ ଜଣେ ଲୋକ ଭୋକିଲା ଥିବ, ସେ ପର୍ଯ୍ୟନ୍ତ ସ୍ୱରାଜରେ ମୂଲ୍ୟ କିଛି ନାହିଁ ; ଗଣତନ୍ତ୍ରର ସଫଳତା ସମାଜର ଶେଷ ଲୋକ ପର୍ଯ୍ୟନ୍ତ ପହଞ୍ଚି ପାରିଲେ ଗଣତନ୍ତ୍ର ସଫଳ ହେବ ; ସ୍ୱାଧୀନତା ପ୍ରାପ୍ତିର ୨୪ ଘଣ୍ଟା ମଧ୍ୟରେ ଭାରତ ନିଶାମୁକ୍ତ ହେବା ଦରକାର ; ଯେଉଁ ଦିନ ମଧ୍ୟରାତ୍ରିରେ ଜଣେ ମହିଳା ରାଜରାସ୍ତାରେ ଏକୁଟିଆ ନିରାପଦ ଭାବେ ଯାଇପାରିବ, ସେହିଦିନ ପ୍ରକୃତ ସ୍ୱାଧୀନତା ମିଳିଲା ବୋଲି କୁହାଯିବ ; ଯେଉଁ ଦିନ ଆମ ସଂସଦ ୫୦% ମହିଳାଙ୍କ ଦ୍ୱାରା ପୂରଣ ହେବ ସେହିଦିନ ସ୍ୱରାଜ୍ୟ ସଫଳ ହେବ ; ଧନୀ ଓ ଗରିବଙ୍କ ମଧ୍ୟରେ ତାରତମ୍ୟ ବୃଦ୍ଧି ପାଇଲେ ଗରିବଙ୍କ ମଧ୍ୟରୁ ବିସ୍ଫୋରଣ ହେବ । ଭାରତର ବର୍ତ୍ତମାନ ସ୍ଥିତି ଦେଖିଲେ ମନେହେଉଛି ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନର ଭାରତ ସବୁଦିନ ପାଇଁ ଅଧୁରା ହୋଇ ରହିଯିବ ।

**– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର**

## ଚିରନ୍ତନୀ

ମାଳତୀର ଆଖି ଓଦା
ଅଶ୍ରୁର ଶିଶିରେ
ଆଜି ପ୍ରିୟ ଏ ଭାଦର ନିଶିରେ !
ଅତୀତ ମୋ ଯଉବନ
ଆଣିଅଛି ନିମନ୍ତ୍ରଣ
କେତକୀ ସୁବାସେ ଦଶ ଦିଶିରେ
ଆଜି ପ୍ରିୟ ଏ ଭାଦର ନିଶିରେ !
(ଶିଶିର-ହାସ୍ୟ)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସମ୍ବଲପୁରରେ ରାମ୍ ଫିଲ୍ମକୁ ବିରୋଧ ପ୍ରସଙ୍ଗ

# ରାଜନୈତିକ ମନ୍ତବ୍ୟକୁ ବିରୋଧ



■ ଓଡ଼ିଶା ୨ଭାଗ ହୋଇଯିବ: ନରସିଂହ ମିଶ୍ର

■ ଆଲୋଚନା ମାଧ୍ୟମରେ ସମାଧାନ କରିବି: କୁନା ତ୍ରିପାଠୀ

ଭୁବନେଶ୍ୱର,୨୮।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

କିଛି ଦିନଧରି ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଚାଲିଥିବା ବିବାଦ ଥମିବାର ନାଁ ନେଉନି। ପ୍ରଯୋଜକ-ପ୍ରଯୋଜକ ମଧ୍ୟରେ କଳି ପରେ ଏବେ ଅଭିନେତା ଏବଂ ଅଭିନେତା କଳି ଚର୍ଚ୍ଚାର ବିଷୟ ପାଲଟିଛି। ବିବାଦ ଏତେ ବଢ଼ିଛି ଯେ, ଏହା ଏବେ ରାଜନୀତିର ରୂପ ନେଲାଣି। ଏପରି କି ଓଡ଼ିଶାକୁ ୨ଭାଗ କରିବାର କଥା ମଧ୍ୟ ଉଠିଲାଣି। କରୋନା ପୂର୍ବରୁ ଓଡ଼ିଆ ଚଳଚ୍ଚିତ୍ରର ସ୍ଥିତି ଯାହା ଥିଲା ସମସ୍ତେ ଜାଣିଛନ୍ତି। କୋଭିଡ୍ ପରେ ଚଳଚ୍ଚିତ୍ର ଶିଳ୍ପ ଧୀରେଧୀରେ ଅଣ୍ଟା ସଳଖି ଉଠୁଥିବାବେଳେ ଏବେ ବିବାଦ ସୃଷ୍ଟି ହେବା ଚଳଚ୍ଚିତ୍ରକୁ ଏକ ଭିନ୍ନ ମୋଡ଼ରେ ଆଣିଦେଇଛି। ତେବେ ସମ୍ବଲପୁରରେ ରାମ୍ ଚଳଚ୍ଚିତ୍ର ଚଲାଇ ନ ଦେବା କୁ ନେଇ ଯେଉଁ ବିବାଦ ଉପୁଜିଛି, ସେଥିରେ ରାଜନୈତିକ ମତବାଦ ପ୍ରବେଶ ନ କରୁ ବୋଲି ସିନେପ୍ରେମୀ ମତ ଦେଇଛନ୍ତି।

ଗତ ୨୪ତାରିଖରେ ସ୍ଥାନୀୟ ପ୍ରେସକ୍ଲବଠାରେ ଉତ୍କଳ ସିନେ ଚାମ୍ବର୍ସ ଅଫ୍ କମର୍ସ(ୟୁସିସି) ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଅଭିନେତା ଅରିନ୍ଦମ ରାୟଙ୍କ ଅଭିନୀତ ରାମ୍ ସିନେମାକୁ ମନୋଜ ମିଶ୍ରଙ୍କ ସମର୍ଥକମାନେ ବିରୋଧ କରିଥିବା ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ କ୍ରମେ ସମ୍ମିଳନୀରେ ଉପସ୍ଥିତ ଥିବା ପ୍ରଯୋଜକ ଓ ୟୁସିସିସି କର୍ମକର୍ତ୍ତା ମନୋଜ ମିଶ୍ରଙ୍କୁ ୨ବର୍ଷ ପାଇଁ ବାସନ୍ଦ ନିଷ୍ପତ୍ତି ଶୁଣାଇଥିଲେ। ଏପରି କି ୟୁସିସିସିର ନୂତନ ସଭାପତି ସଞ୍ଜୟ ନାୟକ ମଧ୍ୟ ମନୋଜଙ୍କୁ ୨ ବର୍ଷ ପାଇଁ କୌଣସି ପ୍ରଯୋଜକ ସିନେମାରେ ନେବେ ନାହିଁ। ଯଦି ଏହି ନିର୍ଦ୍ଦେଶକୁ ଅବମାନନା କରି କୌଣସି ବ୍ୟକ୍ତି ଫିଲ୍ମ ନିର୍ମାଣ କରନ୍ତି, ତାହାହେଲେ ସେହି ଫିଲ୍ମକୁ ଓ କୌଣସି ଫିଲ୍ମ ହଲ୍‌ରେ ରିଲିଜ କରାଇ ଦିଆଯିବ ନାହିଁ ବୋଲି କହିଥିଲେ। ଉକ୍ତ ନିଷ୍ପତ୍ତି ପରେ ଅଭିନେତାମାନେ ସୋସିଆଲ ମିଡିଆରେ ପରସ୍ପର ଭିଡିଓ ଜାରି କରି ବିବାଦକୁ ବଢ଼ାଇଥିଲେ। ତେବେ ବଲାଙ୍ଗୀରରେ ଶୁକ୍ରବାର କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ମନ୍ତବ୍ୟ ପରେ ବିବାଦ ଅଧିକ ବଢ଼ିବାରେ ଲାଗିଛି। ସେ କହିଛନ୍ତି, ମନୋଜ ମିଶ୍ରଙ୍କ ବାସନ୍ଦକୁ ପ୍ରତ୍ୟାହର ନ କଲେ ଓଡ଼ିଶା ଦୁଇ ଭାଗ ହୋଇଯିବ। ତାଙ୍କୁ ବାସନ୍ଦ କରିବାର ଅର୍ଥ ପଶ୍ଚିମ ଓଡ଼ିଶା ପ୍ରତି ଏକ ବୈମାତୃକ ମନୋଭାବ ଦର୍ଶାଉଛି। ସେ ଶନିବାର ମଧ୍ୟ ତାଙ୍କ ବୟାନକୁ ଦୋହରାଇଛନ୍ତି। ସେ କହିଛନ୍ତି, ଓଡ଼ିଶା ଭାଗ ହେଲେ ସରକାର ଦାୟୀ ରହିବେ। ପଶ୍ଚିମ ଓଡ଼ିଶା ସବୁବେଳେ ଅବହେଳିତ ହୋଇ ରହୁ ବୋଲି ସରକାର ଚାହୁଁଛନ୍ତି। ସ୍ୱତନ୍ତ୍ର ରାଜ୍ୟ ଦାବି କରିବା ନେଇ ଲୋକଙ୍କୁ ବାଧ କରାଯାଉଛି। ସ୍ୱତନ୍ତ୍ର କୋଶଳ ରାଜ୍ୟ ପ୍ରତିଷ୍ଠା ସପକ୍ଷରେ ମୁଁ ନ ଥିଲି, କି ଆଜି ବି ନାହିଁ। ସରକାରଙ୍କ ମନୋବୃତ୍ତି କିନ୍ତୁ ଓଡ଼ିଶାକୁ ଭାଗ ଭାଗ କରିବାକୁ ବାଧ କରୁଛି ବୋଲି ମିଶ୍ର କହିଛନ୍ତି। ମିଶ୍ରଙ୍କ ଏଭଳି ମନ୍ତବ୍ୟ ପରେ ଏବେ ବିବାଦ ତେଜିବାରେ ଲାଗିଛି।

ଅଭିନେତା ମନୋଜ ମିଶ୍ର କହିଛନ୍ତି, ମୁଁ ଜାଣିନି ମୋତେ କ'ଣ ପାଇଁ ବ୍ୟାନ୍ କରାଯାଇଛି। ମୁଁ କେବେ କୌଣସି ସିନେମାର ବିରୋଧରେ ନୁହେଁ। ସବୁବେଳେ ଓଡ଼ିଆ ସିନେମାର ସପକ୍ଷରେ କହି ଆସିଛି। ରାମ୍ ସିନେମା ଦେଖ ନାହିଁ ବୋଲି ମୁଁ ମଧ୍ୟ କାହାକୁ କହିନାହିଁ। ମୋ ନା ନେଇ କିଏ ବି କିଛି କହିଥାଇପାରେ, ମାତ୍ର ମୁଁ କାହାକୁ କିଛି କହିନାହିଁ। କେହି ସିନେମାର ବିରୋଧ କରୁ ମୁଁ ଏହା ସପକ୍ଷରେ ନୁହେଁ। ମୁଁ କହିଦେବି ଆଉ ଯଦି ସିନେମା ବନ୍ଦ ହୋଇଯିବ ତାହା ହେଲେ ଏହାଠୁ ବଡ଼ ଦୁଃଖଦ କଥା କିଛିନାହିଁ। ଫିଲ୍ମ ଭଲ ଥିଲେ ଯେତେ ଅସୁବିଧା ଆସିଲେ ବି ତାହା ହଲ୍‌ରେ ଚାଲିବ। ଏଥିସହ ସେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ସଞ୍ଜୟ(ଗୁଟୁ) ନାୟକ କ'ଣ ମୋତେ ବ୍ୟାନ୍ କରିବେ ମୁଁ ତାଙ୍କୁ ବ୍ୟାନ୍ କରୁଛି। ତାଙ୍କ ସହ କୌଣସି ଫିଲ୍ମ କରିବି ନାହିଁ।

ଏହି ପ୍ରସଙ୍ଗରେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ(ଓଏଫ୍‌ଡିସି) ଅଧ୍ୟକ୍ଷ ତଥା ଅଭିନେତା କୁନା ତ୍ରିପାଠୀ କହିଛନ୍ତି, ଏହି ବିବାଦରେ ରାଜନୀତି ହେବା କଥା ନୁହେଁ। ପରିବାର କଥା ବାହାରକୁ ଯିବା ଆବଶ୍ୟକ ନାହିଁ। ୨ରୁ ୩ଦିନ ମଧ୍ୟରେ ଉଭୟଙ୍କୁ ଡାକି ଆଲୋଚନା ମାଧ୍ୟମରେ ସମାଧାନ କରିବି। ବ୍ୟାନ କୌଣସି ସମସ୍ୟାର ସମାଧାନ ନୁହେଁ ବୋଲି ସେ କହିଛନ୍ତି। ଏହାର ପ୍ରତିଉତ୍ତରରେ ମନୋଜ କହିଛନ୍ତି, ମୋତେ ବାସନ୍ଦ କଥା ଶୁଣାଇବା ପରେ କୁନା ତ୍ରିପାଠୀ କେଉଁଠି ଥିଲେ। ସେତେବେଳେ ସେ କାହିଁ କିଛି ମୁହଁ ଖୋଲିଲେନି। ସେପଟେ ଅଭିନେତା ଶ୍ରୀତମ ଦାସ ବି କହିଛନ୍ତି ପଶ୍ଚିମ ଓଡିଶାରୁ ଆସି ମନୋଜ ଏଠି ନମ୍ବର ୱାନ କଳାକାର ହୋଇଛନ୍ତି, ବହୁ ବଡ ବଡ଼ ଜାଗାରେ ଅଛନ୍ତି। ସେମାନେ ସମସ୍ତେ ଓଡିଶାର ସୁପୁତ୍ର। ଆମ ପରିବାର ଭିତରେ ଟିକେ ମନୋମାଳିନ୍ୟ ହୋଇଛି। ଆମ ପରିବାର ଭିତର କଥା ବାହାରକୁ ପଳେଇ ଆସିଛି ତାହା ବଡ଼ ଭଳି ଲାଗୁଛି, କିଛି ଦିନ ଭିତରେ ସମାଧାନ ହୋଇଯିବ। ଏହାକୁ ନେଇ ରାଜନୀତି ହେବା କଥା ନୁହେଁ। ଗଣମାଧ୍ୟମ ଆଗରେ ସମସ୍ତ ରାଜନେତାଙ୍କୁ ଅନୁରୋଧ କରିବି ଏହା ଭିତରେ କେହି ମୁଣ୍ଡ ପୁରାନ୍ତୁ ନାହିଁ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବତୀ ମୃତ

କୁମାର ପୂର୍ଣ୍ଣିମାରେ ଅଘଟଣ

ଘସିପୁରା,୨୮।୧୦(ନିରଞ୍ଜନ ସାହୁ)

କୁମାରପୂର୍ଣ୍ଣିମା ପାଇଁ ସାହିର ଯୁବତୀମାନେ ପ୍ରସ୍ତୁତିରେ ଲାଗି ପଡ଼ିଥିଲେ। ଖୁସିରେ ସମସ୍ତେ ମସ୍‌ଗୁଲ ଥିବା ବେଳେ ଏହି ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶନିବାର ଜଣେ ଯୁବତୀଙ୍କର ମୃତ୍ୟୁ ଘଟିବା ଶୋକାକୁଳ ପରିବେଶ ସୃଷ୍ଟି କରିଦେଇଛି। ଏଭଳିଅଭାବନୀୟ ଘଟଣା ଘଟିଛିଆନନ୍ଦପୁର ପୌରପରିଷଦ ୧୬ ନଂ. ୱାର୍ଡ଼ ଶୈଳଙ୍ଗ ଗ୍ରାମରେ।

ସୂଚନା ଅନୁଯାୟୀ, ଗ୍ରାମର ଶୈଳେନ୍ଦ୍ର ଯେନାଙ୍କ ଝିଅ ରଶ୍ମିତା ସାହିରେ ହେଉଥିବା ପୂଜାରେ ସାଉଣ୍ଡ ବକ୍ସ ବଜାଇବାକୁ ଇଲେକ୍ଟ୍ରି ତାର ବୋର୍ଡରେ ସଂଯୋଗ କରୁଥିଲେ। ଅସାବଧାନତାବଶତଃ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆନନ୍ଦପୁର ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାରେ ଏକ ଅପମୃତ୍ୟୁ ମାମଲା(ନଂ.୫୭/୨୩)ରୁଜୁ ହୋଇଥିବା ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡ଼ା କହିଛନ୍ତି।

# ପଞ୍ଚଭୂତରେ ଲୀନହେଲେ ସ୍ୱରୂପ ନାୟକ

କଟକ,୨୮।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)



ସତୀଚୌରା ଶ୍ମଶାନରେ ସଙ୍ଗୀତ ନିର୍ଦ୍ଦେଶକ ସ୍ୱରୂପ ନାୟକଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଉଛି।

ପଞ୍ଚଭୂତରେ ଲୀନ ହେଲେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ, ଗୀତିକାର ଓ ଅଭିନେତା ସ୍ୱରୂପ ନାୟକ(୭୬)। ଶନିବାର କଟକ ସତୀଚୌରା ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ ଝିଅ ନିବୃତ୍ତି ନାୟକ ମୁଖାଗ୍ନି ଦେଇଥିଲେ। ଏହା ପୂର୍ବରୁ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ସତୀଚୌରା ଶ୍ମଶାନକୁ ଅଣାଯାଇଥିଲା। ସେଠାରେ ତାଙ୍କୁ ଗାର୍ଡ ଅପ୍ ଅନର ଦିଆଯାଇଥିଲା। ଜିଲାପାଳ ନରହରି ସେଠୀ, କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ସ୍ୱରୂପ ଦୀର୍ଘଦିନ ଧରି ଗଳା କର୍କଟ ରୋଗରେ ପୀଡିତ ଥିଲେ। ୫/୬ ଦିନ ତଳେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଶୁକ୍ରବାର ତାଙ୍କର ପରଲୋକ ହୋଇଥିଲା। ତାଙ୍କ ମରଶରୀରକୁ କଟକ ସିଡିଏ ସେକ୍ଟର-୮ସ୍ଥିତ ବାସଭବନକୁ ନିଆଯାଇ ଶେଷଦର୍ଶନ ପାଇଁ ରଖାଯାଇଥିଲା। ଶେଷ ଶଯ୍ୟା ନିକଟରେ ସ୍ତ୍ରୀ ନୀହାରିକା ନାୟକ, ବଡ଼ ଝିଅ ଡା. ନିବୃତ୍ତି ନାୟକ, ସାନ ଝିଅ ନିଦ୍ରା, ସାନଭାଇ ସୌମିତ୍ର ନାୟକ, ସୌମେନ୍ଦ୍ର ନାୟକ, ପୁତୁରା ପାର୍ଥ ନାୟକ, ହିମାଂଶୁ ନାୟକଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସେଠାରେ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିବା ସହ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ଘୋଷଣା କରିଥିଲେ।

୧୯୪୭ ଫେବୃୟାରୀ ୮ ତାରିଖରେ ସ୍ୱରୂପ

### ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ

ଜନ୍ମଗ୍ରହଣ କରିଥିଲେ। ସେ ଏକାଧାରରେ ଜଣେ ସଙ୍ଗୀତକାର, ଗୀତିକାର, ପ୍ରଚ୍ଛଦପଟ୍ଟ ଗାୟକ ଓ ଅଭିନେତା ଥିଲେ। ୪୦ରୁ ଅଧିକ ଓଡ଼ିଆ ଚଳଚ୍ଚିତ୍ର ପାଇଁ ସେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଏଥିସହ ୩୦ଟି ଚଳଚ୍ଚିତ୍ର ପାଇଁ ଗୀତ ଲେଖିଥିବାବେଳେ ୬ଟି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ସେହିପରି ୬ଟି ଫିଲ୍ମରେ ଗୀତ ଗାଇଥିଲେ। ୧୯୬୨ ମସିହାରେ ରିଲିଜ ହୋଇଥିବା 'ଜୟଦେବ' ଚଳଚ୍ଚିତ୍ରରେ ସ୍ୱରୂପ ଶିଶୁ କଳାକାର ଭାବେ ଅଭିନୟ କରିଥିଲେ। ବଡ଼ ହେବା ପରେ ସ୍ୱରୂପ ସତୀ ଅନସୂୟା, ସୁନା ସଂସାର, କଳାମାଣିକ, କଣ୍ଢେଇ ଆଖିରେ ଲୁହ, ଯଶୋଦା ଆଦି ଓଡ଼ିଆ ଚଳଚ୍ଚିତ୍ରରେ ଅଭିନେତା ଭାବେ ନଜର ଆସିଥିଲେ। ୧୯୮୪ ମସିହାର ଓଡ଼ିଆ ଚଳଚ୍ଚିତ୍ର 'ହୀରାନୀଳା'ରେ ସେ ପ୍ରଥମେ ସଙ୍ଗୀତ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ସଙ୍ଗୀତ ନିର୍ଦ୍ଦେଶିତ କେତେକ ଉଲ୍ଲେଖନୀୟ ଛବି ମଧ୍ୟରେ ଲାଲ୍‌ପାନ ବିବି, ବଗଲା ବଗୁଲୀ, ଲକ୍ଷେ ଶିବ ପୂଜି ପାଇଛି ପୁଅ, ଯଶୋଦା, କୃଷ୍ଣା କାବେରୀ, କି ହେବ ଶୁଆ ପୋଷିଲେ, ଶୁଭଦ୍ରା, ସକଳ ତୀର୍ଥ ତୋ ଚରଣେ, ଉଦଣ୍ଡୀ ସୀତା, ପଞ୍ଜୁରି ଭିତରେ ଶାରୀ, ମୋ କୋଳ ତୋ' ଝୁଲଣା, ଏ ଯୁଗର କୃଷ୍ଣ ସୁଦାମା, ଆଇ ଲଭ ୟୁ, ଅର୍ଜୁନ, ପ୍ରେମୀ ନମ୍ବର ୱାନ, ଶାଶୁ ଘର ଚାଲିଯିବି, ପ୍ରେମ ଋତୁ ଆସିଲାରେ, ପ୍ରଥମ ପ୍ରେମ, ମୁଁ ତତେ ଲଭ୍ କରୁଛି, ରୋମିଓ ଦ ଲଭରବୟ ଏବଂ ଆପ୍ପା ହାତ ଜଗନ୍ନାଥ ଆଦି ରହିଛି। ଶ୍ରେଷ୍ଠ ସଙ୍ଗୀତକାର ଭାବରେ ସେ ଦୁଇଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ।

ସ୍ୱରୂପ ନାୟକଙ୍କ ବିୟୋଗରେ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ବିଭାଗ ତରଫରୁ ଯୁଗ୍ମ ନିର୍ଦ୍ଦେଶିକା ଅତସୀ ଦାସ ସତୀଚୌରାଠାରେ ସ୍ୱର୍ଗତ ନାୟକଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## 'ପତ୍ର ଗୋଟାଳିରୁ ସାଂସଦ: ଆମ ପ୍ରିୟ ଡକ୍ଟର ଅଚ୍ୟୁତ ସାମନ୍ତ' ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର,୨୮।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

'ବିଶ୍ୱମୁକ୍ତି'ର ଶାରଦୀୟ ବନ୍ଧୁମିଳନ, ପୁସ୍ତକ ଲୋକାର୍ପଣ ଉତ୍ସବ

ପତ୍ରିକା 'ବିଶ୍ୱମୁକ୍ତି' ପକ୍ଷରୁ ଶାରଦୀୟ ବନ୍ଧୁମିଳନ ଓ ପୁସ୍ତକ ଲୋକାର୍ପଣ ଉତ୍ସବ ଶନିବାର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଏମ୍‌ପି ଡ. ଅଚ୍ୟୁତ ସାମନ୍ତ, ପୂର୍ବତନ ଏମ୍‌ପି କବି ପ୍ରସନ୍ନ କୁମାର ପାଟ୍ଟଶାଣୀ, ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ରନାଥ ମାନସିଂହ ପୂର୍ବତନ ଶିଶୁ ଅଧିକାର ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ପ୍ରଫେସର ବସନ୍ତ କୁମାର ପଣ୍ଡା, ଆଦିବାସୀ କବି ମକରଧ୍ୱଜ ନାୟକ, ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପତ୍ରିକାର ଶାରଦୀୟ ସଂଖ୍ୟା ଓ ପୁସ୍ତକ 'ପତ୍ରଗୋଟାଳିରୁ ସାଂସଦ: ଆମ ପ୍ରିୟ ଡକ୍ଟର ଅଚ୍ୟୁତ ସାମନ୍ତ'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଏଥିସହ ଲେଖିକା ମିନତି ସାମନ୍ତରାୟ ଓ ପ୍ରକାଶକ ତଥା କବି ଭିକାରୀ ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏମ୍‌ପି ଡ. ସାମନ୍ତ ଜୀବନର ଯାତ୍ରା ସଂପର୍କରେ ସୂଚନା ଦେଇ ନିଜ ପରିବେଶରୁ ସେ ପ୍ରେରଣା ପାଇଥିବା କଥା ପ୍ରକାଶ କରିଥିଲେ। ପ୍ରାରମ୍ଭରେ 'ବିଶ୍ୱମୁକ୍ତି'ର ସମ୍ପାଦକ ଅଧ୍ୟାପକ ଶଶାଙ୍କ ଚୂଡାମଣି ଓଡ଼ିଶାରେ ପତ୍ରପତ୍ରିକାର ସ୍ଥିତି ସଂପର୍କରେ ଆଲୋଚନା କରିଥିଲେ। କବି ରକ୍ଷକ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସାରସ୍ୱତ ସମାରୋହରେ ବହୁ ବୁଦ୍ଧିଜୀବୀ କବି ଲେଖକ ଉପସ୍ଥିତି ଥିବାବେଳେ 'ବିଶ୍ୱମୁକ୍ତି'ର ମୁଖ୍ୟ କାର୍ଯ୍ୟନିର୍ବାହୀ ସବିତା ଦାସ ଓ ପରିଚାଳନା ସମ୍ପାଦକ ସୁଧୀର ମଉଡମଣି ସଭାକାର୍ଯ୍ୟ ପରିଚାଳନା କରିଥିଲେ।


**ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ**

ଶିକ୍ଷା ସୌଧ, ୟୁନିଟ-୫, ଭୁବନେଶ୍ୱର-୭୫୧୦୦୧

No.n-

ସଂଖ୍ୟା-୧୨୫୬୫, ତାରିଖ: ୨୭.୧୦.୨୦୨୩

**କନିଷ୍ଠ ଶିକ୍ଷକ (Schematic) ପରୀକ୍ଷା ପାଇଁ ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କ ନିମନ୍ତେ ବିଶେଷ ସୂଚନା**

- କନିଷ୍ଠ ଶିକ୍ଷକ (Schematic) ପଦବୀ ପାଇଁ Computer Based Test (CBT) ପରୀକ୍ଷା ଆସନ୍ତା ତା.୦୩ ନଭେମ୍ବର, ୨୦୨୩ ରିଖଠାରୁ ଆରମ୍ଭ ହୋଇ ବିଭିନ୍ନ ପୂର୍ବ ନିର୍ଦ୍ଧାରିତ ଦିନମାନଙ୍କରେ ଅନୁଷ୍ଠିତ ହେବ ।
- ପ୍ରାର୍ଥି/ପ୍ରାର୍ଥିନୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ତା.୨୩.୧୦.୨୦୨୩ ରିଖଠାରୁ e-Admit Card download Link OSEPA websiteରେ ଉପଲବ୍ଧ ହେଉଅଛି ।
- ପ୍ରାର୍ଥି/ପ୍ରାର୍ଥିନୀମାନେ ଏହି online link ମାଧ୍ୟମରେ ସେମାନଙ୍କର login ID ଓ Pass-word କୁ ବ୍ୟବହାର କରି e-Admit Card download କରିପାରିବେ ।
- Admit Cardରେ ଉଲ୍ଲେଖ ଥିବା ପରୀକ୍ଷାର ଦିନ, ସମୟ ଏବଂ ପରୀକ୍ଷା କେନ୍ଦ୍ରର ନାମ ଓ ଅବସ୍ଥିତିକୁ ସୁନିଶ୍ଚିତ କରନ୍ତୁ, ଯାହାଫଳରେ ପରୀକ୍ଷା ଦିନ ଆପଣମାନେ ଯଥା ସମୟରେ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ପାରିବେ ।
- e-Admit Card ଓ ପରୀକ୍ଷା ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ଓସେପା ଅଫିସ କାର୍ଯ୍ୟାଳୟ ପରିସର ମଧ୍ୟରେ ଏକ ଉତ୍ସର୍ଗୀକୃତ Help Desk ଖୋଲାଯାଇଛି, ଯାହାକି ସମସ୍ତ ସରକାରୀ କାର୍ଯ୍ୟ ଦିବସରେ ସକାଳ ୧୦.୦୦ ଘଟିକାଠାରୁ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ ଖୋଲା ରହିଛି । ସୂଚନା ପାଇଁ ଏହି Help Desk କୁ ଆପଣମାନେ ୦୬୭୪-୨୩୯୦୩୬୬ ରେ ଯୋଗାଯୋଗ କରିପାରିବେ ।
- ଏତଦ୍‌ବ୍ୟତୀତ ରାଜ୍ୟର ୪ଟି ସହର ଯଥା:- ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର ଓ କୋରାପୁଟର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରେ e-Admit Card ଓ ପରୀକ୍ଷା ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ଗୋଟିଏ ଲେଖାଏଁ ସହାୟତା କେନ୍ଦ୍ର (Facilitation Centre) ଖୋଲାଯିବ, ଯାହାକି କେବଳ ନଭେମ୍ବର ମାସ ୧ ଓ ୨ ତାରିଖରେ କାର୍ଯ୍ୟକ୍ଷମ ରହିବ । ପ୍ରାର୍ଥୀ/ପ୍ରାର୍ଥିନୀମାନେ ପରୀକ୍ଷା ସମ୍ବନ୍ଧୀୟ ତଥ୍ୟ ତଥା e-Admit Card ସମ୍ପର୍କିତ ସବିଶେଷ ସୂଚନା ସକାଳ ୧୦.୦୦ ଘଟିକାଠାରୁ ଅପରାହ୍ନ ୫.୦୦ ପର୍ଯ୍ୟନ୍ତ କେବଳ ଏହି ଦୁଇ ଦିବସରେ ସହାୟତା ନେଇପାରିବେ ।
- ଏତଦ୍‌ବ୍ୟତୀତ ପରୀକ୍ଷା ସମ୍ବନ୍ଧୀୟ ତଥ୍ୟ ତଥା e-Admit Card ସମ୍ପର୍କିତ ସବିଶେଷ ସୂଚନା ପାଇଁ ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ସମସ୍ତ କାର୍ଯ୍ୟ ଦିବସରେ Help Desk No.+917353927779 ରେ (ସକାଳ ୧୦.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ପର୍ଯ୍ୟନ୍ତ) ଯୋଗାଯୋଗ କରିପାରିବେ ।
- OSEPA website ରେ ପରୀକ୍ଷାର୍ଥୀମାନଙ୍କ ସୁବିଧା ଓ ଅଭ୍ୟାସ ନିମନ୍ତେ Computer Based Test (CBT)ର ଏକ Mock Test Link ଦିଆଯାଇଛି । ଏହି Link ରେ click କରି ଆପଣମାନେ CBT Testର ପୂର୍ବ ଅଭ୍ୟାସ ଜାରି ରଖନ୍ତୁ, ଯାହାକି ପରୀକ୍ଷା ଦେବା ପ୍ରକ୍ରିୟାକୁ ସହଜ ଓ ସୁଗମ କରିବ ।
- ଏହି ପରୀକ୍ଷା ସମ୍ପୂର୍ଣ୍ଣ ଭାବେ ସ୍ୱଚ୍ଛ ଓ ନିରପେକ୍ଷ ଅଟେ । ଯଦି ଆପଣମାନଙ୍କୁ କୌଣସି ବ୍ୟକ୍ତି ବିଶେଷ ମିଥ୍ୟା ପ୍ରଲୋଭନ, ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦିଅନ୍ତି ଓ ଏଥିପାଇଁ ଟଙ୍କା ଦାବି କରନ୍ତି କିମ୍ବା ପ୍ରବର୍ତ୍ତାଇଥାନ୍ତି, ତାହା ହେଲେ ଆପଣମାନେ ତୁରନ୍ତ ନିକଟସ୍ଥ ପୋଲିସ ଷ୍ଟେସନ ସହିତ ଯୋଗାଯୋଗ କରିବେ । ଏ ସମ୍ବନ୍ଧରେ ସମସ୍ତ ପୋଲିସ୍ ଷ୍ଟେସନକୁ ସୂଚିତ କରାଯାଇଛି ।

ଆସନ୍ତୁ, ଆମେ ସାବଧାନ ହେବା, ଏକ ସ୍ୱଚ୍ଛ ଓ ନିରପେକ୍ଷ ନିଯୁକ୍ତି ପ୍ରକ୍ରିୟାରେ ଅଂଶୀଦାର ହେବା ଓ ସବିଶେଷ ସୂଚନା ପାଇଁ ଅବିରତ ଭାବେ OSEPA website କୁ login କରିବା ।

ସ୍ୱା./-
ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓସେପା

OIPR-27068/11/0031/2324


# ୭ ପରିବାରର ୨୬ ଜଣଙ୍କୁ ଆବାସ

ଯାଜପୁର,୨୮।୧୦(ହର୍ଷବର୍ଦ୍ଧନ ବେହେରା)

ଗରିବ ଲୋକଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ପ୍ରଣୀତ ପ୍ରଧାନମନ୍ତ୍ରୀ ଆବାସ, ମୋ କୁଡିଆ ଓ ବିଜୁ ପକ୍କାଘର ଯୋଜନା ଯାଜପୁର ଜିଲାରେ ଲକ୍ଷ୍ୟଭ୍ରଷ୍ଟ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ସଭାସମିତିରେ ଗ୍ରାମୀଣ ଆବାସ ଯୋଜନାର ତାଲିକା ତଦନ୍ତ ହେବ, ଅଯୋଗ୍ୟ ହିତାଧିକାରୀ ବାଦ୍ ପଡିବେ, ୱାଲ ପେଣ୍ଟିଂରେ ଯୋଗ୍ୟ ହିତାଧିକାରୀ ତାଲିକା ପ୍ରକାଶ ପାଇବ, ଅବହେଳା କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆଦି ନିଷ୍ପତ୍ତିରେ ସୀମିତ ରହିଛି। ଫଳରେ ଅଯୋଗ୍ୟ ହିତାଧିକାରୀଙ୍କ ଲମ୍ବା ତାଲିକା ବଢିବାରେ ଲାଗିଛି। ଏହି କ୍ରମରେ ଜିଲାର ଦଶରଥପୁର ବ୍ଲକ ଜାଫରପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ଗତ ୫ ବର୍ଷ ମଧ୍ୟରେ ୭ ପରିବାରର ୨୬ ଜଣଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇଛି। ଏହାବାଦ୍ ଯୋଗ୍ୟ ହିତାଧିକାରୀଙ୍କୁ ଅର୍ଥ ପ୍ରଦାନରେ ଅନିୟମିତତା ହେଉଛି। ଏନେଇ ଗ୍ରାମବାସୀ ଗତ ସେପ୍ଟେମ୍ବରରେ ଯାଜପୁର ଜିଲାପାଳଙ୍କ ସମେତ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ ଓ ସଚିବ, ମୁଖ୍ୟ ଶାସନ ସଚିବ, ଦଶରଥପୁର ବିଡିଓ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳି ପାରିନାହିଁ। ଏହା ପୂର୍ବରୁ ଜିଲାର ଧର୍ମଶାଳା, ବିଞ୍ଝାରପୁର ଆଦି ବ୍ଲକରେ ଅନୁରୂପ ଅଭିଯୋଗ ହୋଇଥିବାବେଳେ ଅଯୋଗ୍ୟ ହିତାଧିକାରୀଙ୍କଠାରୁ ଟଙ୍କା ଫେରସ୍ତ ପାଇଁ ପଦକ୍ଷେପ ନିଆଯାଇଥିବା ନଜିର ରହିଛି। ହେଲେ ଦାୟିତ୍ୱରେ ଥିବା ଅଧିକାରୀ କିମ୍ବା କର୍ମଚାରୀମାନଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଆବାସ ବଣ୍ଟନରେ ଦାୟିତ୍ୱରେ ଥିବା କେତେଜଣ ପ୍ରଶାସନିକ ଅଧିକାରୀଙ୍କୁ ମୋଟା ଅଙ୍କର ହାତଗୁଞ୍ଜା ଦେଇ ଥିଲାବାଲା ଲୋକ ଏହି ଯୋଜନାର ଭରପୂର ଫାଇଦା ଉଠାଉଛନ୍ତି। ହେଲେ ଗରିବ ହିତାଧିକାରୀ ପକ୍କାଘର ପାଇଁ ଚାହିଁ ରହିବା ସାର ହୋଇଛି। ବିଡ଼ମ୍ବନା ଯେ, ହିତାଧିକାରୀଙ୍କ କ୍ରମିକ ସଂଖ୍ୟାରେ ହାଇଜାକ୍, ଘର ଚୋରି ସାଙ୍ଗକୁ ଶ୍ରମ ଲୁଟ, ଜାଲ ଦସ୍ତଖତରେ ଲକ୍ଷାଧିକ ଟଙ୍କା ହଡପ ଆଦି ଅନିୟମିତତା ଜିଲାରେ ଅଣାୟତ୍ତ ହୋଇଛି। ଏପରିକି ମୃତ ବ୍ୟକ୍ତି, ସରକାରୀ କର୍ମଚାରୀ ଓ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ ଥିବା ହିତାଧିକାରୀମାନେ ଏହି ଯୋଜନାରେ ଉପକୃତ ହୋଇଛନ୍ତି। ଏହା ବିରୋଧରେ କେତେଜଣ ସାମାଜିକ କର୍ମୀ ହାଇକୋର୍ଟ ଓ ଲୋକାୟୁକ୍ତଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ହେଁ ଜିଲାରେ ଗୋଟିଏ ପରିବାରରେ ୨ ରୁ ୬ଟି ଲେଖାଏଁ ବ୍ୟକ୍ତିଙ୍କ ନାମରେ ଆବାସ ପ୍ରଦାନ କରାଯାଉଛି। ଅଭିଯୋଗ ଅନୁସାରେ ଜାଫରପୁର ପଞ୍ଚାୟତର ଚାଉଳିଆ ଗ୍ରାମରେ କୃତ୍ତିବାସ ଦାସଙ୍କ ପରିବାରର ୬ ଜଣ ଆବାସ ଯୋଜନାରେ ସାମିଲ ହୋଇଛନ୍ତି। ଅର୍ଥାତ୍ କୃତ୍ତିବାସଙ୍କ ପୁଅ ନରେନ୍ଦ୍ର ଦାସ ଓ ସୁରେନ୍ଦ୍ର ଦାସଙ୍କ ସମେତ ବୋହୂ ପୂଜାରାଣୀ ଦାସ, ଅନ୍ନପୂର୍ଣ୍ଣା ଦାସ, ମମତା ଦାସ ଓ ରଞ୍ଜିତା ଦାସଙ୍କୁ ୨୦୨୧-୨୨ ଆର୍ଥିକ ବର୍ଷରେ ଆବାସ ଯୋଜନାରେ ସାମିଲ କରାଯାଇଛି। ସେହିପରି ଜାଫରପୁର ଗ୍ରାମର ଶଙ୍କର୍ଷଣ ମଲିକଙ୍କ ପରିବାରକୁ ୫ଟି ସରକାରୀ ଆବାସ ପ୍ରଦାନ କରାଯାଇଛି। ଏଥିରେ ଶଙ୍କର୍ଷଣ ମଲିକ ଏବଂ ତାଙ୍କ ପୁଅ ସୁଦର୍ଶନ ମଲିକ ଓ ଶରତଚନ୍ଦ୍ର ମଲିକଙ୍କ ସମେତ ବୋହୂ ସୁଭଦ୍ରା ମଲିକ ଓ କବିତା ମଲିକଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇଛି। ଏହାବାଦ୍ ଚାଉଳିଆ ଗ୍ରାମର ଅଲେଖ ଦାସଙ୍କ ପରିବାରଙ୍କୁ ୪ଟି ଆବାସ ପ୍ରଦାନ କରାଯାଇଛି। ଏଥିରେ ଅଲେଖ ଦାସ ଓ ତାଙ୍କ ପୁଅ ମହେନ୍ଦ୍ର ଦାସ, ବୋହୂ ଚଞ୍ଚଳା ଦାସ ଓ କନକଲତା ଦାସ ଯୋଜନାର ଲାଭ ଉଠାଇଛନ୍ତି। ଜାଫରପୁର ଗ୍ରାମର ମୀନକେତନ ମଲିକଙ୍କ ପରିବାରର ୩ଜଣ ଅର୍ଥାତ୍ ମୀନକେତନ ମଲିକ ଓ ତାଙ୍କ ପୁଅ ତାରାକାନ୍ତ ମଲିକ, ବୋହୂ ସୁମିତ୍ରା ମଲିକ ଆବାସ ପାଇଛନ୍ତି। ଏହାସହ ମୁକୁନ୍ଦ ଦଳାଇ ଓ ତାଙ୍କ ଅବିବାହିତ ପୁଅ ସତ୍ୟଶଙ୍କର ଦଳାଇ ୨ଟି ଆବାସ ପାଇଛନ୍ତି। ସନାତନ ମଲିକଙ୍କ ସମେତ ତାଙ୍କ ବୋହୂ ରଞ୍ଜିତା ମଲିକ ଓ କବିତା ମଲିକ, ବିକ୍ରମ ମଲିକଙ୍କ ସ୍ତ୍ରୀ ଲତା ମଲିକ ଓ ପୁଅ ବିପିନ ବିହାରୀ ମଲିକ, ବୋହୂ ରଞ୍ଜିତା ମଲିକ ଆବାସ ପାଇଛନ୍ତି। ଖାଲି ସେତିକି ନୁହେଁ,ଉପରୋକ୍ତ କେତେକ ପରିବାରବର୍ଗଙ୍କ ନାମରେ ପୂର୍ବରୁ ଇନ୍ଦିରା ଆବାସ ଯୋଜନାରେ ମଧ୍ୟ ଘର ପାଇଥିବା ପ୍ରମାଣ ଅଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏହାବାଦ୍ ଜାଫରପୁର ପଞ୍ଚାୟତର ୨୦ରୁ ଅଧିକ ପରିବାରବର୍ଗଙ୍କୁ ବେଆଇନ ଭାବେ ଏକାଧିକ ଆବାସ ପ୍ରଦାନ କରାଯାଇଛି। ଉପରୋକ୍ତ ତଥ୍ୟ କେବଳ ଗ୍ରାମବାସୀଙ୍କ ନିଜସ୍ୱ ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଉପଯୁକ୍ତ ଭାବେ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବାସ୍ତବତା ଲୋକଲୋଚନକୁ ଆସିପାରିବ ବୋଲି ଦାବି ହେଉଛି। ଏ ସଂକ୍ରାନ୍ତରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ଶନିବାର ସନ୍ଧ୍ୟାରେ ଯୋଗାଯୋଗ କରିଥିଲେ ହେଁ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

**ଯାଜପୁର ଜିଲାରେ ଆବାସ ଯୋଜନାରେ ଅନିୟମିତତା**




■ ଗୋଟିଏ ପରିବାରର ୬ ସାମିଲ

■ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ, କାର୍ଯ୍ୟାନୁଷ୍ଠାନ ଶୂନ୍

## ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ଫାର୍ମ ହାଉସରୁ ଚୋରି

ମୋରଡା,(ସ୍ମାରକ ମାଝୀ)- ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ତଥା ବେତନଟୀ ଥାନା ଅଧୀନ ଦୁର୍ଗାପୁରରେ ଥିବା ଅବସରପ୍ରାପ୍ତ ପୋଲିସ ଅଧିକାରୀ ଭଗବାନ ଜେନାଙ୍କ ଫାର୍ମ ହାଉସରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ବୁଧବାର ତାଙ୍କ ଅନୁପସ୍ଥିତିରେ ଏକ ସୋଲାର ପ୍ଲେଟ ଚୋରି ହୋଇଯାଇ ଥିବା ଅଭିଯୋଗରେ ଦର୍ଶାଯାଇଛି। ପୂର୍ବରୁ ମଧ ବିଭିନ୍ନ ସମୟରେ ଗୃହ ଉପକରଣ, ଆସବାବପତ୍ର ସମେତ ସୋଲାର ପ୍ଲେଟ ଏବଂ ବାଡ଼ ଘେରା ତାର ଇତ୍ୟାଦି ଚୋରି ହୋଇଥିଲା। ବେତନଟୀ ପୋଲିସ ଏକ ମାମଲା(ନଂ.୩୯୧/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ପାଟଣା ଓ ସାହାରପଡ଼ାରେ ନୂତନ ତହସିଲଦାରଙ୍କ ଯୋଗଦାନ

ପାଟଣା,୨୮।୧୦(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ତହସିଲରେ ଶୁକ୍ରବାର ନୂତନ ତହସିଲଦାର ଭାବେ ଲୀଳାବତୀ ନାୟକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏଥି ପୂର୍ବରୁ ସେ ଦେବଗଡ଼ ଜିଲାର ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ପାଟଣାର ପୂର୍ବତନ ତହସିଲଦାର ତାପସ ରଞ୍ଜନ ଦେହୁରୀଙ୍କର କେନ୍ଦ୍ରାପଡ଼ା ତହସିଲଦାର ଭାବେ ବଦଳି ହୋଇଛି। ଅନୁରୂପ ସାହାରପଡ଼ା ତହସିଲରେ ନୂତନ ତହସିଲଦାର ଭାବରେ ପରମାନନ୍ଦ ଖଟେଇ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ପୂର୍ବରୁ ମୟୂରଭଞ୍ଜ ଜିଲା ବହଳଦା ତହସିଲଦାର ଭାବରେ କାର୍ଯ୍ୟ କରୁଥିଲେ। ସାହାରପଡ଼ାର ପୂର୍ବତନ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତିଙ୍କ ପୁରୀ ଜିଲା ଅସ୍ତରଙ୍ଗ ତହସିଲଦାର ଭାବେ ବଦଳି ହୋଇଛି।

### ମଦ ସହ ସ୍କର୍ପିଓ ଜବତ, ବେପାରୀ ଫେରାର

ଧାମନଗର, ୨୮।୧୦ (ଦେବେନ୍ଦ୍ର ଆଢ଼ିଆ/ସନ୍ତୋଷ କୁମାର ମହାପାତ୍ର)- ୧୬ ନମ୍ବର ଜାତୀୟ ରାଜପଥର ଧାମନଗର ଛକ ନିକଟରୁ ସ୍ଥାନୀୟ ପୋଲିସ ମଦ ସହ ଏକ ସ୍କର୍ପିଓ ଜବତ କରିଛି। ଜବତ ଗାଡ଼ି କେନ୍ଦୁଝର ଅଞ୍ଚଳର ବୋଲି ନମ୍ବରରୁ ଜଣାପଡ଼ିଛି। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ପୋଲିସ ରାଜପଥରେ ପାଟ୍ରୋଲିଂ କରୁଥିଲା। ପୋଲିସ ଗାଡ଼ିକୁ ଦେଖି ମଦ ବେପାରୀ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ଧାମନଗର ଥାନା ଏସ୍ଆଇ ପ୍ରଦୀପ ନାୟକ ସେଠାରେ ପହଞ୍ଚି ସ୍କର୍ପିଓ ଯାଞ୍ଚ କରିବାରୁ ବସ୍ତାରେ ଭର୍ତ୍ତି ହୋଇଥିବା ପ୍ରାୟ ୫୦୦ ଲିଟର ଦେଶୀ ମଦ ଜବତ କରିଥିଲେ। ଜବତ ଗାଡ଼ିକୁ ଥାନାକୁ ଆଣିବା ପରେ ଭଦ୍ରକରୁ ଧାମନଗର ଦେଇ ଯାଜପୁର ଅଭିମୁଖେ ଯାଉଥିଲା ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

### ଚୋରି ର୍‍ୟାକେଟ ଠାବ, ୬ ଗିରଫ

ଚାନ୍ଦବାଲି, ୨୮।୧୦(କିଷାନ ପାତ୍ର)-ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଧାମରା ଅଞ୍ଚଳରେ ଦିନକୁ ଦିନ ଚୋରି ବୃଦ୍ଧି ପାଉଛି। ଧାମରା ପୋଲିସ ଶୁକ୍ରବାର ଏକ ଚୋରି ରାକେଟ୍‌କୁ ଠାବ କରିଛି। ବିଗତ ଦିନରେ ଧାମରାଇ ମନ୍ଦିର ହୁଣ୍ଡି ଭାଙ୍ଗି ଟଙ୍କା ସୁନା ଚୋରି, ସ୍ଥାନୀୟ ଅଞ୍ଚଳରେ ଏଟିଏମ୍‌ରୁ ଲୁଟ୍ ସହ ଧାମରା ବିଦ୍ୟାଳୟରୁ ଏକ ଏଲଇଡି ଟିଭି, ବାଣିଜ୍ୟ ବିଭାଗର ଲଞ୍ଚରୁ ବ୍ୟାଟେରି ଚୋରି ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ଗୁରୁବାର ଏହି ରାକେଟ୍ ଚନ୍ଦନୀପାଳର ଏକ ବୋଟ୍‌ରୁ ବ୍ୟାଟେରି ଚୋରି କରିବାକୁ ଯାଇଥିବା ପୋଲିସ ଖବର ପାଇଥିଲା। ଧାମରା ଥାନାଧିକାରୀ ଶୋଭନ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ଧାମରା ଅଞ୍ଚଳର ୬ଜଣଙ୍କୁ କାବୁ କରିବା ସହ ବହୁ ଚୋରା ସାମଗ୍ରୀ ଜବତ କରିଥିଲା। ଚୋରା ସାମଗ୍ରୀ କିଣିଥିବା ଲୋକଙ୍କୁ ମଧ୍ୟ ଥାନାରେ ଅଟକ ରଖାଯାଇଥିଲା। ୬ ଜଣଙ୍କୁ ଗିରଫ ପରେ ଶନିବାର ପୋଲିସ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସନ୍ତୋଷ ପରିଡ଼ା, ମଙ୍ଗରାଜ ସାମଲ, ଅମନ ମାଇତି, ସନ୍ତୋଷ ତରାଇ, ଦିପୁ ମଣ୍ଡଳ ଓ ପପୁ ମାଇତି।

### ଅଶ୍ଲୀଳ ଭିଡିଓ ଭାଇରାଲ ମାମଲାରେ ଆଇନଜୀବୀ ଗିରଫ

ସିମୁଳିଆ, ୨୮।୧୦(ସନ୍ତୋଷ ନାୟକ)
ସିମୁଳିଆ ଥାନା ଖଇରା ବ୍ଲକ ଅଞ୍ଚଳର ଜଣେ ବିଧବାଙ୍କ ଅଶ୍ଲୀଳ ଭିଡିଓ ଭାଇରାଲ କରିବା ଘଟଣାରେ ସିମୁଳିଆ ପୋଲିସ ଭଦ୍ରକ ଅଞ୍ଚଳର ଅନନ୍ତ ନାରାୟଣ ପଣ୍ଡା ନାମକ ଜଣେ ଆଇନଜୀବୀଙ୍କୁ ଗିରଫ କରିଛି। ଏନେଇ ମାମଲା (ନଂ. ୩୩୦/୨୩)ରୁଜୁ କରାଯାଇ ଶନିବାର କୋର୍ଟଚାଲାଣ କରାଯାଇଛି। ଉକ୍ତ ମହିଳାଙ୍କ ସ୍ୱାମୀଙ୍କ ଦେହାନ୍ତ ପରେ ଜମିଜମା ମାମଲାରେ ଅନନ୍ତ ତାଙ୍କ ସମ୍ପର୍କରେ ଆସିଥିଲେ । ତେବେ ପରେ ତାଙ୍କ ଭିଡିଓ ଉତ୍ତୋଳନ କରି ଭାଇରାଲ କରିବା ଯୋଗୁ ମହିଳାଙ୍କ ସାମାଜିକ ସ୍ଥିତି ବିଗିଡୁଥିବା ସେ ଅଭିଯୋଗ କରିଥିଲେ। ଏପରିକି ଆଇନଜୀବୀଙ୍କ ମୋବାଇଲ, କମ୍ପ୍ୟୁଟର ଜବତ କରିବା ପାଇଁ ମହିଳାଜଣଙ୍କ ପୋଲିସ ନିକଟରେ ଦାବି କରିଛନ୍ତି। ଅପରପକ୍ଷେ ଟଙ୍କା ନେଣଦେଣ ଘଟଣାକୁ କେନ୍ଦ୍ରକରି ମହିଳାଜଣଙ୍କ ତାଙ୍କ ନାମରେ ଅଭିଯୋଗ କରିଥିବା ଆଇନଜୀବୀ ପାଲଟା ଅଭିଯୋଗ କରିଛନ୍ତି । ପୋଲିସ ଶୁକ୍ରବାର ରାତିରେ ତାଙ୍କୁ ଭଦ୍ରକରୁ ଗିରଫ କରିଥିଲା। ଅପରପକ୍ଷେ ମହିଳାଜଣଙ୍କ ଅଶ୍ଲୀଳ ଭିଡିଓ ସମ୍ପର୍କରେ ଅଭିଯୋଗ କରିବା ସହିତ ଆଇନଜୀବୀ ଓ ମହିଳା ପରସ୍ପର ବିରୋଧରେ ଟଙ୍କା ନେଣଦେଣ ଅଭିଯୋଗ କରୁଥିବା ସିମୁଳିଆ ଥାନା ଅଧିକାରଣୀ ସ୍ୱର୍ଣ୍ଣଲତା ମିଞ୍ଜ ସୂଚନା ଦେଇଛନ୍ତି ।

# ଯୁବ ଭୋଟର ଗଣତନ୍ତ୍ରର ଶକ୍ତି

**ଭୋଟର ତାଲିକାରେ ନାମ ପଞ୍ଜୀକରଣ ନେଇ ସଚେତନତା**

କେନ୍ଦୁଝର,୨୮।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)



ସଚେତନତା ପଦଯାତ୍ରାକୁ ଜିଲାପାଳ ଆଶିଷ ଠାକ୍‌ରେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ଭୋଟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଭୋଟରମାନେ ହେଉଛନ୍ତି ଗଣତନ୍ତ୍ରର ଶକ୍ତି ଓ ସାମର୍ଥ୍ୟ। ମତଦାନ ଏକ ସାମ୍ବିଧାନିକ ଅଧିକାର ହୋଇଥିବାରୁ ପ୍ରତ୍ୟେକ ନାଗରିକ ଅଧିକାର ସାବ୍ୟସ୍ତ କରିବା ଉଚିତ। କେନ୍ଦୁଝର ଜିଲା ସଦର ମହକୁମାଠାରେ ଜିଲା ପ୍ରଶାସନ ଓ କେନ୍ଦୁଝର ଉପଖଣ୍ଡ ପ୍ରଶାସନ ଆନୁକୂଲ୍ୟରେ ଶନିବାର ଭୋଟର ତାଲିକାରେ ନାମ ପଞ୍ଜୀକରଣ ନେଇ ସଚେତନତା ଉଦ୍ଦେଶ୍ୟରେ କେନ୍ଦୁଝର ଅଡିଟୋରିୟମଠାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥିଭାବେ ଜିଲାପାଳ ଆଶିଷ ଠାକ୍‌ରେ ଯୋଗଦେଇ ମତବ୍ୟକ୍ତ କରିଥିଲେ।

ଏଥିସହ ଭାରତୀୟ ଗଣତନ୍ତ୍ରକୁ ଆଗାମୀ ଦିନରେ ଅଧିକ ସଶକ୍ତ କରିବାରେ ଯୁବ ଭୋଟରମାନେ ମହନୀୟ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଜଣାଇଥିଲେ। ଏ କ୍ଷେତ୍ରରେ ଯେଉଁ ସାବାଳକମାନେ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିନାହାନ୍ତି କିମ୍ବା ଯେଉଁମାନଙ୍କୁ ଆଗାମୀ ୨୦୨୪ ଜାନୁୟାରୀ ୧ ତାରିଖ ସୁଦ୍ଧା ୧୮ ବର୍ଷ ବୟସ ହେଉଥିବ, ସେମାନଙ୍କ ନାମ ଭୋଟର ତାଲିକାରେ ପଞ୍ଜୀକରଣ କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଜିଲାପାଳ ଯଦୁମଣି ମହଲା, କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍‌କୁ ଭାରତର ନିର୍ବାଚନ କମିଶନ ଓ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ମାର୍ଗଦର୍ଶିକା ଅନୁଯାୟୀ ଆୟୋଜିତ 'ପଥ ଉତ୍ସବ'ର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବର୍ଗର ଜନସାଧାରଣ, ଛାତ୍ରୀଛାତ୍ର, ଶିକ୍ଷାବିତ୍‌ଙ୍କୁ ନେଇ ଆୟୋଜିତ ୱାକାଥନକୁ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ କେନ୍ଦୁଝର ଅଡିଟୋରିୟମଠାରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଭୋଟର ସଚେତନତା ସମ୍ପର୍କିତ ଚିତ୍ରକଳା ଓ ରଙ୍ଗୋଲି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ମୁଖ୍ୟ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ କିଶୋର ପୃଷ୍ଟି, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ଡେପୁଟି କଲେକ୍ଟର ନିର୍ବାଚନ ବିକାଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ -୨୦୨୪ ପ୍ରକ୍ରିୟା ୨୭ ଅକ୍ଟୋବର ୨୦୨୩ରୁ ଆରମ୍ଭ ହୋଇଛି। ଏହା ୯ ଡିସେମ୍ବର ୨୦୨୩ ପର୍ଯ୍ୟନ୍ତ ଚାଲିବ। ପ୍ରକ୍ରିୟାରେ ଉଭୟ ଅଫ୍‌ଲାଇନ ଓ ଅନ୍‌ଲାଇନ ମାଧ୍ୟମରେ ନାମ ପଞ୍ଜୀକରଣ ସହିତ ତ୍ରୁଟି ସଂଶୋଧନ ଓ ସ୍ଥାନାନ୍ତରଣ ହୋଇପାରିବ।

## ଆନ୍ତଃ ରାଜ୍ୟ ୨ ଲୁଟେରା ଗିରଫ

ବାଲେଶ୍ୱର, ୨୮।୧୦ (ମାନସ ବିଶ୍ୱାଳ)



ଗିରଫ ଦୁଇ ଅଭିଯୁକ୍ତଙ୍କ ସହ ଜବତ ସାମଗ୍ରୀ।

ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଧୀନ ସରସ୍ୱତୀପୁର ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘରେ ଅନଧିକାର ପ୍ରବେଶ କରି ଚୋରି କରିଥିବା ମାମଲାରେ ଶିଳ୍ପାଞ୍ଚଳ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଗୋଟିଏ ସ୍କୁଟି, ଗୋଟିଏ ଯୋଡ଼ା ରୁପା ପାଉଁଜି, ନଗଦ ୨୨ହଜାର ଟଙ୍କା, ଗୋଟିଏ ହାତୁଡ଼ି ଓ ଛେଣି ଜବତ କରାଯାଇଥିବା ଶନିବାର ସଦର ଏସ୍‌ଡିପିଓ ଡ. ଶଶାଙ୍କ ଶେଖର ବେଉରା ଶିଳ୍ପାଞ୍ଚଳ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଗତ ୧୦ତାରିଖରେ ସରସ୍ୱତୀପୁର ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘରେ କେହି ନ ଥିବା ବେଳେ ଅଭିଯୁକ୍ତମାନେ ଘର ଭାଙ୍ଗି ଜିନିଷପତ୍ର, ସୁନା, ଗହଣା, ନଗଦ ଟଙ୍କା ଲୁଟ୍ କରିନେଇଥିଲେ। ଏନେଇ ଶିଳ୍ପାଞ୍ଚଳ ଥାନାରେ ମାମଲା (ନଂ. ୧୮୩/୨୩) ରୁଜୁ କରାଯାଇଥିଲା। ଉକ୍ତ ମାମଲାର ତଦନ୍ତ ପରେ ପଶ୍ଚିମବଙ୍ଗ ରାଜ୍ୟ ମୁର୍ଶିଦାବାଦ ଅଞ୍ଚଳର ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଦ୍ୱୟ ବାଲେଶ୍ୱର ଜିଲା ସହ ରାଜ୍ୟର ବିଭିନ୍ନ ଜିଲାରେ ଘରେ ପଶି ଚୋରି କରିଥିବା ସ୍ୱୀକାର କରିଛନ୍ତି। ଏନେଇ ଅଧିକ ତଦନ୍ତ ଜାରି ରହିଥିବା ବେଳେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି।

## ଡୁଙ୍ଗୁରା ହାଇସ୍କୁଲ ପୁରାତନ ଛାତ୍ର ପରିଷଦର ବନ୍ଧୁମିଳନ

ଖଇରା, ୨୮।୧୦(ଉତ୍କଳବନ୍ଧୁ ପଣ୍ଡା)- ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡୁଙ୍ଗୁରା ଦର୍ଶନ ପ୍ରସାଦ ହାଇସ୍କୁଲ ପୁରାତନ ଛାତ୍ର ପରିଷଦର ବନ୍ଧୁମିଳନ ପର୍ବ ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମାୟାଧର ସାହୁ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆଲୁମିନି ସଭାପତି ମାୟାଧର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କୃଷ୍ଣଚନ୍ଦ୍ର ଖିଲାର ମୁଖ୍ୟଅତିଥି, ଡା. ଶ୍ରୀକାନ୍ତ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ହାଇସ୍କୁଲରେ ପୁରୁଣା ଦିନ କିଛି ଘଟଣା ଉପରେ ସ୍ମୃତିଚାରଣ କରିଥିଲେ। ମଧୁସୂଦନ ଦାସ, ସୁରେନ୍ଦ୍ର ରାଉତ, ସଜିନ୍ଦ ରାଉଳ, ଅର୍ଜୁନ ମଣ୍ଡଳ ଓ ପୂର୍ଣ୍ଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## 'ମୋ ଭଉଣୀକୁ ମାରି ଦିଆଯାଇଛି'

ବନ୍ତ,୨୮।୧୦ (ହରିନାରାୟଣ ମହାନ୍ତି)

ମୋ ଭଉଣୀ ଆତ୍ମହତ୍ୟା କରିନାହିଁ। ଶାଶୁଘର ଲୋକେ ତାକୁ ମାରି ଦେଇଛନ୍ତି ବୋଲି ଶନିବାର ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ପଧାନପଡ଼ା ଗ୍ରାମର ଶାଶୁଘରେ ଭଉଣୀ ମରି ପଡ଼ିଥିବା ଖବର ପାଇ ଦୌଡ଼ି ଆସିଥିବା ଭାଇ ଯାଜପୁର ଜିଲା କୋରେଇ ଥାନା ଅନ୍ତର୍ଗତ ଯୁଗଳ ଗ୍ରାମର କାହ୍ନୁ ଚରଣ ଦାସ ଅଭିଯୋଗ କରିଛନ୍ତି। ମୃତ ମହିଳା ହେଲେ ଉର୍ମିଳା ଦାସ। ତାଙ୍କ ଭାଇଙ୍କ ଅଭିଯୋଗକ୍ରମେ ବନ୍ତ ପୋଲିସ ଉର୍ମିଳାଙ୍କ ସ୍ୱାମୀ, ଶାଶୁ ଓ ନଣନ୍ଦଙ୍କ ନାମରେ ଯୌତୁକ ନିର୍ଯାତନା ଓ ହତ୍ୟା ମାମଲା (ନଂ.୧୬୯/୨୩) ରୁଜୁ କରିଛି। ଏଥିସହ ତାଙ୍କ ସ୍ୱାମୀଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

କାହ୍ନୁ ଚରଣ ଅଭିଯୋଗ କରିଛନ୍ତି ଯେ, ଉର୍ମିଳାଙ୍କର ୨୦୧୯ ଜୁନ୍ ୧୨ରେ ପଧାନପଡ଼ା ଗ୍ରାମର ଗୌତମ ବାରିକଙ୍କ ସହ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହ ବେଳେ ବରପକ୍ଷର ଦାବି ମୁତାବକ ୬୦ ହଜାର ଟଙ୍କା ସହ ସୁନା ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ ଦିଆଯାଇଥିଲା। ବିବାହର ୩ ମାସ ପରେ ଶାଶୁ ଓ ନଣନ୍ଦ ଅଧିକ ଯୌତୁକ ଦାବି କରି ଉର୍ମିଳାଙ୍କୁ ମାରପିଟ୍ କରିଥିଲେ। ଫଳରେ ବାପଘର ପକ୍ଷରୁ ପୁଣି ୩୦ ହଜାର ଟଙ୍କା ସହ ଅନ୍ୟାନ୍ୟ ଆସବାବପତ୍ର ଦିଆଯାଇଥିଲା। ଏସବୁ ସତ୍ତ୍ୱେ ଶାଶୁଘର ଲୋକେ ଉର୍ମିଳାଙ୍କୁ ନିର୍ଯାତନା ଦେଇଆସୁଥିଲେ। ଶୁକ୍ରବାର ରାତିରେ ଉର୍ମିଳା ତାଙ୍କ ଭାଉଜଙ୍କୁ ଫୋନ୍ କରି ଶାଶୁ ଓ ନଣନ୍ଦ ୨ ଦିନ ହେବ ଖାଇବାକୁ ଦେଇ ନ ଥିବା ଏବଂ ମାର୍‌ପିଟ୍ କରିବା ସହ ଜୀବନରୁ ମାରି ଦେବାକୁ ଧମକ ଦେଉଥିବା କହିଥିଲେ। ଶନିବାର ସକାଳେ ଉକ୍ତ ଗ୍ରାମର ଜଣେ ମହିଳା ଫୋନ୍ କରି ତୁମ ଭଉଣୀ ମରିଯାଇଛି ବୋଲି ତାଙ୍କୁ କହିଥିଲେ। ଖବର ପାଇ ସେ ପଧାନପଡ଼ାରେ ପହଞ୍ଚି ଭଉଣୀ ମରି ଶୋଇଥିବା ଦେଖିବାକୁ ପାଇଥିଲେ। ଉର୍ମିଳା ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ କହୁଥିବା ବେଳେ ତାଙ୍କୁ ହତ୍ୟା କରାଯାଇଛି ବୋଲି ଭାଇ କାହ୍ନୁ ଚରଣ ଏତଲାରେ ଦର୍ଶାଇଛନ୍ତି।

## ଲକ୍ଷାଧିକ ଟଙ୍କାର ଶାଳଗଣ୍ଡି ଜବତ

ପାଟଣା,୨୮।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ମାଛଗଡ଼ ନର୍ଥ ବିଟ୍ ଗୋରାସ ଗ୍ରାମରୁ ବନ ବିଭାଗ ଶୁକ୍ରବାର ରାତିରେ ଲକ୍ଷାଧିକ ଟଙ୍କାର ଶାଳଗଣ୍ଡି ଜବତ କରିଛି। ଜବତ ୭ ଶାଳଗଣ୍ଡି ପାଟଣା ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଛି। ଜବତ ଗଣ୍ଡିଗୁଡ଼ିକର ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ରେଞ୍ଜର ବନ ବିହାରୀ ସର୍ଦାର କହିଛନ୍ତି। ଗଣ୍ଡିକୁ କାଠ ବ୍ୟବସାୟୀ ମୟୂରଭଞ୍ଜ ଜିଲାରୁ କାଟି ଆଣିଥିବା ଅନୁମାନ କରାଯାଉଥିବା ସାହାରପଡ଼ା ବନପାଳ ଭୂପତି ସେଠୀ କହିଛନ୍ତି। ଚଢ଼ାଉରେ ସାହାରପଡ଼ା ବନପାଳ, ଗାର୍ଡ ନିରୂପମା ମାହାକୁଡ଼, ରଞ୍ଜିତା ମହାନ୍ତ, ଦୀପକ ରଣା ଓ ପାରାଷ୍ଟାଫ୍ ସାମିଲ ହୋଇଥିଲେ।

## ଆଇଜିଆରଙ୍କୁ ଭେଟିଲେ ପୂର୍ବତନ ସଭାପତି, କୋଷାଧ୍ୟକ୍ଷ

**ଟ୍ରକ୍ ମାଲିକ ସଂଘ ନିର୍ବାଚନ ପ୍ରସଙ୍ଗ**

କେନ୍ଦୁଝର,୨୮।୧୦(ଦୀପକ ମିଶ୍ର)

କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ ଆସନ୍ତା ନଭେମ୍ବର ୧୫ ତାରିଖ ସୁଦ୍ଧା ସାରିବାକୁ ହାଇକୋର୍ଟ ଇନ୍ସପେକ୍ଟର ଜେନେରାଲ ରେଜିଷ୍ଟ୍ରେଶନ(ଆଇଜିଆର) ଓଡ଼ିଶାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ନିର୍ଦ୍ଦିଷ୍ଟ ତାରିଖ ପାଖେଇ ଆସୁଥିବା ବେଳେ ବର୍ତ୍ତମାନ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଫଳରେ ନିର୍ବାଚନ ନିର୍ଦ୍ଧାରିତ ସମୟରେ ହେବ କି ନାହିଁ ଟ୍ରକ୍ ମାଲିକମାନେ ଆଶଙ୍କା ଭିତରେ ରହିଛନ୍ତି। ଏ ନେଇ ଶୁକ୍ରବାର ଟ୍ରକ୍ ସଂଘର ପୂର୍ବତନ ସଭାପତି ରାମଚନ୍ଦ୍ର ଭୂୟାଁ, ପୂର୍ବତନ କୋଷାଧ୍ୟକ୍ଷ ପ୍ରଭାତ ରାଉତ, ଅଜୟ ମିଶ୍ର, ସୁଶାନ୍ତ ସାହୁ ପ୍ରମୁଖ କଟକ କାର୍ଯ୍ୟାଳୟଠାରେ ଆଇଜିଆର ସୁବ୍ରତ ଶତପଥୀ ଓ ଅନୁଶାସନ ସଚିବ ସ୍ମିତା ମହାନ୍ତିଙ୍କୁ ଭେଟି ସଂଘର ଆଗାମୀ ନିର୍ବାଚନ, କୋର୍ଟଙ୍କ ନିର୍ଦ୍ଦେଶ ସହ ସଂଘର ବାଇଲ ବିଷୟରେ ସବିଶେଷ ଆଲୋଚନା କରିଥିଲେ। ଆସନ୍ତା କିଛିଦିନ ମଧ୍ୟରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଆଇଜିଆର ପ୍ରତିଶ୍ରୁତି ଦେଇଥିବା ପୂର୍ବତନ ସଭାପତି ଓ କୋଷାଧ୍ୟକ୍ଷ ପ୍ରକାଶ କରିଛନ୍ତି।

## ଭୋଟର ସଚେତନତା ପାଇଁ ପାଲା ପରିବେଷଣ



ଜିଲାପାଳ ବିନୀତ ଭରଦ୍ୱାଜ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

ବାରିପଦା,୨୮।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)
ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ତଥା ଭୋଟର ସଚେତନତା କାର୍ଯ୍ୟକ୍ରମ ନେଇ 'ପଥଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ଶନିବାର ମୟୂରଭଞ୍ଜ ଜିଲାର ସଦର ମହକୁମା ବାରିପଦାଠାରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ବିନୀତ ଭରଦ୍ୱାଜଙ୍କ ତତ୍ତ୍ୱାବଧାନରେ ଏହି ସଚେତନତା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ସକାଳେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଭୋଟର ସଚେତନତା ବାର୍ତ୍ତା ବହନ କରୁଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ଲୋକ କଳା, ଛଉ, ସମ୍ବଲପୁରୀ ନୃତ୍ୟ ଓ ପାଲା ଇତ୍ୟାଦି ପରିବେଷଣ କରାଯାଇଥିଲା। ଏହା ପରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ୱାକାଥନକୁ ସହର ପରିକ୍ରମା ପାଇଁ ଜିଲାପାଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ମହାବିଦ୍ୟାଳୟରେ 'ମୁଁ ବି ମିତା' କାର୍ଯ୍ୟକ୍ରମ ମାଧ୍ୟମରେ ଯେଉଁ 'ମିତା ଦିଦି' ବଛା ଯାଇଥିଲା ସେମାନେ ଏହି ପଥଉତ୍ସବରେ ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ବାରିପଦା ଉପଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଡେପୁଟି କଲେକ୍ଟର ସାଇସ୍ମିତା ଉପାଧ୍ୟାୟଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ ବାରିପଦା ପୌରପାଳିକାର ଅଧିକାରୀ, ବୁଥ୍‌ସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ।

## କାଳୀପୂଜା ପାଇଁ ମାଟି ଅନୁକୂଳ



ମା' କାଳୀଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ ପାଇଁ ଅନୁକୂଳ ମାଟି ଯାଉଛି।

ଘଟଗାଁ,୨୮।୧୦(ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ଥାନା ତରଫରୁ ଚଳିତ ବର୍ଷ ମା' କାଳୀଙ୍କ ପୂଜା ପାଇଁ ଶନିବାର ପବିତ୍ର ଲକ୍ଷ୍ମୀପୂଜା ଦିନ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ କରାଯାଇଛି। ବରିଷ୍ଠ ପୂଜକ ଦିଲ୍ଲୀପ ପ୍ରହରାଜ ପୂଜାର୍ଚ୍ଚନା କରିବା ପରେ ମାଟି ଅଣାଯାଇଥିଲା। ସଂକଳ୍ପ ପୂଜାରେ ଘଟଗାଁ ଥାନା ଅଧିକାରୀ ଅଞ୍ଜନ କୁମାର ପାତ୍ର ବସିଥିଲେ। ଏ ନେଇ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀଙ୍କ ପୌରହିତ୍ୟରେ ଘଟଗାଁ ଏସ୍‌ଡିପିଓ ସୁଦର୍ଶନ ଗଙ୍ଗେଇ, ଖବରଦାତା ରାଜେନ୍ଦ୍ର କୁମାର ପଟ୍ଟନାୟକ, ପ୍ରଦୀପ ଶା, ଭୀମସେନ ବଳ, ଭବାନୀ ଶଙ୍କର ମହାନ୍ତ, ଚନ୍ଦ୍ରଶେଖର ସାହୁ, ଛବିନ୍ଦ୍ର ଜେନା, ସଞ୍ଜୟ ସାହୁ, ଧରଣୀଧର ଖୁଣ୍ଟିଆ, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ଜେନା, ପରୀକ୍ଷିତ ସାହୁ ପ୍ରମୁଖ ଯୋଗଦେଇଥିଲେ। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ, ନୀତିକାନ୍ତି ପୂଜା, ତୋରଣ ନିର୍ମାଣ, ଆଲୋକ ସଜ୍ଜା, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରସାଦସେବନ ଉପରେ ଆଲୋଚନା କରାଯାଇଥିଲା।

## ୨୬୫ ଗ୍ରାମ ବ୍ରାଉନସୁଗାର ସହ ଯୁବକ ଗିରଫ

**ଭ୍ରାମ୍ୟମାଣ ଅବକାରୀ ବିଭାଗର ଚଢ଼ାଉ**

**ଗିରଫ ଯୁବକ ଗ୍ରାମରକ୍ଷୀଙ୍କ ପୁଅ**

ରୂପସା, ୨୮।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଅବକାରୀ ଅଧୀକ୍ଷକ ସୁଶାନ୍ତ କୁମାର ପାଢୀଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଜିଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ବସ୍ତା ଥାନା ଅଧୀନ ମାଛିଆଠାରେ ଅଚାନକ ଚଢ଼ାଉ କରାଯାଇଛି। ସେଠାରେ ବ୍ରାଉନସୁଗାର କାରବାର କରୁଥିବା ଜଣେ ଯୁବକଙ୍କୁ ବେଳେ ଅବକାରୀ ଟିମ୍ ଗିରଫ କରିଛି। ଗିରଫ ଯୁବକ ହେଲେ ଏହି ଥାନା ଅଧୀନ ସଦାନନ୍ଦପୁର ଗ୍ରାମର ଅଲିମ ଖାନ୍‌ଙ୍କ ୨୬ବର୍ଷର ପୁଅ ମହସିନ କାଦ୍ରୀ। ତାଙ୍କଠାରୁ ୨୬୫ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। ଜବତ ବ୍ରାଉନସୁଗାର ମୂଲ୍ୟ ୨୬ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଅଭିଯୁକ୍ତ ଯୁବକଙ୍କ ବାପା ବସ୍ତା ଥାନାରେ ଗ୍ରାମରକ୍ଷୀ ଭାବେ ଚାକିରୀ କରନ୍ତି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ. ୨୨୬/୨୩-୨୪) ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ମାଛିଆ ପରିବା ମାର୍କେଟ ନିକଟରେ ଯୁବକଜଣକ ବ୍ରାଉନସୁଗାର ବିକ୍ରି କରୁଥିବା ଅବକାରୀ ବିଭାଗ ନିକଟରେ ଖବର ଥିଲା। ଆଇଆଇସି ଗାଲୁରାମ ସୋରେନଙ୍କ ନେତୃତ୍ୱରେ ଏସ୍ଆଇ ଭକ୍ତଚରଣ ସ୍ୱାଇଁ, ଏଏସ୍ଆଇ ମଙ୍ଗଳ ସିଂ, କନଷ୍ଟେବଲ ଶଶିକାନ୍ତ ସାହୁ, ବିଦ୍ୟାଧର ବିନ୍ଧାଣି, ଅନୀଲ କୁମାର ପଣ୍ଡା ଓ ମିଥୁନ ମୁର୍ମୁ ପ୍ରମୁଖ ଚଢ଼ାଉ କରି ଅଭିଯୁକ୍ତ ବେପାରୀଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲେ। ତାଙ୍କଠାରୁ ବିପୁଳ ପରିମାଣରେ ବ୍ରାଉନ ସୁଗାର ଜବତ ହୋଇଛି।

## ଧାମନଗରକୁ ରେଳଲାଇନ ସଂଯୋଗ ଦାବି

**ବିଧାୟକଙ୍କୁ ଭେଟିଲା ଆଞ୍ଚଳିକ ନାଗରିକ ପରିଷଦ**

ଧାମନଗର,୨୮।୧୦ (ଦେବେନ୍ଦ୍ର ଆଢ଼ିଆ)



ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟି ଆଲୋଚନା କରୁଛନ୍ତି ବରିଷ୍ଠ ନାଗରିକ।

ଭଦ୍ରକ ଜିଲାର ଧାମନଗର ଏକ ଐତିହାସିକ ପୀଠ। ଏହି ବ୍ଲକରେ ବହୁ ଐତିହାସିକ କିମ୍ବଦନ୍ତୀ ରହିଛି। ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରସିଦ୍ଧ ଖାନ୍‌କା ସରିଫରେ ବାର୍ଷିକ ଉତ୍ସବ ପାଳନ ସମୟରେ ଭାରତ ବର୍ଷର କୋଣାନୁକୋଣରୁ ବହୁ ଶ୍ରଦ୍ଧାଳୁ ଆସିଥାନ୍ତି। ଭଦ୍ରକ ଷ୍ଟେଶନରୁ ଯାତ୍ରୀମାନେ ଏଠାକୁ ଆସିବା ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ସେମାନଙ୍କ ଯାତାୟାତ ଲାଗି ଜିଲା ପ୍ରଶାସନ ପରିବହନ ବିଭାଗ ସହ କଥା ହୋଇ ଅଧିକ ବସ୍ ଚଳାଇଥାଏ। ଅନ୍ୟ ଏକ ଐତିହାସିକ ପୀଠ ଗୋହିରାଟିକିରି। ଏଭଳି ଆହୁରି କୀର୍ତ୍ତିରାଜି ରହିଛି। ଏପରି ଐତିହ୍ୟସମ୍ପନ୍ନ ସ୍ଥାନକୁ ରେଳ ଲାଇନ ସଂଯୋଗର ଆବଶ୍ୟକତା ରହିଥିବା ଧାମନଗରର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ନିକଟରେ ଯାଜପୁର ରୋଡ୍‌ରୁ ମଙ୍ଗଳପୁର ଓ ଆରଡ଼ି ଦେଇ ଧାମରାକୁ ଟ୍ରେନ୍ ଲାଇନ ସଂଯୋଗ କରାଯିବ ବୋଲି ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଛି। ଭୌଗଳିକ ଦୃଷ୍ଟିରୁ ଧାମନଗରକୁ ଟ୍ରେନ୍ ଲାଇନ ସଂଯୋଗ ପାଇଁ ଧାମନଗରର ବୁଦ୍ଧିଜୀବୀ, ଏକତା ମଞ୍ଚ ଓ ଆଞ୍ଚଳିକ ନାଗରିକ ପରିଷଦର ସଦସ୍ୟମାନେ ଦାବି କରିଛନ୍ତି। ଏନେଇ ଧାମନଗର ବରିଷ୍ଠ ନାଗରିକ ପରିଷଦର ସଦସ୍ୟମାନେ ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କୁ ସ୍ଥାନୀୟ ଜଳସେଚନ ଡାକବଙ୍ଗଳାଠାରେ ଭେଟି ଧାମନଗରକୁ ରେଳ ଲାଇନ ସଂଯୋଗ ପାଇଁ ଦାବି କରିଛନ୍ତି। ବାସୁଦେବ ତ୍ରିପାଠୀ, ମନୋଜ କୁମାର ମଲ୍ଲିକ, ରସାନନ୍ଦ ମହାପାତ୍ର, କୈଳାସ ମହାପାତ୍ର, ଚିତ୍ତରଞ୍ଜନ ଦାଶ, କୃଷ୍ଣଚନ୍ଦ୍ର ଜେନା, ସରୋଜ ମହାପାତ୍ର, ବୁଦ୍ଧଦେବ ଜେନା, ବିଜୟ ରାମ, ଏମ୍‌ଡି ହବିବୁର ରହେମନ, ଅନନ୍ତ ଜେନା, ସେକ ରାଜା ବାବୁ, ଶ୍ରୀକାନ୍ତ ନାୟକ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ବିଧାୟକଙ୍କୁ ଭେଟିଥିଲେ। ଧାମନଗରରେ ଟ୍ରେନ୍ ଲାଇନ ସଂଯୋଗର ଆବଶ୍ୟକତା ରହିଛି। ଏ ଦିଗରେ ରେଳମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ବିଧାୟକ ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

## ଆଜି କ'ଣ କେଉଁଠି

**ବାଲେଶ୍ୱର**

- ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଏବଂ ବିପର୍ଯ୍ୟୟ ହ୍ରାସ ପାଇଁ ଜାତୀୟ ଦିବସ -୨୦୨୩, ସ୍ଥାନ: କଲେକ୍ଟୋରିଏଟ୍, ସମୟ: ପୂର୍ବାହ୍ନ ୧୦ଟା ୩୦ମିନିଟ୍।
- ଜୁଡ଼ିସିଆଲ ହବ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଲୋଚନା, ସ୍ଥାନ: ଷ୍ଟେଶନ କ୍ଲବ ସଭା ଗୃହ,ସମୟ: ଅପରାହ୍ନ ୩ଟା ୩୦ମିନିଟ୍।
- କୁମାର ଉତ୍ସବ, ସ୍ଥାନ: ଟାଉନହଲ୍, ସମୟ: ସନ୍ଧ୍ୟା ୭ଟା।

**ଭଦ୍ରକ**

- ସଂଯୁକ୍ତ କିଷାନ ମୋର୍ଚ୍ଚାର ସାଇକେଲ ରାଲି, ସ୍ଥାନ: ଅମରଗଡ଼ିଆ, ରାନ୍ଧିଆ, ସମୟ: ପୂର୍ବାହ୍ନ ୧୦।
- ଜାତୀୟ ବିପର୍ଯ୍ୟୟ ହ୍ରାସ ପାଇଁ ସଚେତନତା ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୮।

# ମାନସିକଧାରୀଙ୍କ ଛେରାପହଁରା, ନେତ୍ରପଣା ଅର୍ପଣ

**ଲକ୍ଷ୍ମୀନାରାୟଣ ପୂଜାର ନିଆରା ପରମ୍ପରା**

ତିହିଡ଼ି,୨୮।୧୦ (ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ସିନ୍ଦୋଳ ଓ ମଙ୍ଗଳପୁର ପଞ୍ଚାୟତ ଲକ୍ଷ୍ମୀନାରାୟଣ ପୂଜା ପାଇଁ ଉତ୍ସବମୁଖର ହୋଇଛି। କୁମାର ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିବା ଏହି ପୂଜା ୭ ଦିନ ଧରି ମହାଆଡ଼ମ୍ବରରେ ପାଳନ ହେବ। କଳସ ଶୋଭାଯାତ୍ରା ବେଳେ ମାନସିକଧାରୀଙ୍କ ଛେରାପହଁରା ଏବଂ ଲକ୍ଷ୍ମୀନାରାୟଣଙ୍କୁ ନେତ୍ରପଣା ଅର୍ପଣ ନିଆରା ପରମ୍ପରା ହୋଇଥିବାରୁ ଶନିବାର ପୂଜାସ୍ଥଳରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ସିନ୍ଦୋଳର ନୂଆପାଟଣା ଗ୍ରାମରେ ଏହି ପୂଜା ୧୦୨ ବର୍ଷରେ ପଦାର୍ପଣ କରିଥିବାରୁ ବେଶ୍ ଆଡ଼ମ୍ବରରେ ପାଳନ କରାଯାଉଛି। ଏଠାରେ ଲକ୍ଷ୍ମୀନାରାୟଣଙ୍କ ସହ ଦେବୀ ସରସ୍ୱତୀଙ୍କ ପ୍ରସ୍ତର ମୂର୍ତ୍ତିକୁ



ନୂଆପାଟଣାରେ ମାନସିକଧାରୀ ଛେରାପହଁରା କରୁଛନ୍ତି।

ପୂଜାର୍ଚ୍ଚନା କରାଯାଇଥାଏ। ଶନିବାର ସକାଳେ ଘଟ ସ୍ଥାପନ ପରେ ମନ୍ଦିରରୁ କଳସ ଶୋଭାଯାତ୍ରା ବାହାରିଥିଲା। ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ମାନସିକଧାରୀମାନେ ଛେରା ପହଁରା କରିଥିଲେ। ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁମାନେ ନେତ୍ରପଣା ଅର୍ପଣ କରିଥିଲେ। ଚନ୍ଦ୍ର ଗ୍ରହଣ ପାଇଁ ନୀତିରେ ସମୟ ପରିବର୍ତ୍ତନ କରାଯାଇଥିବା କମିଟି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ସେହିପରି ସିନ୍ଦୋଳରେ ୧୯୭୫ଠାରୁ ପାଳନ ହେଉଥିବା ଲକ୍ଷ୍ମୀନାରାୟଣ ପୂଜା ଚଳିତବର୍ଷ ବିରଜା ପଞ୍ଜିକାର ସମୟ ନିର୍ଘଣ୍ଟ ଅନୁଯାୟୀ କରାଯାଇଛି। ଅପରାହ୍ନ ୪ଟାରୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। କନାଟିଆ ଗ୍ରାମରେ ସାମାଜିକ କର୍ମୀ ହରିହର ଲେଙ୍କାଙ୍କ ବାସଭବନ ପରିସରରେ ଥିବା ମନ୍ଦିରରେ ୧୯୬୫ଠାରୁ ଏହି ପୂଜା ଅନୁଷ୍ଠିତ ହୋଇଆସୁଛି। ସେଠାରେ ମଧ୍ୟ ଲକ୍ଷ୍ମୀନାରାୟଣଙ୍କୁ ନେତ୍ରପଣା ଅର୍ପଣ କରାଯାଇଛି। ଏହିସବୁ ପୂଜାସ୍ଥଳରେ ଅଖଣ୍ଡ ନାମ ସଂକୀର୍ତ୍ତନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ପୂଜା କମିଟି କର୍ମକର୍ତ୍ତା କହିଛନ୍ତି।

# ଆସିଷ୍ଟାଣ୍ଟ ସେକ୍ରେଟାରୀ ନିଲମ୍ବିତ

**ଖାଲିଆମେଣ୍ଟ କୋ-ଅପରେଟିଭ ସୋସାଇଟି**

କେନ୍ଦୁଝର,୨୮।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଷିପୁରା ବ୍ଲକ୍ ଅନ୍ତର୍ଗତ ଖାଲିଆମେଣ୍ଟ ଗ୍ରାମରେ ଥିବା ସର୍ଭିସ କୋ-ଅପରେଟିଭ ସୋସାଇଟି ଲି.ର ସେକ୍ରେଟାରୀ ଦାୟିତ୍ୱରେ ଥିବା ଆସିଷ୍ଟାଣ୍ଟ ସେକ୍ରେଟାରୀ ପର୍ଶୁରାମ ଜେନାଙ୍କୁ ନିଲମ୍ବନ ଆଦେଶ ହୋଇଛି। ପରିଚାଳନା ବୋର୍ଡର ନିଷ୍ପତ୍ତି କ୍ରମେ ଚିଠି ସଂଖ୍ୟା (ନଂ.୬୪/୨୫ ଅକ୍ଟୋବର୨୩) ରେ ସୋସାଇଟିର ସଭାପତି ଧନେଶ୍ୱର ଜେନା ଏହି ଆଦେଶ କରିଛନ୍ତି। ନିଲମ୍ବନ ଆଦେଶ ନ ଉଠିବା ପର୍ଯ୍ୟନ୍ତ ସୋସାଇଟି ମୁଖ୍ୟ କାର୍ଯ୍ୟାଳୟରେ ରହି କାର୍ଯ୍ୟ କରିବାକୁ ଆଦେଶରେ ଉଲ୍ଲେଖ ରହିଛି। ଏହାର କପି କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲି.ର ଘଷିପୁରା ଶାଖା ପରିଚାଳକ, ଆନନ୍ଦପୁର ସହକାରୀ ସମବାୟ ନିବନ୍ଧକ ଓ ଜିଲା ସମବାୟ ନିବନ୍ଧକଙ୍କୁ ପ୍ରଦାନ କରାଯାଇଛି। ସେକ୍ରେଟାରୀ ପଦବୀ ଖାଲି ପଡ଼ିଥିବାରୁ ସେ ସେକ୍ରେଟାରୀ ଦାୟିତ୍ୱରେ ଥିଲେ। ମାତ୍ର ମନମୁଖୀ କାମ, ମିଟିଂକୁ ଡାକିଲେ ନ ଆସିବା, ମନେ ମନେ ଲୋନ ଫାଇନାନ୍ସ କରିବା ଆଦି କାରଣରୁ ଏଭଳି ଆଦେଶ କରାଯାଇଥିବା ସଭାପତି କହିଛନ୍ତି। ଖାଲି ପଡ଼ିଥିବା ସେକ୍ରେଟାରୀ ପଦବୀ ପୂରଣ କରାଯିବ। ଆନନ୍ଦପୁର ସହକାରୀ ସମବାୟ ନିବନ୍ଧକ ଅଜୟ ସେଠୀ କହିଛନ୍ତି, ସୋସାଇଟିର ପରିଚାଳନା ବୋର୍ଡ ନିଷ୍ପତ୍ତି କ୍ରମେ ସଭାପତି ଏଭଳି କାର୍ଯ୍ୟାନୁଷ୍ଠାନ ନେଇ ପାରିବେ।

# ଦିଲ୍ଲୀ ଅଭିମୁଖେ ଗଲା ସଂଗୃହୀତ ମାଟି

ଧାମନଗର,୨୮।୧୦(ଦେବେନ୍ଦ୍ର ଆଦ୍ଧିଆ)–ଅମୃତ ବାଟିକା ପାଇଁ ଭାଜପା ପକ୍ଷରୁ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମରେ ଧାମନଗର ନିର୍ବାଚନମଣ୍ଡଳୀରୁ ସଂଗୃହୀତ ମାଟି ଦିଲ୍ଲୀ ପଠାଯାଇଛି। ଶହୀଦ ସ୍ମୃତିପୀଠ ଶହୀଦନଗର, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଏବଂ ସ୍ୱାଧୀନତା ସଂଗ୍ରାମୀ ବୈଷ୍ଣବ ଚରଣ ନାୟକଙ୍କ ସମାଧୀ ପୀଠ ସହ ଶହୀଦ ସଂଗ୍ରାମୀଙ୍କ ପରିବାରରୁ ପବିତ୍ର ମାଟି ସଂଗ୍ରହ କରାଯାଇଥିଲା। ଧାମନଗର ବ୍ଲକ ଶହୀଦ ମଣ୍ଡଳ ସଭାପତି ଅଜୟ କୁମାର ବଳ, ତିହିଡ଼ି ବ୍ଲକ ମଣ୍ଡଳ ସଭାପତି ପ୍ରମୋଦ କୁମାର ଦାସ ଏବଂ ଗଡ଼ିଆଳି ସରପଞ୍ଚ ସରୋଜ କୁମାର ସ୍ୱାଇଁ ଅମୃତ କଳସ ଧରି ଭୁବନେଶ୍ୱର ହୋଇ ଶନିବାର ନୂଆଦିଲ୍ଲୀ ଅଭିମୁଖେ ଯାଇଛନ୍ତି। ଦିଲ୍ଲୀ ଅଭିମୁଖେ ଯାଉଥିବା ଭାଜପା ନେତୃମଣ୍ଡଳୀଙ୍କୁ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଏହି ଅମୃତ କଳସ ପ୍ରଦାନ କରିବା ସହ ସେମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଭୋଟର ତାଲିକା ସଂଶୋଧନ ଅଭିଯାନ ଆରମ୍ଭ



ସଚେତନତା ପଦଯାତ୍ରାରେ ସାମିଲ ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଲୋକେ।

ଚମ୍ପୁଆ,୨୮।୧୦(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆଠାରେ ଉପଜିଲାପାଳ ସୁକାନ୍ତ ମାଝୀଙ୍କ ପୌରହିତ୍ୟରେ ଭୋଟର ଲିଷ୍ଟ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ବାବଦରେ ଜନସାଧାରଣଙ୍କୁ ସଚେତନ ପାଇଁ ଏକ ପଦଯାତ୍ରା ଶନିବାର ଆୟୋଜିତ ହୋଇଯାଇଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରିଥିବା ପଦଯାତ୍ରାରେ ବିଭିନ୍ନ ବିଭାଗର ଅଧିକାରୀ, କଲେଜ ଛାତ୍ରୀଛାତ୍ର, ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ଏବଂ ଶତାଧିକ ସ୍ଥାନୀୟ ଲୋକ ନେହେରୁ ଷ୍ଟାଡିୟମ ପର୍ଯ୍ୟନ୍ତ ଯାଇଥିଲେ। ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଜିଲାପାଳ ଉଦ୍‌ବୋଧନ ଦେଇ ବିଶ୍ୱର ସର୍ବବୃହତ ଏବଂ ସର୍ବଶ୍ରେଷ୍ଠ ଗଣତାନ୍ତ୍ରିକ ଦେଶ ଭାରତକୁ ଆହୁରି ସଶକ୍ତ କରିବା ପାଇଁ ଭୋଟ ଦେବାର ମହତ୍ୱ ବଖାଣିଥିଲେ। ସହକାରୀ ଜିଲାପାଳ ସୁଶ୍ରୀ ଶର୍ମିଷ୍ଠା ସାହୁ ପରିଚାଳନା କରିଥିଲେ। ଚମ୍ପୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜା ରଞ୍ଜିତ ବଳ, ଅତିରିକ୍ତ ତହସିଲଦାର ପ୍ରତୀକ୍ଷା ପ୍ରିୟଦର୍ଶିନୀ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଅକ୍ଷୟ ପିଙ୍ଗୁଆ ଉପସ୍ଥିତ ଥିଲେ। ଶେଷରେ ଅନ୍ୱେଷା ହଷ୍ଟେଲ ଅନ୍ତେବାସୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ରାଜଘାଟ ପୋଲରୁ ଡେଇଁଲେ ମହିଳା

ଜଳେଶ୍ୱର,(ରବିନାରାୟଣ ପାତ୍ର)/ରାଇବଣିଆ(ନବୀନ ସାହୁ), ୨୮।୧୦

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଶେକସରାଇ ଗ୍ରାମର ଜଣେ ମହିଳା ପାରିବାରିକ କଳହରୁ ଶନିବାର ରାଜଘାଟ ବ୍ରିଜରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ କଟକ ମେଡିକାଲରେ ଭର୍ତ୍ତି କରାଯାଇଛି।

ମହିଳାଜଣକ ସୁବର୍ଣ୍ଣରେଖା ନଦୀକୁ ଡେଇଁପଡିବା ଖବରପାଇ ସ୍ଥାନୀୟ ଯୁବକ ନିଶିକାନ୍ତ ଦେ, ବରୁଣ ଗିରି ଓ ରାଜେନ୍ଦ୍ର ଦାସ ନଦୀରେ ପହଁରି ମହିଳାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ତାଙ୍କୁ ପ୍ରଥମେ ଜଳେଶ୍ୱର ଜିକେଭଟ୍ଟର ହସ୍ପିଟାଲ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଅବସ୍ଥା ଗୁରୁତର ହେବାରୁ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଛି। ମହିଳା ଜଣଙ୍କର ୨ ବର୍ଷର କନ୍ୟା ଥିବାବେଳେ ୩ବର୍ଷ ପୂର୍ବରୁ ପ୍ରେମ ବିବାହ କରିଥିଲେ।

# ପାଇପ୍ ଫାଟି ରାସ୍ତାରେ ପାଣି ଫୁଆରା



ପାଇପ୍ ଫାଟି ରାସ୍ତାରେ ପାଣି ବୋହୁଛି।

କେନ୍ଦୁଝର,୨୮।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହର ମୁଖ୍ୟ ବଜାର ନିକଟ ଧର୍ମଶାଳା ରାସ୍ତାରେ ଦୀର୍ଘ ମାସ ହେଲା ପାଣି ପାଇପ୍ ଫାଟି ରାସ୍ତାରେ ପାଣି ଫୁଆରା ଦେଖିବାକୁ ମିଳିଛି। ପାଣି ଜମି ଯାତାୟାତରେ ବ୍ୟାହତ ହେଉଥିଲେ ବି ସଜଡ଼ା ଯାଉ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ସେହିପରି ଏହି ସ୍ଥାନରେ ବାହାରୁ ଥିବା ପାଣିକୁ ଗୋରୁ, କୁକୁର ମୁହଁ ମାରି ପିଉଛନ୍ତି। ସେହି ପାଣି ସ୍ଥାନୀୟ ଲୋକେ ବ୍ୟବହାର କରୁଥିବାରୁ ଚିନ୍ତା ବ୍ୟକ୍ତ କରିଛନ୍ତି। ଏଭଳି କେନ୍ଦୁଝର ସହରର ଅନେକ ସ୍ଥାନରେ ପାଣି ପାଇପ୍ ରାସ୍ତା ଉପରେ ବିଛା ଯାଇଥିବାରୁ ଭାରିଯାନ ଚଳାଚଳ ଯୋଗୁ ଫାଟି ଯାଉଥିବା ଅଭିଯୋଗ ହେଉଛି। ଏହାର ସ୍ଥାୟୀ ପ୍ରତିକାର କରିବାକୁ ସ୍ଥାନୀୟ ବ୍ୟବସାୟୀ ଓ ଜନସାଧାରଣ ଜିଲାପାଳ ଆଶୀଷ ଠାକ୍‌ରେ ହସ୍ତକ୍ଷେପ ଲୋଡ଼ିଛନ୍ତି।

# ନଭେମ୍ବର ୧ରୁ ଅଗ୍ନିବୀର ପଦବୀ ନିମନ୍ତେ ଚୟନ ପ୍ରକ୍ରିୟା

ବାଲେଶ୍ୱର, ୨୮।୧୦ (ମାନସ ବିଶ୍ୱାଳ)– ବାଲେଶ୍ୱର ଜିଲା ପ୍ରଶାସନ ଆନୁକୂଲ୍ୟରେ ସେନା ଚୟନ କାର୍ଯ୍ୟାଳୟ, କଟକଙ୍କ ଦ୍ୱାରା ଭାରତୀୟ ସେନା ବାହିନୀର ଅଗ୍ନିବୀର ପଦବୀ ନିମନ୍ତେ ଚୟନ ପ୍ରକ୍ରିୟା ବାଲେଶ୍ୱର ରିଜର୍ଭ ପୋଲିସ ପଡିଆରେ ଆସନ୍ତା ନଭେମ୍ବର ୧ରୁ ଆରମ୍ଭ ହୋଇ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଚୟନ ପ୍ରକ୍ରିୟାରେ ବିଭିନ୍ନ ଜିଲାରୁ ଆସି ଯୋଗଦେବାକୁ ଥିବା ପ୍ରାର୍ଥୀମାନଙ୍କ ରାତି ରହଣି ପାଇଁ ବାଲେଶ୍ୱର ବସ୍‌ଷ୍ଟାଣ୍ଡ ଭିତରେ ଥିବା ପ୍ରଥମ ମହଲା ସରକାରୀ କୋଠାରେ ଦେୟମୁକ୍ତ ରହଣି ବ୍ୟବସ୍ଥା କରାଯାଇଛି। ପ୍ରାର୍ଥୀମାନେ ରାତି ସମୟରେ ଇତସ୍ତତଃ ଭ୍ରମଣ ନ କରି ବସ୍‌ଷ୍ଟାଣ୍ଡସ୍ଥିତ ସରକାରୀ କୋଠାରେ ରାତ୍ରିଯାପନ କରିବାକୁ ପ୍ରଶାସନ ତରଫରୁ ଅନୁରୋଧ କରାଯାଉଛି। ରିଜର୍ଭ ପୋଲିସ ପଡ଼ିଆଠାରେ ନିର୍ଦ୍ଧାରିତ ସମୟରେ ପ୍ରାର୍ଥୀମାନେ ଯୋଗଦେବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଉଛି।

# ସମ୍ବର୍ଦ୍ଧିତ ହେଲେ ପ୍ରତିଭାଧାରୀ

**ଦୁର୍ଗାପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ**

ରୂପସା, ୨୮।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସିଂଲା ଥାନା ତାଡ଼ଦା ପଞ୍ଚାୟତର ଚଣ୍ଡାଳି ମାତା ଦୁର୍ଗା ପୂଜା କମିଟି ପକ୍ଷରୁ ଦଶହରା ପର୍ବରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପାଉଁଶକୁଲି ରାଧାନାଥ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଗଣେଶ ଚନ୍ଦ୍ର ସାହୁ, ପାଣିଶୁଳିଆ ଗ୍ରାମର ଅଗ୍ରଣୀ କୃଷକ ବରେନ୍ଦ୍ର ଦାସ, ଅବସରପ୍ରାପ୍ତ ଯବାନ ବିଷ୍ଣୁଚରଣ ଜେନା ଓ ୨୦୨୩ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ ସାଇନି ସୋନାଲିକା ପାଳଙ୍କୁ ମାନପତ୍ର, ଉତ୍ତରୀୟ ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

ଉତ୍ସବରେ ପୂଜା କମିଟି ସଭାପତି ଲକ୍ଷ୍ମଣ ସେନାପତି ସଭାପତିତ୍ୱ କରିଥିଲେ। ଉପସଭାପତି ମଧୁସୂଦନ ସାହୁ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ସହସମ୍ପାଦକ କୁମୁଦ କୁମାର ସେଠୀଙ୍କ ସମେତ କାର୍ଯ୍ୟକର୍ତ୍ତା ପରମାନନ୍ଦ ସୁର, ବିଜୟ କୁମାର ଦତ୍ତ, ପଦ୍ମଲୋଚନ ସାହୁ, ବିଜୟ ପାଳ, କମଳଲୋଚନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ଭଗବାନ ଚନ୍ଦ୍ର ସୁର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ରଘୁନାଥପୁର ପଞ୍ଚାୟତ ଆମ୍ବକୁଡୁଚି ପୂଜା କମିଟି ପକ୍ଷରୁ ନିଶ୍ଚିତ ମୃତ୍ୟୁମୁଖରୁ ଫେରି ଆରୋଗ୍ୟ ଲାଭ କରିଥିବା ଦିଲ୍ଲୀପ କୁମାର ବାରିକ୍, ପ୍ରତିଭାବାନ ବ୍ୟକ୍ତି ଅମୂଲ୍ୟ କୁମାର ବାରିକ, ଭଗୀରଥ ବାରିକ, ଶାଇବ ଚରଣ ଜେନା, ଶିକ୍ଷୟିତ୍ରୀ ଯମୁନା ମୁର୍ମୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଯୁବ ସାମାଜିକ କର୍ମୀ ଜ୍ୟୋତିର୍ମୟ ନନ୍ଦ ସଭପତିତ୍ୱ କରିଥିଲେ। ମୁଖ୍ୟଅତିଥି ଡା. ପ୍ରିୟ କୁମାର ଘୋଷ, ଫାର୍ମାସିଷ୍ଟ ବିଶ୍ୱଜିତ ପରିଡ଼ା, ସେବିକା ସସ୍ମିତା ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ଚନ୍ଦନ ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ।

# ନାବାଳିକାଙ୍କୁ ବଳାତ୍କାର ମାମଲାରେ ୨ ଗିରଫ

ରାଇରଙ୍ଗପୁର,୨୮।୧୦(ମାନସ ମହାନ୍ତି)– ମୟୂରଭଞ୍ଜ ଜିଲା ଯାମଦା ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ବଳାତ୍କାର ମାମଲାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ ପରେ ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ମଧୁସୂଦନ ବାଗେ ଏବଂ ତାଙ୍କ ସହଯୋଗୀ ମନୋରଞ୍ଜନ କାଣ୍ଡେଲ। ରାଇରଙ୍ଗପୁର ହସ୍ପିଟାଲରେ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଛି। ଗୁରୁବାର ଅପରାହ୍ନରେ ନାବାଳିକା ଜଣକ ଏକୁଟିଆ ଘର ପାଖ ପଡ଼ିଆକୁ ଶୌଚ ସକାଶେ ଯାଇଥିବା ବେଳେ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥବା ଅଭିଯୋଗ ହୋଇଥିଲା।

# ୧୧ବାଇକ୍ ଜବତ, ୨ ଗିରଫ



ଜବତ ବାଇକ୍।

ବାରିପଦା,୨୮।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଓ ଭଞ୍ଜପୁର ଥାନା ଅଞ୍ଚଳରୁ ଚୋରି ହୋଇଥିବା ୧୧ ବାଇକ୍ ଜବତ ହୋଇଛି। ଏହି ଘଟଣାରେ ୨ ଲୁଟେରାଙ୍କୁ ଗିରଫ ପରେ ପୋଲିସ କୋର୍ଟଚାଲାଣ କରିଛି। ଏ ସଂକ୍ରାନ୍ତରେ ଟାଉନ ଥାନାରେ ଏକ ମାମଲା (ନଂ.୬୯୧/୨୩) ରୁଜୁ ହୋଇଛି। ଅଭିଯୁକ୍ତ ଦ୍ୱୟ ହେଲେ ଭଞ୍ଜପୁର ଥାନା ଭୁଗୁଡାକଟା ଅଞ୍ଚଳର ପିଣ୍ଟୁ ବୈଠା(୨୦) ଓ ଚାନ୍ଦୁଆ ଥାନା କୁସୁମାଶୋଳ ଗ୍ରାମର ଅମିତ ମୁଦୁଲି(୨୩)। ସୂଚନାଯୋଗ୍ୟ, ଦୁର୍ଗାପୂଜା ସମୟରେ ବିଭିନ୍ନ ମଣ୍ଡପରୁ ବାଇକ୍ ଚୋରି ହେବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ବଡ଼ସାହି ଥାନା ଅଞ୍ଚଳର ପରମେଶ୍ୱର ମହାନ୍ତ ତୁଳସୀ ଚଉରା ମେଢ଼ ଦେଖିବାକୁ ଯାଇ ବାଇକ୍ ରଖିଥିଲେ। ବାଇକ୍‌ଟି ଚୋରି ହେବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ତଦନ୍ତ ଆରମ୍ଭ କରିବା ପରେ ସନ୍ଦେହରେ ପିଣ୍ଟୁଙ୍କୁ ପଚରାଉଚରା କରିଥିଲା। ପରେ ସମସ୍ତ ଚୋରି ଘଟଣା ସାମ୍ନାକୁ ଆସିଥିଲା।

# ମନୋରମା-ଚିନ୍ତାମଣି ବୃଦ୍ଧାଶ୍ରମ ଶୁଭାରମ୍ଭ

ବାଲିଆପାଳ, ୨୮।୧୦(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବଡ଼ାଶ ପଞ୍ଚାୟତର ତାହାଲିଆଠାରେ ନୂତନ କରି ଗଢ଼ି ଉଠିଥିବା ମନୋରମା-ଚିନ୍ତାମଣି ବୃଦ୍ଧାଶ୍ରମ ଶନିବାର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଅନୁଷ୍ଠିତ ସଭାକୁ ଅବସରପ୍ରାପ୍ତ ଶିକ୍ଷକ ଦିଲୀପ କୁମାର ସିଂ ସଭାପତିତ୍ୱ କରିଥିଲେ। ବାଲିଆପାଳ ବ୍ଲକର ବହୁ ବିଶିଷ୍ଟ ବ୍ୟକ୍ତି ଏହି ସଭାରେ ଯୋଗଦେଇଥିଲେ।

ବୈଠକରେ ବୃଦ୍ଧାଶ୍ରମର ସମ୍ପାଦକ ଭୀମ ବେହେରା ବୃଦ୍ଧାଶ୍ରମ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବୃଦ୍ଧାଶ୍ରମ ସଭାପତି ବିଜୟ ବିଶ୍ୱାଳ, ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ସଭାପତି ନାରାୟଣ ପ୍ରସାଦ ସାହୁ, ଅଧ୍ୟାପକ ଡ. ସୁକାନ୍ତ ଗିରି, କମଳଲୋଚନ ପିଳା, ଖବରଦାତା ଅଜୟ କୁମାର ସାହୁ, ବୃଦ୍ଧାଶ୍ରମକୁ ଆର୍ଥିକ ସହାୟତା ଦେଇଥିବା ଇଂ. ସୁଶାନ୍ତ ବେହେରା ଓ ତାଙ୍କ ସହଧର୍ମିଣୀ ଗୀତି ଭାରତୀ ନାୟକ, ଶ୍ରୀହରି ମଣ୍ଡଳ, ପଞ୍ଚାନନ ନାୟକ ପ୍ରମୁଖ ଯୋଗଦେଇ ବୃଦ୍ଧାଶ୍ରମ କିପରି ଠିକ୍ ଭାବେ ଚାଲିପାରିବ ସେ ଦିଗରେ ଆଲୋଚନା କରିଥିଲେ। ତାହାଲିଆ ଗ୍ରାମର ବିଶିଷ୍ଟ ବ୍ୟକ୍ତି ପ୍ରଫୁଲ୍ଲ ସି, ମନ୍ମଥ ପାତ୍ର, ମନ୍ମଥ ବିଶ୍ୱାଳ, ସୁରେନ୍ଦ୍ର ନାଥ ପରିଡା, ସେନା ଅଧିକାରୀ ହେମନ୍ତ ମହାନ୍ତି, ଅନନ୍ତ ଜେନା, କାଳିଚରଣ ବେହେରା, ରବିନ୍ଦ୍ର ଦତ୍ତ, ମନ୍ମଥ ଦାସ ପ୍ରମୁଖ ସଭାରେ ଉପସ୍ଥିତ ରହି ବୃଦ୍ଧାଶ୍ରମକୁ ପୂର୍ଣ୍ଣ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।



ସଭାରେ ଅତିଥିଗଣ।

# ଉପକରଣ ପାଇଁ ୩୦୫ ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ପଞ୍ଜୀକୃତ



ଏମ୍‌ପି ମଞ୍ଜୁଲତା ମଣ୍ଡଳ ଅନ୍ୟ ଅତିଥିଙ୍କ ଗହଣରେ ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

ବାସୁଦେବପୁର,୨୮।୧୦(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସରରେ ଶନିବାର ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗର ଏଆଇଡିପି ଯୋଜନାରେ ଦିବ୍ୟାଙ୍ଗ ଏବଂ ରାଷ୍ଟ୍ରୀୟ ବାୟୋଶ୍ରୀ ଯୋଜନା (ଆର୍‌ଭିଆଇ)ରେ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ସହାୟକ କୃତ୍ରିମ ଯନ୍ତ୍ରପାତି ଉପକରଣ ବଣ୍ଟନ ପାଇଁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଶିବିରକୁ ଉଦ୍‌ଘାଟନ କରି ଏହି ଯୋଜନାରେ ହିତାଧିକାରୀମାନେ ସାମିଲ ହୋଇ ସୁବିଧା ନେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ପୌରାଧ୍ୟକ୍ଷା ନିବେଦିତା ବେହେରା, ବିଡିଓ ସଞ୍ଜୀବ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ ୩୬ଜଣ, ଚକ୍ଷୁ ରୋଗ ଜନିତ ୩୧, ମାନସିକ ଅବସାଦଗ୍ରସ୍ତ ୩୮, କର୍ଣ୍ଣଜନିତ ୪୬, ଅସ୍ଥିଶଲ୍ୟ ବିଭାଗରେ ୧୫୪ ମୋଟ ୩୦୫ ଜଣ ନାମ ପଞ୍ଜୀକରଣ କରିଛନ୍ତି। ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବରିଷ୍ଠ ନାଗରିକ ଦୁଶାସନ ରାଉତ, ବିଧାୟକଙ୍କ ପ୍ରତିନିଧି ଅସିତ ଦାଶ, ପୂର୍ବତନ ସରପଞ୍ଚ ଭାଗୀରଥି ବଳଙ୍କ ସମେତ ପଞ୍ଚାୟତ ଏବଂ ୱାର୍ଡସ୍ତରୀୟ ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଗଞ୍ଜେଇ ବୋଝେଇ ଗାଡ଼ି ଜବତ

ବାରିପଦା,୨୮।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଅବକାରୀ ବିଭାଗ ଚଢ଼ାଉ କରି ଗଞ୍ଜେଇ ବୋଝେଇ ଏକ ପିକ୍ ଅପ୍ ଭ୍ୟାନ ଜବତ ସହ ଜଣକୁ ଗିରଫ କରିଛି। ସୁବର୍ଣ୍ଣପୁରରୁ କୋଲକାତା ଚାଲାଣ ବେଳେ ୪୯ନଂ. ଜାତୀୟ ରାଜପଥର ଝାରପୋଖରିଆ ଟୋଲଗେଟରେ ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ଏହାକୁ ଜବତ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ସୋନପୁର ଜିଲା ଭାଟପଦା ଥାନା ଅନ୍ତର୍ଗତ ସୁବଳିଆ ଗ୍ରାମର ମଳୟ ରଞ୍ଜନ ମହାକୁଡ଼।

ସୂଚନାଯୋଗ୍ୟ, ପିକ୍‌ଅପ୍ ଭ୍ୟାନରେ ଗଞ୍ଜେଇ ନେଇ ଯାଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଭ୍ୟାନଟି ସୋନପୁରରୁ ୪ଟି ଜିଲା ଅତିକ୍ରମ କରି ଆସୁଥିବା ଜାଣି ମୟୂରଭଞ୍ଜ ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କହଁର ଏକ ଟିମ୍ ଗଠନ କରି ଟୋଲଗେଟ ନିକଟରେ ଛପି ରହିଥିଲେ। ମୋବାଇଲ ଟ୍ରାକିଂ କରି ଅବକାରୀ ବିଭାଗ ଉକ୍ତ ଭ୍ୟାନକୁ ଜବତ କରିବାରେ ସକ୍ଷମ ହୋଇଥିଲେ। ଜବତ ଗଞ୍ଜେଇର ପରିମାଣ ୬୨କେଜି ୧୨୦ଗ୍ରାମ ଓ ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ବୋଲି ଆକଳନ କରାଯାଇଛି। ଭ୍ୟାନକୁ ଏସକର୍ଟ ଦେଇ ନେଉଥିବା ଚୋରା ବେପାରୀମାନେ ଅନ୍ୟ ଗାଡିରେ ଚମ୍ପଟ ମାରିଥିବା ସୂଚନା ମିଳିଛି।

## ପଥୋତ୍ସବ, ୱାକାଥନରେ ଭୋଟର ସଚେତନତା

# ଚଳଚଞ୍ଚଳ ହେଲା ସହର

ବାଲେଶ୍ୱର, ୨୮।୧୦(ମାନସ ବିଶ୍ୱାଳ)


ପଥୋତ୍ସବ ଓ ୱାକାଥନ କାର୍ଯ୍ୟକ୍ରମ।

ବାଲେଶ୍ୱର ସହରରେ ଶନିବାର ଅନୁଷ୍ଠିତ ହୋଇଛି ପଥୋତ୍ସବ ଓ ୱାକାଥନ। ଭୋଟର ପଞ୍ଜିକରଣ ଓ ନିର୍ଭୁଲ ତଥା ସମ୍ପୂର୍ଣ୍ଣ ଭୋଟର ତାଲିକା ପ୍ରସ୍ତୁତି ଆଦି ଉପରେ ସଚେତନତା କରାଯାଇଛି। ପୂର୍ବାହ୍ନ ୬ରୁ ସକାଳ ୧୦ଟା ପର୍ଯ୍ୟନ୍ତ ପାଳିତ ଏହି ଉତ୍ସବରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଗାନ୍ଧୀସ୍ମୃତି ଭବନ ପର୍ଯ୍ୟନ୍ତ ୱାକାଥନ ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, କର୍ମଚାରୀ ଓ କର୍ମକର୍ତ୍ତା, କ୍ରୀଡ଼ାବିତ୍ ତଥା ଅନ୍ୟାନ୍ୟ ସାଧାରଣ ଜନତା ଯୋଗଦେଇଥିଲେ।

ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ପଥୋତ୍ସବରେ ଜିଲା କାର୍ଯ୍ୟାଳୟରୁ ଗାନ୍ଧୀସ୍ମୃତି ଭବନ ପଥପ୍ରାନ୍ତରେ ବିଭିନ୍ନ ସାଂସ୍କୃତିକ ତଥା ପ୍ରଦର୍ଶନମୂଳକ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଭୋଟରଙ୍କ ନିମନ୍ତେ ସଚେତନତାର ବାର୍ତ୍ତା ପ୍ରସାର କରାଯାଇଥିଲା। କାର୍ଯ୍ୟକ୍ରମରେ ପଥପ୍ରାନ୍ତ ନାଟକ, ସଙ୍ଗୀତ, ନୃତ୍ୟ, ଗୀତ, ରଙ୍ଗୋଲି, ସମର କଳା, ଚିତ୍ରାଙ୍କନ, ଯୋଗ, ଖେଳ, କସରତ, ଲୋକନୃତ୍ୟ, ଲୋକସଙ୍ଗୀତ, ଅର୍କେଷ୍ଟ୍ରା ତଥା ଅନ୍ୟାନ୍ୟ ମନମୁଗ୍ଧକର କାର୍ଯ୍ୟକ୍ରମ ପରିବେଷଣରେ ଚଳଚଞ୍ଚଳ ହୋଇଉଠିଥିଲା ସହର ରାସ୍ତା। ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ସଚେତନତାମୂଳକ ପ୍ରଦର୍ଶନ, ଖାଦ୍ୟ ପାନୀୟ ବ୍ୟବସ୍ଥା, ସ୍ୱୟଂସହାୟକ ଗୋଷ୍ଠୀ ତଥା ମିଶନଶକ୍ତି ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରି ଆଦି ନିମନ୍ତେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଷ୍ଟଲ ରାସ୍ତା ପାର୍ଶ୍ୱରେ ଖୋଲାଯାଇଥିଲା। ଭୋଟଦାନ ପ୍ରଣାଳୀ ଉପରେ ସଚେତନତା ସୃଷ୍ଟି ନିମନ୍ତେ ମହିଳାଙ୍କ ପାଇଁ ପିଙ୍କ୍ ବୁଥ, ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ପିଡବ୍ଲ୍ୟୁଡି ବୁଥ ଏବଂ ମଡ଼େଲ ବୁଥ ଆଦି ଖୋଲାଯାଇ ଯୁବ ଭୋଟରଙ୍କୁ ସଚେତନ କରାଯାଇଥିଲା। ଭୋଟର ପଞ୍ଜିକରଣ ନିମନ୍ତେ ସ୍ୱତନ୍ତ୍ର ଭାବେ ଷ୍ଟଲ ଖୋଲାଯାଇଥିଲା। ଭୋଟର ସଚେତନତାମୂଳକ ବ୍ୟାନର, ପୋଷ୍ଟର, ପ୍ଲାକାର୍ଡ଼ ଆଦିରେ ଭରିଯାଇଥିଲା ଉତ୍ସବସ୍ଥଳୀ। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ ଯୋଗଦେଇଥିଲେ। ଉତ୍ସବରେ ଅନ୍ୟ ସମ୍ମାନିତ ଅତିଥି ଭାବେ ପୂର୍ବାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ, ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ବାଲେଶ୍ୱର ଉପଜିଲାପାଳ କୁନାଲ ମୋତିରାମ ଚୌହ୍ୱାନ ତଥା ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଯୋଗଦେଇଥିଲେ। ବାଲେଶ୍ୱର ଅତିରିକ୍ତ ଜିଲାପାଳ ସୁଧାକର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲା ନିର୍ବାଚନ ଉପବିଭାଗ ତରଫରୁ ଡେପୁଟି କଲେକ୍ଟର ଗାୟତ୍ରୀ ସୋରେନଙ୍କ ଆୟୋଜନରେ ସହାୟତା କରିଥିଲେ ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଓ ଅନ୍ୟ ଅଧିକାରୀବୃନ୍ଦ। ସମସ୍ତ ଅତିଥି ୱାକାଥନରେ ଅଂଶଗ୍ରହଣ କରି ଗାନ୍ଧୀ ସ୍ମୃତିଭବନ ଠାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ଭୋଟର ସଚେତନତା ମୂଳକ ବକ୍ତବ୍ୟ ରଖିଥିଲେ। ଜିଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀର ସର୍ବଶ୍ରେଷ୍ଠ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କୁ ପୁରସ୍କୃତ କରିଥିଲେ। ଏଠାରେ ଭାରତୀୟ ନିର୍ବାଚନ କମିଶନ ପ୍ରେରିତ ଏବଂ ଜିଲା ପ୍ରଶାସନ ପ୍ରସ୍ତୁତ ଭୋଟର ସଚେତନତା ଓ ମୁଁ ବି ମିତା ଭିଡ଼ିଓ ପ୍ରଦର୍ଶିତ ହୋଇଥିଲା।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com


@ବବଲୁ


@ରିପନ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ପଥୋତ୍ସବରେ ବାଦ୍ୟ, ନୃତ୍ୟଗୀତ, ରଙ୍ଗୋଲିର ଝଲକ


ସମ୍ବର୍ଦ୍ଧିତ ଖେଳାଳିଙ୍କ ସହ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଅନ୍ୟମାନେ।

ଭଦ୍ରକ,୨୮।୧୦(ସନାତନ ରାଉତ)

### ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ--୨୦୨୪ ସଚେତନତା

ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ-୨୦୨୪ ସଚେତନତା ଉଦ୍ଦେଶ୍ୟରେ ଭଦ୍ରକ ଜିଲା ପ୍ରଶାସନ ଆନୁକୂଲ୍ୟରେ ଶନିବାର ଜିଲା ସଦର ମହକୁମାରେ ରଙ୍ଗାରଙ୍ଗ ଆକର୍ଷଣୀୟ ପଥୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ବିଶାଳ ପଦଯାତ୍ରା ବାହାରି ଶହୀଦ ସ୍ମୃତି ଭବନ ପର୍ଯ୍ୟନ୍ତ ଯାଇଥିଲା। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ, ଉପଜିଲାପାଳ ମନୋଜ ପାତ୍ର, ଡେପୁଟୀ କଲେକ୍ଟର ସାଗରିକା ସାହୁଙ୍କ ସମେତ ବିଭାଗୀୟ ଅଧିକାରୀମାନେ ପଦଯାତ୍ରାରେ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ସ୍କାଉଟ୍, ଗାଇଡ୍, ଏନ୍‌ସିସି, ବରିଷ୍ଠ ନାଗରିକ, ଗଣମାଧ୍ୟମ ପ୍ରତିନିଧିମାନେ ଏଥିରେ ସାମିଲ ହୋଇଥିଲେ। ପଥୋତ୍ସବରେ ବାଦ୍ୟ, ନୃତ୍ୟଗୀତ ଓ ରଙ୍ଗୋଲିର ଝଲକ ଦେଖିବାକୁ ମିଳିଥିଲା। ଚାନ୍ଦବାଲିର ଢୋଲକ ବାଦ୍ୟ, ତିହିଡ଼ିର ଘଣ୍ଟ ବାଦ୍ୟ ଓ ବାସୁଦେବପୁରର ଲଉଡ଼ି ନୃତ୍ୟ ଦଳ ପଦଯାତ୍ରାକୁ ଆକର୍ଷଣୀୟ କରିଥିଲା। ଶହୀଦ ସ୍ମୃତି ଭବନ ନିକଟରେ ସେଲ୍‌ଫି ପଏଣ୍ଟ ସହ ଭଦ୍ରକ ଚାରୁ ଓ କାରୁକଳା ମହାବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କ ଦ୍ୱାରା ନୂଆ ଭୋଟରଙ୍କ ନାମ ପଞ୍ଜୀକରଣ ପାଇଁ ସଚେତନତା ଉଦ୍ଦେଶ୍ୟରେ ସୁନ୍ଦର ରଙ୍ଗୋଲି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ଉଦ୍‌ଯାପନୀ ସଭାରେ ଅନ୍ତର୍ଜାତୀୟ ସ୍ତରରେ ଫେନସିଂରେ ସୁନାମ ଅର୍ଜନ କରିଥିବା ଦିବ୍ୟାଙ୍ଗ ଖେଳାଳି ମଧୁସ୍ମିତା ସାହୁ, ଟେନିକଏଟ୍ ଖେଳାଳି ନିର୍ମଳ ଚନ୍ଦ୍ର ସେନ୍, ୧୦,୦୦୦ ମିଟର ଦୌଡ଼ରେ ରାଜ୍ୟ ସ୍ତରରେ ତୃତୀୟ ପୁଷ୍ପିତା ପାଣିଗ୍ରାହୀଙ୍କ ସମେତ ୧୨ଜଣ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପିଲାମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ ଓ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ସାଧାରଣ ସଭାରେ ଅତିଥି ଭାବେ ଯୋଗ ଦେଇଥିଲେ। ୨୭ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୯ରେ ଶେଷ ହେବାକୁ ଥିବା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ଶାହା, ଜିଲା କ୍ରୀଡ଼ା ଅଧିକାରୀ ପଦ୍ମନ ରାୟ, ସଂସ୍କୃତି ଅଧିକାରୀ ତନୁଜା ସିର୍କା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇ ସହଯୋଗ କରିଥିଲେ।

# 'ପ୍ରେମ ଜୀବନ ଜିଇଁବାର ମୂଳ ଆଧାର'

ଭଦ୍ରକ,୨୮।୧୦(ରବିନାରାୟଣ ଖିଲାର)

ପ୍ରେମ ହିଁ ଜୀବନ ଜିଇଁବାର ମୂଳ ଆଧାର। ପ୍ରେମ ବଞ୍ଚିବାର କଳା ଶିଖାଇଥାଏ। ପ୍ରେମ ସମ୍ପର୍କର ସେତୁ ଯୋଡ଼ିଥାଏ ବୋଲି ଭଦ୍ରକ ସହର ସାଳନ୍ଦୀ ବାଇପାସ୍‌ସ୍ଥିତ ଜଗନ୍ନାଥ ମନ୍ଦିର ସଭାଗୃହରେ କବି ଶୁଭ୍ରାଂଶୁ ଶେଖର ମାହୁନ୍ତଙ୍କ କବିତା ସଂକଳନ 'ଅଳସ ନାୟିକା'ର ଉନ୍ମୋଚନ ପର୍ବର ସାରସ୍ୱତ ଆସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। କବି ଅମୂଲ୍ୟ କୁମାର ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପାଠକାର୍ପଣ ସମାରୋହରେ ପ୍ରାବନ୍ଧିକ ଡ. ବ୍ରଜମୋହନ ମିଶ୍ର ମୁଖ୍ୟଅତିଥି, ସ୍ତମ୍ଭକାର ଇଂ. ଅଭୟ ସୂତାର ମୁଖ୍ୟବକ୍ତା, ଶିକ୍ଷାବିତ୍, କଥାକାର ବିଭୂତି ଭୂଷଣ ସେନାପତି, ବରିଷ୍ଠ କଥାକାର ପବିତ୍ର ପାଣିଗ୍ରାହୀ ଓ ଅଧ୍ୟାପକ ନିହାର ରଞ୍ଜନ କର ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କବିଙ୍କ ଧର୍ମପତ୍ନୀ ସ୍ନେହଲତା ମାହୁନ୍ତ ଅତିଥିମାନଙ୍କୁ ଉତ୍ତରୀୟ ସହ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ସାହିତ୍ୟିକ ଶ୍ରୀକାନ୍ତ ପଣ୍ଡା ଅତିଥି ପରିଚୟ ଓ ଅଧ୍ୟାପକ ସରୋଜ କୁମାର ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆଇନଜୀବୀ ଗଦାଧର ବଳ ସ୍ୱାଗତ ଭାଷଣ ଦେଇଥିବା ବେଳେ କବୟିତ୍ରୀ ସଂଯୁକ୍ତା ବଳ ନାୟକ ସଂଯୋଜନା କରିଥିଲେ। କବି ମାହୁନ୍ତ ନିଜର ଅନୁଭୂତି ତଥା କବିତା ଲେଖିବାର ନିଶା ପିତା ସ୍ୱର୍ଗତ ଜୟ ପ୍ରକାଶଙ୍କଠାରୁ ପାଇଥିବା ବେଳେ ବରିଷ୍ଠ ସାହିତ୍ୟିକମାନେ ପ୍ରେରଣାର ଉତ୍ସ ବୋଲି କହିଥିଲେ। ଡ. ଅନିଲ କୁମାର ଦାଶ ଓ ତାଙ୍କ ସ୍ତ୍ରୀ ମମତାରାଣୀ ଦାଶ, ବିପ୍ଳବ ହୋତା, ଖବରଦାତା ରବି ନାରାୟଣ ଖିଲାର, ଦିଲୀପ ନାୟକ, ଶିକ୍ଷାବିତ୍ ପ୍ରଭାତ ଜେନା, ସାହିତ୍ୟିକା ରାଧାରାଣୀ ମହାପାତ୍ର, ମନୋରମା ରାୟ, ଚଇତାଳି ଖିଲାର, ଶିଶୁ ସାହିତ୍ୟିକ ଶଶିକାନ୍ତ ବେହେରା, ପ୍ରଧାନଶିକ୍ଷୟିତ୍ରୀ ମିନତି ମହାନ୍ତି ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ। ଶିକ୍ଷୟିତ୍ରୀ ମନୋରମା ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।


'ଅଳସ ନାୟିକା' ପୁସ୍ତକ ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥିମାନେ।

# ସବୁଠି ଧନଦାତ୍ରୀଙ୍କୁ ଆରାଧନା: ଝଲସୁଛି ପୂଜାମଣ୍ଡପ

ଭୋଗରାଇ, ୨୮।୧୦(ପ୍ରଦୀପ ଦାସ)

ଘରେ ବାହାରେ ସବୁଠି ଧନଦାତ୍ରୀଙ୍କ କୁଆଁର ପୂର୍ଣ୍ଣମୀରେ ଚାଲିଛି ଧନଦାତ୍ରୀ ମା' ମହାଲକ୍ଷ୍ମୀଙ୍କ ପୂଜା ଓ ଆରାଧନା। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ବିଭିନ୍ନ ଅଞ୍ଚଳରେ ଢାକ ଢୋଲ, ଶଙ୍ଖ, ଖାଳୀ, ଘଣ୍ଟା, ସାହାନାଇ, କୀର୍ତ୍ତନ, ରୋଷଣୀ, ପଣ୍ଡାଙ୍କ ମନ୍ତ୍ର ପାଠ ଓ ଡାକବାଜି ଯନ୍ତ୍ରର ଭକ୍ତି ଓ ଆଧୁନିକ ସଙ୍ଗୀତ ଗାଁ ଦାଣ୍ଡ ଉଛୁଳି ପଡିଥିବା ବେଳେ ମା' ଙ୍କୁ ବିଭିନ୍ନ ବ୍ୟଞ୍ଜନ ଭୋଗ ଲଗାଇ ଶ୍ରଦ୍ଧାଳୁ ମାନେ ମାଙ୍କୁ ଆରାଧନା କରିଛନ୍ତି। ଗୃହରେ ଧନସମ୍ପତ୍ତି ପରି ପୂର୍ଣ୍ଣ ହେବା ସହିତ ସୁଖ ଶାନ୍ତି ବିରାଜିତ ହେଉ ବୋଲି ଶ୍ରଦ୍ଧାଳୁମାନେ ଭକ୍ତି ଭାବନାରେ ପୂଜାର୍ଚ୍ଚନା କରିଛନ୍ତି। ଚନ୍ଦନେଶ୍ୱର, ବିଚିତ୍ରପୁର, ଚୌକି, ଦେଉଳାହାଟ, ଥାନା ଛକ ଆଦି ସାର୍ବଜନୀନ ପୂଜାମଣ୍ଡପଗୁଡିକ ବିଦ୍ୟୁତ ରଙ୍ଗୀନ ଆଲୋକ ମାଳାରେ ମା'ଙ୍କ ମୂର୍ତ୍ତୀ ଝଲସୁଛି। ବିଭନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁ ରହିଥିବା ବେଳେ ଚୌକି ଓ ବିଚିତ୍ର ପୁରରେ ପୂଜା କମିଟି ପକ୍ଷରୁ ୭ ଦିନିଆ ସ୍ଥାନୀୟ ମେଳା ବସିଛି।

# ଉଦଳା, ବାଙ୍ଗିରିପୋଷି, ଜି.ବି ନଗରରେ ଗଜଲକ୍ଷ୍ମୀ ପୂଜା

ଉଦଳା(ସନ୍ତୋଷ କୁମାର ବାଛିନୀ)/ବାଙ୍ଗିରିପୋଷି (ସଞ୍ଜୟ ଅଗ୍ରୱାଲ)/ଗୋପବନ୍ଧୁନଗର( ଶାନ୍ତନୁ ମଢୁଆଳ),୨୮।୧୦

ମୟୂରଭଞ୍ଜ ଜିଲା ଉଦଳା ଓ ବାଙ୍ଗିରିପୋଷି ଅଞ୍ଚଳରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଉଦଳା ହାଇସ୍କୁଲ ଛକ ଗଣେଶ ମାର୍କେଟ ପରିସରରେ ଚଳିତ ବର୍ଷ ଏକ ସ୍ୱତନ୍ତ୍ର ପୂଜା କମିଟି ଗଜଲକ୍ଷ୍ମୀ ପୂଜା ଆୟୋଜନ କରିଛି। କମିଟିର ମୁଖ୍ୟ ଆଶିଷ କୁମାର ମହାନ୍ତି, ପ୍ରଦୀପ କୁମାର ଦାସ, ପ୍ରଭାକର ଜେନା, ସିତେନ ଦତ୍ତ, ବରିଷ୍ଠ ଉପଦେଷ୍ଟା ମହେନ୍ଦ୍ର ସାହୁ ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ବାଙ୍ଗିରିପୋଷି ବ୍ଲକ ଅଧୀନ ଅଁଳାଗଞ୍ଜା, ଚନ୍ଦନ ପୁର, ବସନ୍ତପୁର, କନ୍ଦଳିଆ, ଭୂଆସୁଣୀ ଛକ, ବଡଗାଁ, ନିଶ୍ଚିନ୍ତା, କାଳିଆମି, ମଣଦା, ହାଣଦା, ଦୋସିଶୋଳ, ନୂଆଗାଁ, ବେଢାଦର, ନାଫ୍ରି, ଧୋବଣିଶୋଳ, ଶ୍ୟାମସୁନ୍ଦରପୁର, କୁମ୍ଭାରମୁଣ୍ଡାକଟା ଆଦି ଅଞ୍ଚଳରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ବାଙ୍ଗିରିପୋଷି ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଶନିବାର ସକାଳେ ମା'ଙ୍କ ପୂଜା କରାଯାଇଛି। ଗୋପବନ୍ଧୁ ନଗର ବ୍ଲକ ଆରପଟା, ପାଳଶା, ଭୋଲପୋଖରୀ, ଚିଲିମା, ପୁରୁଣା ବାରିପଦାସ୍ଥିତ କଲୁଣି ସାହି, ଆଗରପଡା, ଦାମାସାହି, କଣ୍ଟିସାହି, ପଶୁଦା, ହାଟନୂଆଗାଁ, କୁଶଳଦା, ଭଙ୍ଗାଚଟୁ ପ୍ରଭୃତି ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି।

# ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ଆରାଧନା

ଘଟଗାଁ(ରାଜେନ୍ଦ୍ର ପଟ୍ଟନାୟକ)/ଢେଙ୍କିକୋଟ(ନୀଳମଣି ମଣ୍ଡଳ)/ଯୋଡ଼ା(ମାନସ ମହାନ୍ତି)/କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ)/ ପାଟଣା(ବୀର କିଶୋର ଦାଶ.) ୨୮।୧୦

କେନ୍ଦୁଝର ଜିଲା ଘଟଗାଁ ଲକ୍ଷ୍ମୀପୂଜା କମିଟି ଆନୁକୂଲ୍ୟରେ ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ଶନିବାରଠାରୁ ଆରମ୍ଭ ହୋଇଛି। ସକାଳ ୯ ଘଟିକାରେ କଳସ ସ୍ଥାପନ ପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ବରିଷ୍ଠ ସଦସ୍ୟ ଶରତ ଚନ୍ଦ୍ର ସାହୁ ସଂକଳ୍ପରେ ବସିଥିଲେ। ଲକ୍ଷ୍ମୀ ପୂଜା କମିଟି ସଭାପତି କେଶବ ଚନ୍ଦ୍ର ମହାନ୍ତି, ସମ୍ପାଦକ ରାଜେନ୍ଦ୍ର ପଟ୍ଟନାୟକ, କୋଷାଧ୍ୟକ ନରେନ୍ଦ୍ର ସାହୁ, ବରିଷ୍ଠ ସଦସ୍ୟ ଧରଣୀଧର ଖୁଣ୍ଟିଆ, ତାରିଣୀ ପ୍ରସାଦ ସାହୁ, ଚତୁର୍ଭୁଜ ବେଜ, ଅଭିମନ୍ୟୁ ସାହୁ, ଦୟାନିଧି ପଲେଇ, ସମୀର ପ୍ରଧାନ, ଛବିନ୍ଦ୍ର ଜେନା, ପ୍ରଣବ ସାହୁ, ଟୁକୁନା ସାହୁ ପ୍ରମୁଖ ସହଯୋଗ କରିଥିଲେ।

କେନ୍ଦୁଝର ଜିଲା ଢେଙ୍କିକୋଟ୍ ବ୍ୟବସାୟିକ ବଜାରଠାରେ ମା' ମହାଲକ୍ଷ୍ମୀ ପୂଜା କମିଟି ତରଫରୁ ୫୧ତମ ମହାଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ପୂଜକ ପ୍ରଦୀପ ପଣ୍ଡା ଓ ପୁରୁଷୋତ୍ତମ ପଣ୍ଡାଙ୍କ ଦ୍ୱାରା ପୂଜାପାଠ ପରେ ରାମଚନ୍ଦ୍ର ସାହୁ, ଦିଗାମ୍ବର ନାୟକ, ମହେଶ୍ୱର ସାହୁ, ତାପସ ଓଝା, ସୁଶାନ୍ତ ସେନାପତିଙ୍କ ଦ୍ୱାରା କଳସ ଅଣାଯାଇଥିଲା। ସୂର୍ଯ୍ୟ ପୂଜା, ମା' ମହାଲକ୍ଷ୍ମୀଙ୍କ ପୂଜା ପାଠ କରାଯାଇ ହୋମ ଯଜ୍ଞ କରାଯାଇଛି। କମିଟିର ସଭାପତି ରାମଚନ୍ଦ୍ର ସାହୁ, ସମ୍ପାଦକ ସଞ୍ଜୀବ ସାହୁ, ଉପଦେଷ୍ଟା ସଙ୍କର୍ଷଣ ସାହୁ, ରମେଶ ଚନ୍ଦ୍ର ମହାନ୍ତ, ରବିନ୍ଦ୍ର ସାହୁ, ସଦସ୍ୟ ବାବୁଲା ସାହୁ, ନୀଳମଣି ମଣ୍ଡଳ, ବିଜୁ ପାଳ, ଉପେନ୍ଦ୍ର ଓଝା, କୃଷ୍ଣଚନ୍ଦ୍ର ବାରିକଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ସହଯୋଗ କରୁଛନ୍ତି।

### ଉତ୍ତର ଓଡ଼ିଶାର ପ୍ରସିଦ୍ଧ ପୂଜା

ଉତ୍ତର ଓଡ଼ିଶାର ପ୍ରସିଦ୍ଧ କେନ୍ଦୁଝର ଜିଲା ଯୋଡ଼ାର ଗଜଲକ୍ଷ୍ମୀ ପୂଜା ପାଇଁ ଯୋଡ଼ା ସହର ଚଳଚଞ୍ଚଳ ହୋଇଉଠିଛି। ୧୯୫୯ରୁ ଯୋଡ଼ା ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଆରମ୍ଭ ହୋଇଥିବା ଏହି ଲକ୍ଷ୍ମୀପୂଜା ଯୋଡ଼ା ଅଞ୍ଚଳର ଏକ ଗଣଉତ୍ସବରେ ପରିଣତ ହୋଇଛି। ୬୪ ବର୍ଷ ଧରି ପୂଜା ପାଳିତ ହେଉଥିବା ବେଳେ କମିଟି ପକ୍ଷରୁ ଦୀର୍ଘ ୮ବର୍ଷ ହେଲା ମନ୍ଦିର ନିର୍ମାଣ କରାଯାଇ ମା'ଙ୍କ ପୂଜା ଅର୍ଚ୍ଚନା କରାଯାଉଛି। ଶନିବାର ସକାଳେ କଳସ ଶୋଭାଯାତ୍ରା, ଆବାହନୀ, ଘଟସ୍ଥାପନ, ଜୀବନଦାନ, ଚକ୍ଷୁଦାନ ଆଦି ପାରମ୍ପାରିକ ରୀତିନୀତି ଅନୁଷ୍ଠିତ ହୋଇଥିଲା। ପୂଜା ଅବସରରେ ଲକ୍ଷ୍ମୀପଡ଼ିଆରେ ମୀନାବଜାର, ଦୋଳି ସହ ବିଭିନ୍ନ ପ୍ରକାରର ଖାଦ୍ୟ ଷ୍ଟଲ, ଖେଳନା, ଗୃହ ଉପକରଣ ସାମଗ୍ରୀ ଷ୍ଟଲ, ମୌତ କା କୁଆଁ ଲୋକମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ଯୋଡ଼ା ଲକ୍ଷ୍ମୀ ପୂଜା କମିଟି ସଭାପତି ଦୁଃଶାସନ ସାହୁ, ସମ୍ପାଦକ ରବି ନାରାୟଣ ଦାସ, କାର୍ଯ୍ୟକାରୀ ସଭାପତି ଶ୍ରୀନିବାସ ସାହୁ, ଉପସଭାପତି ନୀଳମଣୀ ମହାନ୍ତି, ସମ୍ପାଦକ ରବି ନାରାୟଣ ଦାସ, ଯୁଗ୍ମ ସମ୍ପାଦକ ହୃଷିକେଶ ଜେନା, କୋଷାଧ୍ୟକ୍ଷ ଭୋଳାନାଥ ସାହୁ ପରିଚାଳନା କରିଥିଲେ। ସଦର ବ୍ଲକ୍ ଅନ୍ତର୍ଗତ ଗୋବର୍ଦ୍ଧନ ପଞ୍ଚାୟତ ସେଣ୍ଟକାପ ଗ୍ରାମରେ ସମସ୍ତ ମହିଳା ଓ କୁଆଁରୀମାନଙ୍କୁ ନେଇ ଦୁର୍ଗା ମଣ୍ଡପ ନିକଟସ୍ଥ ଲକ୍ଷ୍ମୀ ମଣ୍ଡପଠାରେ ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଗ୍ରାମରେ ମହାଲକ୍ଷ୍ମୀଙ୍କ ପୂଜା ୧୧ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବାବେଳେ ପୂଜା କାର୍ଯ୍ୟ ୩ ଦିନ ଧରି ଚାଲିବ ବୋଲି କମିଟି ତରଫରୁ ଜଣାପଡ଼ିଛି। ମଲ୍ଲୀ ମହାନ୍ତ, ସସ୍ମିତା ମହାନ୍ତ, ମାଧୁରୀ ମହାନ୍ତ, ତାରାମଣି ମହାନ୍ତ, ପ୍ରତିମା ମହାନ୍ତ, ହେମଲତା ମହାନ୍ତ ପ୍ରମୁଖ ଉତ୍ସବକୁ ପରିଚାଳନା କରୁଛନ୍ତି। ପାଟଣା ବ୍ଲକ୍ ମୁଖ୍ୟାଳୟ ଆନନ୍ଦେଶ୍ୱର ଶିବ ମନ୍ଦିର ସମ୍ମୁଖରେ କୁମାର ଉତ୍ସବ କମିଟି ତରଫରୁ ୫୪ତମ ଗଜଲକ୍ଷ୍ମୀ ପୂଜା ଶନିବାରଠାରୁ ଆରମ୍ଭ ହୋଇଛି। କୁମାର ଉତ୍ସବ କମିଟିର ସଭାପତି ବିବେକାନନ୍ଦ ଦାଶ, ସମ୍ପାଦକ ଦକ୍ଷପ୍ରସାଦ ସାହୁ, ଦେବୀଦତ୍ତ ମିଶ୍ର, ତାପସ ମିଶ୍ର, ସୌମ୍ୟରଞ୍ଜନ ଦାଶ, ବିକାଶ ଦାସ, ଅଭିଷେକ ଦାଶ, ଅଜୟ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଛି। ଅନୁରୂପ ପାଟଣା ମୁଖ୍ୟାଳୟ ସଁରାପଶି ମଣ୍ଡପରେ ୨୧ ତମ, ଡୁରୁମୁଙ୍ଗା ଗଜଲକ୍ଷ୍ମୀ କମିଟି ତରଫରୁ ୫୬ ତମ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି। ଟାଙ୍ଗରପଡ଼ା ବଜାର କମିଟି ତରଫରୁ ମଧ ଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଛି।


ଢେଙ୍କିକୋଟ୍ ବଜାର କମିଟି ପକ୍ଷରୁ ପୂଜା ପାଉଥିବା ମା' ଗଜଲକ୍ଷ୍ମୀ।

# ଖଇରାରେ ଲକ୍ଷ୍ମୀଙ୍କୁ ଆରାଧନା

ଖଇରା, ୨୮।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକର ପୁରପଲ୍ଲୀରେ ଆରମ୍ଭ ହୋଇଛି ଲକ୍ଷ୍ମୀପୂଜା। ମନ୍ତ୍ରପାଠ ସାଙ୍ଗକୁ ଶଙ୍ଖହୁଳି ଧ୍ୱନିରେ ମା'ଙ୍କୁ ଆରାଧନା କରାଯାଉଛି। ବିସୁନପୁର ଗ୍ରାମର ମା' ମୁକ୍ତାଶୁଣି ଲକ୍ଷ୍ମୀପୂଜା କମିଟି ଆନୁକୂଲ୍ୟରେ ପୂଜା ନୀତିକାନ୍ତି ଆରମ୍ଭ ହୋଇଛି। ପ୍ରଶାନ୍ତ କୁମାର ଜେନା, ଅନିରୁଦ୍ଧ ସାହୁ ଓ ମାନସ କୁମାର ପ୍ରଧାନଙ୍କ ଦ୍ୱାରା କଳସ ଅଣାଯାଇଥିଲା। ପଣ୍ଡିତ ବିରଞ୍ଚି ନାରାୟଣ ପଣ୍ଡା, ଆଦିକନ୍ଦ ପଣ୍ଡା ଓ ପରମାନନ୍ଦ ପଣ୍ଡାଙ୍କ ଦ୍ୱାରା ହୋମଯଜ୍ଞାଦି କର୍ମ ସମ୍ପନ୍ନ ହୋଇଥିଲା। ଉଦୟ କୁମାର ପଣ୍ଡା, କୈଳାସ ଜେନା, ରବୀନ୍ଦ୍ର ସାହୁ, ଅନାମ ସାହୁ, ଭରତ ଚନ୍ଦ୍ର ସାହୁ, କମଳେଶ ପ୍ରଧାନ ଓ ନରହରି ଗିରି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସେହିଭଳି ଫଗୁଣା ଗ୍ରାମରେ ଦେବେନ୍ଦ୍ର ନାୟକ ଓ ରାଜୁ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମା' କମଳାଙ୍କ ପୂଜାର୍ଚ୍ଚନା ଯଥାବିଧି ଆରମ୍ଭ ହୋଇଛି । ଏହାଛଡା ସାରୁଗାଁରେ ହରେକୃଷ୍ଣ ଦାଶ ଓ ଅଦ୍ୱୈତ୍ୟ ପ୍ରସାଦ ଦାଶଙ୍କ ସହଯୋଗରେ ମା' ପଦ୍ମାଳୟାଙ୍କୁ ଆରାଧନା କରାଯାଇଛି । ମଧ୍ୟାହ୍ନରେ କଳସ ଅଣାଯାଇ ଭକ୍ତଙ୍କ ଗହଣରେ ପୂଜା ଆରମ୍ଭ ହୋଇଛି। ବ୍ଲକର ମାହାରାସାହି, ପତିରାଜପୁର, ସମ୍ପେଇ, କିଶୋରନଗର, ବ୍ରାହ୍ମଣପୋଖରୀ, ବାରିଙ୍ଗିଆ, ଚକାପଦା ଆଦି ଗ୍ରାମରେ ପୂଜା ଧୁମଧାମ୍‌ରେ ଆରମ୍ଭ ହୋଇଛି । ଚନ୍ଦ୍ର ଗ୍ରହଣ ଯୋଗୁ ବହୁ ସ୍ଥାନରେ ପୂଜା ସମୟ ପରିବର୍ତ୍ତନ କରାଯାଇଛି । ମୋକ୍ଷ ପରେ କଳସ ଅଣାଯିବ ବୋଲି କମିଟି କର୍ମକର୍ତ୍ତା ମାନେ ପ୍ରକାଶ କରିଛନ୍ତି ।


ବିସୁନପୁର ଗ୍ରାମରେ ଅନୁଷ୍ଠିତ ଲକ୍ଷ୍ମୀପୂଜା।

# ତିର୍ତ୍ତୋଲ, ରଘୁନାଥପୁରବାସୀ ଉପେକ୍ଷିତ: ଧର୍ମେନ୍ଦ୍ର

ଭୁବନେଶ୍ୱର,(ଅନିଲ ଦାସ)/ ରଘୁନାଥପୁର(ରାଜେନ୍ଦ୍ର ନାରାୟଣ ସିଂହ)/ତିର୍ତ୍ତୋଲ (ଗୌରାଙ୍ଗ ଚରଣ ସ୍ୱାଇଁ), ୨୮।୧୦


ରାଜ୍ୟ ସରକାର ବଡ ବଡ ଠିକାଦାରଙ୍କୁ ପୋଷିବା ପାଇଁ ପ୍ରାଥମିକତା ଦେଉଛନ୍ତି। କିନ୍ତୁ ରଘୁନାଥପୁର ବ୍ଲକର ମା'ମାନଙ୍କ ପାଇଁ ପାଣିମୁନ୍ଦେ ଦେବାର ବ୍ୟବସ୍ଥା କରୁନାହାନ୍ତି, ଯାହା ବିଡମ୍ବନା ବୋଲି ଶନିବାର ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ରଘୁନାଥପୁରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି । ସେ କହିଛନ୍ତି ଯେ ମୋଦି ସରକାର ଓଡ଼ିଶାକୁ ବିପୁଳ ଅର୍ଥ ଦେବା ପରେ ମଧ୍ୟ ତିର୍ତ୍ତୋଲ ଓ ରଘୁନାଥପୁରବାସୀଙ୍କୁ ରାଜ୍ୟ ସରକାର ଉପେକ୍ଷା କରିଛନ୍ତି । ପୂର୍ବ ସରକାରର ୧୦ ବର୍ଷରେ ଓଡ଼ିଶାକୁ ମାତ୍ର ୩ ଲକ୍ଷ କୋଟି ଆସିଥିବା ବେଳେ ମୋଦି ସରକାରରେ ଏ ପର୍ଯ୍ୟନ୍ତ ୧୮ ଲକ୍ଷ କୋଟି ଟଙ୍କା ଆସିଛି। ରଘୁନାଥପୁରରେ ପ୍ରତି ଘରକୁ ପାଇପ ଯୋଗେ ପିଇବା ପାଣିର ବ୍ୟବସ୍ଥା ହୋଇ ନାହିଁ । ବାରମ୍ବାର ବିଜୁଳି କାଟ୍ ହେଉଛି । ଷ୍ଟ୍ରିଟ୍ ଲାଇଟ୍, ଯାତ୍ରୀ ବିଶ୍ରାମାଗାର ପାଇଁ ସ୍ଥାନୀୟ ଲୋକମାନେ ଦାବି କଲା ପରେ ବି ସରକାର କର୍ଣ୍ଣପାତ କରୁନାହାନ୍ତି । ଯୁବକମାନେ ସୁରଟ, ତାମିଲନାଡୁ ଭଳି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ।

ଏଠାରେ ମୋ ଗାଁ ମୋ ବିକାଶରେ ପ୍ରାୟ ୧ କୋଟି ୬୨ ଲକ୍ଷର ଦୁର୍ନୀତିର ପ୍ରମାଣ ମିଳିଛି ଏବଂ ଏଥିପାଇଁ ବିଭାଗୀୟ ଅଧିକାରୀମାନେ ଜେଲ୍ ଯାଇଛନ୍ତି । ଚାଷୀଙ୍କୁ ସେମାନଙ୍କର ହକ୍‌ରୁ ବଞ୍ଚିତ କରାଯାଉଛି । ପିଏମ୍ ଆବାସ ଯୋଜନାରେ ମୋଦି ସରକାର ୩୨ ଲକ୍ଷ ଘର ଦେବା

## କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ପରେ ବି ରଘୁନାଥପୁର ବ୍ଲକରେ ପକ୍କା ଛାତ ହୋଇନାହିଁ । ମୋଦିଙ୍କ ପଇସାରେ ରାଜ୍ୟ ସରକାର ମହିଳାଙ୍କୁ ସଶକ୍ତ କରିବା କଥା କହୁଛନ୍ତି । ଏ ସବୁର ସମାଧାନ ପାଇଁ ଆମେ ଦୃଢ ରାଜନୈତିକ ଇଚ୍ଛାଶକ୍ତି ରଖୁଥିବା ତଥା ଓଡ଼ିଆ ସ୍ୱାଭିମାନ, ଓଡ଼ିଆ ଅସ୍ମିତା ଏବଂ ମହାପ୍ରଭୁଙ୍କ ପ୍ରତି ସମର୍ପିତ ଥିବା ଲୋକଙ୍କୁ ଦାୟିତ୍ୱ ଦେବା ପାଇଁ ଲଢେଇ କରିବାକୁ ପ୍ରଧାନ ଆହ୍ୱାନ କରିଛନ୍ତି ।

ଏହି ଅବସରରେ ରଘୁନାଥପୁର ବ୍ଲକ ଜଗନ୍ନାଥପୁର ବଜାର ଓ ଜଇପୁର ଛକ ସମେତ ତିର୍ତ୍ତୋଲସ୍ଥିତ କୁମାର ଉତ୍ସବରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ରଘୁନାଥପୁରଠାରେ ଜିଲା ପ୍ରଭାରୀ ଶାରଦା ପ୍ରଧାନଙ୍କ ପୌରୋହିତରେ ଆୟୋଜିତ ସଭାରେ ଧର୍ମେନ୍ଦ୍ର ଯୋଗଦେଇଥିଲେ। ଏହାପରେ ଧର୍ମେନ୍ଦ୍ରଙ୍କୁ ଜଇପୁର ଛକ ଠାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ସେ ତିର୍ତ୍ତୋଲସ୍ଥିତ କୁମାର ଉତ୍ସବରେ ଯୋଗଦେଇଥିଲେ। ଏଥି ସହ ତିର୍ତ୍ତୋଲସ୍ଥିତ ମହାକବି ସାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ଧର୍ମେନ୍ଦ୍ର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।



ରଘୁନାଥପୁର ବ୍ଲକ୍‌ର ଜଗନ୍ନାଥପୁର ବଜାରଠାରେ ଆୟୋଜିତ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ମଧ୍ୟପ୍ରଦେଶ ଦାମୋହ ଜିଲାର ଏକ ନିର୍ବାଚନୀ ସଭାରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ, ରାଜ୍ୟ କଂଗ୍ରେସ ସଭାପତି କମଲନାଥ ଓ ଦଳୀୟ ନେତୃବୃନ୍ଦ।

# ବିଜେଡିରେ ବରପାଲି ଏନ୍‌ଏସି ଅଧ୍ୟକ୍ଷଙ୍କ ସହ ଭାଜପା କର୍ମୀ

ଭୁବନେଶ୍ୱର,୨୮।୧୦(ଅନିଲ ଦାସ)

ବରଗଡ଼ ଜିଲା ବିଜେପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବରପାଲି ଏନ୍‌ଏସି ଅଧ୍ୟକ୍ଷ ଦୀନେଶ ଗହିର ଓ ବିଜେପୁର ଏନ୍‌ଏସି ୪ନଂ ୱାର୍ଡର କାଉନ୍‌ସିଲର ଦୀପକ ପାଣିଗ୍ରାହୀଙ୍କ ସମେତ ଶତାଧିକ ଭାଜପା କର୍ମୀ ଶନିବାର ଶଙ୍ଖଭବନଠାରେ ମନ୍ତ୍ରୀ ତଥା ବିଜେପୁର ବିଧାୟିକା ରୀତା ସାହୁଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି । ଦଳରେ ସାମିଲ ହୋଇଥିବା ସମସ୍ତ କର୍ମକର୍ତ୍ତାଙ୍କୁ ବିଧାୟିକା ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି । ବିଜୁ ଜନତା ଦଳରେ ବରପାଲି ଏନ୍‌ଏସି ଅଧ୍ୟକ୍ଷ ଓ ଭାଜପା କର୍ମୀଙ୍କ ଯୋଗଦାନ ଫଳରେ ବିଜେପୁର ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ବିଜେଡିରେ ସାମିଲ ହୋଇଥିବା ବରପାଲି ଏନ୍‌ଏସି ଅଧ୍ୟକ୍ଷ ଏବଂ ଭାଜପା କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ଯୋଗଦେଲୁ ବୋଲି କହିଛନ୍ତି । ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ମିଶ୍ରଣ ପର୍ବରେ ବିଜେପୁର ବ୍ଲକର ସୁରେନ୍ଦ୍ର ସାହୁ, ତାରା ଚନ୍ଦ୍ର ପାଟିଲ, ସୁଶାନ୍ତ ବାରିକ, ଗାଇସିଲଟ ବ୍ଲକର ଲୋକେଶ ପୁରୋହିତ, ସୁବ୍ରତ କୁମାର ଯୋଶୀ, ଆଲୋକ କୁମାର ସାହୁ, ସୁଶାନ୍ତ କୁମାର ସାହୁ, କୈଳାସ ସାହୁ, ବିଜେପୁର ଏନ୍‌ଏସିର ପ୍ରଫୁଲ୍ଲ ଗଣ୍ଡିଆଙ୍କ ସହ ଶତାଧିକ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ବରଗଡ଼ ଜିଲା ପର୍ଯ୍ୟବେକ୍ଷକ ତଥା ବିଧାୟକ ସୁଧୀର କୁମାର ସାମଲ ଉପସ୍ଥିତ ଥିଲେ । ବିଜେଡି ମୁଖପାତ୍ର ପ୍ରିୟବ୍ରତ ମାଝି କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ।

## ନୀଳଗିରି ରାଜନୀତି ସରଗରମ

# ସରୋଜଙ୍କୁ ନେଇ ବଢୁଛି ଚର୍ଚ୍ଚା

ନୀଳଗିରି, ୨୮।୧୦ (ପ୍ରଶାନ୍ତ ବିଶ୍ୱାଳ)

ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି, ବାଲେଶ୍ୱର ଜିଲା ନୀଳଗିରି ନିର୍ବାଚନ ମଣ୍ଡଳୀରେ ନୂଆ ନୂଆ କଥା ଚର୍ଚ୍ଚାକୁ ଆସୁଛି। ନୀଳଗିରି ବିଜେଡ଼ିରେ ଆଶାୟୀଙ୍କ ସଂଖ୍ୟା ଲମ୍ବିଛି। ମାତ୍ର ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀଙ୍କ ଗତ ବୁଧବାର ବଦଳି ପରେ ନୀଳଗିରିରେ ତାଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

ଦଶହରା ଅବସରରେ ନୀଳଗିରି ଓ ରେମୁଣାରେ ସରୋଜଙ୍କ ଶୁଭେଚ୍ଛା ବ୍ୟାନର ଲାଗିଥିବାବେଳେ ଗତ କିଛି ବର୍ଷ ହେବ ତାଙ୍କ ଜନ୍ମମାଟି ନୀଳଗିରି ନିର୍ବାଚନମଣ୍ଡଳୀର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ରଥଯାତ୍ରା ଭଜନସନ୍ଧ୍ୟା, କ୍ରୀଡ଼ା, ମହୋତ୍ସବ ଅବା ଶୁଦ୍ଧିକ୍ରିୟାରେ ତାଙ୍କ ଉପସ୍ଥିତି ଦେଖିବାକୁ ମିଳୁଛି। ନିକଟରେ ତାଙ୍କ ପ୍ରଚେଷ୍ଟାରେ ସ୍ଥାନୀୟ ବରହମପୁର ବଜାର ମଧ୍ୟସ୍ଥ ଦୁର୍ଗାମଣ୍ଡପ ସମ୍ମୁଖ ପ୍ରାଙ୍ଗଣ ଶେଷରେ କଂକ୍ରିଟ କରାଯାଇଥିଲା। ଏବର୍ଷ ଦୁର୍ଗାପୂଜା ଅବସରରେ ନୀଳଗିରିର ବିଭିନ୍ନ ଦୁର୍ଗା ମଣ୍ଡପରେ ତାଙ୍କୁ ଦେଖିବାକୁ ମିଳିଥିଲା। ଏଥିସହ ନିଜ ଗାଁ ତେନ୍ତୁଳିଆ ଦୁର୍ଗାପୂଜା କମିଟିର ସଭାପତି ଭାବେ ମହାନବମୀ ଦିନ ଓଲିଉଡ୍ ତାରକା ସବ୍ୟସାଚୀ ମିଶ୍ର ଓ ଅର୍ଚ୍ଚିତାଙ୍କୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଇଥିଲେ। ଏସବୁ ଘଟଣାକୁ ନେଇ ସରୋଜ ନୀଳଗିରି ଆସନ ଉପରେ ନଜର ପକାଇଛନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ଅପରପକ୍ଷରେ ସରୋଜଙ୍କର ଉପରସ୍ତରରେ ଉତ୍ତମ ସମ୍ପର୍କ ଥିବାରୁ ତାଙ୍କୁ ବିଜେଡି ଟିକେଟ ମିଳିବାରେ ଅସୁବିଧା ହେବ ନାହିଁ ବୋଲି ତାଙ୍କ ନିକଟତମ ଲୋକଙ୍କଠାରୁ ଶୁଣିବାକୁ ମିଳୁଛି। ଏ ପ୍ରସଙ୍ଗରେ ପଚାରିବାରୁ ସରୋଜ ସମସ୍ତ ଚର୍ଚ୍ଚାକୁ ଖଣ୍ଡନ କରିଛନ୍ତି।

# ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଦିଲ୍ଲୀ ଗଲା 'ଅମୃତ କଳସ'

ଭୁବନେଶ୍ୱର,୨୮।୧୦(ଅନିଲ ଦାସ): ରାଜ୍ୟର ୩୧୪ ବ୍ଲକର ୧୩୧୨୮ ଗାଁରୁ ସଂଗୃହୀତ ପବିତ୍ର ମାଟି ଗତ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିବା ପରେ ଶନିବାର ଏହାକୁ ଏକ ଶୋଭାଯାତ୍ରାରେ ରେଳଷ୍ଟେଶନକୁ ଅଣାଯାଇଥିଲା। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ପ୍ରତାପ ଷଡ଼ଙ୍ଗୀ, ଅପରାଜିତା ଷଡ଼ଙ୍ଗୀ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖଙ୍କ ସମେତ ଭାଜପାର ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

'ମୋ ମାଟି, ମୋ ଦେଶ' ଅମୃତ କଳସ ଯାତ୍ରାର ଶୁଭାରମ୍ଭ ପାଇଁ ବିଶାଳ ଶୋଭାଯାତ୍ରା ସରିଛି। ଆସନ୍ତା ୩୧ରେ ଦେଶର ପ୍ରାୟ ୭୫୦୦ରୁ ଊର୍ଦ୍ଧ୍ୱ ସ୍ଥାନରୁ ସଂଗୃହୀତ ହୋଇ ଆସିଥିବା କଳସରୁ ମାଟିକୁ ଏକାଠି କରାଯାଇ ଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ଯୁଦ୍ଧ ସ୍ମାରକୀ ନିକଟରେ 'ଅମୃତ ବାଟିକା' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ଥାପନ କରିବେ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

# ନଭେମ୍ବର ଦ୍ୱିତୀୟ ସପ୍ତାହରେ କଂଗ୍ରେସର ମୁଖପାତ୍ର ସମ୍ମିଳନୀ

ଭୁବନେଶ୍ୱର,୨୮।୧୦(ଅନିଲ ଦାସ)

ଆସନ୍ତା ନଭେମ୍ବର ଦ୍ୱିତୀୟ ସପ୍ତାହରେ ସମସ୍ତ ଜିଲାର ମୁଖପାତ୍ରଙ୍କୁ ନେଇ ରାଜ୍ୟସ୍ତରୀୟ ମୁଖପାତ୍ର ସମ୍ମିଳନୀ ଆୟୋଜିତ ହେବ। ଶନିବାର କଂଗ୍ରେସ ଭବନଠାରେ ଅନୁଷ୍ଠିତ ପ୍ରଦେଶ କଂଗ୍ରେସ କମିଟି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଏଥିସହିତ ବୈଠକର ନିଷ୍ପତ୍ତି ଅନୁଯାୟୀ ଗଣମାଧ୍ୟମ ବିଭାଗରେ ଗଣେଶ୍ୱର ବେହେରା, ପଞ୍ଚାନନ କାନୁନଗୋ, ପ୍ରଶାନ୍ତ ଶତପଥୀ, ସୁଦର୍ଶନ ଦାସ ଓ ଅମିୟ ପାଣ୍ଡବଙ୍କୁ ନେଇ ଏକ ୫ ଜଣିଆ ତଥ୍ୟ ସଂଗ୍ରହକାରୀ କମିଟି ଗଠନ କରାଯିବ। ଏହି କମିଟି ସମସ୍ତ ମୁଖପାତ୍ରଙ୍କୁ ତଥ୍ୟ ସହାୟତା ଯୋଗାଇ ଦେବେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ପ୍ରସଙ୍ଗରେ ରାଜ୍ୟ ଓ ଜିଲା ସ୍ତରରେ ଖବରଦାତା ସମ୍ମିଳନୀ ଜରିଆରେ ନିରବଚ୍ଛିନ୍ନ ଭାବେ ପର୍ଦ୍ଦାଫାଶ କରାଯିବ।

ବୈଠକରେ ଯୋଗଦେଇ ଓଡ଼ିଶା ପ୍ରଭାରୀ ଏ. ଚେଲ୍ଲା କୁମାର କହିଛନ୍ତି, ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତିକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ଗଣମାଧ୍ୟମ ବିଭାଗର ମୁଖ୍ୟ ଭୂମିକା ରହିଛି। ଏହାକୁ ସଫଳତାର ସହ କାର୍ଯ୍ୟକାରୀ କରିବାକୁ ସେ ପରାମର୍ଶ ଦେଇଛନ୍ତି। ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ୨୦୨୪ ନିର୍ବାଚନରେ ରାଜ୍ୟରେ କଂଗ୍ରେସ ସରକାର ପ୍ରତିଷ୍ଠା କରିବା କଂଗ୍ରେସର ଲକ୍ଷ୍ୟ। ଏ ଦିଗରେ ଗଣମାଧ୍ୟମ ବିଭାଗର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି।

ଜନସ୍ୱାର୍ଥ ସମ୍ପର୍କିତ ପ୍ରସଙ୍ଗକୁ ନେଇ ନିୟମିତ ଭାବେ ପ୍ରତି ସପ୍ତାହରେ ଅଧିକ ଖବରଦାତା ସମ୍ମିଳନୀ କରାଯାଇ ଲୋକଙ୍କ ପାଖରେ ପହଞ୍ଚିବା ଏକାନ୍ତ ଅପରିହାର୍ଯ୍ୟ । ତାହା ନିଷ୍ଠାର ସହ ଅନୁପାଳନ କରାଯିବ ବୋଲି ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା କହିଛନ୍ତି ।

# ସୀମାନ୍ତରେ ଆଇଇଡି ନିଷ୍କ୍ରିୟ କଲେ ଯବାନ

ମାଲକାନଗିରି,୨୮।୧୦(ଦୁର୍ଯ୍ୟୋଧନ ପାତ୍ର)



ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲା ଅନ୍ତର୍ଗତ ଘୋଟୁଲପାରାରେ ଖଞ୍ଜାଯାଇଥିବା ଏକ ୪ କି.ଗ୍ରା.ଓଜନର ଆଇଇଡି ବୋମାକୁ ଶନିବାର ଯବାନମାନେ ନିଷ୍କ୍ରିୟ କରିଛନ୍ତି।

ସୂଚନା ଅନୁଯାୟୀ, ଛତିଶଗଡ଼ ବିଧାନସଭା ନିର୍ବାଚନ ଥିବାରୁ ମାଓବାଦୀ ଦମନ ସର୍ଚ୍ଚ ଅପରେଶନକୁ ଯବାନମାନଙ୍କ ପକ୍ଷରୁ ଜୋର୍‌ଦାର କରାଯାଇଛି। ଏହି କ୍ରମରେ ମାଓବାଦୀ ଉପଦ୍ରବ ଥିବା ସ୍ଥାନ ଘୋଟୁଲପାରାରେ ପୋଲିସ, ବସ୍ତର ଫାଇଟର, ଡିଆର୍‌ଜି ଯବାନଙ୍କ ଦ୍ୱାରା ମିଳିତ ଭାବେ ସର୍ଚ୍ଚ ଅପରେଶନ କରାଯାଉଥିବା ବେଳେ ଜଙ୍ଗଲ ମଧ୍ୟରେ ମାଓବାଦୀମାନେ ପୂର୍ବରୁ ଲଗାଇଥିବା ଏକ ୪ କେଜି ଓଜନର ଆଇଇଡି ବୋମା ଲଗାଯାଇଥିବା ସୁରାକ ପାଇଥିଲେ। ତେବେ ପୋଲିସର ବୋମା ନିଷ୍କ୍ରିୟକାରୀ ଦଳ ତୁରନ୍ତ ଉକ୍ତ ବୋମାକୁ ଘଟଣାସ୍ଥଳରେ ନିଷ୍କ୍ରିୟ କରିଥିଲେ।

## ମହାବାତ୍ୟାକୁ ୨୪ ବର୍ଷ

# ମନରୁ ଲିଭୁନି ଲୋମଟାଙ୍କୁରା ଦୃଶ୍ୟ

ଏରସମା,୨୮।୧୦(ଦୀପ୍ତି ରଞ୍ଜନ ଖଣ୍ଡୁଆଳ)



ମୃତକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗ୍ରାମବାସୀଙ୍କ ପକ୍ଷରୁ ନିର୍ମାଣ କରାଯାଇଥିବା ମାଟି ଚଉରା।

୧୯୯୯ ମହାବାତ୍ୟାକୁ ରବିବାର ୨୪ ବର୍ଷ ପୂରିବ। ଏହା ମଧ୍ୟରେ ଅନେକ କିଛି ପରିବର୍ତ୍ତନ ହୋଇଛି। କିନ୍ତୁ ଏବେବି ସେଦିନର ସ୍ମୃତି ମନେ ପଡ଼ିଲେ ଲୋମ ଟାଙ୍କୁରି ଉଠେ। ବିଶେଷକରି ଜଗତ୍‌ସିଂହପୁର ଜିଲା ଏରସମାରେ ମହାବାତ୍ୟା କରାଳରୂପ ଧାରଣା କରିଥିଲା। ଫଳରେ ସେଠାକାର ଭୌଗୋଳିକସ୍ଥିତି ବଦଳି ଯାଇଥିଲା। ୩୫୦ କିଲୋମିଟର ବେଗରେ ପବନ ବହିବା ସହ ସମୁଦ୍ରର ଲୁଣା ଜୁଆର ମାଡ଼ି ଆସିବାରୁ ଅନେକ ଘରଦ୍ୱାର, ଗଛଲତା ସବୁ ମାଟିରେ ମିଶିଯାଇଥିଲା। ସବୁଆଡେ ଖାଲି କୁଢ଼ କୁଢ଼ ମଣିଷ ଓ ଗୃହପାଳିତ ପ୍ରାଣୀମାନଙ୍କ ଶବ ଦେଖିବାକୁ ମିଳିଥିଲା। କିଛି ମୁହୂର୍ତ୍ତ ମଧ୍ୟରେ ଏରସମା ଶ୍ମଶାନ ପାଲଟିଯାଇଥିଲା। ସରକାରୀ ହିସାବ ଅନୁସାରେ ଏରସମା ବ୍ଲକର ୨୫ଟି ପଞ୍ଚାୟତରୁ ୧୦,୦୦୦ ଲୋକ ପ୍ରାଣ ହରାଇଥିବା ବେଳେ ୩୦,୦୦୦ ଗୃହପାଳିତ ପ୍ରାଣୀ ଓ ପକ୍ଷୀଙ୍କ ମୃତ୍ୟୁ ଘଟିଥିଲା। ସେତେବେଳେ ଏହି ବ୍ଲକ ଅନ୍ତର୍ଗତ ଗଡ଼ ବିଶୁନିପୁର ପଞ୍ଚାୟତର ନାଳଭେଡି ଗ୍ରାମରୁ ୩୦୦ଜଣଙ୍କ ମୃତ୍ୟୁ ଘଟିଥିଲା। ଗ୍ରାମରେ ବସବାସ କରୁଥିବା ୬୫ ପରିବାର ମଧ୍ୟରୁ ୫୪ ପରିବାରୁ କେହିନା କେହି ମୃତ୍ୟୁବରଣ କରିଥିଲେ। ୧୧ ପରିବାରର ସମସ୍ତ ସଦସ୍ୟ ନିଖୋଜ ହୋଇଯାଇଥିଲେ ବୋଲି ଗ୍ରାମ ମୁରବି ଚନ୍ଦନ କରଣଙ୍କ ସହ ଧନଞ୍ଜୟ ପାତ୍ର, ଶଙ୍କର ଦାସ, ନନ୍ଦଲାଲ ଭୌମିକ, ଚିତ୍ତରଞ୍ଜନ ମାଇତି ପ୍ରମୁଖ କହିଛନ୍ତି। ଚନ୍ଦନଙ୍କ ସ୍ତ୍ରୀଙ୍କୁ ଗୋଟିଏ ଦିନ ପରେ ଏକ ଖଜୁରି ଗଛ ନିକଟରୁ ଉଦ୍ଧାର କରାଯାଇଥିଲା। ଗ୍ରାମବାସୀ ସେଦିନରୁ ପ୍ରତିବର୍ଷ ଏକ ମାଟି ଚଉରା ସ୍ଥାପନ କରି ମହାବାତ୍ୟାରେ ମୃତକଙ୍କ ସ୍ମୃତି ଚାରଣ କରି ଆସୁଛନ୍ତି। ଅଞ୍ଚଳରେ ଏକ ବାତ୍ୟା ଆଶ୍ରୟସ୍ଥଳ ସ୍ଥାପନ ଓ ପକ୍କା ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ।

ଇତି ମଧ୍ୟରେ ଅଞ୍ଚଳରେ ଅନେକ ବିକାଶମୂଳକ କାର୍ଯ୍ୟ କରାଯାଇଛି। ପକ୍କା ଗୃହ ନିର୍ମାଣ, ରାସ୍ତାଘାଟ ପୁନରୁଦ୍ଧାର, ମହାବାତ୍ୟା ଆଶ୍ରୟ ସ୍ଥଳ, ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ଆଦି ଗଢା ହୋଇଛି। ମାତ୍ର ପରିତାପର ବିଷୟ ସମୁଦ୍ରର ଲୁଣା ଜୁଆର ଅଟକାଇବା ପାଇଁ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇ ଆସୁଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ କାର୍ଯକାରୀ ହୋଇପାରିନାହିଁ। ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ଶିଆଳି ସମୁଦ୍ର ବେଳାଭୂମି ୨୦୧୦ରେ ଓଡିଶା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଛି। ଏଠାରେ ପର୍ଯ୍ୟଟକମାନଙ୍କ ପାଇଁ ସମୁଦ୍ର ଦର୍ଶନ କରିବାକୁ ଭିୟୁ ଟାୱାର ନିର୍ମାଣ କରାଯାଇଛି। ଭିୟୁ ଟାୱାରଠାରୁ ପୂର୍ବରୁ ସମୁଦ୍ର ୫୦ମିଟର ଦୂରରେ ଥିଲା। ମାତ୍ର ଏବେ ସମୁଦ୍ର ଜଳ ପଠନ ଆଶାତୀତ ବୃଦ୍ଧି ଘଟିଛି। ଲୁଣା ଜୁଆର ମାଡ଼ରେ ଭିୟୁ ଟାୱାରର ମୂଳଦୁଆ ଭୁଶୁଡ଼ି ଗଲାଣି। ପ୍ରଶାସନ ପକ୍ଷରୁ ପଥର, ତାର ଜାଲି ଓ ବାଲିବସ୍ତା ଦିଆଯାଇ ସମୁଦ୍ର ଜୁଆରକୁ ସାମୟିକ ଭାବରେ ରୋକିବା ପାଇଁ ଉଦ୍ୟମ କରାଯାଉଥିଲେ ମଧ୍ୟ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରାଯାଇ ନାହିଁ। ଉପକୂଳ ସୁରକ୍ଷା ସମିତିର ସଭାପତି ଅରୁଣ କୁମାର ବେହେରାଙ୍କ ପକ୍ଷରୁ ସ୍ଥାୟୀ ପ୍ରତିକାର ପାଇଁ ବାରମ୍ବାର ଦାବି ହୋଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ସମଲେଇଙ୍କ ରାଜରାଜେଶ୍ୱରୀ ବେଶ

ସମ୍ବଲପୁର,୨୮।୧୦ (ବି. ଶଙ୍କର)

## ମନ୍ଦିରରେ ନୂତନ ପାଟ ଧ୍ୱଜାରୋହଣ

## ବୀର ବାଦ୍ୟ, ଆଖଡ଼ାରେ କମ୍ପିଲା ଅଞ୍ଚଳ

କୁମାରପୂର୍ଣ୍ଣିମା ତିଥିରେ ଶନିବାର ସମଲେଇ ମନ୍ଦିରରେ ନୂତନ ଧ୍ୱଜାରୋହଣ ନୀତି ସମ୍ପନ୍ନ ହୋଇଛି। ଏଥିସହ ଦେବୀ ସମଲେଇ ରାଜରାଜେଶ୍ୱରୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି।

ଚଳିତବର୍ଷ ଚନ୍ଦ୍ରଗ୍ରହଣ ହୋଇଥିବାରୁ ପରମ୍ପରାରେ ବ୍ୟତିକ୍ରମ ଦେଖାଦେଇଥିଲା। ନୂତନ ଧ୍ୱଜାରୋହଣ ନୀତି ସନ୍ଧ୍ୟା ପରିବର୍ତ୍ତେ ପୂର୍ବାହ୍ନରେ ସମ୍ପନ୍ନ ହୋଇଥିଲା । ମା' ସମଲେଶ୍ୱରୀଙ୍କ ପୀଠରେ ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ପୂଜକମାନେ କୁମାରପୂର୍ଣ୍ଣିମା ନୀତି ନିର୍ଘଣ୍ଟ ସ୍ଥିର କରିଥିଲେ। ପ୍ରାତଃ ୫ଟାରେ ନୀତିକାନ୍ତି ଓ ମଙ୍ଗଳ ଆଳତି ହୋଇଥିଲା। ସକାଳ ୬ଟାରୁ ୧୧ଟା ୪୫ମିନିଟ ପର୍ଯ୍ୟନ୍ତ ସାଧାରଣ ଦର୍ଶନ ପରେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଦର୍ଶନ ବନ୍ଦ ରହିଥିଲା। ଏହି ସମୟରେ ମା'ଙ୍କ ଅନ୍ନଭୋଗ ଲାଗି ନୀତି, ଶୃଙ୍ଗାର ଓ ରାଜରାଜେଶ୍ୱରୀ ବେଶ, ମନ୍ଦିରରେ ଧ୍ୱଜାରୋହଣ ପର୍ବ ଓ ମହାଦୀପ ନୀତି ହୋଇଥିଲା। ପୂଜକମାନେ ଗମ୍ଭିରାରେ ପ୍ରବେଶ କରି ଧ୍ୱଜା ପୂଜା କରିଥିଲେ। ଏହାପରେ ମନ୍ଦିର ଚୂଡାକୁ ମହାଦୀପ ଉଠିଥିଲା। ମହାଆଳତି ପରେ ପୂଜକମାନେ ଦୀପ ଧରି ମନ୍ଦିର ବେଢା ପରିକ୍ରମା କରିଥିଲେ। ବୀରବାଦ୍ୟ, ଶଙ୍ଖ, ଘଣ୍ଟ ଓ ଭକ୍ତଙ୍କ ହୁଳହୁଳି, ହରିବୋଲ ଶବ୍ଦରେ ପ୍ରକମ୍ପିତ ହୋଇଥିଲା ମନ୍ଦିର ଅଞ୍ଚଳ। ଏହି ସମୟରେ ଧ୍ୱଜା ମନ୍ଦିର ଶିଖରକୁ ନିଆଯାଇଥିଲା। ଅପରାହ୍ନ ୨ଟାରୁ ୩ଟା ୧୫ ମିନିଟ ପର୍ଯ୍ୟନ୍ତ ଭକ୍ତମାନେ ଦେବୀଙ୍କ ମନଲୋଭା ରାଜରାଜେଶ୍ୱରୀ ବେଶ ଦର୍ଶନ କରିଥିଲେ। ଏହାପରେ ଚନ୍ଦ୍ରଗ୍ରହଣ ହେତୁ ମନ୍ଦିର ବନ୍ଦ କରାଯାଇଥିଲା। ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ଓ ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସୂଚନାଯୋଗ୍ୟ, ଏହି ପାଟଧ୍ୱଜାକୁ ସ୍ପର୍ଶ କରିବାକୁ ଓ ପୁରୁଣା ଧ୍ୱଜା ନେବାପାଇଁ ଭକ୍ତଙ୍କ ଭିଡ ଲାଗିଥିଲା। ପୁରୁଣା ଧ୍ୱଜାକୁ ଦୀପ ଦେଖାଇବା ପରେ ନୂତନ ଧ୍ୱଜା ସ୍ଥାପନ ହୋଇଥିଲା। ଏହି ସମୟରେ ସମଲେଶ୍ୱରୀ ଆଖଡା ଦଳ ବନାଟି ଖେଳ ପ୍ରଦର୍ଶନ କରିଥିଲେ। କଡକଡି ବାଦ୍ୟ ତାଳେ ତାଳେ ଯୁବକଙ୍କ ନିଆଁ ଖେଳ ଆକର୍ଷଣୀୟ ହୋଇଥିଲା। ଅକ୍ଷୟ ରାୟ, ଗଙ୍ଗାଧର ରାୟ, ପ୍ରଶାନ୍ତ ରାୟ, ସୁଧାଂଶୁ ରାୟ, ହିମାଂଶୁ ରାୟ, ମସ୍ତରାମ ରାୟ, ଯକ୍ଷ ରାୟ, ପ୍ରକାଶ ରାୟ, ନିର୍ଭୟ ରାୟ, ଯୋଗେନ୍ଦ୍ର ରାୟ ପ୍ରମୁଖ ଧ୍ୱଜା ପୂଜାର୍ଚ୍ଚନା କରିଥିଲେ



ଦେବୀ ସମଲେଇଙ୍କ ରାଜରାଜେଶ୍ୱରୀ ବେଶ ।

# ବସ୍ ଚଳାଉଥିବା ବେଳେ ହୃଦ୍‌ଘାତରେ ଡ୍ରାଇଭରଙ୍କ ମୃତ୍ୟୁ

ଫୁଲବାଣୀ,୨୮।୧୦(ରାକେଶ କୁମାର ରାଉତ)

ମୃତ୍ୟୁ କେତେବେଳେ କେମିତି ଆସିବ ତାହା କେହି ଜାଣିପାରନ୍ତି ନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କନ୍ଧମାଳ ଜିଲା ସାରଙ୍ଗଡ଼ ଥାନା ଅଞ୍ଚଳରେ ଚଳାଚଳ କରୁଥିବା ଜଣେ ବସ୍ ଡ୍ରାଇଭରଙ୍କ କ୍ଷେତ୍ରରେ। ଶୁକ୍ରବାର ରାତିରେ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍ ଡ୍ରାଇଭର ଗାଡ଼ି ଚଳାଉଥିବା ବେଳେ ହୃଦଘାତର ଶିକାର ହୋଇ ପ୍ରାଣ ହରାଇଛନ୍ତି। ତେବେ ଯାତ୍ରୀମାନେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ମୃତ ଡ୍ରାଇଭର ହେଉଛନ୍ତି ସନା ପ୍ରଧାନ (୫୨)।

ସୂଚନା ଅନୁଯାୟୀ, 'ମା ଲକ୍ଷ୍ମୀ' (ଓଡି ୦୨-ଏକ୍ସ୍ୟୁ ୭୭୦୧) ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ଶୁକ୍ରବାର ରାତିରେ ସାରଙ୍ଗଡ଼ରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ସନା ଗାଡ଼ି ଚଳାଉଥିଲେ। ପ୍ରାୟ ୨୫ରୁ ୩୦ ଜଣ ଯାତ୍ରୀଙ୍କୁ ନେଇ ବସ୍‌ଟି ଯାତ୍ରା କରୁଥିଲା। ପାବୁରିଆଠାରୁ ଜି.ଉଦୟଗିରି ରାସ୍ତାରେ ବସ୍‌ଟି ଯାଉଥିବା ବେଳେ ହଠାତ ସନା ଅସୁସ୍ଥ ଅନୁଭବ କରିବା ସହିତ ହୃଦଘାତର ଶିକାର ହୋଇଥିଲେ। ଫଳରେ ବସ୍‌ର ଗତିରେ ତ୍ରୁଟି ପରିଲକ୍ଷିତ ହୋଇଥିଲା। ସଙ୍ଗେ ସଙ୍ଗେ ହେଲପର ଏହା ଜାଣିପାରି ସନାଙ୍କ ନିକଟକୁ ଚାଲି ଆସି ତାଙ୍କୁ ଧରି ପକାଇଥିଲେ। ଏହି ସମୟରେ ବସ୍‌ଟି ରାସ୍ତାକଡ଼ରେ ଥିବା ଏକ ଛୋଟ ପୋଲରେ ପିଟି ହୋଇ ରହିଯାଇଥିଲା। ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିବା ଯାତ୍ରୀମାନେ ତୁରନ୍ତ ବସ୍‌ରୁ ଓହ୍ଲାଇ ପଡ଼ିଥିଲେ। ପରେ ସନାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଟିକାବାଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟିକାବାଲି ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

# ଅଚିହ୍ନା ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ

ଫୁଲନଖରା,୨୮।୧୦(ସତ୍ୟରଞ୍ଜନ ଦାସମହାପାତ୍ର): କଟକ ସଦର ଥାନା ଅଧୀନ ଦେବୀ ନଦୀର ଉରାଳିନରସିଂହପୁର ଘାଟରୁ ପୋଲିସ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ଗଳିତ ମୃତଦେହ ଶନିବାର ଜବତ କରିଛି। ମୃତଦେହ ନଦୀରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲ ପଠାଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ରଶ୍ମୀରଞ୍ଜନ ମହାପାତ୍ର କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ତେଜସ୍ୱୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି: ଭିଜିଲାନ୍ସ ତଦନ୍ତ ଆରମ୍ଭ

**ମୁନିଗଡା,୨୮।୧୦(ରାଧେଶ୍ୟାମ ଅଗ୍ରୱାଲ)**

ରାୟଗଡା ଜିଲା ମୁନିଗୁଡା ବ୍ଲକ ପାତ୍ରଗୁଡା ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଥିବା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଆରମ୍ଭ ହୋଇଛି। ଏଥିରେ ପାଖାପାଖି କୋଟିଏ ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ କରାଯାଇଛି। ବିଭାଗୀୟ ଅଧିକାରୀମାନେ ମିଥ୍ୟା ବିଲ୍ କରି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଏଥିପ୍ରତି କେହି ଗୁରୁତ୍ୱ ଦେଉ ନ ଥିଲେ। ଠିକାଦାର, ବିଭାଗୀୟ ଯନ୍ତ୍ରୀ,ଏପିଇଓ, ଜିଆର୍‌ଏସ୍, ପିଇଓ ଚକ୍ରାନ୍ତ କରି ଏହି ଅର୍ଥ ହଡପ କରିଥିବା ଅଖିଳ ଭାରତ କିଷାନ ମଜଦୁର ସଂଘ ମୁନିଗୁଡା ବ୍ଲକ ଶାଖା ଅଭିଯୋଗ କରି ଆସୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିଲେ। ଜିଲାପାଳ ସ୍ୱାଧାଦେବ ସିଂ ଏ ସମ୍ପର୍କରେ ଜାଣିବା ପରେ ସେ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ପାତ୍ରଗୁଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଆସୁଥିଲା। ପଞ୍ଚାୟତର ବିଭିନ୍ନ ଗ୍ରାମରେ ବହୁମୁଖୀ ପୋଖରୀ ଖନନ, ପ୍ରୋଟେକ୍ସନ ୱାଲ, କଲ୍‌ଭର୍ଟ ନିର୍ମାଣ, ଗୋରୁଗୁହାଳ ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ, ବନ୍ଧ, ଖେଳପଡିଆ ନିର୍ମାଣରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରି ଆସୁଥିଲେ। ୨୦୨୦ -୨୧ ଓ ୨୦୨୧-୨୨ ଆର୍ଥିକ ବର୍ଷରେ କାର୍ଯ୍ୟ ନ ହୋଇ ଅର୍ଥ ଉଠାଯାଇଥିଲା। ଏପରିକି ଜମି ମରାମତି କ୍ଷେତ୍ରରେ ମାଲିକମାନେ ମଧ୍ୟ ଏନେଇ ଜାଣି ନ ଥିବା ସେତେବେଳେ ଚର୍ଚ୍ଚାର ବିଷୟ ହୋଇଥିଲା। ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ସତ୍ୟାସତ୍ୟ ଅନୁଧ୍ୟାନ ଲାଗି ଜିଲାପାଳ ଏହାର ଭିଜିଲାନ୍ସ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଏହାର ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତରୁ ଅଭିଯୋଗର ସତ୍ୟତା ଥିବାରୁ ଜିଲାପାଳ ଅର୍ଥ ଫେରସ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ।




କିଷାନ ମଜଦୁର ସଭା ପକ୍ଷରୁ ଧାରଣାରେ ବସିଥିବା କର୍ମକର୍ତ୍ତା।

# ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ଉପଯୁକ୍ତ ମର୍ଯ୍ୟାଦା ମିଳୁ

**ଭୁବନେଶ୍ୱର,୨୮।୧୦(ଅସମାପିକା ସାହୁ)**

ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୯୫୮ରୁ ଭାରତ ସରକାର ଜାତୀୟ ପୁରସ୍କାର ପ୍ରଦାନ କରି ଆସୁଛନ୍ତି। ୨୦୧୬ ପର୍ଯ୍ୟନ୍ତ ଏହି ପୁରସ୍କାର ପ୍ରତିବର୍ଷ ୩୭୮ଜଣ ଶିକ୍ଷକଙ୍କୁ ମିଳିଥିବାବେଳେ ୨୦୧୭ରୁ ଏହାର ମନୋନୟନ ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଇ ମାତ୍ର ୪୭ ଜଣଙ୍କୁ ପ୍ରଦାନ କରାଯାଉଛି। ଶିକ୍ଷା କ୍ଷେତ୍ରରେ ଏହା ଦେଶର ସର୍ବୋଚ୍ଚ ପୁରସ୍କାର। କିନ୍ତୁ ଏହା କେବଳ ମାନପତ୍ର, ପଦକ ଓ ୫୦,୦୦୦ ଟଙ୍କା ଅର୍ଥରାଶି ମଧ୍ୟରେ ସୀମିତ ରହିଛି। କ୍ରୀଡ଼ା କିମ୍ବା ଅନ୍ୟାନ୍ୟ କ୍ଷେତ୍ର ପରି ଶିକ୍ଷା କ୍ଷେତ୍ରରେ ଜୀବନବ୍ୟାପୀ ସମାଜକୁ ଅତୁଳନୀୟ ଅବଦାନ ଦେଇଥିବା ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ମିଳୁନାହିଁ ବୋଲି ଜାତୀୟ ଶିକ୍ଷକ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ଅଭିଯୋଗ ଆଣିଛି। ଫୋରମର ସଭାପତି ହରିହର ସାହୁ କହିଛନ୍ତି, କିଛି ରାଜ୍ୟ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ପରିଚୟପତ୍ର ପ୍ରଦାନ, ଚାକିରିରେ ପଦୋନ୍ନତି, ଚାକିରି କାଳ ବୃଦ୍ଧି, ଅଧିକ ଇନ୍‌କ୍ରିମେଣ୍ଟ ପ୍ରଦାନ ଭଳି ସୁବିଧା ସୁଯୋଗ ଯୋଗାଇ ଦେଉଥିଲେ ମଧ୍ୟ ଓଡ଼ିଶାରେ ଏପର୍ଯ୍ୟନ୍ତ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଜାତୀୟ ଶିକ୍ଷକ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ଓ କମିଟିରେ ଅଗ୍ରାଧିକାର ଦେବା ସହ ସେମାନଙ୍କ କଲ୍ୟାଣ ନିମନ୍ତେ ଶ୍ରେଷ୍ଠ ପଦକ୍ଷେପ ନେବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଗତ ସେପ୍ଟେମ୍ବର ୪ରେ ରାଜ୍ୟ ସରକାରମାନଙ୍କୁ ଚିଠି ମାଧ୍ୟମରେ ପରାମର୍ଶ ଦେଇଛନ୍ତି। ତେଣୁ ଓଡ଼ିଶା ସରକାର ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ସ୍ୱତନ୍ତ୍ର ସୁବିଧା ସୁଯୋଗ ଦେବାକୁ ଫୋରମ୍ ତରଫରୁ ସରକାରଙ୍କୁ ନିବେଦନ କରାଯାଇଛି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ADMISSION OPEN**
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
**GNM** Duration : 3 Year, Eligibility : +2 Pass (Any Stream) 40% Mark
**ANM** Duration : 2 Year, Eligibility : +2 Pass (Any Stream)
**DMRT DMLT** Duration : 2 Year, Eligibility : +2 Science
**CBCA** Certified Blood Collection Assistant Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

**BUSINESS**
ଯୁବକ-ଯୁବତୀଙ୍କ ଆବଶ୍ୟକତା ରହିଛି। ଯେଉଁମାନେ ଘରେ ବସି ମୋବାଇଲ ଦ୍ୱାରା ପାର୍ଟ/ଫୁଲ୍ ଟାଇମ୍ କପି ପେଷ୍ଟ ୱାର୍କ କରିପାରିବେ।
ସୂଚନା ପାଇଁ ମିସ୍‌କଲ୍ କରନ୍ତୁ-
02240375702


### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# Classified Everyday

0674-2580101, 2549949

# ମନେ ପଡ଼ନ୍ତି




**MATRIMONIAL**

**GROOM WANTED**

Searching Kaibarta Groom for Very Fair Kaibarta Bride. Contact Brother (IAS Faculty in Delhi), Mob.: 9990161440. D-1674



**REAL ESTATE**

**SALE**

ଭୁବନେଶ୍ୱର ଖୋର୍ଦ୍ଧା **NH side Gandhi College** ଲାଗି **60' road, electricity, boundarywall** ଥାଇ **immediatly** ଘର କରିବା ପାଇଁ ପ୍ଲଟ୍ ମିଳୁଛି। **9090963952.** D-75250

Gharabari plot sale near Tankapani Road (Sai Temple) and Sundarpada. 7008492511. D-1671

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ନିକଟରେ ଘରବାରି ପାଚେରି ପ୍ଲଟ୍ ପଟାରୁ ବିକ୍ରିହେବ। 9827119799. D-1670

3BHK Apartment Rasulgarh-89,00,000; 4BHK Duplex Balianta-89,00,000; 3BHK Duplex Hirapur-79,00,000; 3BHK Duplex Padasahi-92,00,000; Gangapada 9Acre, Pitapalli 5Acre . DPS-990, Jaanla-990, Tamando-1500/2700. Pitapalli-1650, Patrapada-2200. 8249630501. D-1663

**Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 9938368479.** D-75248

**Twincity** ମଧ୍ୟଭାଗରେ **Grand Bazar (Nakhara NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **Plot** ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ - **9658562429.** D-75239

ନାଇଜର, ଜଟଣୀ yellow Zone ବର୍ଗଫୁଟ ୩୫୦-୮୦୦ ଜାଗା ବିକ୍ରି ହେଉଛି। 8249693292. D-75162

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ **(General / SC) possession plot** ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। **9438315973 / 9938066403.** D-1655

ଭୁବନେଶ୍ୱର ନୂଆଗାଁ କାଟେଣୀ ରୋଡ୍‌ରୁ 100mtr ଦୂରତାରେ boundary plot ମିଳୁଛି। 9583375452. D-75251

ଭୁବନେଶ୍ୱର ତମାଣ୍ଡୋ **Hyundai Showroom** ପାଖରେ ଏବଂ ଯାଆଁଳା **Overbridge**ଠାରୁ **1 Km** ଦୂରରେ ସ୍ଥିତିବାନ **possession plot** ସୁଲଭ ମୂଲ୍ୟରେ ବିକ୍ରି ହେଉଛି। **Contact: 9777067303.** D-1656

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot-300/-. 7978663279. D-75249

ଭୁବନେଶ୍ୱର ମୌଜା କଣ୍ଟିଲୋ ବ୍ରହ୍ମକୁଣ୍ଡଳରେ, **30' road,** ଘରବାରି **Boundary,** ଥାଇ ପ୍ଲଟ୍‌ମିଳୁଛି- **9348884684.** D-75244

ଭୁବନେଶ୍ୱର **KIIT University** ଜଗନ୍ନାଥମନ୍ଦିର ପାଖରେ **Boundary,** ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ - **9437205314, 9937513595.** D-75243

ଘରବାରି ପଟ୍ଟା **Plots, Resale Hotel / house at Puri Town,** ସମୁଦ୍ରକୂଳ ଏବଂ ତା'ର ପାଖାପାଖି ଏରିଆରେ ମିଳୁଅଛି। **7008067338, 9090746445.** D-75242

ଗଙ୍ଗପଡ଼ା ଛକରୁ 400 Mtr. 1350/-, Retanga Railway Station ପୂର୍ବରୁ 1250/-. 8658864750. D-75241

Commercial plot suitable for Health Clinic or any Other Business purpose 3 sides road facing to NH Nakhara to Niali road frontage 60 foot facing to south 10000sft. 8 k.m. from Nakhara. 8249851363. D-75049

ଭୁବନେଶ୍ୱର **NH-16** ପିତାପଲ୍ଲୀରୁ **1 K.M.** ମଧ୍ୟରେ **Carmel School** ପାଖରେ **30' road, boundary** ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। **9337166296, 9853474706.** D-75233



**CONSTRUCTION**

**Construct your Dream home @ 460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1384

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Well furnished House on ground floor near Gosagoreswar Temple, Ratha Road, Old Town Bhubaneswar. Rent-9000/-. Contact-9437404185. D-1654

**TOLET- 5000 SQFT newly Constructed space available for Showroom-Godown-Office-Bank- Restaurant purpose, near Kuradhamalla, Khurda NH-16, towards Khurda Berhampur bypass road, just 22 Km from Bhubaneswar. Contact-7008048981.** D-1653

Two Bedroom with one toilet and Drawing, two Balcony's at Ashirbad Apartment, Bomikhal, Bhubaneswar required small family's, 9238574993. D-1658




Newly open SPA positively health benefit with expert. Contact: 7749976301. D-1681

All types of professional body massage by professional therapy. Contact 7077933109, 9556924059, 8658803018. D-1669

**Body spa / saloon by expert therapist, Puja Offer @999/-. 9938843929.** D-75163

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75054

Newly open health benefits Spa special offer @999. Contact: 7749034655. D-75166


**AFFIDAVIT**

I Mohammed Aslam, S/o- Late Mohammed Yusuf Khan, resident of Sub-divisional Hospital, Athmallik, At/P.O.-Athmallik, Dist.- Angul, PIN-759125, Odisha declare by this affidavit No- 469 dt. 27.10.2023 that now onwards I shall be known as Md Aslam for all future purpose. D-1677


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


**LEGAL NOTICE**

IN THE COURT OF CIVIL JUDGE, SR. DIVISION, BHUBANESWAR
C.S. NO-248/2023 I.A. NO-1/2023

Birakishore Behera ....Plaintiff/Petitioner

Versus

Biswanath Sahoo and another ....Defendant/ Opp. parties

DRAFT NOTICE

The above named plaintiff most respectfully sheweth:

That, to take notice that you (a) Jawed Ikbal Khan, Aged about- 42 years, Son of Misdak Ali Khan, At-Pathanmahala, PO/PS-Binjharpur, Dist.- Jajpur, defendant/OP No-2 in the above noted suit are intentionally and deliberately avoiding this Hon'ble court for your appearance. So by strength of this you are summoned to appear before this Hon'ble court on dt 14.11.2023 and answer the settle of issue. Failing which the case will be decided exparte against you. Take notice.

Given under my hand and seal of the Court. This 12th day of Oct. 2023.

SCHEDULE OF PROPERTY

Khata No-432/4757, Plot No-1159/5833, Area Ac0.068.87 decimal, Kisam-Gharabari, Mouza-Dumduma, corresponding to revenue Khata No-432/1582, conversion Plot No-1159, Area Ac0.068 decimal (3000sq.f.t), sub Plot No-60 and 61 as per sketch map, Mouza-Dumduma, bounded by North- sub Plot No-59 and 62, South-Road, East- Plot No-57, West-Plot No-64.

Sd./-CIVIL JUDGE, SR. DIVISION, BHUBANESWAR
12.10.2023
D-1672

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**




**୰ଗୋଲକ ବିହାରୀ ବେହେରା**
(ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନଶିକ୍ଷକ)
ଗୋପୀନାଥପୁର, ଆଗରପଡ଼ା, ଭଦ୍ରକ
ଆବିର୍ଭାବ: ୦୮।୦୪।୧୯୫୨
ତିରୋଧାନ: ୧୯।୧୦।୨୦୨୩
ଆପଣଙ୍କ ନିର୍ମଳ ହୃଦୟ, ଅମାୟିକ ବ୍ୟବହାର, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟ ପରାୟଣତା ଓ ଛାତ୍ରବତ୍ସଳତା ଚିରସ୍ମରଣୀୟ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଇଷ୍ଟ ଦେବତା ଭାଗବତଜୀଉ ଏବଂ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା। ବିନମ୍ର ଶ୍ରଦ୍ଧାଞ୍ଜଳି ସହ: ପତ୍ନୀ- ଶାନ୍ତିଲତା, ପୁତ୍ର- ପଦ୍ମଲୋଚନ ଓ ପ୍ରଭୁକଲ୍ୟାଣ, ପୁତ୍ରବଧୂ- ମମତା ଓ ପ୍ରଣତୀ, ଝିଅ/ ଜ୍ୱାଇଁ- ପ୍ରଭାତୀ- ଜୀବନ, ନାତି-ନାତୁଣୀ ତଥା ପରିବାରବର୍ଗ।
ଧ-୧୬୭୩

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ବାସନ୍ତି ସାହୁ**
ସ୍ୱାମୀ ୰ନୀଳମଣି ସାହୁ
(୨୯/୦୪/୧୯୪୯ - ୨୩/୧୦/୨୦୨୩)
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ
ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, ସରଳତା, କର୍ତ୍ତବ୍ୟଦକ୍ଷତା, ସାଧୁତା ଓ ପରୋପକାରିତା ଆମ ଚଲାପଥରେ ସହାୟକ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ
ପାର୍ଥ ଓ ସୋନାଲି (ପୁତ୍ର-ପୁତ୍ରବଧୂ)
ଶ୍ରାବଣୀ ଓ ଶାସ୍ୱତୀ (ଝିଅ), କୃଷ୍ଣ ଓ ଅମର (ଜ୍ୱାଇଁ)
ସେନୋଜା, ଯଥାର୍ଥ, କାଶ୍ମୀରା, ସାଇ (ନାତି,ନାତୁଣୀ)
SIMOR ENGG & TRADING CO
Dasaha : 01/11/2023 | Ekadasaha : 02/11/2023
ଧ-୭୫୩୦୫

**୧୩ଶ ଶ୍ରାଦ୍ଧବାର୍ଷିକୀ**



**୰ ଅଗାଧୁ ଚନ୍ଦ୍ର ଦାଶ(ଶିକ୍ଷକ)**
ପାରିବାସୁଦେଈପୁର, ଭିଙ୍ଗାରପୁର, ବାଲିଅନ୍ତା, ଖୋର୍ଦ୍ଧା
ଆବିର୍ଭାବ: ୦୭.୦୭.୧୯୩୫
ତିରୋଧାନ: ୨୩.୧୦.୨୦୧୦ (ପହିଲି କାର୍ତ୍ତିକ)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ।
ଧ-୭୫୩୦୬

**ଦଶମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଲକ୍ଷ୍ମୀଧର ବାଗସିଂହ**
ଚିନ୍ତାମଣିଶ୍ୱର, ଭୁବନେଶ୍ୱର
ତିରୋଧାନ- ୧୯।୧୦।୨୦୧୩
ଆପଣଙ୍କ ଅମ୍ଳାନ ସ୍ମୃତିରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛୁ।
ଶ୍ରଦ୍ଧାଞ୍ଜଳି ସହ-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀ ବୋହୂ ଓ ଅଣନାତୁଣୀ।
ଧ-୭୫୨୫୨

**ଏକାଦଶାହ ଉପଲକ୍ଷେ**



**୰ଭଗବାନ ମହାଖୁଡ଼**
ମୁନିସିପାଲିଟି ଅଫିସ ପାଖ, ଗୁଡ଼ିଆ ନାଳି, ଢେଙ୍କାନାଳ
ଆବିର୍ଭାବ: ୨୩।୦୧।୧୯୪୩
ତିରୋଧାନ: ୧୯।୧୦।୨୦୨୩
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୫୪୦୩


Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ଲାଲ୍‌ଚାନ୍ଦର କୌନ୍ ବନେଗା ଲକ୍ଷପତି ଲକି ଡ୍ର

■ଗ୍ରାହକ ଜିତିଲେ କାର୍, ବାଇକ୍
■୧୬ ହେଲେ ଲକ୍ଷପତି




ଭୁବନେଶ୍ୱର,୨୮।୧୦(ଅନୁରାଧା ମହାରଣା)

ଲାଲ୍‌ଚାନ୍ଦର ମାଷ୍ଟରକ୍ୟାଣ୍ଟିନ୍ ଓ ରଘୁନାଥପୁର ଷ୍ଟୋର ପାଇଁ କୌନ୍ ବନେଗା ଲକ୍ଷପତି ଲକି ଡ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲରେ ୨ଦିନ ଧରି ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଲକି ଡ୍ର ମାଧ୍ୟମରେ ୨ଜଣ କାର୍ ଜିତିଥିବାବେଳେ ୪ଜଣ ବାଇକ୍ ଏବଂ ୧୬ଜଣ ୧ଲକ୍ଷ ଟଙ୍କାର ପୁରସ୍କାର ରାଶି ଜିତିଛନ୍ତି। କାର୍ଯ୍ୟକ୍ରମର ପ୍ରଥମ ଦିନରେ ମାଷ୍ଟରକ୍ୟାଣ୍ଟିନ୍ ଷ୍ଟୋରର ଗ୍ରାହକ ତଥା ନୟାପଲ୍ଲୀର ଜ୍ୟୋତ୍ସ୍ନାରାଣୀ ମହନ୍ତ ଏକ କାର୍ ଜିତିଥିବାବେଳେ ବି. ପାତ୍ର ଏବଂ ରୁନୁବାଳା ସାହୁ ବାଇକ୍ ଏବଂ ୮ ଜଣ ୧ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରାଶି ଜିତିଛନ୍ତି। ବିଜେତାଙ୍କ ମଧ୍ୟରେ କେନ୍ଦୁଝର, ଖୋର୍ଦ୍ଧା, ଜଟଣୀ, ବାରଙ୍ଗ ଅଞ୍ଚଳର ବ୍ୟକ୍ତିଙ୍କ ନାମ ଥିବାବେଳେ ଖଣ୍ଡଗିରି ଅଞ୍ଚଳର ରୋଜାଲିନ୍ ମହାପାତ୍ର କାର୍ଯ୍ୟକ୍ରମରେ ପହଞ୍ଚି ଅତିଥିଙ୍କଠାରୁ ଚେକ୍ ଗ୍ରହଣ କରିଥିଲେ। ଦ୍ୱିତୀୟ ଦିନରେ ରଘୁନାଥପୁର ଷ୍ଟୋରର ଗ୍ରାହକ ତଥା ଢେଙ୍କାନାଳର ନିବେଦିତା ପଟ୍ଟନାୟକ କାର୍ ଜିତିଥିବାବେଳେ ଭୁବନେଶ୍ୱରର ରାଜେଶ ଶତପଥୀ ଏବଂ କଲ୍ୟାଣୀ ସିଂହ ଗୋଟିଏ ଗୋଟିଏ ବାଇକ୍ ଜିତିଥିଲେ। ସେହିପରି କଟକ, ଭୁବନେଶ୍ୱର, ନୟାଗଡ଼, ସୁକିନ୍ଦା, ଜଗତ୍‌ସିଂହପୁର ଆଦି ଅଞ୍ଚଳର ୮ଜଣ ଗ୍ରାହକ ୧ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରାଶି ଜିତିଥିଲେ।

କାର୍ଯ୍ୟକ୍ରମରେ ଲାଲ୍‌ଚାନ୍ଦର ପ୍ରତିଷ୍ଠାତା ସଞ୍ଜୟ ହଂସଙ୍କ ସମେତ ଓଲିଉଡ୍ ଅଭିନେତା କୁନା ତ୍ରିପାଠୀ, ଅଭିନେତା ଆକାଶ ଦାସନାୟକ, ଅଭିନେତ୍ରୀ ଭୂମିକା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କରୋନା ମହାମାରୀ କାରଣରୁ ୨୦୧୯ଠାରୁ କୌନ୍ ବନେଗା ଲକ୍ଷପତି ଲକି ଡ୍ର କାର୍ଯ୍ୟକ୍ରମ ହୋଇପାରି ନ ଥିବାବେଳେ ବର୍ତ୍ତମାନ ଏହି କାର୍ଯ୍ୟକ୍ରମ କରାଯାଇଥିବା ହଂସ ସୂଚନା ଦେଇଥିଲେ । ଗ୍ରାହକମାନେ କିପରି ଠକାମିର ଶିକାର ନ ହୋଇ ଠିକ୍ ମୂଲ୍ୟରେ ଶୁଦ୍ଧ ଗହଣା କିଣିପାରିବେ ସେ ଦିଗରେ ଆଲୋଚନା କରିଥିଲେ। ଏହାସହ ଦୀପାବଳି ପାଇଁ ସ୍ୱତନ୍ତ୍ର ଅଫର ମଧ୍ୟ ଘୋଷଣା କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ଗ୍ରାହକଙ୍କ ମଧ୍ୟରେ ସ୍ୱତନ୍ତ୍ରଭାବେ ଲକି ଡ୍ର କରାଯାଇଥିଲା। ଏଥିରେ ଗ୍ରାହକ ଯାଜ୍ଞସେନୀ ପଣ୍ଡାଙ୍କୁ ମଧ୍ୟ ୧ଲକ୍ଷ ଟଙ୍କା ପୁରସ୍କାର ରାଶି ଚେକ୍ ଆକାରରେ ପ୍ରଦାନ କରାଯାଇଥିଲା। ଗ୍ରାହକମାନେ ଗହଣା କିଣିବା ସମୟରେ ସଂଗ୍ରହ କରିଥିବା କୁପନଗୁଡ଼ିକ ମଧ୍ୟରୁ ଏହି ନାମ ଘୋଷଣା ହୋଇଥିଲା। କୁନା ତ୍ରିପାଠୀ ମଜାଳିଆ ଢଙ୍ଗରେ ନାମଗୁଡ଼ିକ ଘୋଷଣା କରିବା ସହ ସମ୍ପୃକ୍ତ ବିଜେତାଙ୍କୁ ଯୋଗାଯୋଗ କରାଯାଇଥିଲା। ରବିବାର କଟକ ଷ୍ଟୋର ପାଇଁ ଲକି ଡ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ରିଲାଏନ୍ସ ଜିଓର ଦ୍ୱିତୀୟ ତ୍ରୈମାସରେ ୫୦୫୮ କୋଟି ନିଟ୍ ଲାଭ

ଭୁବନେଶ୍ୱର,୨୮।୧୦(ଅନୁରାଧା ମହାରଣା)

ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍ (ଆର୍‌ଜେଆଇଏଲ୍) ପକ୍ଷରୁ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସର ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ଜୁଲାଇ-ସେପ୍ଟେମ୍ବର ୨୦୨୩ ତ୍ରୈମାସରେ ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ନିଟ୍ ଲାଭ ଗତ ବର୍ଷ ସମାନ ତ୍ରୈମାସ ତୁଳନାରେ ୧୨ ପ୍ରତିଶତ ବୃଦ୍ଧି ପାଇଁ ୫୦୫୮ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି। ଗତ ବର୍ଷ ସମାନ ତ୍ରୈମାସରେ କମ୍ପାନୀର ନିଟ୍ ଲାଭ ୪୫୧୮ କୋଟି ଟଙ୍କା ରହିଥିଲା। ଜୁଲାଇ-ସେପ୍ଟେମ୍ବର ୨୦୨୩ରେ କମ୍ପାନୀର ପରିଚାଳନାଗତ ରାଜସ୍ୱ ୯.୮ ପ୍ରତିଶତ ବୃଦ୍ଧି ସହ ୨୪,୭୫୦ କୋଟି ଟଙ୍କା ରହିଥିବା ଜଣାପଡ଼ିଛି। ସୂଚନା ଥାଉକି, ରିଲାଏନ୍ସ ଜିଓ ସର୍ବାଧିକ ସଂଖ୍ୟକ ଗ୍ରାହକ ଓ ସର୍ବାଧିକ ରାଜସ୍ୱ ବଜାର ଅଂଶ ସହ ଦେଶର ସର୍ବବୃହତ୍ ଟେଲିକମ୍ ଓ ଡିଜିଟାଲ ସେବା ପ୍ରଦାନକାରୀ କମ୍ପାନୀ ହୋଇଥିବା ବେଳେ ଦ୍ରୁତଗତିରେ ଏହାର ୫ଜି ନେଟ୍‌ୱର୍କର ସମ୍ପ୍ରସାରଣ ଜାରି ରଖିଛି। ଦେଶରେ ଏବେ ରହିଥିବା ମୋଟ ୫ଜି ନେଟ୍‌ୱର୍କର ୮୫ ପ୍ରତିଶତ ଜିଓ ସ୍ଥାପନା କରିଛି । ନିକଟରେ କମ୍ପାନୀ ପକ୍ଷରୁ ଦେଶର ପ୍ରମୁଖ ସହରଗୁଡ଼ିକରେ ଜିଓ ଏୟାର ଫାଇବର ସେବା ଶୁଭାରମ୍ଭ କରାଯାଇଛି ।

# ନୂଆ ହାଭେଲ୍ସ ଗାଲାକ୍ସି ଷ୍ଟୋର ଉଦ୍‌ଘାଟିତ

ଭୁବନେଶ୍ୱର,୨୮।୧୦(ଅନୁରାଧା ମହାରଣା)




ହାଭେଲ୍ସ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ପୁରୀ ବାଇପାସ୍ ରୋଡ୍‌ର ମଙ୍ଗରାଜ ପଏଣ୍ଟ ନିକଟରେ ନୂଆ ହାଭେଲ୍ସ ଗାଲାକ୍ସି ଷ୍ଟୋର ଖୋଲାଯାଇଛି। କମ୍ପାନୀର ୨ ବରିଷ୍ଠ ଅଧିକାରୀ ଦେବାଶିଷ ମିତ୍ର ଏବଂ ଅନୁପମ ଶ୍ରୀବାସ୍ତବଙ୍କ ଉପସ୍ଥିତିରେ ଏହାକୁ ଉଦ୍‌ଘାଟନ କରାଯାଇଛି। ଓଡ଼ିଶାରେ ଏହା କମ୍ପାନୀର ୩୨ତମ ଷ୍ଟୋର ହୋଇଥିବାବେଳେ ଭୁବନେଶ୍ୱରରେ ସପ୍ତମ। ହାଭେଲ୍ସ ଗାଲାକ୍ସିରେ ଗ୍ରାହକମାନେ ସମସ୍ତ ପ୍ରକାର ଲାଇଟ୍ ଉପକରଣ, ବିଦ୍ୟୁତ ତାର, ସୁଇଚ୍, ଏମ୍‌ସିବି ଏବଂ ଲୟଡର ଫ୍ରିଜ୍, ୱାଶିଂ ମେଶିନ୍, ଗିଜର, ୱାଟର ପ୍ୟୁରିଫାୟାର, ଫ୍ୟାନ୍ ଓ ପମ୍ପ ଆଦି କିଣିପାରିବେ। ଏହି ନୂଆ ଷ୍ଟୋର ୧୩୦୦ ବର୍ଗଫୁଟରେ ସ୍ଥାପନ କରାଯାଇଛି। ଭୁବନେଶ୍ୱରରେ ନୂଆ ଷ୍ଟୋର ଖୋଲିଥିବାରୁ ମିତ୍ର ଆନନ୍ଦ ପ୍ରକାଶ କରିଛନ୍ତି। କମ୍ପାନୀର ପ୍ରଡକ୍ଟଗୁଡ଼ିକ ଟେକ୍ନୋଲୋଜି ଦୃଷ୍ଟିରୁ ଉନ୍ନତ ହୋଇଥିବା ମିତ୍ର କହିଛନ୍ତି। ଚ୍ୟାନେଲ ପାର୍ଟନର ସୁଦର୍ଶନ କନ୍‌ଷ୍ଟ୍ରକ୍ସନ, କମ୍ପାନୀର ରଞ୍ଜିତ ପରିଡ଼ାଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।

# ପୁରୀରେ ଖୋଲିଲା ପାତ୍ର ଇଲେକ୍ଟ୍ରୋନିକ୍ସର ୩୧ତମ ଷ୍ଟୋର



ଭୁବନେଶ୍ୱର,୨୮।୧୦(ଅନୁରାଧା ମହାରଣା)

ପୁରୀ ଭିଆଇପି ରୋଡ୍‌ରେ ପାତ୍ର ଇଲେକ୍ଟ୍ରୋନିକ୍ସର ୩୧ତମ ଷ୍ଟୋର ଖୋଲାଯାଇଛି। ଏଲ୍‌ଜି ଇଲେକ୍ଟ୍ରୋନିକ୍ସ ରିଟେଲ ମାର୍କେଟିଂ ହେଡ୍ ମନୀଷ ଗୁପ୍ତା, ବିହାର ଓ ଓଡ଼ିଶା ରିଜିଓନାଲ ବିଜ୍‌ନେସ୍ ହେଡ୍ ଅଶେଷ ନନ୍ଦ, ବ୍ରାଞ୍ଚ ମ୍ୟାନେଜର ସନ୍ଦୀପ ପାତ୍ର ପ୍ରମୁଖ ଯୋଗଦେଇ ଏହି ଷ୍ଟୋରର ଉଦ୍‌ଘାଟନ କରିଛନ୍ତି । ପାତ୍ର ଇଲେକ୍ଟ୍ରୋନିକ୍ସର ମ୍ୟାନେଜିଂ ଡାଇରେକ୍ଟର କୈଳାସ ପାତ୍ର ଏହି ଅବସରରେ ଗ୍ରାହକଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନା ଥାଉକି, ପୂର୍ବରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପାତ୍ର ଇଲେକ୍ଟ୍ରୋନିକ୍ସର ୩୦ଟି ଷ୍ଟୋର ରହିଛି।

# ୩୧ ଯାଏ ମଧ୍ୟପ୍ରଦେଶ ହସ୍ତତନ୍ତ ଓ ହସ୍ତଶିଳ୍ପ ମହୋତ୍ସବ

ଭୁବନେଶ୍ୱର,୨୮।୧୦(ଅନୁରାଧା ମହାରଣା)



ମଧ୍ୟପ୍ରଦେଶ ସରକାରଙ୍କ ଦ୍ୱାରା ଚନ୍ଦ୍ରଶେଖରପୁର ଡମଣାସ୍ଥିତ କଲ୍ୟାଣ ମଣ୍ଡପରେ ୨୨ ତାରିଖରୁ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ମହୋତ୍ସବ ଚାଲିଛି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବାକୁ ଥିବାବେଳେ ଏହା ଗ୍ରାହକ ତଥା ଦର୍ଶକଙ୍କୁ ଆକୃଷ୍ଟ କରୁଛି। କେବଳ ପାରମ୍ପରିକ ହସ୍ତଶିଳ୍ପ ସଂରକ୍ଷଣରେ ସହଯୋଗ ପାଇଁ ନୁହେଁ ବରଂ କଳାକାର ଓ କାରିଗରଙ୍କୁ ନିରନ୍ତର ନିଯୁକ୍ତି ସୁଯୋଗ ଯୋଗାଇବା ପାଇଁ ଏହି ମହୋତ୍ସବର ଆୟୋଜନ କରାଯାଇଛି। ମହୋତ୍ସବରେ ପ୍ରଦର୍ଶନ ଏବଂ ବିକ୍ରୟ ପାଇଁ ବିଶ୍ୱ ପ୍ରସିଦ୍ଧ ଅସଲି ଜରି ଚାନ୍ଦେରୀ ଶାଢ଼ି, ମାହେଶ୍ୱରୀ ଶାଢ଼ି, ପାରମ୍ପରିକ ପ୍ରସିଦ୍ଧ ନନ୍ଦନା ପ୍ରିଣ୍ଟ ଶାଢ଼ି ତଥା ଟସର ଭଳି ଶାଢ଼ି ଉପଲବ୍ଧ ହେଉଛି। ଏହା ବ୍ୟତୀତ ବାଉଁଶରେ ପ୍ରସ୍ତୁତ ସାଜସଜ୍ଜା ସାମଗ୍ରୀ, କାଠ ଖେଳନା, ମଧ୍ୟପ୍ରଦେଶର ଗୋଣ୍ଡ ଚିତ୍ର ଆଦି ମଧ୍ୟ ଏହି ମହୋତ୍ସବରେ ଉପଲବ୍ଧ ହେଉଛି। ବାଟିକ୍ ପ୍ରିଣ୍ଟ ବେଡ୍‌ସିଟ୍ ଏବଂ ମହିଳାଙ୍କ ପାଇଁ ଟପ୍‌ସ କୁର୍ତ୍ତି, ପାଲାଜୋ, ମାଳିରେ ତିଆରି ଅଳଙ୍କାର ସହ ଅନ୍ୟାନ୍ୟ ମନୋହରି ସାମଗ୍ରୀ ମଧ୍ୟ ମିଳୁଛି। ମଧ୍ୟପ୍ରଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨୫ ଜଣ କାରିଗର ସେମାନଙ୍କର ପାରମ୍ପରିକ କଳାକୃତି ଉତ୍ପାଦ ପ୍ରଦର୍ଶନ ପାଇଁ ଆସିଛନ୍ତି। ଉତ୍ପାଦଗୁଡିକ ଦେଶର ଐତିହ୍ୟକୁ ପ୍ରଦର୍ଶିତ କରିବା ସହ ରାଜ୍ୟର କାରିଗରମାନଙ୍କୁ ବଜାର ଚାହିଦା ଅଧ୍ୟୟନ କରିବାରେ ସାହାଯ୍ୟ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହା ଗ୍ରାହକଙ୍କ ଚାହିଦା ଅନୁଯାୟୀ ସେମାନଙ୍କ ଉତ୍ପାଦକୁ ପରିବର୍ତ୍ତନ କରିବାରେ ସାହାଯ୍ୟ କରିବ।


## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER MINOR IRRIGATION DIVISION, KANDHAMAL

No.A-720: **e-Procurement Notice**
**BID IDENTIFICATION NO-03/2023-24**
Letter No.1944, Dt.26.10.2023

| | |
|---|---|
| Name of work | Construction of Maniduba Check Dam over Local nalla near village Maniduba in Ganjuguda GP of Phulbani Block of Kandhamal District under MATY scheme for 2023-24.. |
| No. of Works | 01 (one) No. |
| Estimated Cost | Rs. 41.72 lakh Approximately |
| Tender paper cost | Rs.6000.00 (Non- refundable) |
| Period of completion | 180 (one hundred eighty days) only. |
| Availability of Bid documents | From 10.00 AM of 13.11.2023 to 16.00 hrs of 22.11.2023 in website (www.tendersodisha.gov.in) |
| Time of receipt of bid through on line | From 10.00 AM of 13.11.2023 to 16.00 hrs of 22.11.2023 through online |
| Date of opening of bid documents | At 11.00 hrs of 23.11.2023 in the O/o. E.E., K.M.I. Division, Phulbani |
| Digital signature certificate | The bidder must possess compatible Digital Signature Certificate (DSC) of class II or class-III |

The detail tender call notice can also be seen in the DOWR website http/dowrorissa.gov.in. Name and address of the OIT:- Superintending Engineer, M.I, Division, Kandhamal, Ph No.06842-253634, Fax:-06842-253816, E-mail: kmidplb@gmail.com. Further details can be seen from the e-procurement market place, http//www.tendersodisha.gov.in.

Sd./-(Er. Sunil Kumar Tripathy)
Superintending Engineer, M.I.Division, Kandhamal
OIPR-32487/11/0003/2324

## OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL

No. B-1149 Email: eedklpwd@gmail.com

**INVITATION FOR BIDS THROUGH e-Procurement**
Bid Identification No. SEDKL (R&B), 28/2023-24
**Invitation for Bids**

| | | | |
|---|---|---|---|
| 1. | The Superintending Engineer, Dhenkanal (R&B) Division, Dhenkanal on behalf of Governor of Odisha invites percentage rate bids in Single Cover System in ONLINE MODE only for construction of Building Work & Electrical Work as detailed below. | | |
| 2. | Nature of Work | : | Electrical Works |
| 3. | No. of Work | : | 06 Nos. |
| 4. | Bid Cost | : | Rs.6,000/- |
| 5. | Class of Contractor | : | MV/HT Licence |
| 6. | Availability of Bid Documents in the website | : | From 10.00 A.M. of 31.10.2023 to 5.00 P.M. of 14.11.2023 |
| 7. | Date of Opening of Bid | : | Dt.15.11.2023 at 11.00 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/ corrigendum/cancellation of tender can also be seen in the said website only. | | |

Sd./- Superintending Engineer
Dhenkanal (R&B) Division, Dhenkanal
OIPR-34016/11/0024/2324

## INDIRA GANDHI INSTITUTE OF TECHNOLOGY SARANG, DHENKANAL-759146
(An Autonomous Institute of Govt. of Odisha)
No.IGIT/ACA-EXAM-1471 Date:26.10.2023

### NOTICE

**No.KK-273:**In pursuance to the order of SD&TE Department vide No-HTE-HTE-I-0003-2017-7874/SDTE, dated-20/10/2023, the spot round admission to B.Tech, B.Tech (LE) and M.Tech courses against the vacant seats in few branches arising after final round of OJEE counselling for the academic year 2023-24 will be conducted on 30/10/2023. The details of the admission process, the branch wise vacancy and timing of spot round counselling are available in the Institute website **www.igitsarang.ac.in.**

Sd./- DIRECTOR
OIPR-14091/11/0081/2324

## INSTITUTE ON MANAGEMENT OF AGRICULTURAL EXTENSION (IMAGE)
(AN AUTONOMOUS INSTITUTE OF GOVERNMENT OF ODISHA)
Siripur, Bhubaneswar - 751003, Odisha
Ph.: (0674) 2974145, E-mail: imagebbsr1999@gmail.com
No. 4873/IMAGE Dated: 27.10.2023

**CORRIGENDUM AND ADDENDUM NOTICE with reference to the RFP No. 4440/IMAGE Dt.27.09.2023 for Selection of Agency for Establishment of PMU under RKVY-RAFTAAR Scheme at DA&FE(O)**

No. CAD-: The details of information relating to the Corrigendum & Addendum with reference to the RFP No. 4440/IMAGE Dt.27.09.2023 can be downloaded from **www.agri.odisha.gov.in** from Dt.27.10.2023. Other terms and conditions as mentioned in the RFP document remains unchanged.

OIPR-01408/11/0007/2324 Sd./- Director, IMAGE

## DIRECTORATE OF HANDICRAFTS, ODISHA
1st Floor, Heads of Department Building, Unit - V, Bhubaneswar - 1
Tele Fax: 0674-2396745, E-mail ID: dhciori@gmail.com
Letter No. 6152 Dt.27.10.2023

No. PP-: ଏତଦ୍ୱାରା ଓଡ଼ିଶାରେ ପଥର ଖୋଦେଇ ହସ୍ତଶିଳ୍ପରେ କାର୍ଯ୍ୟରତ କାରିଗରମାନଙ୍କୁ ଜଣାଇ ଦିଆଯାଉଅଛି କି, ଯେ ଖୋର୍ଦ୍ଧାର ନରଣଗଡ଼ ଓ କଟକର ଗୋବିନ୍ଦପୁର ଖଣିରୁ ଅବଢ଼ା ଯୋଜନାରେ ଅବ୍ୟବହୃତ ବଳକା ଖଣ୍ଡୋଲାଇଟ ପଥର ଉତ୍ତୋଳିକା ମାଧ୍ୟମରେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟରେ ଯୋଗାଇ ଦିଆଯିବ। ଇଚ୍ଛୁକ କାରିଗରମାନେ ଏକ ନିର୍ଦ୍ଦିଷ୍ଟ ଫର୍ମରେ ନିଜ ଜିଲ୍ଲାର ଉପନିର୍ଦ୍ଦେଶକ (ହସ୍ତଶିଳ୍ପ)/ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ)ଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ।

ଉକ୍ତ ଫର୍ମଟି **https://crafts.odisha.gov.in** ୱେବସାଇଟ୍/ଉପନିର୍ଦ୍ଦେଶକ (ହସ୍ତଶିଳ୍ପ)/ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ)ଙ୍କ କାର୍ଯ୍ୟାଳୟରେ ଉପଲବ୍ଧ।

OIPR-31034/11/0002/2324 ସ୍ୱା./– ନିର୍ଦ୍ଦେଶିକା

## DIRECTORATE OF TECHNICAL EDUCATION & TRAINING, ODISHA, CUTTACK
E-mail: dtetorissa@gmail.com, Website: dtetodisha.gov.in

### ADMISSION NOTICE

**ADMISSION OF WORKING PROFESSIONALS INTO LATERAL ENTRY DIPLOMA ENGINEERING COURSES FOR THE ACADEMIC YEAR 2023-24**

No. 14926 Dt.27.10.2023

No. KK-275: It is for information of all Professionals working in Registered Industry/Organization (Central/State)/Private/Public Ltd. Company/ MSMEs that admission into Lateral Entry Diploma Engineering Courses in certain AICTE approved Govt. and Private Engineering Schools/ Polytechnics of the State shall be done for the academic year 2023-24. The AICTE guidelines and list of Institutions with Course name are available on SAMS portal **www.samsodisha.gov.in**. The admission process shall be completed by the institution within 30.10.2023 as per AICTE notification.

Sd./- Director of Technical Education & Training, Odisha
OIPR-14004/11/0010/2324

## Government of Odisha
## OFFICE OF THE CHIEF CONSTRUCTION ENGINEER CUTTACK (R&B) CIRCLE, CUTTACK
E-mail Id:sectcrb_2006@yahoo.co.in, Tel/Fax:0671-2301751/2302751

**('e' - PROCUREMENT NOTICE )**
Bid Identification No.CCE.Ctc.(R&B) 22 /2023-24.

**No.B-1148:**1.The Chief Construction Engineer, Cuttack (R&B) Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road, Building and Minor Bridge works as mentioned below.

2. No. of work :- 02 Nos.
3. Nature of work :- Building works
4. Class of contractor :- **'A' Class**
5. Tender paper cost :- Rs.10000/- (online)
6. Available of bid document in the website. :- From 04.11.2023 to 17.30 Hours of 18.11.2023
7. Date of opening of bid :- Dt.20.11.2023 at 11.00 Hours

8.The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd/-P.K. Rath
Chief Construction Engineer, Cuttack (R&B) Circle
OIPR-34012/11/0036/2324

## GOVERNMENT OF ODISHA
No.L-130:
## OFFICE OF THE SUPERINTENDING ENGINEER (AGRIL.) NORTHERN ZONE, AT/PO-REMED, SAMBALPUR-768006
e-mail:senzsambalpur@gmail.com
Notice No.2177, Dt.26.10.2023

NATIONAL COMPETITIVE BIDDING THROUGH e-Procurement
Identification No.06/Agril./NZ/2023-24, Dt.26.10.2023

| | | | |
|---|---|---|---|
| 01 | Nos. of Work | :: | 08 Nos. |
| 02 | Tendered Amount in Rs. | :: | Rs.5,00,000/- to Rs.1,38,17,683/- |
| 03 | Period of Completion | :: | 30 to 180 days |
| 04 | Date & Time of availability of bid document in the Portal | :: | From 11.00 Hrs. of 03.11.2023 to 17.30 Hrs. of 15.11.2023 |
| 05 | Last date/time of receipt of bids in the Portal | :: | 17.30 Hrs. of 15.11.2023 |
| 06 | Date & Time of opening of Bids | :: | 11.00 Hrs. of 21.11.2023 |
| 07 | Name and Address of the Officer Inviting Bid | :: | Superintending Engineer (Agril.) Northern Zone, At/PO- Remed, Sambalpur, Pin-768006 |

Further details can be seen from the website **www.tendersodisha.gov.in.**

Sd./- (Er. Pruthwiraj Mohanty)
Superintending Engineer (Agril.)
Northern Zone, Sambalpur
OIPR-01495/11/0006/2324

## idco | ODISHA NEW OPPORTUNITIES
No.CAD-2604
## OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022
Tender Call Notice No.IDCO/H.O./P&C/EST/E-1113/03/2015/33907 dated:25.10.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

(1) Name of the Work: Improvement of existing Black top approach road to M/s. IIIT, Bhubaneswar, Gothapatana, Khurdha.
(2) Estimated Cost: Rs.61.23 lakh (Approx.)
(3) Period of Completion: 02 (Two) Calendar Months.
(4) Other details:

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No. P&C/EST/ E-143/ 2023-24 | 02.11.2023 at 17.00 Hrs. | 17.11.2023 upto 17.00 Hrs. |

**Further details can be seen from the e-Procurement Portal www.tendersodisha.gov.in.** and Corrigendum if any will not be published in newspapers and can only be seen in the e-Procurement portal **www.tendersodisha.gov.in.** and **www.idco.in**

Sd./-Chief General Manager (P&C),
IDCO, Bhubaneswar
OIPR-14003/11/0260/2324

## GOVERNMENT OF ODISHA
email- serwsbd2003@yahoo.com
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNABEDA
### e-Procurement Notice for PMGSY Works & Bridge Works

**No.O-1368:**1. Name of the Work: Construction of Road Works under PMGSY & Bridge Works (06 Nos.). 2. Class of Contractor: "A" & Special Class of (Odisha PWD) or relevant class of other licensing authority. 3. Estimated Cost: Varies from Rs.270.92 Lakhs to Rs.809.77 Lakhs (Approximately). 4. Details projects as per Annexure attached. :

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online-39/2023-24 | 01.11.2023 at 11.00 A.M. | 15.11.2023 upto 5.00 P.M. | 14.11.2023 upto 2.00 P.M. | 16.11.2023 at 11.00 A.M. | To be intimated separately |
| Chief Construction Engineer, Rural Works Circle, Sunabeda | CCERWCSBD-Online-40/2023-24 | 01.11.2023 at 11.00 A.M. | 15.11.2023 upto 5.00 P.M | 14.11.2023 upto 2.00 P.M. | 16.11.2023 at 11.00 A.M. | To be intimated separately |

5. The details of works can be seen from the website https://www.tendersodisha.gov.in for Bridge Works.
6. The details of works can be seen from the website https://www.pmgsytenders.gov.in for PMGSY Road Works.
7. Any Corrigendum/Addendum will be displayed in the above e-tender website.

Sd./- Chief Construction Engineer
Rural Works Circle, Sunabeda
OIPR-25182/11/0039/2324

## GOVERNMENT OF ODISHA
No.O-1371:
## OFFICE OF THE CHIEF CONSTRUCTION ENGINEER,CENTRAL RURAL WORKS CIRCLE, BHUBANESWAR
Phone - 0674-2540742, Email: se_ccrw@yahoo.co.in
No.5467/ Date 27.10.2023

### "e" Procurement Notice for Road Works

| | | | |
|---|---|---|---|
| 1 | Name of the Work | : | Road works under Periodical renewal work of 5 years post DLP PMGSY roads for the financial year 2023-24 under Incentive grant received from GoI |
| 2 | Total No. of Packages | : | 1 No. of Package |
| 3 | Estimated Cost of the Package | : | Rs.91.56 Lakh |
| 4 | Class of Contractor | : | |
| | a)Estimated cost more than Rs. 20.00 Lakh upto Rs.3.00 Crore | : | B Class (of Odisha PWD) or relevant class of other licensing authorities |
| 5 | Period of completion | : | As mentioned in Column-8 of Annexure |
| 6 | Offered rates by bidder | : | The offered rate by the contractor shall be excluding GST. |
| 7 | Other details | : | |

| Procurement Officer | Bid Identification No. | Availability of Tender Online for bidding | | Seeking clarification of tender | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Central Rural Works Circle, Bhubaneswar | Tender- Online- C.C.43 of 2023 | 01.11.2023 at 11.00 AM | 15.11.2023 upto 5.00 PM | 14.11.2023 Upto 5.00 PM | 16.11.2023 at 11.00 A.M. | To be intimated later on |

Further details can be seen from the website:- www.tendersodisha.gov.in
Sd./- Chief Construction Engineer
Central Rural Works Circle, Bhubaneswar
OIPR-25082/11/0033/2324

## ଏ ସପ୍ତାହର ପ୍ରଶ୍ନ

୧– କମ୍ପ୍ୟୁଟରର ବ୍ରେନ୍ ........... କୁ କୁହାଯାଏ ?
୨– ଗିଜା ପିରାମିଡ୍ ........... ଦେଶରେ ରହିଛି ?
୩– ସୌରମଣ୍ଡଳର ପ୍ରଥମ ତିନୋଟି ଗ୍ରହର ନାମ ............. ?
୪– ଭାରତର କ୍ଷୁଦ୍ରତମ ରାଜ୍ୟ .............. ?
୫– ପୃଥିବୀର ସର୍ବାଧିକ ବ୍ୟବହୃତ ଭାଷା ................ ?

## ଗତ ଥରର ଉତ୍ତର

୧ ଗଲ୍ଫ
୨ ସତ୍ୟରୂପ ସିଦ୍ଧାନ୍ତ
୩ ଟାଇପ୍–୨ ଡାଇବେଟିସ୍
୪ ହେନ୍‌ରିଚ୍ ଆଣ୍ଟୋନ୍ ଡି ବ୍ୟାରୀ
୫ ନୀର୍ଜା ଭାନୋଟ୍

## ଉତ୍ତରଦାତା


ସୁନୀଲ କୁମାର ବେହେରା, ବ୍ରହ୍ମପୁର


ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସବୁଠୁ ସୁନ୍ଦର ଫୁଲ



୧ ........ ରୋଜ୍
୨ ........ ହାଇଡ୍ରାଞ୍ଜିଆ
୩ ........ ବ୍ଲିଡିଂ– ହାର୍ଟ
୪ ........ ଚେରି ବ୍ଲୋଜମ୍
୫ ........ ଅର୍କିଡ୍
୬ ........ ଟ୍ୟୁଲିପ୍
୭ ........ ପିଓନୀ
୮ ........ ଲିଲି
୯ ........ ଫ୍ରିସିଆ
୧୦ ........ ଲୋଟସ୍

## ଜାଣନ୍ତୁ ଦୁନିଆ

# ସିଙ୍ଗାପୁର

**ଦକ୍ଷିଣପୂର୍ବ ଏସିଆରେ ରହିଛି ଅନେକ ପର୍ଯ୍ୟଟନ ସ୍ଥଳୀରେ ପରିପୂର୍ଣ୍ଣ ସିଙ୍ଗାପୁର ଆଇସ୍‌ଲାଣ୍ଡ। ଯେଉଁଥିପାଇଁ ଏଠାରେ ବର୍ଷତମାମ ଲାଗିଥାଏ ପର୍ଯ୍ୟଟକଙ୍କ ଭିଡ଼। ତେବେ ଏହା ସମ୍ପର୍କରେ ଆସନ୍ତୁ ଜାଣିବା କିଛି ତଥ୍ୟ ...**

- ଏହାର ନାମ ଏପରି ରଖାଯିବା ପଛରେ ଏକ କାହାଣୀ ରହିଛି। ପାଲେମ୍ବାଙ୍ଗ୍‌ର ରାଜା ସ୍ୟାଙ୍ଗ୍ ନିଲା ଉତାମା ଥରେ ଏହି ଆଇସ୍‌ଲାଣ୍ଡରେ ଏକ ଜୀବ ବୁଲୁଥିବାର ଦେଖି ତାହାକୁ ସିଂହ ଭାବିଥିଲେ। ତେଣୁ ଏହାକୁ ସିଙ୍ଗପୁରା ଭାବେ ନାମିତ କରିଥିଲେ, ଯାହାର ଅର୍ଥ ଥିଲା ଲାୟନ ସିଟି ବା ସିଂହ ସହର। କ୍ରମଶଃ ଏହା ପରିବର୍ତ୍ତିତ ହୋଇ ସିଙ୍ଗାପୁରରେ ପରିଣତ ହୋଇଛି। ହେଲେ ସବୁଠୁ କୌତୂହଳ ବିଷୟ ହେଉଛି ଏଠାରେ ଆଦୌ ସିଂହ ନାହାନ୍ତି।
- ପୃଥିବୀରେ ଥିବା ସମୁଦାୟ ତିନୋଟି ସିଟି–ଷ୍ଟେଟ୍ ମଧ୍ୟରେ ସିଙ୍ଗାପୁର ମଧ୍ୟ ରହିଛି। ଯାହାର କରାଯାଇଛି। କେବଳ ଡାକ୍ତରଙ୍କ ପରାମର୍ଶ କ୍ରମେ ହିଁ ଜଣେ ଏହାକୁ ଚୋବାଇପାରିବେ।
- ଏଠାରୁ ସର୍ବାଧିକ ମାଛ ରପ୍ତାନି କରାଯାଇଥାଏ। ଅର୍ଥାତ୍ ପୃଥିବୀରେ ବିକ୍ରି ହେଉଥିବା ସମୁଦାୟ ମାଛର ପ୍ରାୟ ୨୫ ପ୍ରତିଶତ ଏହିଠାରୁ ହିଁ ଯାଇଥାଏ।
- ଏଠାରେ ପ୍ରାୟତଃ ସମସ୍ତ ବାସିନ୍ଦା ଅକ୍ଟୋବର ମାସରେ ଜନ୍ମଗ୍ରହଣ କରିଥାନ୍ତି।
- ପୃଥିବୀର ସବୁଠାରୁ ବଡ଼ ଟ୍ରପିକାଲ୍ ଅର୍କିଡ୍ ଗାର୍ଡେନ୍ ଏଠାରେ ରହିଛି।
- ଏଠାକାର ବାସିନ୍ଦା ପୃଥିବୀର ଅନ୍ୟ ସବୁ ବାସିନ୍ଦାଙ୍କ ତୁଳନାରେ ସବୁଠୁ ଅଧିକ ବେଗରେ ଚାଲନ୍ତି।



କୌଣସି ରାଜଧାନୀ ନାହିଁ।
- ଏହା ୧୯୬୫ ମସିହା ସେପ୍ଟେମ୍ବର ୨୧ରେ ୟୁନାଇଟେଡ୍ ନେଶନ୍(ୟୁଏନ୍)ର ୧୧୭ ନମ୍ବର ସଦସ୍ୟ ହୋଇଥିଲା।
- ପୃଥିବୀର ପ୍ରଥମ ନାଇଟ୍ ଜୁ ବା ରାତ୍ର ଚିଡ଼ିଆଖାନା ଏବଂ ନାଇଟ୍ ସଫାରି ଏଠାରେ ରହିଛି।
- ଏଠାରେ ଚ୍ୟୁଇଙ୍ଗମ୍ ଖାଇବା ବ୍ୟାନ୍ ବ୍ରିଟିଶ୍ କାଉନ୍ସିଲ୍ ଦ୍ୱାରା ହୋଇଥିବା ଏକ ପରୀକ୍ଷା ରିପୋର୍ଟ ମୁତାବକ ଏମାନେ ଏକ ଘଣ୍ଟାରେ ପ୍ରାୟ ୬.୧୫ କି.ମି. ବେଗରେ ଚାଲିଥାନ୍ତି।
- ଏଠାକାର ୯,୨୩୪ ଜଣ ଛାତ୍ରୀଛାତ୍ର ସବୁଠୁ ଲମ୍ବା (୪.୨କିମି.)। ହ୍ୟୁମାନ୍ ଡୋମିନୋ ଚେନ୍ ପ୍ରସ୍ତୁତ କରି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି।

# ଗୁଡ୍ ମର୍ଣ୍ଣିଂ

**ସକାଳର ମାତ୍ର କିଛି ସମୟର ଭଲ ଅଭ୍ୟାସ ଆପଣଙ୍କୁ ସାରାଦିନ ଏନର୍ଜେଟିକ୍ ରଖିପାରେ। ଯାହାକି ନା କେବଳ ଶାରୀରିକ ବରଂ ମାନସିକସ୍ତରରେ ମଧ୍ୟ ଫିଟ୍ ରଖିବାରେ ସାହାଯ୍ୟ କରିଥାଏ। ଆଉ ପ୍ରତିଦିନର ଏହି ଅଭ୍ୟାସ ଭବିଷ୍ୟତରେ ସଫଳତାର ମାର୍ଗକୁ କରିଥାଏ ସହଜ ଓ ସରଳ...**








ବ୍ୟସ୍ତବହୁଳ ଜୀବନଶୈଳୀ ଭିତରେ ନିଜକୁ ସୁସ୍ଥ ରଖିବା ଆଜିର ଦିନରେ ଏକ ବଡ଼ ଚ୍ୟାଲେଞ୍ଜଠୁ କମ୍ ନୁହେଁ। କାରଣ କାର୍ଯ୍ୟବ୍ୟସ୍ତତା ଭିତରେ ଅନେକେ ନିଜ ପ୍ରତି ଅବହେଳା କରିବସନ୍ତି ଏବଂ ଏହାର ଫଳସ୍ୱରୂପ ସେମାନଙ୍କଠାରେ ଉପୁଜିଥାଏ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା। ହେଲେ ପ୍ରତିଦିନ ସକାଳେ କେତୋଟି ଭଲ ଅଭ୍ୟାସକୁ ନିଜ ଦିନଚର୍ଯ୍ୟାରେ ସାମିଲ କଲେ ତାହା ମଣିଷକୁ ସୁସ୍ଥ ରଖିବା ସହ କାର୍ଯ୍ୟଦକ୍ଷତା ବୃଦ୍ଧି କରିଥାଏ ଏବଂ ଭବିଷ୍ୟତରେ ସଫଳତାର ସ୍ୱାଦ ଚାଖିବାରେ ସହାୟକ ହୋଇଥାଏ।

**ଶୀଘ୍ର ଉଠିବା:** ସକାଳୁ ଅଳସୁଆ ହୋଇ ଅନେକେ ବିଳମ୍ବରେ ଉଠିଥାନ୍ତି। ଯାହାଫଳରେ ସମୟ ଅଭାବରେ ତରବର ହୋଇ ନିତ୍ୟକର୍ମ ସାରି କର୍ମକ୍ଷେତ୍ରକୁ ଚାଲିଯାଆନ୍ତି। ହେଲେ ପ୍ରତିଦିନ ଶୀଘ୍ର ଉଠିବା ଦ୍ୱାରା ଅନେକ କାର୍ଯ୍ୟ କରିବାକୁ ସମୟ ମିଳିଥାଏ। ସୂର୍ଯ୍ୟୋଦୟ ସମୟରେ କିଛି ସମୟ କଅଁଳ ଖରା ଶରୀରରେ ଲାଗିଲେ ଭିଟାମିନ୍ ଡି' ଭରପୂର ମାତ୍ରାରେ ମିଳିଥାଏ। ଏହି ସମୟରେ ଉଠିଲେ ଏକ ସକାରାତ୍ମକ ଉର୍ଜା ମିଳିଥାଏ, ଯାହାକି ଦିନସାରା ଶରୀରକୁ ଏନର୍ଜି ଯୋଗାଇଥାଏ।

**ଉଷୁମ ପାଣି ପିଇବା:** ସକାଳୁ ଉଠିବା ପରେ ଉଷୁମ ପାଣି ପିଇବା ଏକ ଭଲ ଅଭ୍ୟାସ। ଏହାଦ୍ୱାରା ଶରୀରରେ ଥିବା ବିଷାକ୍ତ ପଦାର୍ଥ ଦୂରହେବା ସହ ଚର୍ବି ଅଂଶ



ମଧ୍ୟ ହ୍ରାସ ହୋଇଥାଏ। ଏହା ଶରୀରକୁ ହାଇଡ୍ରେଟ୍ ରଖେ, ପାଚନକ୍ରିୟାକୁ ଠିକ୍ କରିବାରେ ବି ସାହାଯ୍ୟ କରିଥାଏ ଓ ଗ୍ୟାସ୍, ବଦହଜମି ଓ କୋଷ୍ଠକାଠିନ୍ୟ ଭଳି ସମସ୍ୟା ଦୂର କରିଥାଏ। ଏହାଦ୍ୱାରା ସାରାଦିନ ଶରୀରକୁ ଆରାମ ଲାଗିଥାଏ।

**ଶାରୀରିକ ବ୍ୟାୟାମ:** ପ୍ରତିଦିନ ସକାଳୁ କିଛି ସମୟ ମେଡିଟେଶନ୍ କରିବା ଦ୍ୱାରା ମାନସିକସ୍ତରରେ ଏକ ସକାରାତ୍ମକ ପ୍ରଭାବ ପଡ଼ିଥାଏ। ଏହା ସ୍ମରଣଶକ୍ତି ବୃଦ୍ଧି କରିବା ସହ ଆତ୍ମବିଶ୍ୱାସ ବଢ଼ାଇବାରେ ସାହାଯ୍ୟ କରେ। ଏହାସହ କିଛି ସମୟ ଯୋଗ, ବ୍ୟାୟାମ, ମର୍ନିଂ ୱାକ୍, ସାଇକ୍ଲିଂ ଭଳି ଫିଜିକାଲ୍ ଏକ୍ସରସାଇଜ୍ କରିବା ଦ୍ୱାରା ମେଦବହୁଳତା ହ୍ରାସ ହୋଇଥାଏ। ଏହା ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ କରାଇବା ସହ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଫଳସ୍ୱରୂପ ମଣିଷ ଫିଟ୍ ରହିଥାଏ ଏବଂ କାର୍ଯ୍ୟ କ୍ଷମତା ବୃଦ୍ଧି ପାଇଥାଏ।

**ହେଲ୍‌ଦି ବ୍ରେକ୍‌ଫାଷ୍ଟ:** ପାଠପଢ଼ା, ଜବ୍ ଆଦି କାର୍ଯ୍ୟବ୍ୟସ୍ତତା ଭିତରେ ହେଉ ଅବା ରାତିରେ ଅଧିକ ସମୟ ଚେଇଁ ସକାଳୁ ବିଳମ୍ବରେ ଉଠିବା କାରଣରୁ ହେଉ, ସକାଳ ଜଳଖିଆ ନ ଖାଇବା ଅନେକ ଯୁବତୀଯୁବକଙ୍କଠାରେ ଏକ ବଦଭ୍ୟାସରେ ପରିଣତ ହୋଇଥିବାର ଦେଖିବାକୁ ମିଳୁଛି। ଏହା ବ୍ୟତୀତ ଫିଟ୍‌ନେସ୍ ଲାଗି ଖାଦ୍ୟ କମାଇବା ବା ଡାଏଟିଂ କରିବା ଉଦ୍ଦେଶ୍ୟରେ ଅନେକେ ଜାଣି ଜାଣି ଏପରି କରୁଥିବାର ମଧ୍ୟ ଦେଖିବାକୁ ମିଳୁଛି। ହେଲେ ବ୍ରେକ୍‌ଫାଷ୍ଟ ନ କରିବା ଦ୍ୱାରା ଦୀର୍ଘସମୟ ପେଟ ଖାଲି ରହି ଗ୍ୟାସ୍, ଏସିଡିଟି ଆଦି ସମସ୍ୟା ଦେଖାଦେଇଥାଏ। ତା'ଛଡ଼ା ପେଟ ଖାଲିଥିବାରୁ ପରବର୍ତ୍ତୀ ସମୟରେ ଆବଶ୍ୟକଠାରୁ ଅଧିକ ଖାଦ୍ୟ ଖାଇ ହୋଇଯିବା କାରଣରୁ ମେଦବହୁଳତା ଦେଖାଦେଇଥାଏ। ଆମେରିକାନ୍ ମେଡିକାଲ୍ ଆସୋସିଏଶନ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ବ୍ରେକ୍‌ଫାଷ୍ଟ ନ କରିବା ଦ୍ୱାରା ରକ୍ତଚାପ, ହୃଦ୍‌ରୋଗ ଏବଂ ହୃଦ୍‌ଘାତର ଆଶଙ୍କା ୨୭% ବୃଦ୍ଧି କରିଥାଏ। ତେଣୁ ପ୍ରତିଦିନ ସକାଳ ସମୟରେ ଫାଷ୍ଟଫୁଡ୍, ଜଙ୍କ୍‌ଫୁଡ୍ ଆଦି ବଦଳରେ ଭଲ ଜଳଖିଆ ଖାଇବା ନିହାତି ଆବଶ୍ୟକ। ପ୍ରତିଦିନ ଏପରି ଖାଦ୍ୟାଭ୍ୟାସ ଶରୀରକୁ ଶକ୍ତି ଯୋଗାଇଥାଏ। ଯାହାଦ୍ୱାରା ସାରାଦିନ ଆକ୍ଟିଭ୍, ଏନର୍ଜେଟିକ୍ ଏବଂ ଫ୍ରେଶ୍ ଲାଗିଥାଏ।

**ପାଠପଢ଼ା:** ରାତିରେ ଶୋଇ ଉଠିବା ପରେ ମସ୍ତିଷ୍କକୁ ପର୍ଯ୍ୟାପ୍ତ ବିଶ୍ରାମ ମିଳିଥାଏ ଓ ଏହା ଚାପମୁକ୍ତ ଥାଏ। ତେଣୁ ସକାଳ ସମୟରେ ପାଠ ପଢ଼ିଲେ ସ୍ମରଣଶକ୍ତି ବଢ଼ିଥାଏ ଏବଂ ଭଲ ମନ ରହିଥାଏ। ଅନେକ ସଫଳ ମଣିଷ ସକାଳବେଳା ପଢ଼ା ପାଇଁ ଅଧିକ ସମୟ ଦେଉଥିବା ପ୍ରକାଶ କରନ୍ତି।

**ଡେ' ପ୍ଲାନିଂ:** ଦିନର ୨୪ ଘଣ୍ଟା ସମସ୍ତଙ୍କ ପାଇଁ ସମାନ। ତେବେ ଅନେକେ କାମ ପାଇଁ ସମୟ ଅଣ୍ଟୁ ନ ଥିବା ଅଭିଯୋଗ କରନ୍ତି। ହେଲେ ଯେଉଁମାନଙ୍କୁ ଟାଇମ୍ ମ୍ୟାନେଜ୍‌ମେଣ୍ଟ କଳା ଜଣାଥାଏ ସେମାନେ ସେହି ସମୟ ମଧ୍ୟରେ ଏକାଧିକ କାମ ସୁଚାରୁରୂପେ ତୁଲାଇ ପାରିବା ସହ ଜୀବନରେ ସଫଳତାର ସ୍ୱାଦ ଚାଖିପାରନ୍ତି। ତେଣୁ ଦିନରେ କ'ଣ କରିବେ ସେନେଇ ସକାଳୁ ପ୍ଲାନିଂ କରିନିଅନ୍ତୁ।



### କ'ଣ କୁହନ୍ତି ଏମାନେ...



**ଏନ୍. ନୀଳମାଧବ ପାତ୍ର**(ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା, ନୀଳମାଧବ ଫାଉଣ୍ଡେଶନ୍, ବ୍ରହ୍ମପୁର)– ସକାଳର ଆରମ୍ଭ ଯଦି ଭଲରେ ହୁଏ ତେବେ ଦିନଟି ନିଶ୍ଚିତ ଭାବେ ଭଲରେ କଟେ ବୋଲି ମୋର ବିଶ୍ୱାସ। ତେଣୁ ସକାଳ ସମୟକୁ ଠିକ୍ ଭାବେ ବିନିଯୋଗ କରିବାକୁ ଚେଷ୍ଟା କରେ। ସକାଳୁ ଉଠି ମୁହଁ ଧୋଇ ପାଣି ପିଏ। ନିତ୍ୟକର୍ମ ସାରି କଅଁଳ ସୂର୍ଯ୍ୟକିରଣରେ ଗାଁର ବିଲବାଡି ବୁଲି ପ୍ରାକୃତିକ ସୌନ୍ଦର୍ଯ୍ୟକୁ କିଛି ସମୟ ଉପଭୋଗ କରେ, ଯାହାକି ମୋତେ ମାନସିକ ଶାନ୍ତି ଦିଏ। ଯୋଗ, ପ୍ରାଣାୟମ କରିବା ପରେ କିଛି ସମୟ ଏକାକୀ ବସି ନିଜ ସହ କଥା ହୁଏ। ଆଗକୁ କ'ଣ କରିବି ସେନେଇ ଯୋଜନା ପ୍ରସ୍ତୁତ କରେ। ତା'ପରେ ସ୍ନାନ ସାରି ଜଳଖିଆ ଖାଏ। ସକାଳ ସମୟର ଏହିସବୁ କାର୍ଯ୍ୟ ମୋତେ ଏକ ସକାରାତ୍ମକ ଉର୍ଜା ଯୋଗାଇଥାଏ।



**ରଞ୍ଜନ କୁମାର ମହାନ୍ତି**(ସଭାପତି, କଳିଙ୍ଗ ବଡିବିଲ୍ଡିଂ ଫିଟ୍‌ନେସ୍ ଆସୋସିଏଶନ୍)– ଶରୀରକୁ ସୁସ୍ଥ ରଖିବାକୁ ହେଲେ ଠିକ୍ ସମୟରେ ଶୋଇବା, ଆବଶ୍ୟକତା ଅନୁଯାୟୀ ଖାଦ୍ୟଗ୍ରହଣ କରିବା, ପାଣି ପିଇବା ଏବଂ ନିୟମିତ ଏକ୍ସରସାଇଜ୍ କରିବା ଦରକାର। ନିଜ କଥା କହିବି ଜଣେ ବଡିବିଲ୍ଡର ତଥା ଫିଟ୍‌ନେସ୍ ଟେନର ଭାବେ ନିଜ ଲାଇଫ୍‌ଷ୍ଟାଇଲ୍‌କୁ ନେଇ ସର୍ବଦା ଯତ୍ନଶୀଳ ରହିଥାଏ। ବିଶେଷ କରି ସକାଳ ସମୟରେ ଉଠି ପାଣି ପିଇବା, ୱର୍କଆଉଟ୍ କରିବା ଓ ହେଲ୍‌ଦି ବ୍ରେକ୍‌ଫାଷ୍ଟ ଖାଇବାରେ ଆଦୌ ଅବହେଳା କରି ନ ଥାଏ। କାରଣ ସକାଳର ଏହି ଅଭ୍ୟାସ ମୋତେ ସାରା ଦିନ ଏନର୍ଜେଟିକ୍ ରଖିବାରେ ସାହାଯ୍ୟ କରେ।

## ୟୁଥ୍ ଆଲର୍ଟ

# କରନ୍ତୁ ଆଧାରକାର୍ଡ ଲକ୍




**ବର୍ତ୍ତମାନ ଆଧାରକାର୍ଡ ସଭିଙ୍କର ପରିଚୟ ପାଲଟିଛି। ପିଲାଠୁ ବୃଦ୍ଧ ସଭିଙ୍କ ପାଇଁ ପ୍ରତ୍ୟେକ କ୍ଷେତ୍ରରେ ଏହାର ଆବଶ୍ୟକତା ରହୁଛି। ହେଲେ କେହି କେହି ଏହାର ଅପବ୍ୟବହାର କରି ଅନ୍ୟମାନଙ୍କୁ ଠକୁଥିବାର ଦେଖିବାକୁ ମିଳୁଛି। ତେଣୁ ନିଜ ଆଧାରକାର୍ଡକୁ ସୁରକ୍ଷିତ ରଖିବା ଲାଗି କିପରି ଲକ୍ କରିବେ ଜାଣିରଖନ୍ତୁ ଟିପ୍ସ...**

ଆଧାରକାର୍ଡ ଭଳି ଜରୁରୀ ଡକ୍ୟୁମେଣ୍ଟ କୌଣସି କାରଣବଶତଃ ଯଦି ହଜିଯାଏ କିମ୍ବା ଚୋରି ହୋଇ କୌଣସି ଅସାମାଜିକ ବ୍ୟକ୍ତିଙ୍କ ହାତରେ ପଡ଼ିଯାଏ ତେବେ କାର୍ଡଧାରୀଙ୍କୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ତେଣୁ ଏହାକୁ ସୁରକ୍ଷିତ ରଖିବା ପାଇଁ କିପରି ଲକ୍ କରିପାରିବେ ଜାଣିରଖନ୍ତୁ ସେ ସମ୍ପର୍କରେ...

**ଅନ୍‌ଲାଇନ୍ ଲକ୍:**

- ସର୍ବପ୍ରଥମେ UIDAI ୱେବ୍ ସାଇଟ୍‌ରେ https://uidai.gov.in/ପେଜ୍ ଖୋଲନ୍ତୁ।
- ସେଥିରେ ଥିବା ମାଇଁ ଆଧାର ଟ୍ୟାବ୍‌ରେ କ୍ଲିକ୍ କରି ଏହାକୁ ଓପନ୍ କରନ୍ତୁ।
- ଏଠାରେ ଆଧାର ସର୍ଭିସେସ୍ ସେକ୍ସନକୁ ଯାଆନ୍ତୁ। ଏହାକୁ ଓପନ୍ କରିବା ପରେ ସେଥିରେ ଆପଣଙ୍କୁ ଆଧାର ଲକ୍ ଏବଂ ଅନ୍‌ଲକ୍ ଅପ୍ସନ ମିଳିବ।
- ଏହାପରେ ଲକ୍ ୟୁଆଇଡି(Lock UID) ଅପ୍ସନ ଉପରେ କ୍ଲିକ୍ କରନ୍ତୁ।

– ସେଥିରେ ଦିଆଯାଇଥିବା ସୂଚନା ଅନୁଯାୟୀ ନିଜ ଆଧାର ନମ୍ବର, ପୂରା ନାମ, ପିନ୍ କୋଡ୍ ଆଦି ଏଣ୍ଟର କରନ୍ତୁ।

- ଏହାପରେ ଏକ ସେଣ୍ଡ ଓଟିପି ଅପ୍ସନ ଆସିବ, ସେଥିରେ କ୍ଲିକ୍ କରି ନିଜ ରେଜିଷ୍ଟର୍ଡ ମୋବାଇଲ୍ ନମ୍ବରକୁ ସେଣ୍ଡ କରନ୍ତୁ। ଏହି ଓଟିପିକୁ ଏଣ୍ଟର କରି ସବ୍‌ମିଟ୍ କରନ୍ତୁ। ଏହାପରେ ଆପଣଙ୍କ ଆଧାରକାର୍ଡ ଲକ୍ ହୋଇଯିବ।

**କିପରି କରିବେ ଅନ୍‌ଲକ୍:**

ଯେପରି ଲକ୍ କରିଥିଲେ ସେହିପରି ପ୍ରଥମେ ଉପରୋକ୍ତ ଅନୁଦେଶ ଫଲୋ କରି ଅନ୍‌ଲକ୍ ୟୁଆଇଡି(Unlock UID) ଅପ୍ସନକୁ ଯାଆନ୍ତୁ।

- ଏହାକୁ କ୍ଲିକ୍ କରିବା ପରେ ଆପଣଙ୍କୁ ୧୬ ଡିଜିଟ୍‌ଯୁକ୍ତ ଭର୍ଚୁଆଲ୍ ଆଇଡି ନମ୍ବର ଦେବାକୁ ପଡ଼ିବ।
- ଏହାପରେ ସେଣ୍ଡ ଓଟିପି ଅପ୍ସନରେ କ୍ଲିକ୍ କରନ୍ତୁ। ରେଜିଷ୍ଟର୍ଡ ମୋବାଇଲ୍ ନମ୍ବରକୁ ଯାଇଥିବା ଓଟିପିକୁ ଏଠାରେ ଏଣ୍ଟର କରି ସବ୍‌ମିଟ୍ କରନ୍ତୁ।
- ବର୍ତ୍ତମାନ ଆଧାରକାର୍ଡ ଅନ୍‌ଲକ୍ ହୋଇଗଲା।

**ମନେରଖନ୍ତୁ:** ଆଧାରକାର୍ଡ ଲକ୍ କିମ୍ବା ଅନ୍‌ଲକ୍ କରିବା ବେଳେ ଆସୁଥିବା ଓଟିପିକୁ କାହା ସହିତ ଶେୟାର କରନ୍ତୁ ନାହିଁ। ସୁରକ୍ଷା ଦୃଷ୍ଟିରୁ ପବ୍ଲିକ୍ କମ୍ପ୍ୟୁଟର୍‌ରେ ମଧ୍ୟ ଏହି କାମ ଆଦୌ କରନ୍ତୁ ନାହିଁ।










# ଅଷ୍ଟ୍ରେଲିଆର ରୋମାଞ୍ଚକ ବିଜୟ

**ଧର୍ମଶାଳା, ୨୮।୧୦ (ପି.ଟି.)**

ଚଳିତ ଦିନିକିଆ ବିଶ୍ୱକପ୍‌ରେ ଶନିବାର ଖେଳାଯାଇଥିବା ଏକ ହାଇ ସ୍କୋରିଂ ମ୍ୟାଚରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆ ଟ୍ରାଭିସ୍ ହେଡ୍‌ଙ୍କ ଆକର୍ଷଣୀୟ ଶତକ ସହାୟତାରେ ୫ ରନରେ ରୋମାଞ୍ଚକ ବିଜୟ ହାସଲ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୩୮୮ରନର ବିଶାଳ ସ୍କୋର ଛିଡ଼ା କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ବିନିମୟରେ ୩୮୩ ରନ କରିପାରିଥିଲା। ଏକ ବିଶ୍ୱକପ୍ ମ୍ୟାଚରେ ଦୁଇ ଦଳ ମିଶି ସର୍ବାଧିକ ୭୭୧ ରନ ସଂଗ୍ରହ କରି ଏକ ନୂଆ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ପୂର୍ବରୁ ଏହି ରେକର୍ଡ ଚଳିତ ଟୁର୍ନାମେଣ୍ଟରେ ଦକ୍ଷିଣ ଆଫ୍ରିକା ବନାମ ଶ୍ରୀଲଙ୍କା ମଧ୍ୟରେ ହୋଇଥିଲା। ଦୁଇ ଦଳ ମୋଟ ୭୫୪ ରନ ସଂଗ୍ରହ କରିଥିଲେ। ପ୍ରତିଯୋଗିତାରେ ଅଷ୍ଟ୍ରେଲିଆର ଆରମ୍ଭ ଉତ୍ସାହଜନକ ନ ଥିଲା। ଦଳ ଏହାର ପ୍ରଥମ ଦୁଇଟି ମ୍ୟାଚରେ ପରାଜିତ ହୋଇଥିଲା। ମାତ୍ର ଚମତ୍କାର ପ୍ରତ୍ୟାବର୍ତ୍ତନ ସହ କ୍ରମାଗତ ୪ର୍ଥ ବିଜୟ ସହ ନିଜକୁ ସେମିଫାଇନାଲ ଦୌଡ଼ରେ ସାମିଲ କରିଛି। ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ଟ୍ରାଭିସ୍ ହେଡ୍ ତାଙ୍କ ପ୍ରଥମ ବିଶ୍ୱକପ୍ ମ୍ୟାଚରେ ୬୭ ବଲ୍‌ରୁ ୧୦୯ ରନ ସଂଗ୍ରହ କରିଥିଲେ। ସେ ଓ ଡେଭିଡ୍ ୱାର୍ନର (୬୫ ବଲ୍‌ରୁ ୮୧) ଓପନିଂ ଉଇକେଟରେ ୧୭୫ ରନ ଯୋଗ କରିଥିଲେ। ଅଷ୍ଟ୍ରେଲିଆର ଅନ୍ୟ ଖେଳାଳିଙ୍କ ମଧ୍ୟରେ ଗ୍ଲେନ ମାକ୍ସୱେଲ ୪୧, ଜୋସ୍ ଇଂଲିଶ ୩୮ ରନ କରିଥିବା ବେଳେ ଶେଷ ପର୍ଯ୍ୟାୟରେ ପ୍ୟାଟ୍ କୁମିନ୍ସ ୧୪ ବଲ୍‌ରୁ ଦ୍ରୁତ ୩୭ ରନ କରିଥିଲେ। ନ୍ୟୁଜିଲାଣ୍ଡର ସଫଳ ବୋଲର ଗ୍ଲେନ ଫିଲିପ୍ସ ୩୭ ରନ ବିନିମୟାର ୩ ଉଇକେଟ ଅକ୍ତିଆର କରିଥିଲେ। ନ୍ୟୁଜିଲାଣ୍ଡ ଇନିଂସରେ ଟପ୍ ସ୍କୋରର ରାଚିନ ରବିନ୍ଦ୍ର ୮୯ ରନ୍‌ରୁ ୧୧୬ ରନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ: ୪୯.୨ ଓଭରରେ ୩୮୮ (ଟ୍ରାଭିସ ହେଡ୍-୧୦୯, ଡେଭିଡ୍ ୱାର୍ନର-୮୧ ; ଗ୍ଲେନ ଫିଲିପ୍ସ-୩/୩୭)।
ନ୍ୟୁଜିଲାଣ୍ଡ: ୫୦ ଓଭରରେ ୩୮୩/୯ (ରାଚିନ ରବୀନ୍ଦ୍ର-୧୧୬, ଜିମ୍ମି ନିଶାମ-୫୮, ଜୋଶ ହାଜ୍‌ଲେଉଡ୍-୨/୭୦)।


ଶତକ ହାସଲ ପରେ ଟ୍ରାଭିସ ହେଡ୍।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଦକ୍ଷିଣ ଆଫ୍ରିକା | ୬ | ୫ | ୧ | ୧୦ | +୨.୦୩୨ |
| ଭାରତ | ୫ | ୫ | ୦ | ୧୦ | +୧.୩୫୩ |
| ନ୍ୟୁଜିଲାଣ୍ଡ | ୬ | ୪ | ୨ | ୮ | +୧.୨୩୨ |
| ଅଷ୍ଟ୍ରେଲିଆ | ୬ | ୪ | ୨ | ୮ | +୦.୯୭୪ |
| ଶ୍ରୀଲଙ୍କା | ୫ | ୨ | ୩ | ୪ | -୦.୨୦୫ |
| ପାକିସ୍ତାନ | ୬ | ୨ | ୪ | ୪ | -୦.୩୮୭ |
| ଆଫଗାନିସ୍ତାନ | ୫ | ୨ | ୩ | ୪ | -୦.୯୬୯ |
| ନେଦରଲାଣ୍ଡ୍ସ | ୬ | ୨ | ୪ | ୪ | -୧.୨୭୭ |
| ବାଂଲାଦେଶ | ୬ | ୧ | ୫ | ୨ | -୧.୩୩୮ |
| ଇଂଲଣ୍ଡ | ୫ | ୧ | ୪ | ୨ | -୧.୬୩୪ |


**ଦିନିକିଆ ବିଶ୍ୱକପ**




**(ଆଜିର ମ୍ୟାଚ)**

**ଭାରତ ବନାମ ଇଂଲଣ୍ଡ**

**ସ୍ଥାନ: ଲକ୍ଷ୍ନୌ,**
**ସମୟ: ଅପରାହ୍ଣ ୨ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**


ବିଶ୍ୱକପ୍‌ରେ ଦ୍ୱିତୀୟ ଶତକ ହାସଲ କରିଥିବା ରାଚିନ ରବୀନ୍ଦ୍ର।

# ମ୍ୟାଚ୍‌କୁ ନେଇ ଉତ୍କଣ୍ଠା

**ଗୌତମ ଗମ୍ଭୀର**

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଭାରତ ରବିବାର ଲକ୍ଷ୍ନୌଠାରେ ଇଂଲଣ୍ଡ ସହ ମୁକାବିଲା କରିବ। ଦୁଇ ଦଳରେ ବହୁ ଷ୍ଟାର ଖେଳାଳି ରହିଥିବାରୁ ଏହି ମ୍ୟାଚକୁ ଦେଖିବା ଲାଗି ଲୋକମାନଙ୍କର ଉତ୍କଣ୍ଠା ରହିଥିବ। ଉଭୟ ଦଳରେ ଏପରି ବୋଲର ଅଛନ୍ତି ଯେଉଁମାନେ ଘଣ୍ଟା ପ୍ରତି ୧୪୦ କି.ମି ବେଗରେ ବୋଲି କରିପାରନ୍ତି। ଏଭଳି ବ୍ୟାଟର ରହିଛନ୍ତି, ଯେଉଁମାନେ ୧୪୦ ଷ୍ଟ୍ରାଇକ୍‌ରେଟ୍‌ରେ ବ୍ୟାଟିଂ କରିପାରନ୍ତି। ବହୁ ଷ୍ଟାର ଖେଳାଳିଙ୍କ ଉପସ୍ଥିତି ସତ୍ତ୍ୱେ ଇଂଲଣ୍ଡର ପ୍ରଦର୍ଶନ ଏଥର ନୈରାଶ୍ୟଜନକ ରହିଛି। ୧୦ଟି ଦଳକୁ ନେଇ ଅନୁଷ୍ଠିତ ହେଉଥିବା ପ୍ରତିଯୋଗିତାରେ ଇଂଲଣ୍ଡ ବର୍ତ୍ତମାନ ପଏଣ୍ଟ ଟେବୁଲର ୯ମ ସ୍ଥାନରେ ରହିଛି। ଏହାର କାରଣ ହେଉଛି ଦଳର କିଛି ଖେଳାଳି ଦଳ ଅପେକ୍ଷା ନିଜ ପାଇଁ ଖେଳୁଛନ୍ତି। ମୋ ମତରେ ଜନି ବେୟାରଷ୍ଟୋ ଓ ହ୍ୟାରୀ ବ୍ରୁକ୍ସ ଦଳର ବ୍ୟାଟିଂ ଓପନ କରନ୍ତୁ। ସେମାନଙ୍କୁ ସେମାନଙ୍କ ସ୍ୱାଭାବିକ ପ୍ରଦର୍ଶନ କରିବା ଲାଗି ଛାଡ଼ି ଦିଆଯାଉ। ୨୦୧୯ରେ ବେୟାରଷ୍ଟୋ ଓ ଜାସନ ରୟ ଦଳ ପାଇଁ ଭଲ କରିଥିଲେ। ମୋତେ ଯଦି ଅଧିନାୟକ କରାଯାଏ ତେବେ ମୁଁ ଜୋସ୍ ବଟଲରଙ୍କୁ ଚାରି ନମ୍ବର ସ୍ଥାନରେ ପରେ ବେନ୍ ଷ୍ଟୋକ୍ସକୁ ଖେଳାଇବାକୁ ଚାହିଁବି। ମୋଇନ ଅଲିଙ୍କୁ ନିହାତି ମିଡଲ ଅର୍ଡରରେ ଖେଳାଇବା ଦରକାର। ସେ ରନ ସଂଗ୍ରହ ସହ ଉପଯୋଗୀ ଅଫ୍-ସ୍ପିନ୍ ବୋଲିଂ କରିପାରିବେ। ବର୍ତ୍ତମାନର ଭାରତୀୟ ଦଳକୁ ଲକ୍ଷ୍ୟ କଲେ ମୋର ସ୍କୁଲ ସମୟର ସହପାଠୀଙ୍କ କଥା ମନେ ପଡ଼ିଯାଉଛି। ଶ୍ରେଣୀରେ ମୋ ଭଳି ପଛ ବେଞ୍ଚରେ ବସୁଥିବା ଛାତ୍ର ଠିକଣା ସମୟରେ ନିଜକୁ ସୁଧାରି ପରୀକ୍ଷାରେ ଭଲ କରିଥାଏ। ରବିବାର ମ୍ୟାଚ ଯେଉଁ ପଡ଼ିଆରେ ମ୍ୟାଚ ଖେଳାଯିବ ବଲ୍ ସ୍ପିନ କରିବ। ଏଭଳି ପିଚ୍‌ରେ ମୁଁ ଟସ୍ ଜିତିଲେ ପ୍ରଥମେ ବ୍ୟାଟିଂ କରିବାକୁ ପସନ୍ଦ କରିବି। ଗତ ରବିବାର ନ୍ୟୁଜିଲାଣ୍ଡ ବିପକ୍ଷରେ ଯେଉଁ ଦଳ ଖେଳିଥିଲା ଭାରତ ସେହି ଦଳକୁ ନେଇ ପଡ଼ିଆକୁ ଓହ୍ଲାଇବ ବୋଲି ମୋର ଆଶା। ଲକ୍ଷ୍ନୌର ପଡ଼ିଆ ଆକାର ବଡ଼। ଅଧିନାୟକ ରୋହିତ ଶର୍ମାଙ୍କ କ୍ଷେତ୍ରରେ କିନ୍ତୁ ଫରକ ଆସିବ ନାହିଁ। ଏହି ବିଶ୍ୱକପ୍‌ରେ ତାଙ୍କ ଠାରୁ ଆଉ ଏକ ଦିନିକିଆ ଦ୍ୱିଶତକ ଆଶା କରାଯାଉଛି। ଅଧିନାୟକ ହିସାବରେ ତାଙ୍କ ଫିଲ୍ଡିଂ ସଜା, ବୋଲିଂ ପରିବର୍ତ୍ତନ ଏବଂ ଦଳ ମନୋନୟନ ବାସ୍ତବିକ ଚମତ୍କାର। ଭାରତୀୟ ଦଳର ଡ୍ରେସିଂ ରୁମ୍‌ରେ ସେ ସମସ୍ତଙ୍କ ପ୍ରିୟଭାଜନ। ମୋଟ ଉପରେ କହିବାକୁ ଗଲେ ସେ ଜଣେ ସଫଳ ଅଧିନାୟକ।

(ଗେମ୍‌ପ୍ଲାନ/ ଦୀନେଶ ଚୋପ୍ରା)






# ବାଂଲାଦେଶକୁ ହରାଇଲା ନେଦରଲାଣ୍ଡ୍ସ


ପ୍ଲେୟର ଅଫ୍ ଦ ମ୍ୟାଚ୍ ପଲ୍ ଭାନ୍ ମିକେରାନ

**କୋଲକାତା,୨୮।୧୦**

କୋଲକାତାର ଇଡେନ୍ ଗାର୍ଡେନ୍ସରେ ଅନୁଷ୍ଠିତ ବିଶ୍ୱକପ ମ୍ୟାଚ୍‌ରେ ବାଂଲାଦେଶକୁ ୮୭ ରନ୍‌ରେ ହରାଇ ଚଳିତ ବିଶ୍ୱକପର ଦ୍ୱିତୀୟ ବିଜୟ ହାସଲ କରିଛି ନେଦରଲାଣ୍ଡ୍ସ। ପ୍ରଥମେ ବ୍ୟାଟିଂ କରି ନେଦରଲାଣ୍ଡ୍ସ ୫୦ ଓଭରରେ ସମସ୍ତ ଉଇକେଟ ହରାଇ ୨୨୯ ରନ୍ ସଂଗ୍ରହ କରିଥିଲା। ଜବାବରେ ବାଂଲାଦେଶ ୪୨.୨ ଓଭରରେ ୧୪୨ ରନ୍ କରି ସମସ୍ତ ଉଇକେଟ ହରାଇଥିଲା।

ଯୋଗ୍ୟତା ପର୍ଯ୍ୟାୟ ଖେଳି ଟୁର୍ନାମେଣ୍ଟରେ ପ୍ରବେଶ କରିଥିବା ନେଦରଲାଣ୍ଡ୍ସ ପ୍ରଥମେ ଦକ୍ଷିଣ ଆଫ୍ରିକାକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିବା ବେଳେ ଶନିବାର ବାଂଲାଦେଶକୁ ପରାସ୍ତ କରିଛି। ଟସ୍ ଜିତି ନେଦରଲାଣ୍ଡ୍ସ ପ୍ରଥମେ ବ୍ୟାଟିଂ ନେଇଥିଲା। ତେବେ ବାଂଲାଦେଶ ପକ୍ଷରୁ ଶୋରିଫୁଲ ଇସଲାମ ଓ ଟାସ୍କିନ ଅହମଦ ଘାତକ ବୋଲିଂ କରିଥିଲେ। ନେଦରଲାଣ୍ଡ୍ସ ଦଳ ୬୩ ରନରେ ୪ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ୱେସଲି ବାରେସୀ ଏହା ମଧ୍ୟରୁ ୪୧ ରନ୍ କରିଥିଲେ। ଏପରିକି ଦଳୀୟ ସ୍କୋର ୧୦୭ ରନ୍‌ରେ ବାସ୍ ଡି ଲିଡ୍ ୧୭ ରନ୍ କରି ଆଉଟ ହୋଇଥିଲେ। ତେବେ ଅଧିନାୟକ ସ୍କଟ ଏଡୱାର୍ଡସ ଚମତ୍କାର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଏହା ସହ ନିମ୍ନକ୍ରମ ବ୍ୟାଟରଙ୍କୁ ସାଥୀ କରି ସେ ଦଳୀୟ ସ୍କୋର ୨୨୯ରେ ପହଞ୍ଚାଇଥିଲେ। ୮୯ ବଲ୍ ଖେଳି ସେ ୬ ଚୌକା ସହିତ ୬୮ ରନ୍ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସିବ୍ରାଣ୍ଡ ଏନଗେଲବ୍ରେଟ୍ (୩୫) ଓ ଲୋଗାନ ଭାନ୍ ବିକ୍(୨୩*)ରନ୍‌ର ଉପଯୋଗୀ ଅବଦାନ ଦେଇଥିଲେ। ବାଂଲାଦେଶ ପକ୍ଷରୁ ଶୋରିଫୁଲ ଇସଲାମ, ଟାସ୍କିନ ଅହମଦ,ମୁସ୍ତାଫିଜୁର ରେହମାନ ଓ ମେହିଦି ହସନ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

୨୩୦ ରନ୍‌ର ଲକ୍ଷ୍ୟ ବାଂଲାଦେଶ ପାଇଁ ସହଜ ହେବା ନେଇ ଆଶା କରାଯାଉଥିଲା। ତେବେ ନେଦରଲାଣ୍ଡ୍ସ ବୋଲର ଘାତକ ବୋଲିଂ କରିଥିଲେ। ପଲ୍ ଭାନ୍ ମିକେରାନ୍ ୪ ଉଇକେଟ ନେଇ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବାସ୍ ଡି ଲିଡ୍ ୨ ଉଇକେଟ ନେଇଥିବା ବେଳେ କଲିନ୍ ଆକରମ୍ୟାନ୍, ଲୋଗାନ୍ ଭାନ୍ ବିକ୍ ଓ ଆର୍ଯ୍ୟନ ଦତ୍ତ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବାଂଲାଦେଶ ପକ୍ଷରୁ ମେହିଦୀ ହସନ ମିରାଜ ସର୍ବାଧିକ ୩୫ ରନ୍ କରିଥିବା ବେଳେ ୫ ଜଣ ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ପଲ୍ ଭାନ୍ ମିକେରାନ୍‌ଙ୍କୁ ପ୍ଲେୟର୍ ଅଫ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ନେଦରଲାଣ୍ଡ୍ସ ୫୦ ଓଭରରେ ୨୨୯/୧୦(ସ୍କଟ ଏଡୱାର୍ଡସ-୬୮, ୱେସଲି ବାରେସୀ-୪୧, ସିବ୍ରାଣ୍ଡ ଏନଗେଲବ୍ରେଟ-୩୫, ଶୋରିଫୁଲ ଇସଲାମ-୨/୫୧, ଟାସ୍କିନ ଅହମଦ-୨/୪୩, ମୁସ୍ତାଫିଜୁର ରେହମାନ-୨/୩୬, ମେହିଦି ହସନ-୨/୪୦)।
ବାଂଲାଦେଶ ୪୨.୨ ଓଭରରେ ୧୪୨/୧୦(ମହିଦୀ ହସନ ମିରାଜ-୩୫, ପଲ୍ ଭାନ୍ ମିକେରାନ-୪/୨୩, ବାସ୍ ଡି ଲିଡ୍-୨/୨୫, ଆର୍ଯ୍ୟନ ଦତ୍ତ-୧/୨୬)।


ସ୍କଟ ଏଡୱାର୍ଡସ

# ସ୍ଲୋ ଓଭର ରେଟ୍ ପାଇଁ ପାକିସ୍ତାନକୁ ଜରିମାନା

**ଚେନ୍ନାଇ, ୨୮।୧୦ (ପି.ଟି.)**

ଦକ୍ଷିଣ ଆଫ୍ରିକା ବିପକ୍ଷ ଏକ ବିଶ୍ୱକପ୍ ଲିଗ୍ ମ୍ୟାଚରେ ସ୍ଲୋ ଓଭର ରେଟ୍ ବୋଲିଂ ପାଇଁ ପାକିସ୍ତାନ ଖେଳାଳିଙ୍କୁ ସେମାନଙ୍କ ମ୍ୟାଚ୍ ଫି'ର ୨୦ ପ୍ରତିଶତ ଜରିମାନା କରାଯାଇଛି। ଏହି ମ୍ୟାଚରେ ପାକିସ୍ତାନ ୧ ଉଇକେଟରେ ପରାଜିତ ହୋଇଥିଲା। ମ୍ୟାଚ ରେଫରି ରିଚି ରିଚାର୍ଡସନ ଏହି ଦଣ୍ଡ ବିଧାନ କରିଛନ୍ତି। ବାବର ଆଜାମଙ୍କ ଦଳ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଟାର୍ଗେଟଠାରୁ ୪ ଓଭର ପଛରେ ରହିଥିଲା। ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ଲାଗି ଉଦ୍ଦିଷ୍ଟ ଆଇସିସି ଆଚରଣ ବିଧିର ଧାରା ୨.୨୨ ଅନୁସାରେ ପ୍ରତିଟି ସ୍ଲୋ ଓଭର ରେଟ୍ ବୋଲିଂ ପାଇଁ ମ୍ୟାଚ ଫି'ର ୫ ପ୍ରତିଶତ ଜରିମାନାର ବ୍ୟବସ୍ଥା ରହିଛି। ବାବର ଦୋଷ ସ୍ୱୀକାର କରିବା ସହ ଦଣ୍ଡକୁ ଗ୍ରହଣ କରିନେବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକ ପଡ଼ି ନ ଥିଲା। ଫିଲ୍ଡ ଅମ୍ପାୟର ଆଲେକ୍ସ ହ୍ୱାର୍ଫ ଓ ପଲ୍ ରିଫିଲ, ତୃତୀୟ ଅମ୍ପାୟର ରିଚାର୍ଡ ଇଲିଙ୍ଗୱର୍ଥ ଏବଂ ଚତୁର୍ଥ ଅମ୍ପାୟର ରିଚାର୍ଡ କେଟଲବେରୋ ପାକିସ୍ତାନ ଦଳ ବିରୋଧରେ ଅଭିଯୋଗ ଆଣିଥିଲେ। ପାକିସ୍ତାନ ଏପର୍ଯ୍ୟନ୍ତ ଖେଳିଥିବା ସେମାନଙ୍କର ୬ଟି ମ୍ୟାଚରୁ ଇତିମଧ୍ୟରେ ୪ଟିରେ ବିଜୟ ହାସଲ କରିସାରିଛି।

# ଇଂଲଣ୍ଡ ବିପକ୍ଷରେ ଫେରିବେ ଅଶ୍ୱିନ

**ଲକ୍ଷ୍ନୌ,୨୮।୧୦(ପି.ଟି.)**

ଦିନିକିଆ କ୍ରିକେଟ ବିଶ୍ୱକପ୍ ୨୦୨୩ର ୨୯ ତମ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡ ଓ ଆୟୋଜକ ଭାରତ ମୁହାଁମୁହିଁ ହେବେ। ଲକ୍ଷ୍ନୌର ଏକାନା ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ଏଠିକାର ପିଚ୍ ସ୍ପିନରଙ୍କୁ ସହାୟତା କରୁଥିବା ବେଳେ ଭାରତ ୩ ସ୍ପିନରଙ୍କ ସହିତ ଓହ୍ଲାଇବାର ସମ୍ଭାବନା ଅଧିକ। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଟିମ୍‌ରେ ନ ଥିବା ବେଳେ ଏପରି ହେଲେ ମହମ୍ମଦ ଶାମି ଓ ମହମ୍ମଦ ସିରାଜଙ୍କ ମଧ୍ୟରୁ ଜଣଙ୍କୁ ପ୍ଲେଇଂ ଇଲେଭେନ୍‌ରୁ ବାହାରେ ବସିବାକୁ ପଡିବ। ଧର୍ମଶାଳାରେ ୫ ଉଇକେଟ ନେଇଥିବା ମହମ୍ମଦ ଶାମିଙ୍କ ଖେଳିବା ମଧ୍ୟ ଏକପ୍ରକାର ନିଶ୍ଚିତ। ତେଣୁ ସିରାଜ ବାହାରେ ବସିପାରନ୍ତି। ଚଳିତ ବିଶ୍ୱକପ୍ ଇଂଲଣ୍ଡ ପାଇଁ ଅତ୍ୟନ୍ତ ନିରାଶାଜନକ ରହିଥିବା ବେଳେ ଭାରତ ଚମତ୍କାର ପ୍ରଦର୍ଶନ କରିବା ସହ ଗୋଟିଏ ମଧ୍ୟ ମ୍ୟାଚ ହାରି ନାହିଁ। ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତର ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ରହିଛି। ଟପ୍ ଅର୍ଡରରେ ରୋହିତ ଶର୍ମା, ଶୁବମନ ଗିଲ୍ ଓ ବିରାଟ କୋହଲି ଚମତ୍କାର ପ୍ରଦର୍ଶନ କରିଛନ୍ତି। ଅନ୍ୟପକ୍ଷରେ ମିଡିଲ ଅର୍ଡରରେ ଲୋକେଶ ରାହୁଲ ମଧ୍ୟ ସମାନ ପରିମାଣରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ସୂର୍ଯ୍ୟକୁମାର ଯାଦବଙ୍କୁ ଆଉ ଏକ ସୁଯୋଗ ମିଳିବ। ଧର୍ମଶାଳାରେ ସେ ଦୁର୍ଭାଗ୍ୟଜନକ ଭାବରେ ରନ୍‌ଆଉଟ ହୋଇଥିବା ବେଳେ ଲକ୍ଷ୍ନୌରେ ସୁଯୋଗର ଫାଇଦା ଉଠାଇବାକୁ ପ୍ରୟାସ କରିବେ। ସେହିପରି ୪ ନମ୍ବରରେ ବ୍ୟାଟିଂ କରୁଥିବା ଶ୍ରେୟସ ଆୟର ମଧ୍ୟ ଏକ ବଡ ସ୍କୋର କରିବାକୁ ଚାହିଁବେ। ଆୟର ଭଲ ଆରମ୍ଭ ପାଉଥିଲେ ମଧ୍ୟ ଏହାକୁ ବଡ ସ୍କୋରରେ ରୂପାନ୍ତର କରିବାରେ ବିଫଳ ହେଉଛନ୍ତି। ଶର୍ଟପିଚ୍ ବଲ୍ ବିପକ୍ଷରେ ତାଙ୍କର ଦୁର୍ବଳତାକୁ ସେ ଏହି ମ୍ୟାଚରେ ଦୂରେଇବାକୁ ପ୍ରୟାସ କରିବେ। ବିରାଟ କୋହଲି ଏହି ମ୍ୟାଚ୍‌ରେ ଶତକ ହାସଲ କଲେ ଦିନିକିଆ କ୍ୟାରିୟରରେ ୪୯ତମ ଶତକ ସହ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ସମକକ୍ଷ ହେବାକୁ ପ୍ରୟାସ କରିବେ। ସେହିପରି ଭାରତୀୟ ସ୍ପିନରଙ୍କ ଉପରେ ସଭିଙ୍କ ନଜର ରହିବ। ଧର୍ମଶାଳାରେ ମହଙ୍ଗା ସାବ୍ୟସ୍ତ ହୋଇଥିବା କୁଲଦୀପ୍ ଯାଦବ ନିଜ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଭଲ ପ୍ରଦର୍ଶନ କରିବାକୁ ପ୍ରୟାସ କରିବେ। ସେହିପରି ଇଂଲଣ୍ଡ ବ୍ୟାଟିଂ ଅର୍ଡରରେ ଏକାଧିକ ବାମହାତୀ ଖେଳାଳି ରହିଥିବାରୁ ଅଶ୍ୱିନ ମଧ୍ୟ ପ୍ରଭାବଶାଳୀ ସାବ୍ୟସ୍ତ ହୋଇପାରନ୍ତି।

ତେବେ ବାଜବଲ୍ ରଣନୀତିରେ ଖେଳୁଥିବା ଇଂଲଣ୍ଡ କିନ୍ତୁ ନିରାଶ ହୋଇଛି। ଏହି ମ୍ୟାଚ୍ ଇଂଲଣ୍ଡ ପାଇଁ ଶେଷ ସୁଯୋଗ ହୋଇଥିବା ବେଳେ ଦଳ ନିହାତି ବିଜୟ ଆବଶ୍ୟକ କରୁଛି। ଏଥିରେ ହାରିଲେ ଆପାତତଃ ଇଂଲଣ୍ଡ ଟୁର୍ନାମେଣ୍ଟରୁ ବିଦାୟ ନେବ। ତେବେ ଏହି ମ୍ୟାଚ୍‌ରେ ବିଜୟୀ ହେଲେ ଆଗକୁ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ଆତ୍ମବିଶ୍ୱାସ ମିଳିବ। ଚଳିତ ବିଶ୍ୱକପ୍‌ରେ ବାଜ୍‌ବଲ୍ ରଣନୀତି ସମ୍ପୂର୍ଣ୍ଣ ଫେଲ୍ ମାରିଛି। ଏହାର ବ୍ୟାଟରମାନେ ବିଫଳ ହେବା ଦଳକୁ ନିରାଶ କରିଛି। କିଛି ମ୍ୟାଚ୍‌ରେ ଡାୱିଡ୍ ମଲାନ୍ ଓ ଜୋ ରୁଟ୍ ଭଲ ବ୍ୟାଟିଂ କରିଥିଲେ ମଧ୍ୟ ଦଳର ଅନ୍ୟ ବ୍ୟାଟର ଆଖିଦୃଶିଆ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। ଅଧିନାୟକ ଜୋସ୍ ବଟଲର, ହ୍ୟାରୀ ବ୍ରୁକ୍, ସାମ କରନ୍, ମୋଇନ୍ ଅଲୀ ଓ ଲିଆମ୍ ଲିଭିଙ୍ଗଷ୍ଟୋନଙ୍କ ପରି ଖେଳାଳି ମଧ୍ୟ ବିଫଳ ହୋଇଛନ୍ତି। ସେହିପରି ଦଳର ବୋଲିଂ ମଧ୍ୟ ସମାନ ପରିମାଣରେ ବିଫଳ ହୋଇଛି। ଦଳର ସଫଳତମ ବୋଲର ରିସି ଟପ୍‌ଲେ ଆହତ ହୋଇ ଟୁର୍ନାମେଣ୍ଟରୁ ବାଦ୍ ପଡିଛନ୍ତି। ତେବେ ଦଳ ନିକଟରେ ଆଦିଲ୍ ରଶିଦଙ୍କୁ ବାଦ୍ ଦେଲେ କେହି ଭଲ ସ୍ପିନର ନାହାନ୍ତି।


ଲକ୍ଷ୍ନୌରେ ଗିଲ ଓ କୋହଲିଙ୍କ ଅଭ୍ୟାସ।

# ପଦକ ବିଜେତା ଆଥ୍‌ଲେଟ ସମ୍ବର୍ଦ୍ଧିତ



ପଦକ ବିଜେତା ଖେଳାଳିଙ୍କ ସହ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ କ୍ରୀଡା ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ଦାସ।

## ୨୦ ଖେଳାଳିଙ୍କୁ ମିଳିଲା ୩ ଲକ୍ଷ ୨୬ ହଜାର ଟଙ୍କା

ଭୁବନେଶ୍ୱର,୨୮।୧୦(ସରୋଜ ଜେନା)

ବିଭିନ୍ନ ଜାତୀୟ ଚାମ୍ପିୟନଶିପରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଖେଳାଳି ମାନଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଶନିବାର ସ୍ଥାନୀୟ କଳିଙ୍ଗ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ କ୍ରୀଡା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ୨୦ ଆଥଲେଟଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଆଥଲେଟ ମାନେ କରାଟେ, ବ୍ୟାଡମିଣ୍ଟନ ଓ ୟାଟିଂ(ସେଲିଂ) ପରି ଇଭେଣ୍ଟରେ ବିଭିନ୍ନ ଜାତୀୟ ସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ୨୨ ପଦକ ହାସଲ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କ୍ରୀଡାମନ୍ତ୍ରୀଙ୍କ ବ୍ୟତୀତ କ୍ରୀଡା ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ଦାସ ମଧ୍ୟ ଉପସ୍ଥିତ ଥିଲେ। କ୍ରୀଡାମନ୍ତ୍ରୀ ଏହି ଅବସରରେ ଉପସ୍ଥିତ କ୍ରୀଡାବିତ ମାନଙ୍କ ପ୍ରଶଂସା କରିଥିଲେ। ସମସ୍ତ କ୍ରୀଡାବିତ ମାନଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହିତ ଏମାନେ ଦେଶରେ ରାଜ୍ୟର ନାମ ଉଚ୍ଚ କରିଛନ୍ତି ବୋଲି କହିଥିଲେ। କରାଟେ, ବ୍ୟାଡମିଣ୍ଟନ ଓ ସେଲିଂରେ ଉଲ୍ଲେଖନୀୟ ପ୍ରଦର୍ଶନ କରିବା ଦ୍ୱାରା ଏମାନେ ଯୁବ ପିଢ଼ିକୁ ଅନୁପ୍ରାଣିତ କରୁଛନ୍ତି ବୋଲି ସେ କହିଥିଲେ। ୨୦ ଖେଳାଳିଙ୍କ ମଧ୍ୟରେ ଜାତୀୟ କରାଟେ ଚାମ୍ପିୟନଶିପ୍‌ରେ ପଦକ ବିଜେତା ୧୭ ଜଣ ଖେଳାଳି ସାମିଲ ଅଛନ୍ତି। ଜାତୀୟ ସିନିୟର ସେଲିଂ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ବିଜୟିନୀ ମନସ୍ୱିନୀ ମହାରଣାଙ୍କୁ ୩୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟ ପକ୍ଷରେ ୩୫ ତମ ସବ୍‌ଜୁନିୟର ଜାତୀୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ହାସଲ କରିଥିବା ପ୍ରଗତି ପରିଡାଙ୍କୁ ଯଥାକ୍ରମେ ୧୫ ହଜାର ଓ ୬ ହଜାର ୫୦୦ ଟଙ୍କାର ଆର୍ଥିକ ରାଶି ଦିଆଯାଇଛି। ୩୫ ତମ ସବ୍‌ଜୁନିୟର ଜାତୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଥିବା ବିଶାଖା ଟପ୍ପୋଙ୍କୁ ମଧ୍ୟ ୬୫୦୦ ଟଙ୍କା ମିଳିଥିଲା।

# ମାଥ୍ୟୁ ୱେଡ୍ ଅଷ୍ଟ୍ରେଲିଆ ଅଧିନାୟକ




## ଭାରତ ବିପକ୍ଷ ଟି୨୦ ସିରିଜ

ମେଲବୋର୍ନ,୨୮।୧୦(ପି.ଟି.)

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍ ପରେ ଖେଳାଯିବାକୁଥିବା ଭାରତ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜରେ ଭେଟେରାନ ଉଇକେଟକିପର-ବ୍ୟାଟର ମାଥ୍ୟୁ ୱେଡ୍‌ଙ୍କୁ ଅଷ୍ଟ୍ରେଲିଆ ଦଳର ଅଧିନାୟକ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ୩୫ ବର୍ଷୀୟ ଖେଳାଳି ଦେଶର ଫ୍ରଣ୍ଟଲାଇନ୍ ଫାଷ୍ଟ ବୋଲରଙ୍କ ବିନା ଏକ ୧୫ ଜଣିଆ ଅଷ୍ଟ୍ରେଲିଆ ଦଳର ଅଧିନାୟକତ୍ୱ କରିବେ। ଚଳିତ ବର୍ଷ ପ୍ରାରମ୍ଭରେ ଆରୋନ୍ ଫିଞ୍ଚଙ୍କ ଅବସର ପରେ ମିଚେଲ ମାର୍ଶ ଓ ୱେଡ୍ କାମଚଳା ଦାୟିତ୍ୱ ତୁଲାଇ ଆସୁଛନ୍ତି। ମିଚେଲ ମାର୍ଶ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ଅଧିନାୟକତ୍ୱ କରିଥିଲେ। ଭାରତରେ ବିଶ୍ୱକପ୍ ଶେଷ ହେବା ପରେ ଟେଷ୍ଟ ଓ ଅନ୍ତର୍ଜାତୀୟ ଦିନିକିଆ ଅଧିନାୟକ ପ୍ୟାଟ୍ କମିନ୍ସ, ମିଚେଲ ଷ୍ଟାର୍କ, ଜୋଶ ହାଜ୍‌ଲେଉଡଙ୍କ ସମେତ ମାର୍ଶ ଓ କାମେରନ ଗ୍ରୀନ୍ ସ୍ୱଦେଶ ଫେରିଯିବେ। କିନ୍ତୁ ଡେଭିଡ୍ ୱାର୍ନର, ଷ୍ଟିଭ ସ୍ମିଥ୍ ଓ ଟ୍ରାଭିସ ହେଡ୍ ଟି୨୦ ସିରିଜରେ ଖେଳିବେ। ଭାରତ ବିପକ୍ଷ ସିରିଜ ପାଇଁ ଅଷ୍ଟ୍ରେଲିଆର ଟି୨୦ ଦଳରେ କୌଣସି ନୂଆ ଖେଳାଳିଙ୍କୁ ନିଆଯାଇ ନାହିଁ। ମ୍ୟାଟ୍ ଶର୍ଟ, ସ୍ପେନସର ଜନସନ ଓ ତନଭିର ସାଙ୍ଘା ଚଳିତବର୍ଷ ପ୍ରାରମ୍ଭରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପଦାର୍ପଣ ମ୍ୟାଚ ଖେଳିସାରିଛନ୍ତି। ଟି୨୦ ସ୍ପେଶାଲିଷ୍ଟ ଟିମ୍ ଡେଭିଡ୍, ସିନ୍ ଆବଟ, ଜୋଶ୍ ଇଂଲିଶ, ଜାସନ ବେହରନଡ୍ରଫ୍ ଓ ନାଥାନ ଏଲିସ ପ୍ରମୁଖ ଗ୍ଲେନ ମାକ୍ସୱେଲ୍, ମାର୍କସ ଷ୍ଟୋଇନିସ ଓ ଲେଗ୍ ସ୍ପିନର ଆଡାମ ଜାମ୍ପାଙ୍କ ସହିତ ଦଳରେ ସ୍ଥାନ ପାଇଛନ୍ତି। ୱାର୍କଲୋଡ୍ ମ୍ୟାନେଜମେଣ୍ଟ ଦୃଷ୍ଟିରୁ ଫ୍ରଣ୍ଟଲାଇନ ପେସ୍ ବାହିନୀକୁ ବିଶ୍ରାମ ଦିଆଯାଇଛି। କାରଣ ଡିସେମ୍ବର ୩ରେ ହାଇଦ୍ରାବାଦଠାରେ ଭାରତ-ଅଷ୍ଟ୍ରେଲିଆ ଅନ୍ତର୍ଜାତୀୟ ଟି୨୦ ଶେଷ ହେବାର ୧୧ ଦିନ ପରେ ଅଷ୍ଟ୍ରେଲିଆ ଓ ପାକିସ୍ତାନ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ ଖେଳାଯିବ। ପାକିସ୍ତାନ ବିପକ୍ଷ ଅଷ୍ଟ୍ରେଲିଆର ପ୍ରଥମ ଟେଷ୍ଟ ମ୍ୟାଚ ବିଶ୍ୱକପ୍ ଶେଷ ହେବାର ୪ ଦିନ ପରେ ଆରମ୍ଭ ହେବ। ଭାରତ ବିପକ୍ଷ ଟି୨୦ ସିରିଜର ପ୍ରଥମ ମ୍ୟାଚ ନଭେମ୍ବର ୨୩ରେ ବିଶାଖାପାଟଣାରେ ହେବ। **ଅଷ୍ଟ୍ରେଲିଆ ଟି୨୦ ଦଳ:** ମାଥ୍ୟୁ ୱେଡ୍ (ଅଧିନାୟକ), ଜାସନ ବେହରନଡ୍ରଫ, ସିନ ଆବଟ, ଟିମ୍ ଡେଭିଡ୍, ନାଥାନ ଏଲିସ, ଟ୍ରାଭିସ ହେଡ୍, ଜୋଶ ଇଂଲିଶ, ସ୍ପେନସର ଜନସନ, ଗ୍ଲେନ ମାକ୍ସୱେଲ, ତନଭିର ସାଙ୍ଘା, ମ୍ୟାଟ ଶର୍ଟ, ଷ୍ଟିଭ ସ୍ମିଥ୍, ମାର୍କସ ଷ୍ଟୋଇନିସ, ଡେଭିଡ୍ ୱାର୍ନର ଓ ଆଡାମ ଜାମ୍ପା।

# ଜାତୀୟ କ୍ରୀଡ଼ା ପାଇଁ ମିନି ଗଲ୍ଫ ଦଳ

ଭୁବନେଶ୍ୱର,୨୮।୧୦(ସରୋଜ ଜେନା)


କ୍ରୀଡ଼ା ମନ୍ତ୍ରୀଙ୍କ ସହ ଓଡ଼ିଶା ମିନି ଗଲ୍ଫ ଦଳ।

ଗୋଆରେ ଅନୁଷ୍ଠିତ ଜାତୀୟ କ୍ରୀଡାରେ ଅଂଶଗ୍ରହଣ କରିବ ଓଡ଼ିଶା ମିନି ଗଲ୍ଫ ଦଳ। ଓଡ଼ିଶା ସମେତ ୮ ରାଜ୍ୟ ଏହି ପ୍ରତିଯୋଗିତାରେ ଭାଗ ନେବେ। ଭୁବନେଶ୍ୱର ସ୍ଥିତ ହୋଟେଲ ଗୌରୀ କଟେଜରେ ୯ ହୋଲ ବିଶିଷ୍ଟ କୋର୍ଟ ତିଆରି କରିବା ସହ ଖେଳ ପାଇଁ ବ୍ୟବହୃତ ସବୁ ପ୍ରକାରର ସରଞ୍ଜାମର ଆୟୋଜନ କରିଥିଲା ମିନିଗଲ୍ଫ ଆସୋସିଏଶନ୍। ଅକ୍ଟୋବର ୧୦ - ୨୯ ତାରିଖ ଭିତରେ ଏକ ପ୍ରଶିକ୍ଷଣ ଶିବିରରେ ହୋଇଥିବା ବେଳେ ୨୦ ଜଣଙ୍କ ମଧ୍ୟରୁ ୧୪ ଜଣ ଚୂଡାନ୍ତ ଟିମରେ ସାମିଲ ହୋଇଥିଲେ।

ପ୍ରଶିକ୍ଷକ ଅଜୟ ଦଶରଥ ଧାନକାରେ ଖେଳାଳି ମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର କରିଥିଲେ। ଓଡ଼ିଶା ପ୍ରଥମ ପ୍ରୟାସରେ ନିଶ୍ଚୟ ପଦକ ଜିତିବ ବୋଲି ମ୍ୟାନେଜର ଡ. ସତ୍ୟବ୍ରତ ମୀନକେତନ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏନଆଇଏସ ପ୍ରଶିକ୍ଷକ ତଥା ଆସୋସିଏଶନର ସହ-ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ଶିବିରରେ ଖେଳାଳିଙ୍କ ଶାରୀରିକ ଦକ୍ଷତା ବୃଦ୍ଧିର ପ୍ରୟାସ କରିଥିଲେ। ମିନି ଗଲ୍ଫ ଆସୋସିଏଶନର ଉପ ସଭାପତି ପ୍ରସେନଜିତ ପତି ଏହି ଖେଳର କୌଶଳ ବିଷୟରେ ଅବଗତ କରିଥିଲେ। ୩୦ ତାରିଖରେ ଓଡ଼ିଶା ଦଳ ଗୋଆ ଅଭିମୁଖେ ଯାତ୍ରା କରିବେ ଓ ନଭେମ୍ବର ୧-୩ ତାରିଖ ଭିତରେ ସମସ୍ତ ମ୍ୟାଚ ଖେଳିବ। ଓଡ଼ିଶା ଦଳର ସଫଳତା ପାଇଁ ସମସ୍ତଙ୍କ ଶୁଭକାମନା ଜଣାଇଛନ୍ତି ଆସୋସିଏଶନ ସଭାପତି ବିକାଶ ପଟ୍ଟନାୟକ। ଓଡିଶା ଦଳକୁ କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଯୁଗ୍ମ ସଚିବ କୈଳାସ ଚନ୍ଦ୍ର ଦାସ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

## ବିଶ୍ୱ ଜୁଡୋ ଦିବସ ପାଳିତ

ଭୁବନେଶ୍ୱର,୨୮।୧୦(ବିଜୟ ରଣା)

ପାରା ଜୁଡ଼ୋ ଓଡ଼ିଶା ଆନୁକୂଲ୍ୟରେ ସ୍ଥାନୀୟ ରେଡକ୍ରସ ଭବନରେ ବିଶ୍ୱ ଜୁଡୋ ଦିବସ ପାଳିତ ହୋଇଯାଇଛି। ସଂଘର ଅଧ୍ୟକ୍ଷ ପ୍ରେମାନନ୍ଦ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଯୋଗଦାନ କରି ବିଶିଷ୍ଟ ଜୁଡୋ ଖେଳାଳି ଶଙ୍କର ରଥଙ୍କୁ ଜୁଡୋ ଜୁଏଲ ଆୱାର୍ଡ ପ୍ରଦାନ କରିବା ସହ ୨୫,୦୦୦ ଟଙ୍କାର ଆର୍ଥିକ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ କ୍ରୀଡ଼ା ସଂଗଠକ ମଳୟ କୁମାର ବେହେରାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ହାଇଫିଟ୍ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, ବିଶିଷ୍ଟ ଜୁଡୋ ଖେଳାଳି ଅମିୟ କୁମାର ଦ୍ୱିବେଦୀ, ରଶ୍ମିରଞ୍ଜନ ପଟ୍ଟନାୟକ, ଦେବରାଜ ମହାନ୍ତି, ସନ୍ତୋଷ କୁମାର ଭୋଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉତ୍ସବକୁ ଆୟୋଜକ ସମ୍ପାଦକ ତଥା ଜାତୀୟ ଜୁଡୋ ପଦାଧିକାରୀ ବ୍ରଜକିଶୋର ଦାଶ, ମନମୋହନ ପଣ୍ଡା, ଶରତ ଚନ୍ଦ୍ର ସ୍ୱାଇଁ ଓ ସବିତା ସିଂ ପରିଚାଳନା କରିଥିଲେ। କୋଚ ସବିତା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ହାର୍ବଲ ମହିଳା ଦଳର ମେଣ୍ଟାଲ କଣ୍ଡିଶନିଂ କୋଚ୍

ନୂଆଦିଲ୍ଲୀ,୨୮।୧୦(ପି.ଟି.)

ଭାରତୀୟ ମହିଳା ହକି ଦଳର ମେଣ୍ଟାଲ କଣ୍ଡିଶନିଂ କୋଚ୍ ଭାବେ ପିଟର ହାର୍ବଲଙ୍କୁ ନିଯୁକ୍ତି ମିଳିଛି। ଅଷ୍ଟ୍ରିଆରେ ଜନ୍ମିତ ଆମେରିକୀୟ ହାର୍ବଲଙ୍କୁ ଶନିବାର ନିଯୁକ୍ତି ପ୍ରଦାନ କରାଯାଇଛି। ଆମେରିକାର କଲରାଡୋ ସ୍ପ୍ରିଙ୍ଗ୍ସର ବାସିନ୍ଦା ପିଟର ଲାଇସେନ୍ସପ୍ରାପ୍ତ ମନସ୍ତତ୍ତ୍ୱବିତ୍। ପୂର୍ବରୁ ୯ ଜଣ ଅଲିମ୍ପିକ୍ସ ପଦକ ବିଜେତାଙ୍କ ସହିତ କାମ କରିସାରିଥିବା ପିଟର ମହିଳା ଦଳର କୋଚ୍ ଜାନେକ୍ ସ୍କୁପମାନଙ୍କ ସହିତ କାମ କରିବେ। ବୈଷୟିକ କୌଶଳର ବ୍ୟବହାର ଦ୍ୱାରା ଭାରତୀୟ ଦଳକୁ ମାନସିକ ଭାବରେ ଦୃଢ କରିବା ତାଙ୍କର ପ୍ରଥମ ଲକ୍ଷ୍ୟ ରହିବ ବୋଲି ସେ କହିଛନ୍ତି। ଜାନୁୟାରୀ ୧୩ରୁ ୧୯ ପର୍ଯ୍ୟନ୍ତ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ପିଟରଙ୍କ ନିଯୁକ୍ତି ଭାରତୀୟ ଦଳକୁ ମନସ୍ତାତ୍ତ୍ୱିକ ଫାଇଦା ପ୍ରଦାନ କରିବ।




# ରାଜ୍ୟସ୍ତରୀୟ ଚେସ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ୨୮।୧୦ (ଜଗନ୍ନାଥ ଧଳ)

ଡ. ବୈଷ୍ଣବ ପରିଡା ମେମୋରିଆଲ ରାଜ୍ୟ ସ୍ତରୀୟ ଚେସ୍ ଟୁର୍ଣ୍ଣାମେଣ୍ଟର ତୃତୀୟ ସଂସ୍କରଣ ଶନିବାର ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ରାପଡା ଗୋପ ଛକ ନିକଟ ଆଲ୍ଫା ବେଷ୍ଟ ବେସରକାରୀ କଲେଜରେ ଏହି ଟର୍ନାମେଣ୍ଟ ଅନୁଷ୍ଠିତ ହେଉଛି। ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନରେ ୧୭ ଜିଲାର ପ୍ରତିଯୋଗୀ ଭାଗ ନେଉଛନ୍ତି। ପ୍ରତ୍ୟେକ ବର୍ଗର ୬୩ ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ଖେଳାଳିଙ୍କ ସମେତ ୧୩୪ ଜଣ ଅଂଶଗ୍ରହଣ କରୁଛନ୍ତି। ଅନ୍ୟ ଜିଲାର ପ୍ରତିଯୋଗୀଙ୍କ ପାଇଁ ରାତ୍ରି ରହଣିର ବ୍ୟବସ୍ଥା କରାଯାଇଛି। କେନ୍ଦ୍ରାପଡା ଜିଲା ଚେସ୍ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ହାଡିବନ୍ଧୁ ସିଂ ଅଧ୍ୟକ୍ଷତା କରିଥିବା ବେଳେ ସମାଜସେବୀ ଭକ୍ତଚରଣ ମଲ୍ଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲ୍ଫାବେଷ୍ଟ କଲେଜର ଅଧ୍ୟକ୍ଷ କ୍ଷୀରୋଦ ପ୍ରସାଦ ସାହୁ, ଯାଜପୁର ଜିଲା ଚେସ୍ ଆସୋସିଏଶନର ସମ୍ପାଦକ ମନୋଜ କୁମାର ପରିଡା, କେନ୍ଦ୍ରାପଡା ଚେସ୍ ଆସୋସିଏଶନ ସମ୍ପାଦକ ଭବେଶ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

ଟପ ସିଡ୍ ରାଜେଶ ନାୟକ ଏବଂ ସ୍ମାରକୀ ମହାନ୍ତିଙ୍କ ସହିତ ଅଧ୍ୟକ୍ଷ କ୍ଷୀରୋଦ ଚନ୍ଦ୍ର ସାହୁ ଗୋଟିଚାଳନା କରି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୩ରାଉଣ୍ଡ ଖେଳ ହୋଇଥିବା ରାଜେଶ ନାୟକ, ନିଲୁ ପଟ୍ଟନାୟକ, ମାନସ ପରିଡା, ପ୍ରିୟାନ୍ସୁ ଦାସ, ହର୍ଷିତ ରଞ୍ଜନ ସାହୁ, ତପନ ବଡମୁଣ୍ଡି, ସ୍ମାରକୀ ମହାନ୍ତି, ରବୀନ୍ଦ୍ର ସାହୁ, ଶ୍ରଦ୍ଧା ସ୍ମରଣିକା ନନ୍ଦ, ସଞ୍ଜୀବନୀ ନାୟକ, ଶ୍ୱେତାଲିନା ପଟ୍ଟନାୟକ ୨ ପଏଣ୍ଟ ପାଇ ଆଗୁଆ ଅଛନ୍ତି । ଅନ୍ତର୍ଜାତୀୟ ଆର୍ବିଟର ସନ୍ତୋଷ ମହାପାତ୍ର ଏବଂ ଜାତୀୟ ଆର୍ବିଟର ପିଙ୍କି ମହାପାତ୍ର ଖେଳ ପରିଚାଳନା କରିଥିଲେ। କେନ୍ଦ୍ରାପଡା ଜିଲା ଚେସ୍ ଆସୋସିଏଶନ ପକ୍ଷରୁ ଉପସଭାପତି ଧରଣୀଧର ସେଠୀ, ହିମାଂଶୁ ଶେଖର ନାୟକ, ଯୁଗ୍ମ ସମ୍ପାଦକ ନାରାୟଣ ଦାସ, ବାରେଣୀ ଭୁଇଁଆ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ପରିଚାଳନା କରିଥିଲେ।

## ମନୁ ଭାକରଙ୍କୁ ଅଲିମ୍ପିକ କୋଟା

ନୂଆଦିଲ୍ଲୀ, ୨୮।୧୦ (ପି.ଟି.)

କୋରିଆର ଚାଙ୍ଗଓନଠାରେ ଚାଲିଥିବା ଏସିଆନ ଶୁଟିଂ ଚାମ୍ପିୟନଶିପ୍‌ର ମହିଳା ୨୫ ମିଟର ସ୍ପୋର୍ଟ୍ସ ପିସ୍ତଲରେ ୫ମ ସ୍ଥାନ ଅଧିକାର କରିବା ସହ ମନୁ ଭାକର ଦେଶ ପାଇଁ ଏକାଦଶ ପ୍ୟାରିସ ଅଲିମ୍ପିକ କୋଟା ହାସଲ କରିଛନ୍ତି। ଭାରତୀୟ ଶୁଟିଂରେ ଅନ୍ୟତମ ଜଣାଶୁଣା ଚେହେରା ମନୁ ଗତ ୨୦୨୨ ଟୋକିଓ ଅଲିମ୍ପିକ୍ସ ପାଇଁ ମଧ୍ୟ କୋଟା ହାସଲ କରିପାରିଥିଲେ। ଚାଙ୍ଗଓପନଠାରେ ୨୪ ଶଟ୍ ସହ ସେ ଅଳ୍ପକେ ଏକ ପଦକରୁ ବଞ୍ଚିତ ହୋଇଥିଲେ। ଇଭେଣ୍ଟରେ ଇରାନର ହାନିୟେ ରୋସ୍ତାମିଆଁ ଦ୍ୱିତୀୟ ସ୍ଥାନ ଅଧିକାର କରି ଚାଇନାକୁ କ୍ଲିନ୍ ସୁଇପରୁ ବଞ୍ଚିତ କରାଇଥିଲେ। ଶୁଟିଂ ସ୍ପୋର୍ଟ୍ସର ପାୱାରହାଉସ୍ ଚାଇନା ପ୍ରଥମରୁ ଚତୁର୍ଥ ଅନ୍ୟ ସମସ୍ତ ସ୍ଥାନ ଦଖଲ କରିନେଇଥିଲା। ଚାଇନା କିନ୍ତୁ ଗୋଟିଏ ପ୍ୟାରିସ କୋଟା ହାସଲ କରିପାରିଥିଲା। ହନିୟେ ପୂର୍ବରୁ କୋଟା ହାସଲ କରିସାରିଥିବାରୁ ମନୁ ୫ମ ସ୍ଥାନ ଅଧିକାର କରି ସୁଦ୍ଧା ଭାରତରୁ ପ୍ୟାରିସ ପାଇଁ ଯୋଗ୍ୟତା ଅର୍ଜନ କରିପାରିଛନ୍ତି।




# ପ୍ରଣତି ଜିତିଲେ ଆଉ ୨ ପଦକ



ତପନ କୁମାର ମହାନ୍ତି

ଗୋଆ, ୨୮।୧୦

ଚଳିତ ୩୭ତମ ଜାତୀୟ କ୍ରୀଡ଼ାରେ ଓଡ଼ିଶା ଜିମ୍ନାଷ୍ଟ ପ୍ରଣତି ନାୟକ ତାଙ୍କ ଫର୍ମ ଜାରି ରଖିବା ସହ ଶନିବାର ଗୋଟିଏ ସ୍ୱର୍ଣ୍ଣ ପଦକ ସମେତ ଦୁଇଟି ପଦକ ହାସଲ କରିପାରିଛନ୍ତି। ସେ ବିମ୍ ଆପାରେଟସ୍‌ରେ ସ୍ୱର୍ଣ୍ଣ ଏବଂ ଫ୍ଲୋର ଏକ୍ସରସାଇଜ୍ ଆପାରେଟସରେ ରୌପ୍ୟ ଜିତିଛନ୍ତି। ଫଳତଃ ଓଡ଼ିଶା ମୋଟ ୪ ସ୍ୱର୍ଣ୍ଣ ଏବଂ ୪ ରୌପ୍ୟ ପଦକ ସହ ଜିମ୍ନାଷ୍ଟିକ୍ସରେ ଏହାର ଅଭିଯାନ ଶେଷ କରିଛି। ଶନିବାର ଓଡ଼ିଶାର ତପନ କୁମାର ମହାନ୍ତି ପାରାଲେଲ ବାର୍‌ରେ ରୌପ୍ୟ ଜିତିଥିବା ବେଳେ ମହମ୍ମଦ ଆନାସ ଭଲ୍ଟ କାଟେଗୋରିରେ ରୌପ୍ୟ ପାଇଛନ୍ତି। ଓଡ଼ିଶାର ପେନକାକ୍ ସିଲଟ ଦଳ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଛନ୍ତି। ସେମାନେ ପୁରୁଷ ରେଗୁରେ ଏକ ରୌପ୍ୟ ହାସଲ କରିଛନ୍ତି। ପୁନଶ୍ଚ ଯଶୋବନ୍ତ ଲୁଆର ବ୍ରୋଞ୍ଜ ପଦକ ଲାଭ କରିଥିବା ବେଳେ ଅଶ୍ୱିନ ରାଓ ଏବଂ ପ୍ଲିଜାଲିନ୍ ତରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଫଳଫାଳକୁ ମିଶାଇଲେ ପ୍ରଣତି ଚଳିତ ଜାତୀୟ କ୍ରୀଡ଼ାରେ ମୋଟ ୪ ସ୍ୱର୍ଣ୍ଣ ଏବଂ ଗୋଟି ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇପାରିଛନ୍ତି। ଶନିବାର ଅନ୍ୟ ଉଲ୍ଲେଖନୀୟ ଫଳାଫଳ ମଧ୍ୟରେ ଓଡ଼ିଶା ମହିଳା ଫୁଟ୍‌ବଲରେ ଚଣ୍ଡିଗଡ଼କୁ ହରାଇ ଦେଇଛି। ବିଲିୟାର୍ଡ୍ସରେ ସୁବ୍ରତମ ଦାସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।

## ଚଣ୍ଡିଗଡ଼ ବିପକ୍ଷରେ ଓଡ଼ିଶାର ସହଜ ବିଜୟ

ଭୁବନେଶ୍ୱର, ୨୮।୧୦ (ବିଜୟ ରଣା)

ପଣଜୀଠାରେ ଚାଲିଥିବା ୩୭ତମ ଜାତୀୟ କ୍ରୀଡ଼ା ମହିଳା ଫୁଟ୍‌ବଲ ପ୍ରତିଯୋଗିତାରେ ଓଡ଼ିଶା ୪-୦ ଗୋଲ୍‌ରେ ଚଣ୍ଡିଗଡ଼କୁ ପରାସ୍ତ କରି ସହଜ ବିଜୟ ହାସଲ କରିଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ଏସ୍. ଲିଣ୍ଡା ୩ ଗୋଲ ସ୍କୋର କରିଥିବା ବେଳେ ଅନ୍ୟ ଗୋଲ୍‌ଟିକୁ ମାଳତୀ ମୁଣ୍ଡା ଦେଇଥିଲେ। ଏହି ବିଜୟକୁ ନେଇ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତାଗଣ ଦଳକୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ମ୍ୟାଚଗୁଡ଼ିକରେ ଭଲ ପ୍ରଦର୍ଶନ ପାଇଁ ଶୁଭ କାମନା କରିଛନ୍ତି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ